R.N.I. REGN. No. 65000/96 POSTAL REGN. No. OR/BN-32/12-14

ସମୟ SAMAYA

# ସମୟ

ଉନତ୍ରିଂଶ ବର୍ଷ
ସଂଖ୍ୟା : ୧୩
ତିଥି : ପ୍ରତିପଦ
୧୮ ଅକ୍ଟୋବର ୨୦୨୪, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

## ପରବର୍ତ୍ତୀ ସିଜେଆଇ ହେବେ ସଞ୍ଜୀବ ଖାନ୍ନା



ନୂଆଦିଲ୍ଲୀ, ୧୭।୧୦ : ଜଷ୍ଟିସ୍ ସଞ୍ଜୀବ ଖାନ୍ନା ସୁପ୍ରିମ୍‌କୋର୍ଟର ପରବର୍ତ୍ତୀ ପ୍ରଧାନ ବିଚାରପତି ହେବେ । ପ୍ରଧାନ ବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ ତାଙ୍କୁ ନିଯୁକ୍ତି ଦେବାପାଇଁ ତାଙ୍କ ନାମକୁ ସୁପାରିଶ କରିଛନ୍ତି । ନଭେମ୍ବର ୮ ତାରିକରେ ସିଜେଆଇ ଡିୱାଇ ଚନ୍ଦ୍ରଚୂଡ ଅବସର ଗ୍ରହଣ କରିବେ । ସେ ଦୁଇ ବର୍ଷ ତାଙ୍କ କାର୍ଯ୍ୟକାଳ ଶେଷ କରିଛନ୍ତି । ଜଷ୍ଟିସ୍ ଖାନ୍ନା ୫୧ତମ ପ୍ରଧାନ ବିଚାରପତି ହେବେ । ତାଙ୍କ କାର୍ଯ୍ୟକାଳ ୬ ମାସ ରହିବ । ୨୦୨୫ ମେ’ ୧୩ରେ ସେ ଅବସର ଗ୍ରହଣ କରିବେ । ଜଷ୍ଟିସ୍ ଖାନ୍ନା ହେଉଛନ୍ତି ଭାରତୀୟ ବିଚାର ବିଭାଗୀୟ ବ୍ୟବସ୍ଥାରେ ଏକ ପ୍ରମୁଖ ଚେହେରା । ୧୯୮୩ରେ ଦିଲ୍ଲୀ ବାର୍ କାଉନ୍‌ସିଲ୍‌ରେ ସେ ଆଡ୍‌ଭୋକେଟ୍ ଭାବେ ପଞ୍ଜୀକୃତ ହୋଇଥିଲେ । ତାଙ୍କ ଆଇନ୍‌ଗତ ବୃତ୍ତିର କ୍ୟାରିୟର ପ୍ରଥମେ ହଜାରିଜିଲ୍ଲା କୋର୍ଟରୁ ଆରମ୍ଭ କରିଥିଲେ । ଏହାପରେ ସେ ଦିଲ୍ଲୀ ହାଇକୋର୍ଟ ଓ ଅନେକ ଟ୍ରିବ୍ୟୁନାଲରେ କାର୍ଯ୍ୟ କରିଛନ୍ତି । ୨୦୦୫ରେ ଜଷ୍ଟିସ୍ ଖାନ୍ନାଙ୍କୁ ଦିଲ୍ଲୀ ହାଇକୋର୍ଟର ଅତିରିକ୍ତ ଜଜ୍ କରାଯାଇଥିଲା । ଏହାପରେ ସେ ସେଠାରେ ସ୍ଥାୟୀ ଜଜ୍ ହୋଇଥିଲେ । ତାଙ୍କ ସମୟରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ୨୦୧୯ ଜାନୁଆରୀ ୧୮ରେ ତାଙ୍କୁ ସୁପ୍ରିମ୍‌କୋର୍ଟର ଜଜ୍ ଭାବେ ପଦୋନ୍ନତି ଦିଆଯାଇଥିଲା । ତାଙ୍କର ଅନେକ ଗୁରୁତ୍ୱପୂର୍ଣ୍ଣ ରାୟ ମଧ୍ୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ (୯ ପୃଷ୍ଠାରେ)

## ରାସନକାର୍ଡ଼ ଅପଡ଼େଟ୍ ପାଇଁ ନେଟୱ୍ୱର୍କ ବାଧକ, ମୁଣ୍ଡିଆ ଜଙ୍ଗଲ ହିଁ ଭରସା

କନ୍ଧମାଳ, ୧୭।୧୦ (ସବ୍ୟୁ) : ଆଦିବାସୀ ଅଧ୍ୟୁଷିତ ବଣ ଜଙ୍ଗଲ ଘେରା କନ୍ଧମାଳ ଜିଲ୍ଲାରେ ନେଟ୍‌ୱର୍କ ନଥିବାରୁ ରାସନକାର୍ଡ ଅପଡ଼େଟ୍ ହୋଇପାରୁ ନାହିଁ। ଫଳରେ ରାସନକାର୍ଡ ଅପଡ଼େଟ୍ ପାଇଁ ଆସୁଥିବା କର୍ମଚାରୀ ନାକେଦମ୍ ହେଉଛନ୍ତି। ଲାପଟପ୍ ଧରି ପଞ୍ଚାୟତର ଏ ଗାଁରୁ ସେ ଗାଁ ଘୁରି ବୁଲୁଛନ୍ତି। ହେଲେ ନେଟ୍‌ୱର୍କ ପାଉନାହାନ୍ତି। ପ୍ରକୃତରେ ଗାଁ ଲୋକଙ୍କ ଯନ୍ତ୍ରଣା କହିଲେ ନସରେ । ଗାଁରେ ମୋବାଇଲ୍ ନେଟ୍‌ୱର୍କ ଆଦୌ ରହୁନଥିବାରୁ ରାସନକାର୍ଡ ଅପଡ଼େଟ୍ ପାଇଁ ଲୋକେ ଜଙ୍ଗଲ ଭିତରେ ନାକେଦମ୍ ହେଉଛନ୍ତି।

ବାଲିଗୁଡା ବ୍ଲକ୍ କୁଟିକିଆ ପଞ୍ଚାୟତ। ଏହି ପଞ୍ଚାୟତରେ ରହିଛି ୧୧ଟି ୱାର୍ଡ। ହେଲେ ଏହି ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତକୁ ଆଜି ପର୍ଯ୍ୟନ୍ତ ଆସିଲାନି ମୋବାଇଲ୍ ନେଟ୍‌ୱର୍କ। କେତେ ଗୁହାରୀ ପରେ ଗାଁରେ ଗୋଟିଏ ମୋବାଇଲ କମ୍ପାନୀ ଦୀର୍ଘ ବର୍ଷ ଧରି ଟାୱାର ନିର୍ମାଣ କରୁଛି । ହେଲେ ଆଜି ଯାଏଁ ଟାୱାର ନିର୍ମାଣ କାମ ସରୁନାହିଁ। ଯେଉଁଥିପାଇଁ ଲୋକେ ନାହିଁନଥିବା ଅସୁବିଧାରେ ପଡୁଛନ୍ତି ।

ଲାପଟପ୍ ଓ ବାୟୋମେଟ୍ରିକ୍ ମେଶିନ୍ ଧରି ଏ ଗାଁରୁ ସେ ଗାଁ ଘୁରି ବୁଲୁଛନ୍ତି । ହେଲେ ନେଟ୍‌ୱର୍କ ପାଉନାହାନ୍ତି । ଶେଷରେ ପଞ୍ଚାୟତ ସଦର ମହକୁମାଠାରୁ ୩ କିମ ଦୂର ଏକ(ମୁଣ୍ଡିଆ) ଜଙ୍ଗଲ ଭିତରେ ମିଳୁଛି ନେଟ୍‌ୱର୍କ। ବାସ୍ ସେଇଟି ପସରା ମେଲାଇ ଦେଉଛନ୍ତି ରାସନକାର୍ଡ ଅପଡ଼େଟ୍ ପାଇଁ ଆସିଥିବା କର୍ମଚାରୀ । ରାତି ପାହିଲେ ସେହି ଗ୍ରାମ୍ୟ ଜଙ୍ଗଲରେ ଲାଗୁଛି ଲୋକଙ୍କ ଭିଡ। ଘରର ସଦସ୍ୟସଦସ୍ୟା କାମଦାମ ଛାଡ଼ି ତାଲା ପକାଇ ରାସନକାର୍ଡ ଅପଡେଟ୍ ପାଇଁ ଜଙ୍ଗଲ ଭିତରକୁ ଆସୁଛନ୍ତି। ଦୀର୍ଘ ସମୟ ଧରି ଅପେକ୍ଷା କରୁଛନ୍ତି। କିଏ ଘଞ୍ଚ ଜଙ୍ଗଲ ଭିତରେ ଭୂଇଁରେ ଜଙ୍ଗଲୀ ଡାଳିପତ୍ରକୁ ଆସନ କରି ବସୁଛି ତ ଆଉ କିଏ ପଥର ଚଟାଣ ଉପରେ ପିଟା ମାଡ଼ି ବସିଛି। ଆଉ ଏକ ଲୟରେ



ଅପଡ଼େଟ୍ କରୁଥିବା ବାବୁଙ୍କୁ ଅନାଇ ବସୁଛନ୍ତି। ସକାଳ ୯ଟାରୁ ପ୍ରାୟ ସାଢ଼େ ୯ଟାରେ ଲାପଟପ୍ ଓ ରାସନକାର୍ଡ ଅପଡ଼େଟ୍ ମେଶିନ୍ ଧରି ମୁଣ୍ଡିଆ ଉପରେ ପହଞ୍ଚୁଛନ୍ତି । ମୁଣ୍ଡିଆରେ ସବୁଠାରୁ ଉଚ୍ଚା ଓ ବଡ଼ ପଥର ଉପରେ ଲାପଟପ୍ ଧରି ବସୁଛନ୍ତି। ଆଉ ତା’ପରେ ଜଣେ ପରେ ଜଣେ ଯାଇ ରାସନକାର୍ଡ ପାଇଁ ଫିଙ୍ଗରପ୍ରିଣ୍ଟ ଦେଉଛନ୍ତି। ଯଦି ଭାଗ୍ୟ ଭଲ ଥିବ ତାହାହେଲେ ଥରକେ ହୋଇଯିବ, ନହେଲେ ନାକେଦମ୍ ହେବାକୁ ପଡୁଛି।

ଘଞ୍ଚ ଜଙ୍ଗଲ ଭିତରେ ଫିଙ୍ଗରପ୍ରିଣ୍ଟ ଅପଡ଼େଟ୍ ପାଇଁ ଆସିବା ପ୍ରକୃତରେ ସେ ଯନ୍ତ୍ରଣାଠାରୁ ଗାଁ ଲୋକଙ୍କ ଏ ଯନ୍ତ୍ରଣା ବଳି ଯାଇଛି। ଚାଉଳ ଗଣ୍ଡାକ ପାଇଁ ଗାଁ ଲୋକଙ୍କ ଏ ଯନ୍ତ୍ରଣା ଭାରି କଷ୍ଟଦାୟକ। ଘରେ ତାଲା ପକାଇ ବୟସ୍କ ଓ ଛୋଟଛୋଟ (୯ ପୃଷ୍ଠାରେ)

## ସାଇବର ଠକ ୪ ବର୍ଷରେ ଠକିଛନ୍ତି ୫୦୧ କୋଟି

ଭୁବନେଶ୍ୱର, ୧୭।୧୦ (ସବ୍ୟୁ) : ଗତ ୪ବର୍ଷରେ ସାଇବର ଠକ ରାଜ୍ୟରୁ ଲୁଟିଛନ୍ତି ୫୦୧କୋଟି ଟଙ୍କା । କ୍ରାଇମ୍‌ବ୍ରାଞ୍ଚ ତଥ୍ୟକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି । ଭୁବନେଶ୍ୱର ପୋଲିସର ମାସିକିଆ ରିପୋର୍ଟ ଅନୁଯାୟୀ ସାଇବର ଠକମାନେ ପ୍ରାୟ ୧କୋଟି ଟଙ୍କା ଲେଖାଏଁ ଲୁଟିଥାନ୍ତି । ମାସକୁ କେବଳ ଚତୁର ଲୋକଙ୍କ ଠାରୁ ଯଦି ମାସକୁ ୧କୋଟି ଟଙ୍କା ଲୁଟ୍ ହୁଏ ତେବେ ରାଜ୍ୟର ବିଭିନ୍ନ ପ୍ରାନ୍ତରରେ ରହୁଥିବା ଅନଭିଜ୍ଞ ଲୋକଙ୍କୁ ସେମାନେ ବିଭିନ୍ନ ପ୍ରଲୋଭନ ଦେଖାଇ ଆକାଉଣ୍ଟ ଖାଲି କରିଦେଉଛନ୍ତି । ପୋଲିସ ପାଇଁ ସାଇବର କ୍ରାଇମ୍ ବଡ ଚ୍ୟାଲେଞ୍ଜ ବୋଲି ମତ ଦେଇଛନ୍ତି ଭୁବନେଶ୍ୱର ଡିସିପି ପିନାକ ମିଶ୍ର ।



### କଲ ସେଣ୍ଟର ମାମଲାରେ ପୋଲିସ ଯିବ କୋଲ୍‌କାତା

ଭୁବନେଶ୍ୱରରୁ ଯଦି ୧କୋଟି ଟଙ୍କା ଲୁଟ୍ ହେଲା ତେବେ ସାରା ରାଜ୍ୟର ଲୋକଙ୍କ ଠାରୁ ୪ବର୍ଷରେ ୫୦୧ କୋଟି ଟଙ୍କା ଲୁଟ୍ ହେବା ଆଶ୍ଚର୍ଯ୍ୟଜନକ ନୁହେଁ ବୋଲି ସାଇବର ବିଶେଷଜ୍ଞମାନେ ମତ ଦେଇଛନ୍ତି । କାରଣ ରାଜଧାନୀ ପରି

ରାଜଧାନୀ ଉପକଣ୍ଠ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା କାଞ୍ଚନ ଟାୱାରରୁ ଠାବ ହୋଇଥିବା ନକଲି କଲ୍ ସେଣ୍ଟର ସାଇବର ଅପରାଧୀମାନେ ଚଳାଇ ଦେଶ ବିଦେଶରୁ ବହୁକୋଟି ଟଙ୍କା ଠକି ନେଇଥିବା ସନ୍ଦେହ କରିଛି ପୋଲିସ । ସେଥିପାଇଁ ଗିରଫ ହୋଇଥିବା ୬ଜଣ ସାଇବର ଅପରାଧୀଙ୍କୁ ପାଞ୍ଚଦିନିଆ ରିମାଣ୍ଡ ପାଇଁ ଆବେଦନ କରିଛି ତଦନ୍ତକାରୀ ଟିମ୍ । ଆବଶ୍ୟକ ହେଲେ କେନ୍ଦ୍ରୀୟ ଗୁଇନ୍ଦା ସହାୟତା ନିଆଯିବ । ଗିରଫ ହୋଇଥିବା ୬ ଅଭିଯୁକ୍ତ ସମୀର ମୋବିନ, ଏମ୍‌ଡି ଜାଭେଦ ହୁସେନ, ଏମ୍‌ଡି ତୋସିଫ, ଫୈଜନ ଆଲାମ, ସାଇବ୍ ରାଜା ଓ ଏମ୍‌ଡି ହାଇଦର ଅଲ୍ଲୀଙ୍କ ଘର କୋଲ୍‌କାତା ହୋଇଥିବାରୁ ଏକ ତଦନ୍ତକାରୀ ଟିମ୍ କୋଲ୍‌କାତା ଯିବ । କାରଣ ସେଠାକୁ ଯାଇ ତାଙ୍କ ଘର, ପରିଚୟ ଓ ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବ ପୋଲିସ । ଆବଶ୍ୟକ ହେଲେ କେବଳ କେନ୍ଦ୍ରୀୟ ଗୁଇନ୍ଦା ଏଜେନ୍ସି ନୁହେଁ ଅନ୍ୟ ତଦନ୍ତକାରୀ ସଂସ୍ଥାର ସହାୟତା ନିଆଯାଇପାରେ ।

ଅପରାଧୀମାନଙ୍କୁ ଭୁବନେଶ୍ୱର କପିଳପ୍ରସାଦରେ କଲ୍ ସେଣ୍ଟର ଖୋଲିବା ପାଇଁ କିଏ ସହାୟତା କରିଥିଲା ସେ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ ବୋଲି କହିଛନ୍ତି ଡିସିପି ଶ୍ରୀ ମିଶ୍ର । ଠକେଇ ଟଙ୍କା ସେମାନେ କାହାକୁ ଦେଉଥିଲେ ନା ନିଜ ଆକାଉଣ୍ଟରେ ରଖୁଥିଲେ ତାହା ମଧ୍ୟ ଯାଞ୍ଚ କରାଯିବ । ଗିରଫ ୬ଜଣ ଉଚ୍ଚ ଶିକ୍ଷିତ । ସେମାନେ କମ୍ପ୍ୟୁଟର ବିଦ୍ୟାରେ ଧୁରୀଣ ଥିବା ସୂଚନା ମିଳିଛି । ଏହି ୬ଜଣ ସାଇବର ମାଫିଆଙ୍କ କଲ୍ ସେଣ୍ଟରରେ ଚାକିରି କରୁଥିଲେ ନା ନିଜେ ଖୋଲିଥିଲେ ରିମାଣ୍ଡରେ ଆସିବା ପରେ ତାଙ୍କୁ ପଚରାଉଚରା କରାଯିବ । ଗିରଫ ୬ଜଣଙ୍କ ପଛରେ କେଉଁ ଦେଶ ଓ କେଉଁଠିକାର (୯ ପୃଷ୍ଠାରେ)

## ୨୦ରେ ଘୂର୍ଣ୍ଣିବଳୟ ସମ୍ଭାବନା

### ବାତ୍ୟା ନେଇ ସୂଚନା ନାହିଁ

ଭୁବନେଶ୍ୱର, ୧୭।୧୦ (ସବ୍ୟୁ) : ୨୦ ତାରିଖ ବେଳକୁ ଉତ୍ତର ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ୨୨ ତାରିଖରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ତେବେ ଲଘୁଚାପ ସୃଷ୍ଟି ହେବାପାଇଁ ଅଧିକ ଦିନ ଥିବାରୁ ବାତ୍ୟା ସୃଷ୍ଟିର କୌଣସି ସ୍ପଷ୍ଟ ସୂଚନା ନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

ପାଣିପାଗ ବିଭାଗ ସୂଚନା ଅନୁଯାୟୀ ୨୨ରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ଉତ୍ତର-ପଶ୍ଚିମ ଦିଗରେ ଗତିକରି ଅଧିକ ଘନିଭୂତ ହୋଇପାରେ । ଏହାର ପ୍ରଭାବରେ ୨୩ ଓ ୨୪ ତାରିଖରେ ଉପକୂଳ ସମେତ ଆଭ୍ୟନ୍ତରିଣ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି । ତେବେ ଏନେଇ କୌଣସି ସତର୍କ ସୂଚନା ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇନାହିଁ । ଆଗାମୀ ୫ ଦିନ ଯାଏ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ନାହିଁ । କାଁ ଭାଁ କିଛି ଜାଗାରେ ବିଜୁଳି ସହ ଘଡଘଡି ବର୍ଷା ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଭାଗର ନିର୍ଦ୍ଦେଶକ ମନୋରମା ମହାନ୍ତି ସୂଚନା ଦେଇଛନ୍ତି । ତେବେ ପାଣିପାଗ ବିଶେଷଜ୍ଞ ଶରତ ସାହୁଙ୍କ ଆକଳନ ଅନୁଯାୟୀ ଲଘୁଚାପଟି ଅଧିକ ଘନିଭୂତ ହୋଇ ଆସନ୍ତା ୨୪ ତାରିଖ ବେଳକୁ ଗଭୀର ଅବପାତ କିମ୍ବା ଛୋଟ ବାତ୍ୟାର ରୂପ ନେଇପାରେ । ବିଭିନ୍ନ ମଡେଲର ଆକଳନ ଅନୁଯାୟୀ ଏହା ଓଡ଼ିଶା ଉପକୂଳ କିମ୍ବା ପଶ୍ଚିମବଙ୍ଗ କିମ୍ବା ବାଂଲାଦେଶ ମୁହାଁଇବାର ସମ୍ଭାବନା ରହିଛି । ତେତେ ୨୨ ଓ ୨୩ (୯ ପୃଷ୍ଠାରେ)

## ହରିୟାଣା ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ନାଏବ ସିଂହ ସାଇନି



ନୂଆଦିଲ୍ଲୀ, ୧୭।୧୦ : ହରିୟାଣା ମୁଖ୍ୟମନ୍ତ୍ରୀ ଭାବେ ଦ୍ୱିତୀୟ ଥର ଲାଗି ନାଏବ ସିଂହ ସାଇନି ଶପଥ ଗ୍ରହଣ କରିଛନ୍ତି । ତାଙ୍କ ଶପଥ ଗ୍ରହଣ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବିଜେପିର ବରିଷ୍ଠ ନେତାମାନେ ଯୋଗ ଦେଇଥିଲେ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମଧ୍ୟ ଏଥିରେ ସାମିଲ ହୋଇଥିଲେ । ନାଏବ ସିଂହ ସାଇନିଙ୍କ ସମେତ ୧୩ ଜଣିଆ ମନ୍ତ୍ରିମଣ୍ଡଳ ଶପଥ ନେଇଛନ୍ତି । ବିଜେପି ଲଗାତର ଭାବେ ତୃତୀୟ ଥର ଲାଗି ହରିୟାଣାରେ ସରକାର ଗଠନ କରିଛି ।

ହରିୟାଣା ରାଜ୍ୟପାଳ ବନ୍ଦୁର ଦତ୍ତାତ୍ରୟ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ତାଙ୍କସହ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଅନିଲ୍ ବିଜ୍ ଶପଥ ନେଇଛନ୍ତି । ୧୧ ଜଣଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଥିବାବେଳେ ୨ ଜଣ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ପୂର୍ବ ବିଜେପି ସରକାରର ୧୧ ମନ୍ତ୍ରୀଙ୍କ ମଧ୍ୟରୁ (୯ ପୃଷ୍ଠାରେ)

## ପୂର୍ବତନ ସାଂସଦ ପ୍ରଭାତ ସାମନ୍ତରାୟଙ୍କ ବିୟୋଗ

### ଶୋକ ବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା



ପାରାଦୀପ, ୧୭।୧୦ (ଜିପ୍ର) : ଓଡ଼ିଶା ଅଣ କଂଗ୍ରେସ ରାଜନୀତିର ଜଣେ ପ୍ରଖର ପୁରୋଧା,ପାରାଦୀପ ବନ୍ଦରର ପୂର୍ବତନ ଟ୍ରଷ୍ଟି,ବିଶିଷ୍ଟ ଶ୍ରମିକ ନେତା ତଥା ଉତ୍କଳ ପୋର୍ଟ ଆଣ୍ଡ ଡକ୍ ୱାର୍କସ୍ ୟୁନିୟନର ସଭାପତି, ରାଜ୍ୟସଭା ଓ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରର ଭୂତପୂର୍ବ ସାଂସଦ ତଥା ବିଜୁ ପଟ୍ଟନାୟକଙ୍କର ଅତ୍ୟନ୍ତ ସହଯୋଗୀ, ଲୋକପ୍ରିୟ,ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ପ୍ରଭାତ ସାମନ୍ତରାୟ ଙ୍କ ବିୟୋଗ ଘଟିଛି । ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିବା ବେଳେ ସେ ପାରାଦୀପର ଜଣେ ଜଣାଶୁଣା ଚେହେରା ଥିଲେ ବୋଲି କୁହଯାଏ । ତାଙ୍କ ସମୟରେ ଶ୍ରମିକ ସଂଗଠନ ଗଢି ଉଠିଥିବା ଓ ଶ୍ରମିକ ମାନଙ୍କ ହକ ପାଇଁ ସେ ସଦା ତତ୍ପରତା ପ୍ରକାଶ କରୁଥିବା ଦେଖିବାକୁ ମିଳିଥିଲା । ଅନେକ ନେତା ଶ୍ରମିକ ଓ ବନ୍ଦର କର୍ମଚାରୀ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ।

ଶ୍ରୀ ସାମନ୍ତରାୟଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ ସ୍ୱର୍ଗତ ସାମନ୍ତରାୟ ଜଣେ ଦକ୍ଷ ରାଜନେତା ଓ ସମାଜସେବୀ ଭାବେ ସୁନାମ ଅର୍ଜନ କରିଥିଲେ । କେନ୍ଦ୍ରାପଡା ସାଂସଦ ଭାବେ କେନ୍ଦ୍ରାପଡା ଓ ରାଜ୍ୟର ସମସ୍ୟାକୁ ସଂସଦରେ (୯ ପୃଷ୍ଠାରେ)

## ହମାସ ମୁଖ୍ୟ ନିହତ!

ନୂଆଦିଲ୍ଲୀ, ୧୭।୧୦ : ହମାସ ମୁଖ୍ୟ ୱାଇୟା ସିନୱାର ନିହତ ହୋଇଛନ୍ତି ବୋଲି ଇସ୍ରାଏଲ ସେନା ପକ୍ଷରୁ କୁହାଯାଇଛି । ଗାଜାରେ ଅପରେସନ୍ ବେଳେ ଯେଉଁ ୩ ଆତଙ୍କବାଦୀ ନିହତ ହୋଇଥିଲେ ସେମାନଙ୍କ ମଧ୍ୟ ସିନ୍‌ୱାର ଅଛନ୍ତି ବୋଲି ଆଶଙ୍କା କରାଯାଉଛି । ତେବେ ଏହାର ତଦନ୍ତ ଆଇଡିଏଫ୍ ଓ ଆଇଏଏସ୍ ଦ୍ୱାରା କାରାଯାଉଛି । ଏନେଇ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ । ଏହାକୁ ନେଇ ହମାସ ପକ୍ଷରୁ କୌଣସି ପ୍ରତିକ୍ରିୟା ଆସିନାହିଁ ।

ଯଦି ସନୱାରଙ୍କର ମୃତ୍ୟୁ ହୋଇଥାଏ ତେବେ ଇସ୍ରାଏଲ ସେନା ପାଇଁ ଏହା ଏକ ବଡ ସଫଳତା । କିଛିମାସ ମଧ୍ୟରେ ହମାସର ବହୁ ପ୍ରମୁଖ ନେତାଙ୍କୁ ଇସ୍ରାଏଲ ନିହତ କରିଛି । ଇସ୍ରାଏଲ ସେନା ରେଡିଓ ପକ୍ଷରୁ କୁହାଯାଇଛି ଯେ ଦକ୍ଷିଣ ଗାଜା ଷ୍ଟ୍ରିପ୍‌ର ଏକ ସହରରେ ସ୍ଥଳଭାଗରେ ଅପରେସନ୍ ଚାଲିଥିଲା । ଇସ୍ରାଏଲ ସୈନିକମାନେ ୩ ଆତଙ୍କବାଦୀଙ୍କୁ ମାରିଛନ୍ତି । ଏହାର ଭିଜିଆଲ ପ୍ରମାଣ ରହିଛି । ଏମାନଙ୍କ ମଧ୍ୟରେ ସିନୱାର ଅଛନ୍ତି । ଡିଏନ୍ ଟେଷ୍ଟ କରାଯାଉଛି । ୨୦୨୩ ଅକ୍ଟୋବର ୭ରେ ସିନୱାର ହମାସର (୯ ପୃଷ୍ଠାରେ)

## ନାଗରିକତା ଆଇନ୍‌ର ଧାରା ୬-ଏ ବୈଧ



ନୂଆଦିଲ୍ଲୀ, ୧୭।୧୦ : ନାଗରିକ ନିୟମ ଧାରାର ୬-ଏ ଧାରାକୁ ସୁପ୍ରିମ୍‌କୋର୍ଟ ବୈଧ ଦର୍ଶାଇଛନ୍ତି । ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଏହାକୁ ବୈଦ୍ଧ ଦର୍ଶାଇବା ସହ ଏହି ରାୟଟି ୪:୧ ବହୁମତରେ ପାରିତ ହୋଇଛି ।

ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ, ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଏମ୍‌ଏମ୍ ସୁନ୍ଦ୍ରେସ, ଜେଭି ପାରିଡୱାଲା, ମନୋଜ ମିଶ୍ରଙ୍କୁ ନେଇ ଏହି ଖଣ୍ଡପୀଠ ଗଠନ ହୋଇଥିଲା । ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ କହିଥିଲେ ଯେ ଆସାମର ରାଜନୈତିକ ସମସ୍ୟା ସମାଧାନ ପାଇଁ ବେଆଇନ୍ ଅନୁପ୍ରବେଶ ରୋକିବା ଲାଗି ଏହି ଆଇନ୍‌ର ବୈଦ୍ଧତା ରହିଛି । ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଏମ୍‌ଏମ୍ ସୁନ୍ଦ୍ରେସ ଓ ମନୋଜ ମିଶ୍ର ଏହାକୁ ସମର୍ଥନ କରିଥିଲେ । ତେବେ ଜଷ୍ଟିସ୍ ପାରିଡୱାଲା ୬-ଏ ଧାରାକୁ ଅସମ୍ବିଧାନିକ ବୋଲି କହିଥିଲେ । ଗତବର୍ଷ ଡିସେମ୍ବର ୧୨ ତାରିଖରେ (୯ ପୃଷ୍ଠାରେ)

## ନାଳିରୁ ଉଦ୍ଧାର ହେଲା ମା’-ଝିଅଙ୍କ ଗଳିତ ଖପୁରି, କଙ୍କାଳ

ବାସୁଦେବପୁର, ୧୭।୧୦ (ସବ୍ୟୁ) : ମାଆ ଓ ଝିଅଙ୍କ ଜୀବନ ନେଲା ସୁଭଦ୍ରା ଯୋଜନା। ମାତ୍ର ୫ହଜାର ଟଙ୍କା ପାଇଁ ଟଳି ପଡିଲା ଦୁଇଟି ଜୀବନ। ଫର୍ମ ଭରି ଆସିବା ପରେ ମୃତ୍ୟୁ ଯେମିତି ଜଗି ବସିଥିଲା ମାଆ ଜମୁନା ସାମଲ ଓ ଝିଅ କୌଶଲ୍ୟା ନାୟକ। ଘରେ ପଂହଚିବା ପୂର୍ବରୁ ଉଡି ଯାଇଥିଲା ଜୀବନ । ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାର ପାଖରେ ନିଖୋଜ ଏତଲାରେ ନାମ ଥାନାର ଲିଖିତ ଅଭିଯୋଗ ହେଲା। ଚାଷୀମାନଙ୍କର ଜଳନିଷ୍କାସନ ପାଇଁ ଲାଗିଥିବା ଜେସିବି ଦୁଇଟି ହତ୍ୟାକାଣ୍ଡର ଗୁମର ପଦାକୁ ଆଣିଥିଲା ।

ଏମିତି ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକର ବାଲିମୁଣ୍ଡା ପଞ୍ଚାୟତର



ବଡହାବେଳିସାହିର ପାଞ୍ଚ ଘେରିଆ ଗ୍ରାମର। ଲୁଣାବନ୍ଧରୁ ମଣିଷ ମୁଣ୍ଡ ଖପୁରି ଓ ଗଳିତ ଶବର ନର କଙ୍କାଳ ଉଦ୍ଧାର କରାଯାଇଛି। ପତ୍ନୀଙ୍କର ପରକୀୟା ପ୍ରିତି ଓ ପୁଅ ଠାରୁ ଅର୍ଥ ନେବାକୁ ଘଟଣାରେ ସ୍ୱାମୀ ଗୁରୁପଦ ଗାଏନଙ୍କ ମୁଣ୍ଡରେ ପିଶାଚ ସବାର ଗ୍ରାମର ଜମୁନା ସାମଲ ଝିଅ କୌଶଲ୍ୟା ବିବାହ କରିଥିଲେ । କୌଶଲ୍ୟାଙ୍କର ଦୁଇଟି ବଡ ବଡ ପୁଅ ଅଛନ୍ତି। କୌଶଲ୍ୟା ସେହି ଗ୍ରାମର ଜଣେ ଯୁବକଙ୍କ ସହିତ ପ୍ରେମ ସମ୍ପର୍କ ଗଢିଉଠିଥିଲା। ଏପରିକି ସେ ଯୁବକଙ୍କ ସହିତ ମାସ ମାସ ବାହାରେ

### ପତ୍ନୀ ଓ ଶାଶୁଙ୍କୁ ହତ୍ୟା କରି ପୋତିଥିଲା ସ୍ୱାମୀ

ହୋଇଥିଲା। ପତ୍ନୀ କୌଶଲ୍ୟା ଓ ଶାଶୁ ଜମୁନାକୁ ହତ୍ୟାକରି ଚିଙ୍ଗୁଡି ପ୍ଲାଣ୍ଟରେ ପୋତି ଦେଇଥିଲେ। ପାଞ୍ଚଘେରିଆ ଗ୍ରାମର ଅଧିକାଂଶ ଲୋକ ବାଙ୍ଗଲାଦେଶୀ ଲୋକ ବସବାସ କରୁଛନ୍ତି। ଏହି ଅଂଚଳକୁ ପାକିସ୍ତାନ ପଡା ବୋଲି ଲୋକ କହନ୍ତି। ପାଞ୍ଚଘେରିଆ ଗ୍ରାମର ଗୁରୁପଦ ଗାଏନ କୋଡିଏ ବର୍ଷ ତଳେ ନିଜ ରହୁଥିଲେ। ସ୍ୱାମୀ ଗୁରୁପଦଙ୍କ ବାରଣ ସତ୍ତ୍ୱେ କୌଶଲ୍ୟା ମାନୁନଥିଲେ। ଗାଁର ମୁରବୀ ଲୋକ ବସି ସମାଧାନ କରିଥିଲେ। ହାଇଦ୍ରାବାଦରେ କାମ କରୁଥିବା ସମୟରେ ଯାଜପୁର ଜଣେ ଯୁବକଙ୍କ ସହିତ ପ୍ରେମ ସମ୍ପର୍କ ଗଢିଉଠିଥିଲା। ଯାଜପୁର ପ୍ରେମିକଙ୍କ ସହିତ କୌଶଲ୍ୟା ରହୁଥିଲେ। ଯାହାକୁ ସ୍ୱାମୀ ଗୁରୁପଦ (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



ମୁଁ ୩୩ ବର୍ଷରେ ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲି । ପ୍ରଥମରୁ ମୋତେ ବହୁତ ସଂଘର୍ଷ କରିବାକୁ ପଡିଛି । ମୁଁ ପ୍ରଥମେ ମୋର ହାଇଟ୍‌କୁ ନେଇ କନଫିଡେଣ୍ଟ ନଥିଲି । ହେଲେ ପରେ ଧୀରେ ଧୀରେ ସବୁ ଠିକ୍ ହେଲା ।

**ସରିବ ହାସମି, ଅଭିନେତା**



ଯେତେବେଳେ ଗଦର ରିଲିଜ୍ ହୋଇଥିଲା ସେତେବେଳେ କେବେ ଭାବିନଥିଲୁ ଏହା ଏତେ ହିଟ୍ ହେବ । ଇଣ୍ଡଷ୍ଟ୍ରୀରେ ଏହାକୁ ପ୍ରଥମେ ପଞ୍ଜାବୀ ଫିଲ୍ମ କହୁଥିଲେ । ଆମକୁ ଏହାକୁ ହିନ୍ଦୀରେ ଡବିଂ ପାଇଁ ପରାମର୍ଶ ମଧ୍ୟ ମିଳିଥିଲା ।

**ସନି ଦେଓଲ, ଅଭିନେତା**



ମୁଁ ମଧ୍ୟ ଲାଲ ସିଂ ଚଡ୍ଡା ପାଇଁ ଅଡିସନ୍ ଦେଇଥିଲି । ହେଲେ ସେତେବେଳେ ଏହି ପ୍ରୋଜେକ୍ଟ ବିଷୟରେ କିଛି ଜାଣିନଥିଲି । ଏହି ଅଡିସନ୍ ମୋର ସବୁଠାରୁ ଖରାପ ଥିଲା ।

**କିଆରା ଆଡଭାନି, ଅଭିନେତ୍ରୀ**

## ଇତିହାସ ପୃଷ୍ଠାରୁ

୧୯୨୨– ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ୍ ସ୍ଥାପିତ ।
୧୯୫୦– ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ପ୍ରସିଦ୍ଧ ଅଭିନେତା ଓମ୍ ପୁରୀଙ୍କ ଜନ୍ମ ।
୧୯୭୬– ପ୍ରସିଦ୍ଧ ତେଲୁଗୁ ସାହିତ୍ୟିକ ବିଶ୍ୱନାଥ ସତ୍ୟନାରାୟଣଙ୍କ ଦେହାନ୍ତ ।
୧୯୯୮– ଭାରତ ଓ ପାକିସ୍ତାନ ମଧ୍ୟରେ ଆଣବିକ ଚୁକ୍ତି ।
୨୦୦୦– ଶ୍ରୀଲଙ୍କାରେ ପ୍ରଥମ ଥର ପାଇଁ ବିପକ୍ଷ ସଦସ୍ୟ ଅନୁରା ଭଣ୍ଡାରନାୟକେଙ୍କୁ ସଂସଦ ଅଧ୍ୟକ୍ଷ କରିବାକୁ ସହମତି ।
୨୦୦୪– କୁଖ୍ୟାତ ଚନ୍ଦନ ତସ୍କର ବୀରାପାନଙ୍କ ମୃତ୍ୟୁ ।
୨୦୦୮– ତତ୍କାଳୀନ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ମାୟାବତୀ ରାୟବରେଲୀର ରେଳ କୋଚ୍ ଫ୍ୟାକ୍ଟ୍ରି ପାଇଁ ୧୮୯.୨ କୋଟି ଏକର ଭୂମି ରେଳ ମନ୍ତ୍ରଣାଳୟକୁ ଫେରସ୍ତ କଲେ ।

# ଏକ୍ଲାମସିଆ



ଗର୍ଭଧାରଣ ସମୟରେ ମହିଳାମାନଙ୍କ ନିକଟରେ ବେଳେବେଳେ ବିରଳ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ । ସେହିଭଳି ଏକ ସ୍ୱାସ୍ଥ୍ୟ ସମସ୍ୟା ହେଲା ଏକ୍ଲାମସିଆ । ଏହା ବିରଳ ସହ ଗମ୍ଭୀର ସମସ୍ୟା ଅଟେ । ତଥ୍ୟ ଅନୁସାରେ ଏହା ମୁଖ୍ୟତ ପ୍ରିକ୍ଲାମସିଆ କାରଣରୁ ହୋଇଥାଏ । ତେବେ ପ୍ରିକ୍ଲାମସିଆ ମଧ୍ୟ ଏକ ସ୍ୱାସ୍ଥ୍ୟ ସମସ୍ୟା ଯେଉଁଥିରେ ବିଭିନ୍ନ ଲକ୍ଷଣ ଯେପରି ବ୍ଲଡପ୍ରେସରରେ ବୃଦ୍ଧି, ଗର୍ଭଧାରଣର ୨୦ ସପ୍ତାହ ପରେ ପରିସ୍ରା ଦ୍ୱାରା ଶରୀରରୁ ପ୍ରୋଟିନ୍ ନଷ୍ଟ ହେବା । ତେବେ ପ୍ରିକ୍ଲାମସିଆ ବିଶ୍ୱର ପାଖାପାଖି ୫ରୁ ୭ ପ୍ରତିଶତ ଗର୍ଭବତୀଙ୍କୁ ହୋଇଥାଏ । ତେବେ ଯଦି ଅଧିକ ଦିନ ଧରି ପ୍ରିକ୍ଲାମସିଆ ଚିକିତ୍ସା ନହୋଇ ରହିଥାଏ, ତେବେ ଏକ୍ଲାମସିଆ ହେବାର ଆଶଙ୍କା ବଢିଥାଏ । ଏହାର କିଛି ପ୍ରାଥମିକ ଲକ୍ଷଣ ରହିଛି, ଯାହା ଜଣା ପଡିବା ପରେ ତୁରନ୍ତ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା କରି ନିଅନ୍ତୁ । ଅଥବା ଏହା ଗମ୍ଭୀର ରୋଗରେ ପରିଣତ ହେବାର ଡର ରହିଥାଏ । ତେଣୁ ଗର୍ଭ ଧାରଣ ସମୟରେ ସମ୍ପୂର୍ଣ୍ଣଭାବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ନିୟମିତ ଚେକଅପରେ ରୁହନ୍ତୁ, ଯାହା ଫଳରେ ଏହା ତୁରନ୍ତ ଚିହ୍ନଟ ହେବା ସହ ଚିକିତ୍ସା କରିବାରେ ସୁବିଧା ହେବ ।

### ଲକ୍ଷଣ

- ଉଚ୍ଚରକ୍ତଚାପ ।
- ଅଚାନକ ଶାରିରୀକ ବ୍ୟବହାରରେ ପରିବର୍ତ୍ତନ ।
- ମୁହଁ ଏବଂ ହାତ ଫୁଲିବା ।
- ମୁଣ୍ଡବିନ୍ଧା ।
- ଓଜନରେ ବୃଦ୍ଧି ।
- ବାନ୍ତି ଲାଗିବା ।
- ଶରୀରରେ ପୀଡା ଅନୁଭୂତ ହେବା ।

# ଆଖିରୁ ଜାଣିହେବ ହୃଦଘାତ୍ ଆଶଙ୍କା

ବିଭିନ୍ନ ସମୟରେ ହୃଦଘାତ୍ କାରଣରୁ ଜୀବନ ହାନି ହୋଇଥାଏ, ଯାହା ହଠାତ୍ ହେବା ଫଳରେ ଅନେକ ଦୁଃଖ ସହ ସମସ୍ୟା ସୃଷ୍ଟି କରାଇଥାଏ । ତେବେ ବର୍ତ୍ତମାନ ଆଖିରୁ ଜାଣିହେବ ଜଣେ ବ୍ୟକ୍ତିଙ୍କର ହୃତଘାତ ସମ୍ବନ୍ଧରେ । ଯଦି ଜଣେ ବ୍ୟକ୍ତିଙ୍କର ହୃତଘାତ୍ ହେବାର ସମ୍ଭାବନା ଅଧିକା ଥାଏ ତେବେ ଏ ସମ୍ପର୍କରେ ଆଖି ସ୍କାନ୍‌ରୁ ଜାଣିହେବ । ଏହି ଉପାୟ ଆଖିର ରେଟିନାରେ





ଥିବା ଛୋଟ ଛୋଟ ରକ୍ତ କଣିକାକୁ ପରିବର୍ତ୍ତନ କରିଥାଏ, ଯାହା ବିଭିନ୍ନ ଭସକୁଲାର ରୋଗ ଏବଂ ହୃତପିଣ୍ଡ ଉପରେ ପଡୁଥିବା ପ୍ରଭାବ ସମ୍ବନ୍ଧରେ ତଥ୍ୟ ଦେବ । ଏହି ଗବେଷଣାରେ ବୈଜ୍ଞାନିକମାନେ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସାମିଲ କରିଥିଲେ । ଗବେଷଣା ସମୟରେ ସେମାନେ ରୋଗୀର ରେଟିନା ଓ ହୃତପିଣ୍ଡ ରେ ହେଉଥିବା ପରିବର୍ତ୍ତନକୁ ଲକ୍ଷ କରିଥିଲେ । ବର୍ତ୍ତମାନ ଏମ୍‌ଆର୍‌ଆଇ କିମ୍ବା ଇକୋକାର୍ଡିଓଗ୍ରାଫି ଦ୍ୱାରା ହିଁ ଏହାକୁ ଜାଣି ହେଉଛି । ତେବେ ବୈଜ୍ଞାନିକଙ୍କ ମତରେ ପ୍ରାୟ ୭୦ରୁ ୮୦ ପ୍ରତିଶତ ପର୍ଯ୍ୟନ୍ତ ହୃତଘାତକୁ ନେଇ ସଠିକ୍ ତଥ୍ୟ ଏହି ଏଆଇ ଟେକ୍ନୋଲୋଜି ସାହାଯ୍ୟରେ ମିଳିପାରିବ । ଆଗକୁ ଏହି ପଦ୍ଧତି ଚିକିତ୍ସା କ୍ଷେତ୍ରରେ ବେଶ୍ ସହାୟକ ହେବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି । ଏହି ଉପାୟରେ ଅନେକ ଜୀବନ ମଧ୍ୟ ମହଜରେ ବଞ୍ଚିପାରିବ ।

# ସୁଜି ଗୋଲାପଜାମୁ

**ସାମଗ୍ରୀ–** ଅଢେଇ କପ ସୁଜି, ତିନି ଚାମଚ ଘିଅ, ଏକ ଚାମଚ ଗୁଜୁରାତି ପାଉଡର, ୨ କପ୍ ଚିନି, ୨କପ୍ ଖୀର ।



**ପ୍ରଣାଳୀ–** ଗୋଟିଏ ପ୍ୟାନ୍ ଗରମ କରନ୍ତୁ ଏଥିରେ ଚିନିକୁ ପାଣି ସହ ଢାଳନ୍ତୁ । ଏହା ପେଷ୍ଟ ହେଲା ପର୍ଯ୍ୟନ୍ତ ଏହାକୁ ଘାଣ୍ଟନ୍ତୁ । ଏଥିରେ ଅଧା ଚାମଚ ଗୁଜୁରାତି ଗୁଣ୍ଡ ଓ ଏକ ଚାମଚ କ୍ଷୀର ମିଶାନ୍ତୁ । ଏହାପରେ ଚିନି ସିରା ପ୍ରସ୍ତୁତ ହୋଇଗଲା, ଏହାକୁ ଅଲଗା ରଖନ୍ତୁ । ଆଉ ଏକ ପ୍ୟାନରେ ଘିଅରେ ସୁଜି ପକାଇ ଭାଜନ୍ତୁ । ଏହାର ରଙ୍ଗ ହାଲୁକା ବଦଳିବା ଯାଏଁ ଭାଜନ୍ତୁ । ଏହାପରେ ଏଥିରେ ଚିନି ଓ ସିଝା ଖୀର, ଗୁଜୁରାତି ଗୁଣ୍ଡ ମିଶାନ୍ତୁ । ଖୀର ଶୁଖିଲା ଯାଏଁ ଏହାକୁ ଭାଜନ୍ତୁ । ଏହାପରେ ମିଶ୍ରଣକୁ ଥଣ୍ଡା କରନ୍ତୁ । ଏହାପରେ ହାତରେ ଘିଅ ଲଗାଇ ଛୋଟଛୋଟ ବଲ ଆକାର ଦିଅନ୍ତୁ । ତାପରେ ଏହାକୁ ଛାଣନ୍ତୁ । ଛଣାଯାଇଥିବା ସୁଜି ଗୁଳାକୁ ସିରାରେ ବୁଡାନ୍ତୁ । ପ୍ରସ୍ତୁତ ହୋଇଗଲା ସୁଜି ଗୋଲାପ ଜାମୁନ୍ ।

# ପ୍ରତ୍ୟହ ରୁହନ୍ତୁ ସତର୍କ



**ସାଧାରଣତଃ ସମସ୍ତଙ୍କର ପୂଜାପାଠ ଉପରେ ବିଶ୍ୱାସ ରହିଥାଏ । ଘରେ ମଧ୍ୟ ସମସ୍ତଙ୍କର ପୂଜାପାଠ କରାଯାଇଥାଏ । ଦିନର କାର୍ଯ୍ୟ ଆରମ୍ଭ ପୂଜାପାଠରୁ ହୋଇଥାଏ । ତେବେ ହିନ୍ଦୁ ଧର୍ମରେ ଏହି ପୂଜାପାଠର କେତେକ ନିୟମ ରହିଛି, ଯାହାକୁ ମାନିବା ନିତ୍ୟାନ୍ତ ଜରୁରୀ । ସେହିଭଳି କଥାକୁ ଧ୍ୟାନ ଦେବାର ରହିଛି । ଆସନ୍ତୁ ପଢିବା ସେହିଭଳି କିଛି ନିମୟ ବିଷୟରେ..**

- କେତେବେଳେ ବି ଭଗବାନ କିମ୍ବା ନିଜ ଠାରୁ ବଡଲୋକଙ୍କୁ ଗୋଟିଏ ହାଥରେ ପ୍ରଣାମ କରନ୍ତୁ ନାହିଁ । ଏହାସହ ଶୋଇଥିବା ବ୍ୟକ୍ତିଙ୍କୁ ମଧ୍ୟ କେବେ ବି ପ୍ରଣାମ କରନ୍ତୁ ନାହିଁ ।
- ଏହାସହ କୌଣସି ବି ପୂଜା ପାଠ ସରିବା ପରେ ପ୍ରଣାମ କରିବା ସମୟରେ ଡାହାଣ ପାଦକୁ ଡାହାଣ ହାତ ଓ ବାମକୁ ବାମ ହାତରେ ଛୁଇଁ ପ୍ରଣାମ କରନ୍ତୁ ।
- ଜପ କରିବା ସମୟରେ ଜିଭ କିମ୍ବା ଓଠ ହଲାନ୍ତୁ ନାହିଁ । ମନେମନେ ଠାକୁରଙ୍କୁ ସ୍ମରଣ କରନ୍ତୁ । ଏହାସହ ଜପ ପରେ ଭୂମି ଛୁଇଁ ପ୍ରଣାମ କରନ୍ତୁ । ଏପରି କରିବା ଦ୍ୱାରା ଜପର ପୂରା ଫଳ ମିଳିଥାଏ ।
- ସଂକ୍ରାନ୍ତି, ଦ୍ୱାଦଶୀ, ଅମାବାସ୍ୟା, ପୂର୍ଣ୍ଣିମା, ରବିବାର ଓ ସନ୍ଧ୍ୟା ସମୟରେ ତୁଳସୀ ଛିଡାଇବା ବାରଣ ଅଟେ । ସେହିଭଳି କେବେ ବି ଗୋଟିଏ ଦୀପରୁ ଅନ୍ୟ ଦୀପ ଲଗାନ୍ତୁ ନାହିଁ ।
- ଶନିବାର ଦିନ ଅଶ୍ୱଥ ଗଛରେ ଜଳ ଦାନ କଲେ ଶୁଭ ହୋଇଥାଏ । ଜଳଦାନ କରି ୭ଥର ପରିକ୍ରମା କରିବା ଦରକାର ।
- ଦାନ କରିବା ସମୟରେ ସର୍ବଦା ଡାହାଣ ହାତରେ କରନ୍ତୁ । ଏପରି କରିବା ଦ୍ୱାରା ଦାନର ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି ।
- ସେହିଭଳି ଘରେ ଶ୍ରାଦ୍ଧ, ପୂଜା ଥିଲେ ଓ ଏକାଦଶୀ, ଅମାବାସ୍ୟା, ପୂର୍ଣ୍ଣିମାରେ ଖିଅର ହେବାର ନିଷେଧ ରହିଥିବା ବିଭିନ୍ନ ଧର୍ମଗ୍ରନ୍ଥରେ ରହିଛି ।
- ସେହିଭଳି ସର୍ବଦା ଘିଅ ଦୀପକୁ ଠାକୁରଙ୍କର ଡାହାଣ ପଟେ ଓ ନିଜର ବାମ ପଟେ ରଖନ୍ତୁ । ଏହାସହିତ ଚାଉଳ ରଖି ଦୀପ ଜାଳିଲେ ଆଶୀର୍ବାଦ ପ୍ରାପ୍ତହୋଇଥାଏ ।

# ଦୁଃଖୀଥିଲେ ଶ୍ରଦ୍ଧା



ସାଧାରଣତଃ ଡେବ୍ୟୁକୁ ନେଇ ସମସ୍ତେ ଖୁସି ଥାଆନ୍ତି । ହେଲେ ଶ୍ରଦ୍ଧା କପୁରଙ୍କ କ୍ଷେତ୍ରରେ ଏଭଳି କିଛି ହୋଇ ନଥିଲା । ସେ ନିଜର ଡେବ୍ୟୁ ଫିଲ୍ମ ସୁଟିଂ ସମୟରେ ଖୁବ ଦୁଃଖୀ ଥିବା ନିକଟରେ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଶ୍ରଦ୍ଧା ନିଜର ଡେବ୍ୟୁ ଫିଲ୍ମ ତିନ୍ ପତି ସୁଟିଂ କରିବା ସମୟରେ ଏକ ହାର୍ଟବ୍ରେକ ଦେଇ ଗତି କରୁଥିଲେ, ଯାହା ସମ୍ପର୍କରେ ସେ ନିଜ ମାଆଙ୍କ ସହିତ କଥା ହୋଇଥିଲେ । ସେ ଏହି ସମୟରେ ସୁଟିଂ ମଧ୍ୟ କରିବାକୁ ଚାହୁଁନଥିବା ପ୍ରକାଶ କରିଛନ୍ତି । ତାଙ୍କୁ ସେଟ୍‌ରେ ତାଙ୍କ ସହିତ ଭେଦ ଭାବ ହୋଇଥିବା ଶ୍ରଦ୍ଧା ପ୍ରକାଶ କରିଛନ୍ତି । ସେଭଳି ସବିଶେଷ ତଥ୍ୟ ନଦେଲେ ମଧ୍ୟ ଶ୍ରଦ୍ଧା ଏହାର ହିଣ୍ଟ୍ ନିଜ ସାକ୍ଷାତକାରରେ ଦେଇଛନ୍ତି । ତାଙ୍କୁ ତାଙ୍କ ପ୍ରଥମ ସେଟ୍‌ରେ ସେଭଳି କିଛି ଭଲ ଅନୁଭବ ମିଳିନଥିବା ସେ ପ୍ରକାଶ କରିଛନ୍ତି । ତାଙ୍କ ସହିତ କାମ କରୁଥିବା ଅନ୍ୟମାନଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ ହେଉଥିବାବେଳେ ତାଙ୍କ ସହିତ ହେଉନଥିଲା, ଯାହା ତାଙ୍କୁ ଖୁବ ବାଧିଥିଲା ବୋଲି ସେ କହିଛନ୍ତି । ହେଲେ ତାଙ୍କର ଅଭିନୟ ପାଇଁ ଖୁବ ଭଲପାଇବା ଥିଲା, ଯେଉଁ କାରଣରୁ ସେ ଏଗୁଡିକୁ ଅଣଦେଖା କରି ଆଗକୁ ବଢିଥିଲେ। ପ୍ରଥମ ଫିଲ୍ମର ସୁଟିଂ ଶେଷ କରିବା ପରେ ତାଙ୍କ ଅଭିନୟ ସହିତ କ୍ୟାରିୟରରେ ଖୁବ ଗ୍ରୋଥ ଆସିଥିବା ସେ ପ୍ରକାଶ କରିଛନ୍ତି ।

# ଜୁଏଲାରୀ ଟ୍ରେଣ୍ଡ



**ଜୁଏଲାରୀ ପାଇଁ ସବୁ ଝିଅଙ୍କ ମନରେ ଦୁର୍ବଳତା ରହିଥାଏ । ସବୁବେଳେ ସେମାନେ ଟ୍ରେଣ୍ଡ୍‌ରେ କେଉଁ ଜୁଏଲାରୀ ରହିଛି ସେନେଇ ତତ୍ପରତା ଦେଖାଇଥାଆନ୍ତି । ଆସନ୍ତୁ ଜାଣିବା ସେହିଭଳି କିଛି ଜୁଏଲାରୀ ଟ୍ରେଣ୍ଡ ସମ୍ପର୍କରେ ।**

**ପର୍ଲ ଜୁଏଲାରୀ–** ପର୍ଲ ସବୁବେଳେ ଟ୍ରେଣ୍ଡ୍‌ରେ ରହିଥାଏ । ଏହା ଏକ ସିମ୍ପଲ୍ ଲୁକ୍ କ୍ରିଏଟ୍ କରିବାରେ ସଫଳ ହୋଇଥାଏ । ଏହାର ସେଟ୍ ବର୍ତ୍ତମାନ ଯୁବତୀଙ୍କର ପ୍ରଥମ ପସନ୍ଦ ପାଲଟିଛି । ଏହାର ରଙ୍ଗ ଧଳା ହୋଇଥିବାରୁ ଏହାକୁ ଯେକୌଣସି ଡ୍ରେସ କିମ୍ବା ଶାଢି ସହିତ ପେୟାର କରିହେବ । ଏଥିରେ ବିଶେଷଭାବେ କାନଫୁଲ,ନେକ୍‌ଲେସ୍ ମିଳିଥାଏ । ମୁଦି ମଧ୍ୟ ବେଳେବେଳେ ଏହି ସେଟ୍‌ରେ ଥାଏ ଯାହା ବେଶ୍ ସୁନ୍ଦର ହୋଇଥାଏ ।

**ଷ୍ଟେଟମେଣ୍ଟ ଜୁଏଲାରୀ–** ଷ୍ଟେଟମେଣ୍ଟ ଜୁଏଲାରୀକୁ ସବୁବେଳେ ସମସ୍ତେ ଭଲ ପାଇବା ଦେଇଥାଆନ୍ତି । ଏଗୁଡିକ ୟୁନିକ ପିସ୍ ହୋଇଥାଏ । ଏହା ବିଶେଷଭାବେ ପର୍ସନାଲିଟିକୁ ଆଖିରେ ରଖି ପ୍ରସ୍ତୁତ କରାଯାଇଥାଏ । କିଛି ଲୋକ ଏହାକୁ ଓଭର ସାଇଜ୍ଡ ପସନ୍ଦ କରୁଥିବାବେଳେ କିଛି ଏହାକୁ ସିମ୍ପଲ ପସନ୍ଦ କରନ୍ତି ।

**ଏନାମେଲ୍ ଜୁଏଲାରୀ–** ଯଦି ନିଜ ଜୁଏଲାରୀ ବକ୍ସକୁ କଲରଫୁଲ କରିବାକୁ ଚାହୁଁଛନ୍ତି ତେବେ ଏଥିରେ ଏନାମେଲ୍ ଜୁଏଲାରୀ ଆଡ କରନ୍ତୁ । ଏହା ବେଶ୍ ଭାଇବ୍ରାଣ୍ଟ ହୋଇଥାଏ । ଏଥିରେ ଚୁଡି ଠାରୁ ଆରମ୍ଭ କରି ନେକଲେସ୍ ସେଟ୍ ସବୁ କିଛି ସାମିଲ ରହିଥାଏ । ଏହି କାଟାଗୋରୀର ବିଶେଷଭାବେ ବିଭିନ୍ନ ରଙ୍ଗର ଜୁଏଲାରୀ ସାମିଲ ଥିବାରୁ ଏହା ସମସ୍ତଙ୍କୁ ପସନ୍ଦ ଆସିଥାଏ । ଏହାକୁ ଆପଣ ନିଜ ଡ୍ରେସ ସହିତ ମ୍ୟାଚ୍ କରି ପେୟାର କରିପାରିବେ ।

**ଭିଣ୍ଟେଜ୍ ଜୁଏଲାରୀ–** ଅନେକ ଥାଆନ୍ତି ଯିଏ ଭିଣ୍ଟେଜ୍ ସାମଗ୍ରୀକୁ ବେଶ୍ ପସନ୍ଦ କରନ୍ତି । ସେମାନଙ୍କ ପାଇଁ ଜୁଏଲାରୀରେ ମଧ୍ୟ ଅପସନ୍ ରହିଛି । ଭିଣ୍ଟେଜ୍ ଜୁଏଲାରୀ ଦେଖିବାକୁ ଖୁବ ଫ୍ୟାଶନେବଲ୍ ହୋଇଥାଏ । ଏଥିସହିତ ସବୁ ଜୁଏଲାରୀ ପିସ୍ ପଛରେ ଏକ କାହାଣୀ ରହିଥାଏ । ନିଜ ମର୍ଡନ ୱାର୍ଡରବ୍‌ରେ ଭିଣ୍ଟେଜ୍ ଜୁଏଲାରୀ ଆଡ କରନ୍ତୁ ଆପଣଙ୍କୁ ଏକ ରିଫ୍ରେସ୍ ଲୁକ୍ ମିଳିବ ।

# ୨୧ ଓ ୨୮ରେ ଅଭିଯୋଗ ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ମାସ ୨୧ ତାରିଖ (ସୋମବାର) ଓ ୨୮ ତାରିଖ ଦିବା ୧୧ ଘଟିକାରୁ ୟୁନିଟ୍-୫ ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିବେ । ଏହି ଦୁଇ ଦିନ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ୍ ପଞ୍ଜିକରଣ ୧୮ ତାରିଖ ଦିନ ୧୧ଟା ଠାରୁ ଆରମ୍ଭ ହେବ ଏବଂ ପ୍ରତ୍ୟେକ ଅଭିଯୋଗ ଶୁଣାଣି ଦିବସ ନିମନ୍ତେ ସର୍ବାଧିକ ଏକ ହଜାର ଜଣ ପଞ୍ଜିକରଣ କରିପାରିବେ । ଯେଉଁମାନେ କି ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କ ଅଭିଯୋଗ ଜଣାଇପାରିବେ । ଏଥିନିମନ୍ତେ ଅଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେସନ ଜରିଆରେ ପଞ୍ଜିକରଣ କରିପାରିବେ । ଜନସାଧାରଣ ପଞ୍ଜିକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି ।

# ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ ପାଇଁ ଟାସ୍କଫୋର୍ସ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରି କରିବା ଲାଗି ସରକାର ଟାସ୍କଫୋର୍ସ ଗଠନ କରିଛନ୍ତି । ଉନ୍ନୟନ କମିଶନର ଏହାର ଅଧ୍ୟକ୍ଷ ଥିଲା ବେଳେ ଗଣଶିକ୍ଷା ବିଭାଗ ସଚିବ, ପଞ୍ଚାୟତରାଜ ବିଭାଗ ପ୍ରମୁଖ ସଚିବ, ଅର୍ଥ ବିଭାଗ ପ୍ରମୁଖ ସଚିବ, ମହିଳା ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ସଚିବ, କ୍ରୀଡା ଓ ଯୁବସେବା ପ୍ରମୁଖ ସଚିବ, ଉଚ୍ଚଶିକ୍ଷା ବିଭାଗ ସଚିବ, ଓସେପା ପ୍ରକଳ୍ପ ନିର୍ଦ୍ଦେଶକ, ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷ ଏହାର ସଦସ୍ୟ ରହିଛନ୍ତି । ସେହିଭଳି ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଏହାର ସଦସ୍ୟ ଆବାହକ ରହିବେ । ସ୍ୱତନ୍ତ୍ର ବିଶେଷଜ୍ଞ ନିମନ୍ତ୍ରିତ ସଭ୍ୟ ଭାବେ ୟୁନିସେଫ, ସିଏସ୍‌ଏଫ୍, ଏକ୍ସସାରାଫାଉଣ୍ଡେସନ୍ ଏଲ୍‌ଏଫ, ପ୍ରଥମ, ଏବଂ ଉଚ୍ଚଶିକ୍ଷା ବିଭାଗର ନୋମିନିମାନେ ରହିବେ ।

# ରାଜ୍ୟସ୍ତରୀୟ ପ୍ରବକ୍ତା ସମାରୋହ



ଫୁଲନଖର, (ସବ୍ୟୁ) :ପାହାଳ ଥାନା ଅନ୍ତର୍ଗତ ଜୟରଶାସନ ପୟଟବଟୀସ୍ଥିତ ଶ୍ରୀ ବଟେଶ୍ୱର ମହାଦେବଙ୍କ ପୀଠରେ ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ ଆନୁକୂଲରେ ରାଜସ୍ତରୀୟ ପ୍ରବକ୍ତା ସମାରୋହ ଅମୃତ ବର୍ଷଣ ମହୋତ୍ସବ -୨୦୨୪ ଅନୁଷ୍ଠିତ ହୋଇଯାଇଛି । ପରିଷଦର ଅଧ୍ୟକ୍ଷ ପଣ୍ଡିତ ପଦ୍ମନାଭ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ରାଜସ୍ତରୀୟ ସମାରୋହ ଦୁଇ ଦିନ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶାର ୩୦ଟି ଜିଲ୍ଲାର ୫୦୦ ରୁ ଉର୍ଦ୍ଧ୍ୱ ପ୍ରବଚକ ,ପ୍ରବଚିକା ,ବାସ ,ବାଦକାର ଯୋଗ ଦେଇଥିଲେ । ଉପଦେଷ୍ଟା ପଣ୍ଡିତ ରବିନାରାୟଣ ପଣ୍ଡା,ମୁଖବକ୍ତା ସମାଜସେବୀ ବାଳକୃଷ୍ଣ ବେହେରା,ସରପଞ୍ଚ ବିଶ୍ୱଜିତ ଭୋଇ,ଜିଲ୍ଲା ପରିଷଦ ସଭ ମହେଶ୍ୱର ଦାସ,ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପରିଷଦ ପକ୍ଷରୁ ଓଡ଼ିଶାର ସର୍ବପୁରାତନ କେନ୍ଦୁଝରର ଝାଡ଼େଶ୍ୱର,କଟକ ଜାଞ୍ଜିରମଙ୍ଗଳା,ବଲାଙ୍ଗିରର ସଂକ୍ରାନ୍ତୀ ପ୍ରବଚନ ମଞ୍ଚକୁ ବାସ ପୀଠ ସମ୍ମାନ-୨୦୨୪ ରେ ସମ୍ମାନିତ କରାଯାଇଥିଲା ।ଉପସ୍ଥିତ ସମସ୍ତ ପ୍ରବକ୍ତା ମାନଙ୍କୁ ମେଡ଼ାଲ ଓ ସ୍ମୃତି ସୌରଭ ମାନପତ୍ରରେ ସମ୍ବର୍ଦ୍ଧିତ କରାଯାଇଥିଲା । ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର,ଲଳିତ କୁମାର ଦାଶ,ଅଜୟ କୁମାର ଦାଶ,ଭବାନୀ ଶଙ୍କର ପାତ୍ର,ଅଜୟ କୁମାର ପାତ୍ର,ରାଜକିଶୋର ବେହେରା,ରାକେଶ ହୋତାଙ୍କୁ ପରିଷଦ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା।। ପରିଷଦର ମୁଖ ଉପଦେଷ୍ଟା ବ୍ରହ୍ମଚାରୀ ସନ୍ତୋଷ ଚୈତନ,କାର୍ଯକାରୀ ଅଧ୍ୟକ୍ଷ ବିଜୟ କୁମାର ଦେବତା,ଉପସଭାପତି ଡ଼ାକ୍ତର ଶ୍ରୀଧର ମହାନ୍ତି,ସଂପାଦକ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା,କୋଷାଧ୍ୟକ୍ଷ ଅର୍ଜୁନ କୁମାର ମହାନ୍ତି,ଯୁଗ୍ମ ସଂପାଦକ ପ୍ରଶାନ୍ତ କୁମାର ବେହେରା,ସହ ସଂପାଦକ ବିଭୂତି ଭୂଷଣ ପାଲଙ୍କ ସମେତ ସଦସ୍ୟମାନେ କାର୍ଯକ୍ରମ ପରିଚାଳନା କରିଥିଲେ ।

# ଅଙ୍କୁରା ହସପିଟାଲରେ କିଡନି ରୋଗରେ ଆକ୍ରାନ୍ତ ବାଳକର ସଫଳତାର ସହ ଚିକିତ୍ସା

ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱରର ଜଣେ ୧୧ ବର୍ଷ ବୟସର ବାଳକ ନେଫ୍ରୋଟିକ ସିଣ୍ଡ୍ରୋମ ରୋଗରେ ପୀଡ଼ିତ ହୋଇ ଅଙ୍କୁରା ହସପିଟାଲରେ ସଫଳତାର ସହ ଚିକିତ୍ସିତ ହୋଇଛି। ରୋଗୀ ଜଣକ ଜ୍ୱର, କାଶ, ଫୁଲା ଓ ଓଜନ ବୃଦ୍ଧି ସମସ୍ୟାରେ ପୀଡ଼ିତ ଥିଲା। ଏଠାରେ ଚିକିତ୍ସା ପରେ ଆରୋଗ୍ୟ ହୋଇ ତାଙ୍କୁ ଡିସଚାର୍ଜ କରାଯାଇଛି।

ମାଷ୍ଟର ସନ୍ତୋଷ ମାନସିଂହଙ୍କ କାଶ ଓ ୩ ଦିନ ଧରି ଜ୍ୱର ଲକ୍ଷଣ ରହିଥିଲା ଓ ପରେ ତାଙ୍କ ଶରୀର କ୍ରମଶଃ ଫୁଲି ଯାଇଥିଲା। ପ୍ରାରମ୍ଭରେ ସେ ଅନ୍ୟତ୍ର ଚିକିତ୍ସିତ ହେଉଥିଲେ ପରେ ଅଙ୍କୁରା ହସପିଟାଲର ଶିଶୁ ରୋଗ ବିଶେଷଜ୍ଞଙ୍କ ଦ୍ୱାରା ଚିକିତ୍ସିତ ହେଲେ। ତାଙ୍କ ଠାରେ କିଡିନି ରୋଗ ଥିବା ସନ୍ଦେହରେ ପେଡିଆଟ୍ରିକ ନେଫ୍ରୋଲୋଜିଷ୍ଟଙ୍କ ଦ୍ୱାରା ତାଙ୍କର ଚିକିତ୍ସା ଆରମ୍ଭ କରାଯାଇଥିଲା।

ଡ. ବିଜୟଲକ୍ଷ୍ମୀ, କନସଲଟାଂଟ ପେଡିଆଟ୍ରିକ ନେଫ୍ରୋଲୋଜିଷ୍ଟ, ଅଙ୍କୁରା ହସପିଟାଲ କହିଛନ୍ତି ଯେ ରୋଗୀଙ୍କୁ ୩ ଦିନ ଧରି ଜ୍ୱର ଓ କାଶ ହେଉଥିଲା ପରେ ତାଙ୍କର ଶରୀର ଫୁଲିଯାଉଥିବା ଦେଖିବାକୁ ମିଳିଲା।

ତାଙ୍କର ଫୁଲା ସମସ୍ୟା ଲାଗି ହାଇଡୋଜ ସହ ଚିକିତ୍ସା କରାଯାଇଥିଲା, ଯାହା ଦ୍ୱାରା ୩ ଦିନ ମଧ୍ୟରେ ତାଙ୍କର ୭ କିଲୋ ଓଜନ ହ୍ରାସ ପାଇଥିଲା। ନେଫ୍ରୋଟିକ ସିଣ୍ଡ୍ରୋମର ନିର୍ଦ୍ଦେଶାବଳୀ ଅନୁସାରେ ଷ୍ଟେରଏଡ ଥେରାପି ଆରମ୍ଭ କରାଯାଇଥିଲ ।। ୧୧.୦୯.୨୦୨୪ରେ ଡିସଚାର୍ଜ ସମୟରେ ତାଙ୍କ ଶରୀରରେ ଫୁଲା ଆଦୌ ନଥିଲା। ପିଲାର ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିବା ସହ ତାର ସ୍ୱାଭାବିକ ସ୍ଥିତି ବଜାୟ ରହିଥିଲା।

ଆରୋଗ୍ୟ ଲାଭ କରିଥିବା ପିଲାର ପିତାମାତା ଅଙ୍କୁରା ହସପିଟାଲକୁ ଧନ୍ୟବାଦ ଜଣାଇଛନ୍ତି । ମୋର ପିଲାର ଜୀବନ ବଂଚାଇବାରେ ଡ. ବିଜୟଲକ୍ଷ୍ମୀ ଓ ତାଙ୍କ ଟିମଙ୍କ ଅବଦାନ ପାଇଁ ମୁଁ ଚିର ଋଣୀ ବୋଲି ପିଲାର ମାତା କହିଛନ୍ତି ।

# ହାତୀ ଶାବକର ଗଳିତ ମୃତଦେହ ଉଦ୍ଧାର, କାରଣ ଅସ୍ପଷ୍ଟ

ବଡ଼ମ୍ବା,(ସବ୍ୟୁ): କଟକ ଜିଲ୍ଲା ଆଠଗଡ଼ ଡିଭିଜନ ଅନ୍ତର୍ଗତ ବଡମ୍ବାରେ ଏକ ହାତୀ ଶାବକର ମୃତ୍ୟୁ ହୋଇଛି।ବଡମ୍ବା ରେଞ୍ଜ ଅନ୍ତର୍ଗତ ମାଣିଆବନ୍ଧ ସେକ୍ସନ ଅଧିନ କାଦୁଆପଡ଼ା ବିଟ୍ ଠାରୁ ୩କିମି ଜଙ୍ଗଲ ଭିତରେ ହାତୀଛୁଆର ଗଳିତ ଶବକୁ ବନ ବିଭାଗର କର୍ମଚାରୀମାନେ ଗୁରୁବାର ସକାଳୁ ଠାବ କରିଛନ୍ତି। ହାତୀଟି ପ୍ରାୟ ୮ରୁ ୧୦ ଦିନ ପୂର୍ବରୁ ମରିଥିବା ସନ୍ଦେହ କରାଯାଉଛି।ବନ ବିଭାଗ ପକ୍ଷରୁ ହାତୀର ମୃତଦେହକୁ ପୋତି ଦିଆ ଯାଇଥିବା ଜଣାପଡିଛି। ହାତୀଟିର ବୟସ ଦେ ବର୍ଷ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଉଛି। ହାତୀ ଶରୀରର ବିଭିନ୍ନ ଅଂଶ ନଷ୍ଟ ହୋଇ ଯାଇଥିବା ଚିତ୍ରରୁ ସ୍ପଷ୍ଟ ହୋଇଛି। କିନ୍ତୁ ହାତୀଟି କେଉଁ କାରଣରୁ ମୃତ୍ୟୁ ହୋଇଛି, ସେନେଇ ଜଣା ପଡ଼ିନାହିଁ।ମାଣିଆବନ୍ଧ ଫରେଷ୍ଟର କୃଷ୍ଣଚନ୍ଦ୍ର ସ୍ୱାଇଁ କହିଛନ୍ତି, ଜଙ୍ଗଲରେ ପାଟ୍ରୋଲିଂ କରୁଥିବା କର୍ମଚାରୀମାନେ ଗୁରୁବାର ସକାଳୁ ବଡମ୍ବା ରେଞ୍ଜ ମାଣିଆବନ୍ଧ ସେକ୍ସନର କାଦୁଆପଡ଼ା ବିଟ୍ ଠାରୁ ୩ କିମି ଜଙ୍ଗଲ ଭିତରେ ଏକ ହାତୀ ଶାବକର ମୃତଦେହ ଠାବ କରିଥିଲେ। ହାତୀଟିର ବୟସ ପ୍ରାୟ ଦେଢ଼ ବର୍ଷ ହେବ। ଏହା ପରେ ବଡ଼ମ୍ବା, ଗୋପପୁର ଓ ମାଣିଆବନ୍ଧରୁ ପଶୁ ଚିକିତ୍ସକମାନେ ଘଟଣାସ୍ଥଳକୁ ଯାଇଥିଲେ। ମୃତ ହାତୀ ଶାବକର ନମୁନା ସଂଗ୍ରହ କରାଯାଇଛି। ନମୁନା ପରୀକ୍ଷା ପାଇଁ ଓୟୁଏଟି ପଠାଯାଇଛି। ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।ରାଜ୍ୟରେ ବିଗତ ଏକ ସପ୍ତାହ ମଧରେ ବିଭିନ୍ନ ସ୍ଥାନରେ ହାତମାନଙ୍କର ମୃତ୍ୟୁ ହୋଇଛି। ହାତୀମାନଙ୍କ ମୃତ୍ୟୁ ପାଇଁ କିଛି ଘଟଣା ମନୁଷ୍ୟ କୃତ ବୋଲି ଜଣାପଡ଼ିଛି ସେହିପରି ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହୋଇଥିବା ହାତୀମାନେ ଅଘଟଣର ଶିକାର ମଧ ହୋଇଛନ୍ତି।

# ଅନିଶ୍ଚିତତାରେ ଝୁଲୁଛନ୍ତି ଛଅ ଶହ କର୍ମଚାରୀ

ଭୁବନେଶ୍ୱର,(ତଥ୍ୟ): ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧିନରେ ଥିବା ପୌରସଂସ୍ଥା ଓ ବିଭିନ୍ନ ପ୍ରକଳ୍ପରେ କାର୍ଯ୍ୟରତ ୬୦୦ରୁ ଅଧିକ ଠିକା କର୍ମଚାରୀ (ପ୍ରଫେସନାଲ) ଏବେ ଅନିଶ୍ଚିତତାରେ ଝୁଲି ରହିଛନ୍ତି । ଦୁଇ ମାସ ଧରି ପାଉଣା ପାଉନଥିବାବେଳେ କାମ କିନ୍ତୁ ନିୟମିତ ଭାବେ ଜାରି ରଖିଛନ୍ତି । ଏହି କର୍ମଚାରୀମାନେ ବିନା ପାଉଣାରେ କେତେ ଦିନ କାମ କରିବେ ଓ ଅଗାମୀ ଦିନରେ ଏମାନେ କାର୍ଯ୍ୟ କରିବେ କି ନାହିଁ ତାହା ଏବେ ବଡ ପ୍ରଶ୍ନ ହେଲାଣି ।

ରାଜ୍ୟର ବିଭିନ୍ନ ପୌରସଂସ୍ଥାରେ ଚଳାଯାଉଥିବା ଉନ୍ନୟନମୂଳକ କାର୍ଯ୍ୟର ସମ୍ପାଦନ ଓ ତଦାରଖ ପାଇଁ ୬୦୦ରୁ ଅଧିକ କର୍ମଚାରୀ ନିଯୁକ୍ତି ହେଇଛନ୍ତି । ଏମାନେ ବିଭିନ୍ନ ସଂସ୍ଥା ଜରିଆରେ ନିଯୁକ୍ତ ହୋଇଥିବାବେଳେ ସମ୍ପୃକ୍ତ ସଂସ୍ଥାଗୁଡିକ ଏଥିପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସହିତ ରାଜିନାମା କରିଥିଲେ । ତେବେ ଏହି ରାଜିନାମା ୨୦୨୩ ସେପ୍ଟେମ୍ବର ମାସରୁ ସରିଥିବାବେଳେ କାର୍ଯର ଗୁରୁତ୍ୱକୁ ଉପଲବ୍ଧି କରି ସରକାର ୬ମାସ କରି ଦୁଇ ପର୍ଯାୟରେ ଚୁକ୍ତି ଅବଧି ବୃଦ୍ଧି କରିଥିଲେ । ତଦନୁଯାୟୀ ଚଳିତବର୍ଷ ସେପ୍ଟେମ୍ବର ୩୦ ତାରିଖରେ ସମ୍ପ୍ରସାରିତ ଚୁକ୍ତି ଅବଧି ଶେଷ ହୋଇଛି ।

ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ କାର୍ଯ କରିଥିବା ଏହି ଠିକା କର୍ମଚାରୀମାନେ ଅକ୍ଟୋବର ପ୍ରଥମରେ ସେମାନଙ୍କର ପାଉଣା ପାଇବାକଥା । ହେଲେ ଏମାନଙ୍କର ନିଯୁକ୍ତିଦାତା ଦୁଇଟି ସଂସ୍ଥା ସିଇଡି ଓ ଭେଞ୍ଚର ସେମାନଙ୍କୁ ପାଉଣା ନଦେଇ ବିଭିନ୍ନ ପ୍ରକାର ହିସାବ ମାଗିଥିବା ଜଣାଯାଇଛି । ଏଣେ କିନ୍ତୁ ଏହି ଛଅଶହ କର୍ମଚାରୀ ବିନା ପାଉଣାରେ ଏବେ ବି ପୌରସଂସ୍ଥାଗୁଡିକରେ ପୂର୍ବଭଳି ସେମାନଙ୍କର କାର୍ଯ୍ୟ ଜାରି ରଖିଛନ୍ତି । ତେବେ ଏହା କେତେଦିନ ଜାରି ରହିବ ତାହା ପ୍ରଶ୍ନବାଚୀ ହେଲାଣି । କାରଣ ସହରାଞ୍ଚଳରେ ଘରଭଡା ନେଇ ପିଲାଛୁଆଙ୍କୁ ଧରି ରହୁଥିବା ଏହି ସ୍ୱଳ୍ପ ବେତନଭୋଗୀ କର୍ମଚାରୀମାନେ ବିନା ପାଉଣାରେ କେତେଦିନ ଚଳିବେ ତାହା କହିବା କଷ୍ଟକର ।

ଏଣେ କିନ୍ତୁ ମାଗଣାରେ ଖଟୁଥିବା ଏହି କର୍ମଚାମାନେ ଚାକିରି ଛାଡିଦେଲେ ପୌରାଞ୍ଚଳରେ ବିଭିନ୍ନ ପ୍ରକଳ୍ପ ଅଧାରେ ଅଟକିବା ସହିତ ଅଚଳ ହୋଇଯିବ ବୋଲି କେତେ ପୌରସଂସ୍ଥା ନଗର ଉନ୍ନୟନ ବିଭାଗକୁ ଅବଗତ କରିସାରିଲେଣି । ଉଲ୍ଲେଖନୀୟ ଯେ ବିଭିନ୍ନ ପୌରସଂସ୍ଥାରେ ମୁକ୍ତା ସହିତ ଆହାର ଓ ବିଜୁଳି ଏବଂ ଅନେକ ଦାରିଦ୍ର୍ୟ ଦୂରୀକରଣ ଯୋଜନା କାର୍ଯକାରୀ ହେଉଛି । ଏଥିରେ ଅନେକ ଯୋଜନା ଦୀର୍ଘମିଆଦୀ ଭିରେ ସରକାର ଚଳାଉଛନ୍ତି । ଏହିସବୁ କାର୍ଯ୍ୟର ଦାୟିତ୍ୱ ପ୍ରଫେସନାଲମାନଙ୍କ ଉପରେ ରହିଛି ।

ପୌରାଞ୍ଚଳର ବିକାଶ ପାଇଁ ବ୍ୟୟ ହେଉଥିବା ଅର୍ଥର ସିଂହଭାଗ କେନ୍ଦ୍ର ସରକାର ଜାତୀୟ ସହରାଞ୍ଚଳ ଜୀବିକା ମିଶନ (ଏନୟୁଏଲଏମ) ଯୋଜନା ଜରିଆରେ ଯୋଗାଇଥାନ୍ତି । ବର୍ତ୍ତମାନ ଏହି ଯୋଜନାର ଦ୍ୱିତୀୟ ପର୍ଯାୟ ବିଭିନ୍ନ ରାଜକୁ ମୁରୀ ହେବ । ତେବେ ଓଡିଶାକୁ ଏ ସଂକ୍ରାନ୍ତୀୟ ଅନୁମତି ପହ✻ନଥିବାରୁ ସରକାର ଏକ ପ୍ରକାର ହାତଟେକି ଦେଇଛନ୍ତି । ତେବେ ପୂର୍ବରୁ ଏଭଳି ସ୍ଥିତିରେ ବିଭାଗର ଦକ୍ଷ ଅଧିକାରୀମାନେ କୌଣସି ପ୍ରକାରେ କାମ ଚଳାଇ ନେଉଥିବାବେଳେ ଏବେ କିନ୍ତୁ ବିଚିତ୍ର ସ୍ଥିତି ଉପୁଜିଛି । ଗୋଟିଏ ପଟେ ଛଅଶହ କର୍ମଚାରୀ ବିନା ପାଉଣାରେ ଖଟୁଥିବାବେଳେ ଅନପଟେ ଏହି ପ୍ରକଳ୍ପଗୁଡିକ ସହ ଜଡିତ ଅଧିକାରୀମାନେ କୌଣସି ନିଷ୍ପି ନେଇପାରୁ ନାହାନ୍ତି । ତେଣେ କାମ କରିଥିବା ଦିନର ପାଉଣା ଏହି କର୍ମଚାରୀମାନେ କିଭଳି ପାଇବେ ସେ ନେଇ ମଧ ବିଭାଗ କୌଣସି ପଦକ୍ଷେପ ଗ୍ରହଣ ନକରିବା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି ।

# ଡାଲି ଉତ୍ପାଦନ – ୨୦ବର୍ଷରେ ୨ଗୁଣ ହେଲାନି

ଭୁବନେଶ୍ୱର,(ତଥ୍ୟ): ରାଜରେ ହରଡ ଡାଲି କିଲୋ ୧୭୫ ଟଙ୍କା ଟପିଥିବାବେଳେ ତାହା ସହିତ ତାଳ ଦେଇ ମୁଗ, ମସୁର, କୋଳଥ ଆଦି ଡାଲି ଦର ବଢିବାରେ ଲାଗିଛି । ଡାଲି ପାଇଁ ଓଡିଶା ସର୍ବଦା ଅନ ରାଜ ଉପରେ ନିର୍ଭରଶୀଳ ହେଉଥିବାବେଳେ ଓଡିଶାରେ ଡାଲି ଉତ୍ପାଦନ ଗତ ୨୦ବର୍ଷ ମଧରେ ଦୁଇଗୁଣା ବି ବଢିପାରିନାହିଁ ।

ସରକାରୀ ହିସାବ ଅନୁଯାୟୀ ରାଜରେ ଡାଲି ଜାତୀୟ ଶସ ଉତ୍ପାଦନ ୨୦୦୩-୦୪ ରେ ୬୨୨ ହଜାର ମେଟ୍ରିକ ଟନରୁ ସାମାନ ଅଧିକ ରହିଥିବାବେଳେ ୨୦୨୨-୨୩ ବର୍ଷରେ ଏହା ୧୦୭୪ ହଜାର ମେଟ୍ରିକ ଟନରୁ ସାମାନ ଅଧିକ ରହିଛି । କୋଡିଏ ବର୍ଷ ଭିତରେ ଡାଲି ଉତ୍ପାଦନ ରାଜରେ ଦୁଇଗୁଣା ବି ହୋଇପାରି ନାହିଁ ।

ଏହି ସୂଚନା ଅନୁଯାୟୀ ୨୦୧୨-୧୩ ବର୍ଷରେ ରାଜରେ ଡାଲି ଉତ୍ପାଦନ ପରିମାଣ ୧୦୩୬ ହଜାର ମେଟ୍ରିକ ଟନକୁ ଟପିବା ସହିତ ଲଗାତାର ତିନିବର୍ଷ ଅର୍ଥାତ ୨୦୧୪-୧୫ ପର୍ଯ୍ୟ ଏହାର ଉତ୍ପାଦନ ୧୦ଲକ୍ଷ ମେଟ୍ରିକ ଟନ ଉପରେ ରହିଥିଲା । କିଂ ପରବର୍ତୀ ଦୁଇ ବର୍ଷରେ ଏହାର ଉତ୍ପାଦନ ହଜାରେ ଏହା ହ୍ରାସ ପାଇଥିଲା । ୨୦୧୭-୧୮ ରୁ ୨୦୨୨-୨୩ ପର୍ଯ୍ୟ ରାଜରେ ଡାଲି ଉତ୍ପାଦନ ଏକ ପ୍ରକାର ସ୍ଥିର ରହିବା ସହିତ ଏହା ୧୦ଲକ୍ଷ ମେଟ୍ରିକ ଟନକୁ ଟପିପାରୁ ନଥିବା ଜଣାଯାଇଛି ।

ତେବେ ରାଜରେ ଡାଲି ଚାଷ ପାଇଁ ଅତନ୍ତ ଅନକୂଳ ପରିବେଶ ରହିଥିବା ଏବଂ ସରକାର ଡାଲି ଚାଷ ପାଇଁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦେଉଥିବାବେଳେ ଡାଲି ଚାଷ ପ୍ରତି କିନ୍ତୁ ବିଶେଷ ଆଗ୍ରହ ପ୍ରକାଶ ପାଉନାହିଁ । ଗାଁ ଗହଳରେ ଚାଷୀମାନେ ମୁଗ, ବିରି, କୋଳଥ ଭଳି ଡାଲିଜାତୀୟ ଶସକୁ ପାରମ୍ପରିକ ଭାବେ ଚାଷ କରୁଥିବାବେଳେ ବହୁଳ ଭାବେ ବବହାର ହେଉଥିବା ହରଡ ଡାଲି ଚାଷପ୍ରତି ସେତେଟା ଆଗ୍ରହ ପ୍ରକାଶ କରୁନାହାନ୍ତି ।

ରାଜରେ ଯେଉଁ କେତେକ ଜିଲ୍ଲାରେ ବି ହରଡ ଡାଲି ଚାଷ କରାଯାଉଛି ଅମଳ ସମୟରୁ ତାହାକୁ ଅନ ରାଜର ବବସାୟୀମାନେ ଖରିଦ କରି ନେଉଛନ୍ତି । ରାଜରେ ଉନ୍ନତମାନର ଡାଲି ପ୍ରକ୍ରିୟାକରଣ କେନ୍ଦ୍ର ନଥିବାରୁ ଚାଷୀମାନେ ବାଧହୋଇ ଅଳ୍ପଦାମରେ ହରଡକୁ ଅନ ରାଜର ବେପାରୀଙ୍କ ହାତରେ ଟେକି ଦେଉଛନ୍ତି ଓ ସେହି ଡାଲି ସେଠାରେ ପ୍ରକ୍ରିୟାକରଣ ହୋଇ ଆସିବାପରେ ତାହାକୁ ତିନି ରୁ ଚାରିଗୁଣା ଅଧିକ ଦରରେ ଖରିଦ କରିବାକୁ ବାଧ ହେଉଛନ୍ତି ।

ସେହିଭଳି ମୁଗ ଓ କୋଳଥ ଡାଲିର ଚାହିଦା ଥିଲେ ମଧ ଚାଷୀମାନେ ବବସାୟିକ ମନୋଭାବ ନେଇ ତାହାକୁ ଚାଷ କରିବାକୁ ଆଗେଇ ଆସୁ ନାହାଁ । କାରଣ ଗୋଟିଏ ପଟେ ଧାନ ଭଳି ସରକାର ଡାଲିଜାତୀୟ ଶସକୁ ସୁବିଧାରେ ବିକ୍ରିବଟା ପାଇଁ ଯୋଜନା କରିନଥିବାବେଳେ ଅନ ପଟେ ହରଡ ଭଳି ମୁଗ ଓ କୋଳଥକୁ ମଧ ଅନ ରାଜର ବବସାୟୀମାନେ କମ ଦରରେ ଓଡିଶାରୁ ନେଇ ତାହାକୁ ପ୍ରକ୍ରିୟାକରଣ କରି ଛାଡୁଛନ୍ତି ।

ତେବେ ଓଡିଶା ଭଳି କୃଷି ପ୍ରଧାନ ରାଜରେ ଡାଲି ଚାଷ ପ୍ରତି ସେତେଟା ଗୁରୁତ୍ୱ ଦିଆନଯିବା ଫଳରେ ଅନ ରାଜର ଡାଲି ବବସାୟୀମାନେ ଓଡିଶାରୁ ବର୍ଷକୁ କୋଟି କୋଟି ଟଙ୍କା ମୁନାଫା ନେଇ ଯାଉଛନ୍ତି ଓ ରାଜର ଖାଉଟିମାନେ ବର୍ଷସାରା ଅନ ରାଜ ଉପରେ ନିର୍ଭର କରୁଛନ୍ତି । ମୋଟାମୋଟି ଭାବେ ଓଡିଶାରେ ଡାଲି ଦରକୁ ଅନ ରାଜର ବବସାୟୀମାନେ ନିୟନ୍ତ୍ରଣ କରୁଥିବାବେଳେ ଖାଉଟି ଓ ପ୍ରଶାସନ ଏକ ପ୍ରକାର ମୂକଦର୍ଶକ ସାଜିବାକୁ ବାଧ ହେଉଛନ୍ତି ।








ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ଜଣେ ଚାଷୀ ଗର୍ଭଣା ସଂକ୍ରାନ୍ତିରେ ନିଜ ଧାନ କ୍ଷେତରେ ଖିରି ରାନ୍ଧୁଛନ୍ତି

# ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା

ସାକ୍ଷୀଗୋପାଳ ,(ସବ୍ୟୁ) :ମା ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଚଳଚଞ୍ଚଳ ସତ୍ୟବାଦୀ ଏବଂ ଏହାର ଆଖ ପାଖ ଅଞ୍ଚଳ । । ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଶତାଧିକ ସ୍ଥାନରେ ମା ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତିକୁ ସୁସଜ୍ଜିତ ପୂଜା ମଣ୍ଡପ ମାନଙ୍କରେ ସ୍ଥାପନ କରାଯାଇ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଉଛିଛ ସାକ୍ଷୀଗୋପାଳ ବଡ଼ବଜାର ଗଜଲକ୍ଷ୍ମୀ ପୂଜା କମିଟି, ଗୋପାଳପୁର ପାଟଣା ଲକ୍ଷ୍ମୀପୂଜା କମିଟି,ମନ୍ଦିର ସିଂହଦ୍ୱାର, ସେବକସାହି, ଜୟପୁର, ଅଲଗୁମ,ଚଉଦଗୁଣ୍ଡ,ବସନ୍ତମାଳ,ଜିପୁର, ଡାହାଣ କୁମ୍ଭାରପଡ଼ା,ଶୁକଳ ଛକ, ସାରଙ୍ଗଯୋଡି, ବଡ଼ କାଞ୍ଜିଆ, ସାନ କାଞ୍ଜିଆ, ଉଆଁସ ଡିହ ଶ୍ରୀ ଶ୍ରୀ କୋଶଳେଶ୍ୱର ଦେବଙ୍କ ମନ୍ଦିର ନିକଟରେ ଓ କାଦୁଆ ଛକ ସମେତ ଶତାଧିକ ସ୍ଥାନରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଅନୁଷ୍ଠିତ ହୋଇଯାଇଛି। ମା'ଙ୍କୁ ଦର୍ଶନ କରିବା ପାଇଁ ପୂଜା ମଣ୍ଡପ ମାନଙ୍କରେ ଶ୍ରଦ୍ଧାଳୁ ମାନଙ୍କର ଭିଡ଼ ପରିଲକ୍ଷିତ ହୋଇଛି। ଆୟୋଜକ ମାନଙ୍କ ପକ୍ଷରୁ ପୂଜା ମଣ୍ଡପ ସମ୍ମୁଖରେ ପ୍ରତ୍ୟହ ସନ୍ଧ୍ୟାରୁବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଆୟୋଜିତ ହୋଉଥିବା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶ୍ରଦ୍ଧାଳୁ ମାନେ ମନଭରି ଉପଭୋଗ କରୁଛନ୍ତି। ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ସାଣ୍ଡରା ଶାସନର ଗୌଡହାଟ ଗ୍ରାମର ବରୁଣେଇ ଯୁବକ ସଂଘ ପକ୍ଷରୁ ସପ୍ତମ ବାର୍ଷିକ ଗଜଲକ୍ଷ୍ମୀ ପୂଜା ବହୁ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ଅବସରରେ ମାତୃ ପୂଜା, ଗ୍ରହ ପୂଜା, ଲକ୍ଷ୍ମୀ ଆବାହନ,ହୋମ, ପ୍ରଦୀପ ପ୍ରଜ୍ୱଳନ କରିବା ସହ ସନ୍ଧ୍ୟାଆଳତୀ ଓ ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିବା ସହ ଆଶିଷ ଗ୍ରହଣ କରିଥିଲେ ।




# ବୈଷ୍ଣବ ପାଣି ଗବେଷଣା ପରିଷଦ ପକ୍ଷରୁ ଗଣକବିଙ୍କ ଜୟନ୍ତୀ



କଟକ,(ସବ୍ୟୁ): ଗଣକବି ବୈଷ୍ଣବ ପାଣି ଗବେଷଣା ପରିଷଦ ପକ୍ଷରୁ ଗୁରୁବାର ସକାଳେ ଗଣକବିଙ୍କ ୧୪୨ତମ ଜୟନ୍ତୀ କଟକସ୍ଥ ଖାନନଗର ପାର୍କରେ ପାଳିତ ହୋଇଅଛି । ଏହି ଅବସରରେ ଗଣକବିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା–ସୁମନ ଅର୍ପଣ କରାଯାଇଥିଲା । ଅନୁଷ୍ଠାନର ଆବାହକ ଆଇନଜୀବୀ (ଇଂ) ଆକାଶ ଭୂୟାଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର୍ ବାବାଜୀ ଚରଣ ପଟ୍ଟନାୟକ, ମହାନଦୀ ବିହାର ଡେଭଲପମେଣ୍ଟ ଆସୋସିଏସନର ସଭାପତି ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ ଯୋଗଦେଇ ଗଣକବିଙ୍କ ଅମର ପ୍ରତିଭା ସମ୍ପର୍କରେ ଆଲୋଚନା କରିବା ସହ ଗଣକବିଙ୍କୁ ଚିରପ୍ରଦିପ୍ତ ଏକ ଜାଗ୍ରତ ଚେତନା ଭାବରେ ଅଭିହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ବିଚିତ୍ରାନନ୍ଦ ପଣ୍ଡା, ପ୍ରହଲ୍ଲାଦ ଚନ୍ଦ୍ର ମହାନ୍ତି, ପ୍ରାଧ୍ୟାପକ ଡଃ ଶେଖ୍ କଲ୍ଲିମୁଲା, ଆଇନଜୀବୀ ଅନ୍ନପୂର୍ଣ୍ଣା ସାହୁ, ନାରୀନେତ୍ରୀ ମୋନାଲିସା ଦାଶ୍, ପ୍ରକାଶ କୁମାର ମୁଦୁଲି, ବିଭୁ ପ୍ରସନ୍ନ ମହାପାତ୍ର, ସ୍ୱାଧୀନ ମହାପାତ୍ର, ସୌତି ସୁନ୍ଦର ମଲ୍ଲିକ, ଆଇନଜୀବୀ ଅମୂଲ୍ୟ କୁମାର ସାହୁ, ଦିବ୍ୟ ଜୀବନ ମିଶ୍ର ପ୍ରମୁଖ ଗଣକବିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନୁଷ୍ଠାନ ପକ୍ଷରୁ ସମାଜସେବୀ ଭୁବନାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଭାତ ସାମନ୍ତରାୟଙ୍କ ବିୟୋଗରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କ ଶୋକ

ଭୁବନେଶ୍ୱର,(ସବ୍ୟୁ):ପୂର୍ବତନ କେନ୍ଦ୍ରାପଡ଼ା ସାଂସଦ ପ୍ରଭାତ ସାମନ୍ତରାୟଙ୍କ ବିୟୋଗରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକବାର୍ତ୍ତାରେ ସେ କହିଛନ୍ତି ଯେ, ପ୍ରଭାତ ସାମନ୍ତରାୟଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ । ୧୯୯୮ ଓ ୧୯୯୯ ମସିହାରେ କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନ ମଣ୍ଡଳୀରୁ ସାଂସଦ ଭାବେ ନିର୍ବାଚିତ ହୋଇ ରାଜ୍ୟ ତଥା ରାଜ୍ୟବାସୀଙ୍କ ବହୁ ସମସ୍ୟା ଲୋକସଭାରେ ଉତ୍ଥାପନ କରିଥିଲେ । ତାଙ୍କ ବିୟୋଗରେ ରାଜ୍ୟ ରାଜନୀତିରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ପ୍ରଭାତ ସାମନ୍ତରାୟଙ୍କ ଜୀବନାଦର୍ଶ ଉତ୍ତରପିଢିଙ୍କୁ ରାଜନୀତିରେ ନିଜର କ୍ୟାରିଅର ଗଢିବା ପାଇଁ ନିଶ୍ଚିତରୂପେ ପ୍ରେରଣା ଯୋଗାଇବ । ଏହି ଦୁଃଖଦ ସମୟକୁ ସାମନା କରିବାକୁ ପ୍ରଭୁ ତାଙ୍କ ପରିବାରବର୍ଗଙ୍କୁ ଶକ୍ତି ପ୍ରଦାନ କରନ୍ତୁ । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସେ ଗଭୀର ସମବେଦନା ଜ୍ଞାପନ କରିଛନ୍ତି ।

# ଓଇଏସ୍ ପରିବେଶ ପୁରସ୍କାର ଘୋଷିତ



ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ପରିବେଶ ସମିତି (ଓଇଏସ୍) ଅକ୍ଟୋବର ୨୫ରେ ଏହାର ୪୩ତମ ପ୍ରତିଷ୍ଠା ଦିବସ ପାଳନ କରିବା ଅବସରରେ ପରିବେଶ ସୁରକ୍ଷା ଏବଂ ସଂରକ୍ଷଣର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା କେତେକ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନ ଜନକ ପୁରସ୍କାର ପ୍ରଦାନ କରିବ । ଓଇଏସର କାର୍ଯ୍ୟନିର୍ବାହୀ କମିଟି ଏହାର ସଭାପତି ଡ. ସୁନ୍ଦର ନାରାୟଣପାତ୍ରଙ୍କ ଅଧ୍ୟକ୍ଷତାରେ ଗୃହୀତ ନିଷ୍ପତ୍ତିରେ ଦର୍ଶାଇଛି ଯେ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥଙ୍କୁ ପରିବେଶ କ୍ଷେତ୍ରକୁ ସାମଗ୍ରିକ ଅବଦାନ ନିମନ୍ତେ 'ଆଜୀବନ କୃତି ପୁରସ୍କାର' ପ୍ରଦାନ କରାଯିବ । ଭାରତ ସରକାରଙ୍କର ପରିବେଶ ମନ୍ତ୍ରଣାଳୟର ପୂର୍ବତନ ପରାମର୍ଶ ଦାତା ଡ. ବୀରେନ୍ଦ୍ର ପ୍ରତାପ ଉପାଧ୍ୟାୟଙ୍କୁ 'ପରିବେଶ ଉତ୍କର୍ଷତା ପୁରସ୍କାର'ରେ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନର ପୂର୍ବତନ ମୁଖ୍ୟ ପ୍ରଫେସର ଅଜୟ କୁମାର ପାତ୍ର 'ଜନପ୍ରିୟ ପରିବେଶ ଏବଂ ବିଜ୍ଞାନ ପୁରସ୍କାର'ରେ ଭୂଷିତ ହେବେ । ସେହିପରି ଡେରାଡୁନସ୍ଥ ଭାରତୀୟ ବନ୍ୟଜନ୍ତୁ ପ୍ରତିଷ୍ଠାନର ପ୍ରଫେସର ବିଭାଶ ପାଣ୍ଡବଙ୍କୁ 'ପ୍ରକୃତି ସଂରକ୍ଷଣ ପୁରସ୍କାର' ଏବଂ ନିତିଦିନ ଖବର କାଗଜର ସହଯୋଗୀ ସମ୍ପାଦକ ହରେକୃଷ୍ଣ ଚୌଧୁରୀଙ୍କୁ 'ପରିବେଶ ସମ୍ବାଦରେ ଉତ୍କର୍ଷତା ପୁରସ୍କାର' ପ୍ରଦାନ କରାଯିବ । ଏଥିସହ ପ୍ରଫେସର ଶରତ କୁମାର ପାଲିତ, ଡ. ଭି.ପି. ଉପାଧ୍ୟାୟ, ଡ. ନବିନ କୁମାର ଧଳ ଏବଂ ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ାଙ୍କୁ 'ଓଇଏସ୍‌ଫେଲୋ ଉପାଧି ପ୍ରଦାନ କରାଯିବ। ଆଇଆଇଟି ବମ୍ବେର ପୂର୍ବତନ ପ୍ରଫେସର କୃଷ୍ଣଚନ୍ଦ୍ର ସାହୁ,ଏମ୍‌ଏସସିବି ବିଶ୍ୱବିଦ୍ୟାଳୟର ପ୍ର. ପୁଷ୍ପାଞ୍ଜଳି ପରିଡ଼ା, ପର୍ଶୁରାମ ପଣ୍ଡା ଏବଂ ତାପସ ରଞ୍ଜନ ମଲ୍ଲିକ 'ଓଇଏସ ପୃଷ୍ଠ ପୋଷକ'ଭାବରେ ମାନ୍ୟତା ପାଇବେ । ଏହି ଅବସରରେ ପାଞ୍ଚଜଣ ବରିଷ୍ଠ ଆଜୀବନ ସଦସ୍ୟ ଏକାଦାଶି ନନ୍ଦୀ, ବିଶ୍ୱନାଥ ପୁହାଣ, ପ୍ରକାଶଚନ୍ଦ୍ର ମିଶ୍ର, ସ୍ୱପ୍ନା ବେହେରା ଏବଂ ରାମନାରାୟଣ ଗୁପ୍ତାଙ୍କୁ ମଧ୍ୟ ସମ୍ମାନିତ କରାଯିବ । ଏହି କାର୍ଯ୍ୟକ୍ରମରେ ଓଡିଶାର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମସିଂ ଖୁଣ୍ଟିଆ ମୁଖ୍ୟଅତିଥି ରୂପେ ଏବଂ ପିସିସିଏଫ୍ ଏବଂ ଜଙ୍ଗଲ ବଳର ମୁଖ୍ୟ ଦେବିଦତ୍ତ ବିଶ୍ୱାଳ ମୁଖ୍ୟବକ୍ତା ରୂପେ ଯୋଗଦାନ କରିବାକୁ ସହମତି ପ୍ରଦାନ କରିଛନ୍ତି । ଓଇଏସର ସମ୍ପାଦକ ଡ଼. ଜୟକୃଷ୍ଣ ପାଣିଗ୍ରାହୀ ଏକପ୍ରେସ ବିବୃତ୍ତି ମାଧ୍ୟମରେ ଏହାପ୍ରକାଶ କରିଛନ୍ତି ।

# ଓଡ଼ିଶାର ଓଏସ୍‌ଏସ୍‌ଏସ୍‌ସି ଦ୍ୱାରା କମ୍ପ୍ୟୁଟର ଆଧାରିତ ନିଯୁକ୍ତି ପରୀକ୍ଷା ସମ୍ବନ୍ଧୀୟ ଅଭିଯୋଗ ସମ୍ପର୍କରେ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ଦ୍ୱାରା କମ୍ପ୍ୟୁଟର ଆଧାରିତ ନିଯୁକ୍ତି ପରୀକ୍ଷା ୨୦୨୪ ପଦବୀ ସିଆର୍‌ଇ୧୧–୩ ଯଥା ୨୦୨୪ ପଦବୀ ଯଥା ଏଲ୍‌ଆଇ/ଫରେଷ୍ଟର, ଫରେଷ୍ଟଗାର୍ଡ ଏବଂ ସିଆର୍‌ଇ–୪ ଅଫ୍ ୨୦୨୪ ପଦବୀ ଯଥା ଆର୍‌ଆଇ/ଏଆରଆଇ, ଅମୀନ/ ଆଇସିଡିଏସ୍ ସୁପର ଭାଇଜର/ଏସ୍‌ଏଫ୍‌ଏସ୍‌ଏସ ସମ୍ବନ୍ଧୀୟ ପରୀକ୍ଷାର ପବିତ୍ରତା ସହ ସାଲିସ ହୋଇଥିବା କିଛି ପରୀକ୍ଷାର୍ଥୀଙ୍କ ଠାରୁ ଅଭିଯୋଗ ପ୍ରାପ୍ତି ହୋଇଛି, ଯାହା ଏହି ପଦବୀ ପାଇଁ ନିରପେକ୍ଷ ଏବଂ ମେଧାଭିତ୍ତିକ ଚୟନକୁ ପ୍ରଭାବିତ କରୁଛି । ରାଜ୍ୟ ସରକାର ଏହି ବିଷୟକୁ ଅତି ଗୁରୁତ୍ୱ ସହ ବିଚାରକୁ ନେଇଛନ୍ତି ଏବଂ ସମସ୍ତ ପରୀକ୍ଷାର୍ଥୀଙ୍କ ପାଇଁ ଏକ ନିରପେକ୍ଷ ଓ ସ୍ୱଚ୍ଛ ନିଯୁକ୍ତି ପରୀକ୍ଷା କରିବାପାଇଁ ପ୍ରତିବଦ୍ଧ । ରାଜ୍ୟ ସରକାର ଏହି ଅଭିଯୋଗ/ ଆରୋପ ଗୁଡିକୁ ସରକାରଙ୍କ ଉଚ୍ଚସ୍ତରୀୟ ଅଧିକାରୀଙ୍କ ଦ୍ୱାରା ତର୍ଜମା କରୁଅଛନ୍ତି । ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ଦ୍ୱାରା ପରିଚାଳିତ ଉକ୍ତ ପରୀକ୍ଷା ଗୁଡିକର ପରିଚାଳନାର ସମସ୍ତ ଦିଗ ତଥା ପ୍ରାସଙ୍ଗିକ ପରିସଂଖ୍ୟାନକୁ ତର୍ଜମା କରାଯାଉଅଛି ଏବଂ ସରକାରଙ୍କ ଦ୍ୱାରା ଅତି ଶୀଘ୍ର ସମୁଚିତ ନିଷ୍ପତ୍ତି ନିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି ।

# କର୍କଟ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ସମ୍ ହସ୍ପିଟାଲ୍‌ରେ କେମୋଥେରାପି ଚିକିତ୍ସା ଆରମ୍ଭ



ଭୁବନେଶ୍ୱର,(ସବ୍ୟୁ): ଦକ୍ଷିଣ ଓଡ଼ିଶାରେ ଉନ୍ନତ ମାନର ଅତ୍ୟାଧୁନିକ କର୍କଟ ଚିକିତ୍ସା ନିମନ୍ତେ ବ୍ରହ୍ମପୁରର ଶୀତଳାପଲ୍ଲୀ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ–କ୍ୟାମ୍ପସ ୩ରେ କର୍କଟ ରୋଗୀମାନଙ୍କ ନିମନ୍ତେ କେମୋଥେରାପି ଚିକିତ୍ସା ପ୍ରଦାନ ଆରମ୍ଭ କରାଯାଇଛି ।

ଏହି ପ୍ରୟାସ ଆରମ୍ଭ ହେବା ଦ୍ୱାରା ସଂପୃକ୍ତ ଅଞ୍ଚଳର ରୋଗୀମାନଙ୍କୁ ଦୂରସ୍ଥାନକୁ ଯିବାକୁ ପଡ଼ିବ ନାହିଁ । ସେମାନଙ୍କ ପରିବାରର ଆର୍ଥିକ ବୋଝ ହ୍ରାସ ପାଇବା ସହ ସେମାନେ ନିଜ ଅଞ୍ଚଳରେ ହିଁ ଅତ୍ୟାଧୁନିକ କର୍କଟ ଚିକିତ୍ସା ପାଇପାରିବେ । ଏଠାରେ କେମୋଥେରାପି ଚିକିତ୍ସା ମିଳିବା ଦ୍ୱାରା ରୋଗୀମାନଙ୍କର ଯେ କେବଳ ସମୟ ଏବଂ ଟଙ୍କା ସଂରକ୍ଷିତ ହୋଇପାରିବ ତାହା ନୁହେଁ ବରଂ ଉପଯୁକ୍ତ ସମୟରେ ସେମାନେ ପ୍ରଭାବପୂର୍ଣ୍ଣ କର୍କଟ ଚିକିତ୍ସା ପାଇପାରିବେ । ଶୀତଳାପଲ୍ଲୀ ସ୍ଥିତ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ପ୍ରତ୍ୟେକ ଶନିବାର ଓ ରବିବାର ଦିନ ମାଗଣା କର୍କଟ ଚିକିତ୍ସାର ପରାମର୍ଶ ଦିଆଯାଉଛି । ଅଙ୍କୋଲୋଜି ମେଡିସିନ ବିଭାଗର ପରାମର୍ଶ ଶନିବାର ଆୟୋଜନ କରାଯାଉଥିବା ବେଳେ ଅଙ୍କୋଲୋଜି ସର୍ଜରୀ ବିଭାଗର ପରାମର୍ଶ ଶିବିର ରବିବାର ଦିନ ଉପଲବ୍ଧ ହେଉଛି । ରୋଗୀମାନଙ୍କୁ ଚିକିତ୍ସାର ଦିଗ, ଉପଦେଶ, ଅସ୍ତ୍ରୋପଚାର ଏବଂ କେମୋଥେରାପିର ଯୋଜନା ସମ୍ପର୍କରେ ଉପଯୁକ୍ତ ଦିଗଦର୍ଶନ ଦେବା ହିଁ ଏହି ମାଗଣା ପରାମର୍ଶ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ହସ୍ପିଟାଲ୍‌ର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ କହିଛନ୍ତି ।

ହସ୍ପିଟାଲ୍‌ର ଅଙ୍କୋଲୋଜି ଟିମ୍‌ରେ ଉଚ୍ଚ ଅନୁଭୂତି ସମ୍ପନ୍ନ ଡାକ୍ତରମାନେ ରହିଥିବା ବେଳେ ସେମାନେ ପ୍ରତ୍ୟେକ ରୋଗୀଙ୍କର ଚିକିତ୍ସା ଓ ଯତ୍ନ ନେଉଛନ୍ତି । ବର୍ତ୍ତମାନ କେମୋଥେରାପି ଚିକିତ୍ସା ଆରମ୍ଭ ହେବା ପରେ ରୋଗୀମାନେ କର୍କଟର ସମସ୍ତ ପ୍ରକାର ଚିକିତ୍ସା ଏଠାରେ ପାଇପାରିବେ ।

# ଥାନା ଘେରିଲେ ମଙ୍ଗଳାଯୋଡି ମହିଳା

ଟାଙ୍ଗୀ,(ସବ୍ୟୁ) : ଟାଙ୍ଗୀ ଥାନା ଅଧିନସ୍ଥ ମଙ୍ଗଳାଯୋଡି ଗ୍ରାମର ପ୍ରାୟ ଶତାଧିକ ମହିଳା ଗୁରୁବାର ଅପରାହ୍ନରେ ଟାଙ୍ଗୀ ଥାନା ପରିସରରେ ଗଣଧାରଣା ଦେଇଥିବା ଜଣାପଡିଛି ।ବନ୍ୟପ୍ରାଣୀ ବିଭାଗର ଏହି ଗ୍ରାମରେ ଥିବା ପ୍ରକୃତି ନିବାସର ପରିଚାଳନା ଦାୟିତ୍ୱକୁ ନେଇ ଏହି ଗ୍ରାମରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ଗ୍ରାମବାସୀମାନେ ସରକାରୀ ନିୟମ ମୁତାବକ ପରିବେଶ ଉନ୍ନୟନ କମିଟି ଗଠନ କରାଯାଇ ଏହାର ପରିଚାଳନା ଦାୟିତ୍ୱ ନ୍ୟସ୍ତ କରିବାକୁ ଦୀର୍ଘଦିନ ହେଲା ଦାବି କରିଆସୁଛନ୍ତି । ମାତ୍ର ବନ୍ୟପ୍ରାଣୀ ବିଭାଗ ତରଫରୁ ଏହାକୁ ଅଣଦେଖା କରିବା ସହିତ ଗ୍ରାମବାସୀ ତଥା ପଞ୍ଚାୟତକୁ ଅନ୍ଧାରରେ ରଖି ଏକ ନିର୍ଦ୍ଦିଷ୍ଟ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହାର ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରୁଥିବା ଜାଣିବା ପରେ ସରପଞ୍ଚ ମାନସ ରଂଜନ ସାମନ୍ତରାୟଙ୍କ ନେତୃତ୍ୱରେ ଗ୍ରାମର ମହିଳା ଓ ପୁରୁଷମାନେ ଏକତ୍ରିତ ହୋଇ ଗାନ୍ଧୀଜୟନ୍ତୀ ଠାରୁ ପ୍ରକୃତି ନିବାସରେ ତାଲା ପକାଇ ଗଣଧାରଣାରେ ବସି ରହିଛନ୍ତି । ଗଣଧାରଣାରେ ବସି ରହିଥିବା ମହିଳାଙ୍କୁ ଅସଦବ୍ୟବହାର କରାଯାଉଥିବା ନେଇ ବାଲି ଦେଇ ଓ ସୁକାନ୍ତି ବେହେରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅପରପକ୍ଷେ ବିଭିନ୍ନ ପ୍ରକାର ଧମକଚମକ ଓ ଋଣ ପ୍ରଦାନ କରାନଯିବା ନେଇ କହି ସାଧାକାଗଜରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦସ୍ତଖତ ନିଆଯଉଥିବା ଅଭିଯୋଗରେ ଥାନାରେ ଲିଖିତ ଏତଲା ପ୍ରଦାନ କରାଯାଇଛି ।ସାଧାକାଗଜରେ ଦସ୍ତଖତ ନେଇଥିବା ମହିଳା କର୍ମୀଙ୍କ ବିରୁଦ୍ଧରେ ଏତଲା ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ହେତୁ ଗୁରୁବାର ଦିନ ଶତାଧିକ ମହିଳା ଥାନାରେ ଗଣଧାରଣା ଦେଇ ବସି ରହିଛନ୍ତି । ଏହି ଘଟଣା ସଂପର୍କରେ ଥାନାଧିକାରୀ ସୁଶାନ୍ତ କୁମାର ବେହେରାଙ୍କୁ ଯୋଗାଯୋଗ କରିବାରେ ସେ ଉଭୟ ପକ୍ଷଙ୍କ ବିରୁଦ୍ଧରେ ୧୦୭ ଦଫା ଲାଗୁ କରିବେ ବୋଲି ସୂଚନା ଦେଇଥିଲେ।

# ଝୁମୁକା ପୂଜାସଂଖ୍ୟା ପାଠକାର୍ପିତ



ଭୁବନେଶ୍ୱର,(ସବ୍ୟୁ) : ଶିଶୁ ସାହିତ୍ୟ ପତ୍ରିକା ଝୁମୁକାର ଶାରଦୀୟ ବିଶେଷାଙ୍କ –୨୦୨୪ ପାଠକାର୍ପିତ ହୋଇଯାଇଛି। ଭୁବନେଶ୍ୱର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବାଦ ଓ ଆମ ଓଡ଼ିଶାର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ଶିଶୁ ସାହିତ୍ୟିକ ଦାଶ ବେନେହୁର, କଥାକାର ଗୌରହରି ଦାସ ପତ୍ରିକାକୁ ଉନ୍ମୋଚନ କରି ଦୀର୍ଘ ୩୮ବର୍ଷ ଧରି ଟୁମୁକାର ନିୟମିତ ପ୍ରକାଶନ ଏକ ପ୍ରଶଂସା ଯୋଗ୍ୟ ଉଦ୍ୟମ ବୋଲି କହିଥିଲେ। ପିଲାଙ୍କ ପାଇଁ ସମସ୍ତେ ଲେଖିବା ଉଚିତ । ଶିଶୁସାହିତ୍ୟିକମାନେ ହିଁ ଭାଷା ଓ ସାହିତ୍ୟକୁ ବଞ୍ଚାଇବାରେ ପ୍ରମୁଖ ଭୂମିକାଗ୍ରହଣ କରନ୍ତୁ ବୋଲି ସେ ମତ ପ୍ରକାଶ କରିଥିଲେ । ସେମାନେ କହିଥିଲେ ଶିଶୁସାହିତ୍ୟର ସାମଗ୍ରିକ ବିକାଶ ପାଇଁ ସରକାରଙ୍କ ଠାରୁ ଆରମ୍ଭକରି ସାଧାରଣ ସମାଜ ମଧ୍ୟ ଆଗ୍ରହୀ ହେବା ଉଚିତ । ପିଲାମାନଙ୍କ ପାଇଁ ସାହିତ୍ୟର ପ୍ରଚାର ,ପ୍ରସାର ଓ ପଠନ ଅଭ୍ୟାସ ବିକାଶ କ୍ଷେତ୍ରରେ ଆଲୋଚନା ଚକ୍ର, କର୍ମଶାଳା ର ଆୟୋଜନ କରାଯିବାକୁ ମତବ୍ୟକ୍ତ କରିଥିଲେ। ଏହି ଉନ୍ମୋଚନ ଉତ୍ସବରେ ଝୁମୁକା ସମ୍ପାଦକ ମାନସ ରଞ୍ଜନ ସାମଲ, ନରେନ୍ଦ୍ର ପ୍ରସାଦ ଦାସ,ମହେନ୍ଦ୍ର କୁମାର ମଲ୍ଲିକ, କମଳିନୀ ମଲ୍ଲିକ,ରେଖା ଦାସ,ବଙ୍କିମ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବିଶେଷ ସଂଖ୍ୟାକୁ ପ୍ରତିଭା ରାୟ, ଗୌରହରି ଦାସ,ଶାନ୍ତନୁ କୁମାର ଆଚାର୍ଯ୍ୟ,ମନୋରାମ ବିଶ୍ୱାଳ ମହାପାତ୍ର, ସଂଘମିତ୍ରା ଭଞ୍ଜ,ସଂଘମିତ୍ରା ଦାଶ,ରମେଶ ଚନ୍ଦ୍ର ପରିଡ଼ା, ଚିରଶ୍ରୀ ଇନ୍ଦ୍ର ସିଂ,ବଟକୃଷ୍ଣ ଓଝା, ସୁନାମଣି ରାଉତ,ନିତ୍ୟାନନ୍ଦ ସ୍ୱାଇଁ, ବିଳାସିନୀ ମହାନ୍ତି ପ୍ରମୁଖ ବହୁ ସଷ୍ଟା ସମୃଦ୍ଧ କରିଛନ୍ତି ।

# ଅହେତୁକ ପରିବା ଦର, ଚିନ୍ତାରେ ଖାଉଟି

## କାର୍ତ୍ତିକ ଆରମ୍ଭରୁ ଚୁଲିମୁଣ୍ଡେ ଦେଖିବାକୁ ମିଳୁନି କଞ୍ଚା ପରିବା



ଖୋର୍ଦ୍ଧା,(ସବ୍ୟୁ): ପରିବା ଦର ଆକାଶଛୁଆଁ ହୋଇଛି । ବଜାରରେ କେବଳ ଆଳୁକୁ ଛାଡିଦେଲେ ସମସ୍ତ ପରିବା କିଲୋ ପ୍ରତି ୫୦ଟଙ୍କାରୁ ଉର୍ଦ୍ଧ୍ୱରେ ପହଁଚିଛି । ଏହା ଏବେ ଖାଉଟିଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । କାର୍ତିକ ମାସ ପବିତ୍ର ମାସ ହୋଇଥିବାରୁ ଅଧିକାଂଶ ଲୋକଙ୍କ ଘରେ ଆମିଷ ବନ୍ଦ ହୋଇଯାଇଛି । ଏନେଇ ଲୋକେ ପରିବା ଉପରେ ଅଧିକ ନିର୍ଭରଶୀଳ ଥିବାବେଳେ ଏହାର ଦର ବଢ଼ି ଚାଲିଛି । ପ୍ରାୟ ସବୁ ପରିବା ଦର ଅହେତୁକଭାବେ ବଢ଼ିଚାଲିଛି ।ଚଢ଼ା ଦରକୁ ନେଇ ଅତିଷ୍ଠ ହୋଇଗଲେଣି ଖାଉଟି । ବଜାରରେ ପରିବା ଦର ହ୍ରାସ ନହେବା ଏବେ ଲୋକଙ୍କର ଚିନ୍ତାର କାରଣ ପାଲଟିଛି । ପରିବା ଉତ୍ପାଦନରେ ଜିଲ୍ଲାର ଚାଷୀ ଆବଶ୍ୟକତା ପୂରଣ କରିବାରେ ବିଫଳ ହୋଇଥିବାରୁ ବଜାରରେ ନିତ୍ୟ ବ୍ୟବହୃତ ପରିବା ଶାଗ, ସାରୁ, କନ୍ଦମୂଳ, କଂଚା କଦଳୀ, କଖାରୁ ପ୍ରଭୃତି ଚାହିଦା ମୁତାବକ ମିଳୁନି । ଖୋର୍ଦ୍ଧା ଉପକଣ୍ଠ ହଳଦିଆ ବାଇଗଣ, ପୁବୁସାହି ସାରୁ, ଅର୍ଜୁନପୁର ଶାଗ ଏବେ ବଜାରରୁ ପ୍ରାୟ ଉଭାନ ହୋଇଯାଇଛି ।

କେବଳ ଆଳୁ ଓ କଖାରୁକୁ ଛାଡ଼ିଦେଲେ ୩୫ତଳକୁ ପରିବା ନାହିଁ । ଫଳରେ ବର୍ତ୍ତମାନ ବଜାରରେ ଯେଉଁ ପରିସ୍ଥିତି ସୃଷ୍ଟି ହେଉଛି ଜଣେ ଦିନ ମଜୁରିଆ ଲଙ୍କା କିଣିବା ମଧ ଭୁଲିଗଲାଣି । ଆଳୁ ର ଦର ବଜାରରେ କିଲୋପ୍ରତି ୩୫–୪୦ ଟଙ୍କା ରହିଛି । ମାତ୍ର ପିଆଜ ଦର ଏବେ ଖୁଚୁରା ଦୋକାନ ରେ ୬୦ ଛୁଇଁଛି । ଜିଲ୍ଲାରେ ଚାହିଦା ଥିବା ବାଣପୁର ମାଳ ବାଇଗଣ ଏବେ ବଜାରରୁ ହଜିବାକୁ ବସିଛି । ବାଙ୍କୀ ତାଳବସ୍ତ ଚାଷୀ ବାଇଗଣ ଚାଷରୁ ମୁହଁ ଫେରାଇବାକୁ ବସିଥିବା ବେଳେ କୁମ୍ଭାରବସ୍ତରେ କଲରା ଚାଷି ଏବେ ହତାଶ । ପୁବୁସାହି ଓ ସରୁଆ ଅଞ୍ଚଳ ସାରୁ ଉତ୍ପାଦନ କମିବାରେ ଲାଗିଥିବା ବେଳେ ସାରୁ ଦର ଆକାଶ ଛୁଆଁ ହୋଇଛି । ମୋଟା ମୋଟି ଭାବେ ଦେଖିବାକୁ ଗଲେ ଉଦ୍ୟାନ କୃଷି ବିଭାଗ ସତଚେଷ୍ଟା ସୁଧା ଜିଲ୍ଲାରେ କଂଚା ପରିବା ଚାଷୀଙ୍କ ସଂଖ୍ୟା ହ୍ରାସ ପାଇଛି । ଯାହାର ସିଧା ସଳଖ ପ୍ରଭାବ ଖୋଲା ବଜାର ଉପରେ ପଡୁଛି । ଖୋଲାବଜାରରେ ବର୍ତମାନ ୬୦ ଟଙ୍କା ଉପରକୁ ରହିଛି ବାଇଗଣ । ଅଧିକାଂଶ ପରିବା ଦର ଏବେ ୬୦ଉପରେ ।ଖୋଲା ବଜାରରେ ବଜାରରେ ଟମାଟୋ କିଲୋ ପିଛା ୮୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଦେଶୀ ପୋଟଳ ୮୦, ଭେଣ୍ଡି ୮୦, କଲରା ୧୦୦, ଜହ୍ନି ୭୦, ବନ୍ଧାକୋବି–୭୦, ସେହିପରି ଝୁଡ଼ଙ୍ଗ ୧୦୦, କାକୁଡି ୬୦, ସଜନା ଛୁଇଁ ୧୬୦, ଆଳୁ ୩୦–୩୫ ଏବଂ ପିଆଜ ୬୦ ଟଙ୍କାରେ ବିକ୍ରି ହେଉଛି । ଜିଲ୍ଲାରେ କଂଚାପରିବା ଉତ୍ପାଦନ କମିବା ପଛରେ କଣ' କାରଣ ରହିଛି ତାହା ଉପରେ କୃଷି ବିଭାଗ ସମୀକ୍ଷା କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବି ମହଲରୁ ମତ ପ୍ରକାଶ ପାଇଛି ।

# ୧୭ ଗ୍ରାମ ବ୍ରାଉନ୍‌ସୁଗର ଜବତ, ୩ ଗିରଫ

ଜଟଣୀ,(ସବ୍ୟୁ): ଜଟଣୀ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଥାନାର ଏକ ସ୍ପେଶାଲ ଟିମ୍ ସେଞ୍ଚୁରିଆନ୍ କଲେଜ ନିକଟରେ ଅତିର୍କିତ ଚଢ଼ଉ କରି ୧୭ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି । ପୁଲିସ ୩ ନିଶାବେପାରୀଙ୍କୁ କାବୁ କରି ଗିରଫ କରିବାରେ ସକ୍ଷମ ହୋଇଥିଲେ । ଏମାନଙ୍କ ଠାରୁ ବ୍ରାଉନ୍‌ସୁଗାର ସହିତ ୩ଟି ମୋବାଇଲ୍ ଫୋନ୍, ଗୋଟିଏ ବାଇକ୍ ପୁଲିସ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ବଡ଼ତୋଟା ଗ୍ରାମର ଶିବପ୍ରସାଦ ଦଳେଇ, ଇମ୍ପୋଭ୍ୟାଲି ଥାନା ଯାଁଳାର ତନ୍ମୟ ମହାରଣା ଓ ତମାଣ୍ଡୋ ଅଂଚଳରେ ରହୁଥିବା ଡେଲାଙ୍ଗ ଥାନା ହରିରାଜପୁରପୁର ଗ୍ରାମର ଦେବେନ୍ଦ୍ର ମଙ୍ଗରାଜ । ଏମାନେ ବାଲେଶ୍ୱର ଅଞ୍ଚଳରୁ ବ୍ରାଉନ୍ ସୁଗାର ସଂଗ୍ରହ କରି ଏଠାରେ ବିକ୍ରୟ କରୁଥିବା ପୁଲିସ କହିଛି । ଏହି ୩ ଅଭିଯୁକ୍ତଙ୍କୁ ଗିରଫ କରି ପୁଲିସ ଆଜି କୋର୍ଟ ଚାଲାଣ କରିଛନ୍ତି ।



# ୪୫ତମ କୁମାର ଉତ୍ସବ ଉଦଯାପିତ

## ରେମୋ ଘୋଷ ଏବଂ ଐଶର୍ଯ୍ୟା ପଣ୍ଡିତଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ




ପୁରୀ,(ସବ୍ୟୁ): ଶ୍ରୀକ୍ଷେତ୍ର ଯୁବ ସଂସ୍କୃତିକ ସଂସଦ ଆନୁକୂଲ୍ୟରେ ଦୁଇଦିନ ଧରି ହୋଟେଲ ଫୋର୍ଟ ମହୋଦୋଧି ସମ୍ମୁଖ ବେଳାଭୂମି ଠାରେ ଆୟୋଜିତ ହୋଇଥିବା ୪୫ତମ କୁମାର ଉତ୍ସବ ଗୁରୁବାର ସଂଧ୍ୟାରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ସଂଧ୍ୟାରେ ମୁଖ୍ୟ ଆକର୍ଷଣ ସାଜିଥିଲା ହିନ୍ଦୀ ଚଳଚିତ୍ର ଜଗତର ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀ ରେମୋ ଘୋଷ୍ ଏବଂ ଐଶ୍ୱର୍ଯ୍ୟା ପଣ୍ଡିଙ୍କ ସଙ୍ଗୀତ ପରିବେଷଣ । ଅନୁଷ୍ଠାନର ସଭାପତି ରଜନୀକାନ୍ତ ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଦିବସରେ ଅତିଥି ଭାବେ ବିଧାୟକ ସୁନିଲ କୁମାର ମହାନ୍ତି, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପରିଚାଳନା ନିର୍ଦ୍ଦେଶକ, ନାଲକୋ ଶ୍ରୀଧର ପାତ୍ର, ଆଇଟିସି ଫରଚ୍ୟୁର୍ଣ୍ଣ ପରିଚାଳନା ମୁଖ୍ୟ ତାରିଣୀ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସଭାକାର୍ଯ୍ୟ ପ୍ରାରମ୍ଭରେ ସଂପାଦକ ଆଲୋକ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅତିଥିମାନେ ନିଜ ନିଜ ଅଭିଭାଷଣରେ ଦୀର୍ଘ ୪୫ ବର୍ଷ ଧରି ସଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଓଡିଶାର କଳା ସଂସ୍କୃତି ଐତିହ୍ୟକୁ ବଜାଇ ରଖିଥିବାରୁ ଅନୁଷ୍ଠାନର ସମସ୍ତ ସଦସ୍ୟ ମାନଙ୍କୁ ଧନ୍ୟବାଦ ଦେବା ସହ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ । ଏହି ଅବସରରେ ଦୀୟା ବର୍ମାଙ୍କୁ ଲିଟିଲ୍ ମିସ୍ ଓ ସଂକଳ୍ପ ପଣ୍ଡାଙ୍କୁ ଲିଟିଲ୍ ମାଷ୍ଟର ଭାବରେ ଉତ୍ତରୀୟ ସହ କ୍ରାଉନ୍ ପ୍ରଦାନ କରାଯାଇଥିଲା । ସେହିପରି ମନୋଜ କୁମାର ସାହୁଙ୍କୁ ଭଏସ୍ ଅଫ କୁମାର ଉତ୍ସବ ୨୦୨୪ ପ୍ରଦାନ କରାଯାଇଥିଲା । ପରେ ପରେ ଓଡିଶା ସଂସ୍କୃତି ବିଭାଗ ଦ୍ୱାରା ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲାଛ ପରିଶେଷରେ ବଲିଉଡ୍ର ପ୍ରଚ୍ଛଦପଟ୍ଟ ନବାଗତ କଣ୍ଠଶିଳ୍ପୀ ରେମୋ ଘୋଷ ଏବଂ ଐଶର୍ଯ୍ୟା ପଣ୍ଡିତଙ୍କ ଦ୍ୱାରା ହିନ୍ଦୀ ଚଳଚିତ୍ର ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ବଲିଉଡ୍ ନାଇଟ୍ ଅନୁଷ୍ଠିତ ହୋଇଥିଲା । ପୁରାତନ ଓ ନୂତନ ହିନ୍ଦୀ ସଙ୍ଗୀତର ତାଳେ ତାଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନେ ଝୁମିଥିଲେ ।

# ନନ୍ଦନ କାନନ : ଗୋଟିଏ ଦିନରେ ଦୁଇ ମୃତ

ବାରଙ୍ଗ ,(ସବ୍ୟୁ) :ଦିନକୁ ଦିନ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରୁଛନ୍ତି ବିରଳ ଜୀବଜନ୍ତୁ । କେତେବେଳେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜୁଛନ୍ତି ତ ଆଉ କେତେବେଳେ ରୋଗ ଚିହ୍ନ ଚିହ୍ନ ମୃତ୍ୟୁ ବରଣ କରୁଛନ୍ତି ଜୀବଜନ୍ତୁ । ଗୁରୁବାର ଦିନ ଗୋଟିଏ ଦିନରେ ଦୁଇଟି ବିରଳ ଜୀବଜନ୍ତୁଙ୍କର ମୃତ୍ୟୁ ହୋଇଛି ।ଏହି ମୃତ୍ୟୁ ଖବର ଶୁଣିବା ପରେ ପଶୁପ୍ରେମୀ ଙ୍କୁ ବ୍ୟଥିତ କରିଛି ।ଯାହାକୁ ନେଇ ହରଡଘଣାରେ ପଡିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ସୂଚନା ମୁତାବକ , ଗତ ୫ ତାରିଖରେ ଏକ ଅଣ୍ଡିରା ଆସମିକ୍ ମାଙ୍କଡ଼ଟି ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା।ଦାୟିତ୍ୱରେ ଥିବା କର୍ମଚାରିଙ୍କ ଠାରୁ ସୂଚନା ପାଇ ଡାକ୍ତରମାନେ ସ୍ୱାସ୍ଥ୍ୟବସ୍ଥାଅନୁଧ୍ୟାନ କରିବା ସହ ତାକୁ ଡାକ୍ତରଖାନାକୁ ଆଣି ଆଇସିୟୁ ରେ ରଖି ଚିକିତ୍ସା ଆରମ୍ଭ ଜାରି ରଖିଥିଲେ । ପରବର୍ତ୍ତୀ ସମୟରେ ଜଣା ପଡ଼ିଥିଲା ଏହି ମାଙ୍କଡଟି ଟିବି ରୋଗରେ ଆକ୍ରାନ୍ତ ହୋଇଛି । ପ୍ରାଣୀ ଉଦ୍ୟାନ ଚିକିତ୍ସକଙ୍କ ସହିତ ପଶୁ ବିଶେଷଜ୍ଞ ପରାମର୍ଶ କ୍ରମେ ଚିକିତ୍ସା ଜାରି ରହିଥିଲା। ହେଲେ ଆସାମିକ୍ ମାଙ୍କଡଟି ସୁସ୍ଥ ହେବା ପରିବର୍ତ୍ତେ ଗୁରୁବାର ଦିନ ମରିଯାଇଥିଲା।ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପକୃତ କାରଣ ଜଣାପଡିବ ବୋଲି ସୂଚନା ମିଳିଛି । ଏହି ମାଙ୍କଡ ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ୧୧କୁ ହ୍ରାସ ପାଇଛି । ସେହିପରି ବୁଧବାର ଦିନ ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୮୦ ନମ୍ବର ଖୁଆଡ ରେ ରହୁଥିବା ଏକ ଭାରତୀୟ ଶାଗୁଣା ଅସୁସ୍ଥ ହୋଇପଡ଼ିବାରୁ ଚିକିତ୍ସା ପାଇଁ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲା । କ୍ୱାରେଣ୍ଟାଇନରେ ରଖି ସେଠାରେ ଚିକିତ୍ସକମାନେ ଚିକିତ୍ସା ଜାରି ରଖିଥିଲେ । ହେଲେ ସୁସ୍ଥ ହେବା ପରିବର୍ତ୍ତେ ଗୁରୁବାର ଦିନ ଏହି ଶାଗୁଣାର ମୃତ୍ୟୁ ହୋଇଛି । ମୃତ୍ୟୁର ପକୃତ କାରଣ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ସୂଚନା ମିଳିଛି। ଏହି ଶାଗୁଣା ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ୧୦ କୁ ହ୍ରାସ ପାଇଛି ।

## ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଯାପିତ

# ଅଭିନୟ ଓ ନିର୍ମାଣରେ ଶ୍ରେଷ୍ଠ ବ୍ୟକ୍ତିଙ୍କୁ ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): ଇଣ୍ଡିଆନ୍ ଫିଲ୍ମ ମେକର୍ସ ଆସୋସେସନ୍ ପକ୍ଷରୁ ଆୟୋଜିତ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ୨୦୨୪ ସ୍ଥାନୀୟ ଜୟଦେବ ଭବନ ଠାରେ ଉଦଯାପିତ ହୋଇଯାଇଛି । ଏଥିରେ ଶ୍ରେଷ୍ଠ ଫିଚର୍ ଫିଲ୍ମ ଭାବେ ତେଲୁଗୁ ଚଳଚ୍ଚିତ୍ର ସରକାରୁ ନୌକରୀ, କ୍ଷୁଦ୍ର ଚଳଚ୍ଚିତ୍ର ବିଭାଗରେ ତେଲୁଗୁ ଚଳଚ୍ଚିତ୍ର ହରିଦ୍ରା ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ମାଲାୟାଲାମ ଫିଲ୍ମ ଇନ୍ ଦି ଲାପ୍‌ର ନିର୍ଦ୍ଦେଶକ ଗୋପାଳ ମେନନ୍, ଶ୍ରେଷ୍ଠ ପ୍ରଯୋଜକ ଭାବେ ଚିତ୍ରଗୁପ୍ତଠୁଦୁ ଭିଆ ଭୋଲ୍ଲକାମ୍ ଟୁର୍ ଚଳଚ୍ଚିତ୍ରର ପ୍ରଯୋଜକ ଦାଡ଼ି ଜନାର୍ଦ୍ଦନ ରାଓ, ଶ୍ରେଷ୍ଠ କ୍ଷୁଦ୍ର ବଙ୍ଗଳା ଭାଷାର ପରିଜାୟୀ ସହ ଓଡ଼ିଆ ଶ୍ରେଷ୍ଠ ଚଳଚ୍ଚିତ୍ର ୨୦୨୨ ପ୍ରତୀକ୍ଷା, ୨୦୨୩ ପାଇଁ ଚଳଚ୍ଚିତ୍ର ଦମନ ଓ ଶ୍ରେଷ୍ଠ ଅଭିନେତ୍ରୀ ଓଡ଼ିଆ ଭାବେ ଆଭା ଚଳଚ୍ଚିତ୍ରର ଅଭିନେତ୍ରୀ ସୋନା ମଲ୍ଲିକ ଏବଂ ଶ୍ରେଷ୍ଠ ଚଳଚ୍ଚିତ୍ର ଜୁରି ଆୱାର୍ଡ଼ ୨୦୨୪ ଆଭା ଚଳଚ୍ଚିତ୍ରକୁ ପ୍ରଦାନ କରାଯାଇଥିଲା । ଏଥିସହ ଶ୍ରେଷ୍ଠ ପ୍ରଯୋଜକ ଓଡ଼ିଆ ଅତିସ କୁମାର




ରାଉତ ଭୋଟ ଚଳଚ୍ଚିତ୍ର ଓ ଶ୍ରେଷ୍ଠ ନାୟିକା ତେଲୁଗୁ ସନ୍ଧ୍ୟାରାଣୀ ରାଭୂପଲ୍ଲି ଚଳଚ୍ଚିତ୍ର ପଦ୍ମଶ୍ରୀକୁ ପ୍ରଦାନ କରାଯାଇଥିବା ବେଳେ ବେଷ୍ଟ ଡକ୍ୟୁମେଣ୍ଟାରି ଫିଲ୍ମ ଭାବେ ଓଡ଼ିଆ ଚଳଚ୍ଚିତ୍ର ଜାଗା ଆଖଡ଼ା, ଶ୍ରେଷ୍ଠ ୱେବ୍ ସିରିଜ ୨୦୨୨ ପାଇଁ ଗାଙ୍ଗସ୍ ଅଫ ପୁରୀ, ୨୦୨୩ ପାଇଁ ଚଳଚ୍ଚିତ୍ର ବାରଙ୍ଗ ୧୯୯୯ କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ଉତ୍ସବରେ ନ୍ୟାସନାଲ ପ୍ରେସିଡେଣ୍ଟ ଦିଲ୍ଲୀପ କୁମାର ଏଚଆର, ସାଧାରଣ ସମ୍ପାଦକ ପି ରଘୁନାଥ ରେଡ୍ଡୀ କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶାରୁ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବକୁ ମିଳିଥିବା ସହଯୋଗକୁ ପ୍ରଶଂସା କରିଥିଲେ। ଉତ୍ସବରେ ଅତିଥିଭାବେ ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ପ୍ରଣବ ଦାସ, ପ୍ରଯୋଜକ ଓ ସମ୍ପାଦକ ଗଦାଧର ପୁଟି, ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, କଣ୍ଠାଲଙ୍କାର ନିର୍ଦ୍ଦେଶକ ବିଭୁ ପ୍ରସାଦ ରଥ, ଚିତ୍ତରଞ୍ଜନ ନାୟକ, ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ତଥା ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ ବିଜେତା ମାନଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ।

# ସମୁଦ୍ର ଜୁଆରରେ ସୁନାମିର ଭ୍ରମ, ଭାସିଲା କୋଠଘର

ଛତ୍ରପୁର, (ସବ୍ୟୁ) : ସମୁଦ୍ରର ଉଚ୍ଚ ଜୁଆର ସୃଷ୍ଟି କଲା ସୁନାମିର ଭ୍ରମ । ଫଳରେ ସମୁଦ୍ର ନିକଟରେ ଥିବା ଏକ କୋଠଘର ଭାସିଯାଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା । ଛତ୍ରପୁର ବ୍ଲକର କେ.ଆର୍ଯ୍ୟପଲ୍ଲୀ ସମୁଦ୍ର କୂଳରେ। ଗୁରୁବାର ଅପରାହ୍ନ ସମୟରେ ସମୁଦ୍ରରେ ଉଚ୍ଚ ଜୁଆର ଉଠିଥିଲା। ଫଳରେ ସମୁଦ୍ର ନିକଟରେ ଥିବା ଏକ କୋଠଘର ସମ୍ପୂର୍ଣ୍ଣ ଭାବେ ଭୁସୁଡି ପଡି ପାଣିରେ ଭାସିଯାଇଥିବା ଦେଖିବାକୁ ମିଳିଛି । ସମୁଦ୍ର କୂଳରେ



ଥିବା ଉକ୍ତ କୋଠା ଘରଟି ମତ୍ସ୍ୟଜୀବୀ ମାନଙ୍କ ବସା ଉଠାର ଆଶ୍ରୟସ୍ଥଳୀ ରହିଥିବା ବେଳେ ଆଜି ତାହା ଭାସିଯିବା ଫଳରେ ମତ୍ସଜୀବୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଆଗାମୀ ଦିନରେ ଗ୍ରାମରେ ସମୁଦ୍ର କୂଳରେ ଥିବା ବହୁ ଘର ମଧ୍ୟ ସମୁଦ୍ରରେ ଭାସିଯିବାର ସମ୍ଭାବନା ରହିଥିବାରୁ ଚିନ୍ତାରେ ରହିଛନ୍ତି ସ୍ଥାନୀୟ ମତ୍ସଜୀବୀ । ଏଣୁ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ମତ୍ସ୍ୟଜୀବୀ ଓ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

# ଘରପାନୁ ବୃଦ୍ଧି ପ୍ରସଙ୍ଗ, ସ୍ୱତନ୍ତ୍ର କାଉନସିଲ୍ ବୈଠକ ଡାକିବାକୁ ଦାବି

ବ୍ରହ୍ମପୁର, (ସବ୍ୟୁ): ନିର୍ବାଚିତ କାଉନସିଲ ନଥିବା ସମୟରେ ବ୍ରହ୍ମପୁର ମ୍ୟୁନିସପାଲିଟିର ତତ୍କାଳିନ କମିସନର ମନ ଇଚ୍ଛା ଘରପାନୁ ବୃଦ୍ଧି କରି ଲୋକଙ୍କ ଠାରୁ ଜୋର୍ ଜବରଦସ୍ତି ଘର ପାନୁ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବର୍ଦ୍ଧିତ ଘରପାନୁ ପ୍ରତ୍ୟାହାର ଦାବିନେଇ ବାରମ୍ବାର ଆନ୍ଦୋଳନ କରାଯାଇଥିଲେ ମଧ୍ୟ ତତ୍କାଳିନ ସରକାର ବା ମହାନଗର ନିଗମ କର୍ତ୍ତୃପକ୍ଷ କର୍ଣ୍ଣପାତ କଲେ ନାହିଁ। ଏହାର ବିରୁଦ୍ଧରେ ବ୍ରହ୍ମପୁର ସହରର ଆଇନଜୀବୀ ତଥା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। କୌଣସି ବିଧିବଦ୍ଧ ବିଜ୍ଞପ୍ତି ନଥାଇ, ଜନଶୁଣାଣି ନକରି ଓ କାଉନସିଲ୍‌ର ବିନା ନିଷ୍ପତିରେ ସରକାରୀ ସ୍ତରରେ ତତ୍କାଳିନ ମ୍ୟୁନିସିପାଲିଟି କମିସନର ଯେଉଁ ବେଆଇନ ଭାବରେ ଘରପାନୁ ବୃଦ୍ଧି କରିବାକୁ ନିଷ୍ପତି ନେଇଥିଲେ ତା ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟରେ ଯେଉଁ ମକଦ୍ଦମା କରାଯାଇଥିଲା ତାରି ଦୀର୍ଘ ଶୁଣାଣି ପରେ ଅର୍ଥାତ, ଯେହେତୁ କଟକ ଏବଂ ଭୁବନେଶ୍ୱରରେ ବର୍ଦ୍ଧିତ ଘର ଟିକସ ବୃଦ୍ଧି ପ୍ରତ୍ୟାହାର ହୋଇସାରିଛି ତେଣୁ ବ୍ରହ୍ମପୁର ମହାନଗର ନିଗମ ତିନି ମାସ ମଧ୍ୟରେ ଏହା ଉପରେ ବିଧିବଦ୍ଧ ନିଷ୍ପତି ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଗୁରୁବାର ଏହି ସଂକ୍ରାନ୍ତରେ ଆଇନଜୀବୀ ପୀତବାସ ପଣ୍ଡା ଏକ ଦରଖାସ୍ତ ମହାନଗର ନିଗମ କମିଶନର ଓ ମେୟରଙ୍କୁ ପ୍ରଦାନ କରିଛନ୍ତି ଓ ଘର ପାନୁ ବୃଦ୍ଧିକୁ ପ୍ରତ୍ୟାହାର କରିବା ପାଇଁ ତୁରନ୍ତ କାଉନସିଲ୍‌ର ଏକ ସ୍ୱତନ୍ତ୍ର ବୈଠକ ଡାକିବାକୁ ଦାବୀ କରିଛନ୍ତି । ଉଚ୍ଚ ନ୍ୟାୟାଳୟରେ ଆଇନଜୀବୀ ସିଦ୍ଧାର୍ଥ ଦାସ ଆବେଦନକାରୀଙ୍କ ପକ୍ଷରୁ ମକଦ୍ଦମା ଲଢୁଥିଲେ ।

## ଘୁମୁସର ସ୍ୱରର ସାହିତ୍ୟ ଆଲୋଚନାଚକ୍ର

ବୁଗୁଡା, (ସବ୍ୟୁ): ବାଲିପଦରର ଗୌରବମୟ ଇତିହାସ ଅତି ପ୍ରାଚୀନ, ଘୁମୁସର ରାଜବଂଶ ଅଧିନରେ ଥିବା ଉକ୍ତ ଐତିହାସିକ ଗ୍ରାମ ବାଲିପଦରରେ ୧୭୫୩ ମସିହାରେ ଉପନିବେଶବାଦ ବିରୁଦ୍ଧରେ ଫରାସୀ ମାନଙ୍କ ସହ ସଙ୍ଗଠିତ ହୋଇଥିବା ଯୁଦ୍ଧ ଓଡିଶା ଇତିହାସରେ ପ୍ରଥମ। ବହୁ ଗବେଷକ ଏହାର ତର୍ଜମା କରି ଘୁମୁସର ରାଜ୍ୟର ଭଞ୍ଜ ରାଜ ବଂଶର ଅବଲୁପ୍ତ ଘଟଣାବଳୀକୁ ଲୋକ ଲୋଚନକୁ ଆଣିଛନ୍ତି। ସେହିପରି ବାଲିପଦର ସ୍ଥିତ ଯୋଗୀ ଗୁମ୍ଫା ଓ ତାର ସନ୍ନିକଟ ରକତ ଚୀରାର ଲୋମହର୍ଷକ ଇତିହାସକୁ ବର୍ତ୍ତମାନ ରୋମନ୍ଥନ କରିବା ଆବଶ୍ୟକ ରହିଛି ବୋଲି ଆଜି ବାଲିପଦର ବିଶ୍ୱକର୍ମା ଭବନ ଠାରେ ଅନୁଷ୍ଠିତ ଘୁମୁସରର ସ୍ୱରର ୧୪୨ ତମ ସାହିତ୍ୟ ଆଲୋଚନା ଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଘୁମୁସରର ସ୍ୱରର ସଭାପତି ତଥା ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ବି.ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବାଲିପଦର ହାଇସ୍କୁଲର ପ୍ରଧାନ ଶିକ୍ଷକ ଇ. ନିଳାଞ୍ଚଳ ପାତ୍ର, ମହାରଣା କୁଳ ସମ୍ପାଦକ ରାଜେନ୍ଦ୍ର ମହାରଣା, ପ୍ରମୁଖ ଯୋଗଦେଇ ଭଞ୍ଜ ରାଜବଂଶ ଓ ବାଲିପଦରର ଶିଳ୍ପୀ ଯୋଗୀ ମହାରଣାଙ୍କ ସମ୍ପର୍କରେ ନିଜ ନିଜ ବକ୍ତବ୍ୟ ରଖଥିଲେ । ସୁଶାନ୍ତ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୋଗେଶ୍ୱର ଶିବ ମୁନିଙ୍କ ୧୪୧ତମ ଜୟନ୍ତୀ

ବାରିପଦା, (ସବ୍ୟୁ) : ଭଞ୍ଜପୁର ସ୍ଥିତ ଶିବମୁନି କେନ୍ଦ୍ର ଯୋଗାଶ୍ରମରେ ଯୋଗ, ସ୍ୱାସ୍ଥ୍ୟ, ଆତ୍ମଜ୍ଞାନ, ସତନ୍ତ୍ର ବିଚାର ସମାଜ ସେବା ସମାଜ ସଂସ୍କାର ଜୀବନ ମୂର୍ତ୍ତି ମାର୍ଗର ପ୍ରଣେତା ଆଦି ମୁନିଶ୍ୱର ଯୋଗେଶ୍ୱର ଶିବମୁନିଙ୍କ ୧୪୧ତମ ସ୍ମୃତି ସ୍ମାରକା ଜୟରି ସହିତ ଅଞ୍ଚଳ ଭୂ-ମଣ୍ଡଳୀୟ ସର୍ବେଶିରମଣି ମୁନି କଲ୍ୟାଣ ପରିଷଦ ମୁନିରଷି ସମାଜର ୩୭ତମ ପ୍ରତିଷ୍ଠା ଦିବସର ଅଧ୍ୟକ୍ଷ ପଙ୍ଗ ସ୍ୱରୂପ ଯୋଗାବାର୍ଯ୍ୟ ସୁରେଶ ମୁନିଙ୍କ ପୌରହିତରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମହାସଚିବ ଯୋଗାଚାର୍ଯ୍ୟ ଅଜୟ ମୁନି ପରିଚାଳନା କରିଥିଲେ। ପରିଚାଳନାରେ ସହ ସଚିବ ଯୋଗୀ ତ୍ରୀଲୋଚନ ମୂନି କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସହଯୋଗ କରିଥିଲେ। ସଚିବ ଯୋଗୀ ଗଙ୍ଗାଧର ମୁନି ଆଗମନ ମୂନି ଯୋଗୀ ଯୋଗାବାର୍ଯ୍ୟ ସର୍ବସାଧାରଣ ଜନତାଙ୍କୁ ସ୍ୱାଗତ କରିଥିଲେ। ଅଧ୍ୟକ୍ଷ ଓ ମହାସଚିବ ଅତିଥିଙ୍କ ସହିତ ମହାଦୀପ ପ୍ରଜ୍ଜଳନ କରିବା ସହ ସର୍ବୋକୃତି ପ୍ରଜ୍ଜଳନ କରିଥିଲେ। ମୁନିମତୀ ବାସନ୍ତୀ ଦେବୀ ଯୋଗଧୂପ ପ୍ରଜ୍ଜ୍ୱଳନ କରି ସଦ୍‌ଗୁରୁ ଶିବମୁନିଙ୍କୁ ସ୍ମରଣ କରିଥିଲେ। ଏହାପରେ ଅଧ୍ୟକ୍ଷ ପରଂ ସ୍ୱରୂପ ଯୋଗାଚାର୍ଯ୍ୟ ସୁରେଶ ମୁନି ପୁରାତନ ଧ୍ୱଜା ଅବତରଣ କରି ନୂତନ ଧ୍ୱଜା ଉତ୍ତୋଳନ କରିଥିଲେ ଓ ଶିବମୁନିଙ୍କ ଜୟ ଧ୍ୱନୀ ସମୂହ ମୁନିଗଣ ଦେଇଥିଲେ। ଏହାପରେ ମହାପ୍ରଣବ ମନ୍ତ୍ର ଜପ ସହିତ ବେଦ ମନ୍ତ୍ର ଶୁଭଭାବନା ପାଠ କରାଯିବା ସହ ବିଶ୍ୱ ବରେଣ୍ୟ ସଦ୍‌ଗୁରୁଙ୍କୁ ଗଭୀର ଧାନ ସ୍ମରଣ କରାଯାଇ ପ୍ରଣତି ସହ ସ୍ମୃତି ତର୍ପଣ କରାଯାଇଥିଲା। ଯୋଗଦେଇଥିବା କର୍ମକର୍ତ୍ତା ଯୋଗୀ, ଯୋଗାଚାର୍ଯ୍ୟ, ମୁନିମତି ଅତିଥିଗଣ ଓ ସାଧାରଣ ଜନତା ସଦଗୁରୁ ଶିବମୁନିଙ୍କ ଫୋଟଚିତ୍ର ନିକଟରେ ପ୍ରଜ୍ଜଳିତ ଦୀପ ନିକଟରେ ପୁଷ୍ପାଞ୍ଜଳୀ ଅର୍ପଣ କରିଥିଲେ। ସତ୍‌ସଙ୍ଗ ଜ୍ଞାନଯଜ୍ଞ ଆନୁଷ୍ଠିତ ହୋଇ ସଦ୍‌ଗୁରୁ ଯୋଗେଶ୍ୱର ଶିବମୁନିଙ୍କ ୧୪୧ତମ ଜୟନ୍ତୀ ତଥା ତାଙ୍କ ଜୀବନ ଦର୍ଶନ ତତ୍ତ୍ୱ ସଂପର୍କରେ ଏବଂ ମୁନିରଷି ସମାଜର ପ୍ରତିଷ୍ଠା ସଂପର୍କରେ ଗଭିର



ଆଲୋଚନା ହୋଇଥିଲା। ଏଥିରେ ସହ ସଚିବ ଯୋଗୀ ତ୍ରିଲୋଚନ ମୁନି ମଞ୍ଚାସିନ ଅତିଥି ଯୋଗୀ ଯୋଗାଚାର୍ଯ୍ୟ, ମୁନି, ମନିମତି ମାନଙ୍କୁ ଏବଂ ମୟୂରଭଞ୍ଜ ଜିଲ୍ଲା ଶାଖା ମୁନି କଲ୍ୟାଣ ପରିଷଦର ସଭାପତି ସଂପାଦକ ମାନଙ୍କୁ ଏବଂ ଅନ୍ୟ ଜିଲ୍ଲା ମାନଙ୍କରୁ ଆସି ଯୋଗ ଦେଇଥିବା ମୁନି ମାନଙ୍କୁ ସଭାପତି, ସଂପାଦକ ମୁନି, ମୁନିମତି ସଦସ୍ୟ, ସଦସ୍ୟା ମାନଙ୍କୁ ସ୍ୱାଗତ ଅଭିନନ୍ଦନ ଦେଇ ସଦ୍‌ଗୁରୁଙ୍କ ଜୟନ୍ତି ଓ ସଂସ୍କାର ପ୍ରତିଷ୍ଠା ଦିବସ ସଂପର୍କରେ ବକ୍ତୃତା ପ୍ରଦାନ କରିଥିଲେ। ଯୋଗୀମତି ଦମୟନ୍ତ ଦେବୀ, ମୁନି କୁମାର ରତ୍ନାକର, ଅତୁଲ ମୁନି, ବରିଷ୍ଠ ଯୋଗୀ ପରମାନନ୍ଦ ମୁନି, ଯୋଗୀ ସପନ ମୁନି, ଯୋଗୀ କେଶବ ମୁନି ଆୟୋଜନର ପ୍ରମୁଖ ଭୂମିକାରେ ରହି କାର୍ଯ୍ୟ ତୁଲାଇଥିଲେ। ସଂଗଠନ ମୁଖ୍ୟ ପ୍ରଚାରକ ଯୋଗୀ ରତ୍ ଜିତ୍ରାୟ ମୁନି, ଯୋଗୀବର ନେପାଳ ମୁନି ସଦ୍‌ଗୁରୁଙ୍କ ଧ୍ୱଜା ଉତ୍ତୋଳନ – ଆତ୍ମଜ୍ଞାନ ସଂଗୀତ ପରିବେଷଣ କରି ମନମୁଗ୍ଧ କରିଥିଲେ। ପରଂସ୍ୱରୂପ ଯୋଗାଚାର୍ଯ୍ୟ ସୁରେଶ ମୁନି ଅଧ୍ୟକ୍ଷ ସଦ୍‌ଗୁରୁ ଶିବମୁନି ଯୋଗ ଆତ୍ମଜ୍ଞାନ ଜୀବନ୍ମୁକ୍ତି ମାର୍ଗକୁ ନେଇ ୧୯୩୫ ମସିହାରେ ସଂସ୍ଥା ସ୍ଥାପନ କରି ସମାଜ ସେବା, ସମାଜ ସଂସ୍କାର ମହତ୍ତ୍ୱ ଓ ଜନ୍ମ, ମୃତ୍ୟୁର ବାସ୍ତବତା ଉପରେ ଦେହତ୍ୟାଗ କରିବା ଓ ଦେହ ଧାରଣ କରିବା ତତ୍ତ୍ୱ ବ୍ରହ୍ମଜ୍ଞାନ ଉପରେ ବିଶେଷ ପ୍ରବଚନ ଦେଇଥିଲେ। ଅବସରପ୍ରାପ୍ତ କର୍ମଚାରୀ ପେନସନାର ସଂଘର କାର୍ଯ୍ୟକାରି ସଭାପତି ନୀଳରନ୍ଧ୍ର ମୁନି, ସଭ୍ୟ ପ୍ରଭାକର ଜେନା ଗ୍ରାମର ସର୍ବ ବୟସ୍କ, ସାଲଖାନ ମୁନି ଏବଂ ଭଞ୍ଜ ମହାକୃତ ପ୍ରମୁଖ ବହୁ ବିଜ୍ଞବ୍ୟକ୍ତି ଯୋଗଦେଇ ଶିବ ମୁନିଙ୍କୁ ପୁଷ୍ପାଞ୍ଜଳି ସତ୍ୟ ଧ୍ୱଜା ତଳେ ପ୍ରଦାନ କରିଥିଲେ। ଗତ ୯ତାରିଖ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରିପଦା ଆସିଥିବା ସମୟରେ ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ସୁରେଶ ମୁନି ବାରିପଦା ବିଶ୍ରାମ ଗାର ସର୍କିଟ ହାଉସ୍‌ରେ ସାକ୍ଷାତ କରି ସଂସ୍ଥା ତରଫରୁ ଅଭିନନ୍ଦନ ପତ୍ର ଦେଇ ସଂସ୍କାର ଉଦ୍ଦେଶ୍ୟ ସହିତ ଅଭିନନ୍ଦନ ପତ୍ର ପ୍ରଦାନ କରିଥିବା ବକ୍ତୃତାରେ କହିଥିଲେ।

## ରାଜ୍ୟସ୍ତରୀୟ ତାଇକୋଣ୍ଡୋ

# ମୟୂରଭଞ୍ଜ ଜିଲ୍ଲାରୁ ୨୦ କ୍ରୀଡ଼ାବିତ ସାମିଲ

ବାରିପଦା, (ସବ୍ୟୁ) : ରାଜ୍ୟସ୍ତରୀୟ ୧୪ ଓ ୧୭ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବର୍ଗର ତାଇକୁଣ୍ଡ ପ୍ରତିଯୋଗିତା ଚଳିତ ଅକ୍ଟୋବର ମାସ ୧୭ ରୁ ୧୯ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲ୍ଲା ଅନ୍ତର୍ଗତ ଜିଲ୍ଲା ହାଇସ୍କୁଲ ଠାରେ ଅନୁଷ୍ଠିତ ହେଉଛି । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ସହିତ ବାଳକ ଟିମ ମ୍ୟାନେଜର ଭାବେ ରାଇରଙ୍ଗପୁର ବ୍ଲକସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମହୁଲଡିହାର ପିଟିଆଇ ଜିତେନ୍ଦ୍ର ଯୋଶ୍ୱାଲ ଏବଂ ବାଳିକା ଟିମ ମ୍ୟାନେଜର ଭାବେ ଶାମାଖୁଣ୍ଟା ବ୍ଲକ ସ୍ଥିତ ମାଦୁର୍ଗା ବାଳିକା ଉଚ୍ଚ ବିଦ୍ୟାଳୟ, ଲାଲଗଞ୍ଜର ପିଇଟି ଜ୍ୟୋତ୍ରୀମୟୀ ଦାସମହାପାତ୍ରଙ୍କ ନେତୃତ୍ୱରେ ୨୦ଜଣ କ୍ରୀଡ଼ାବିତ ଯୋଗ ଦେଇଛନ୍ତି । ସେମାନେ ହେଲେ ୧୪ବର୍ଷରୁ କମ ବାଳକ ବିଭାଗରେ ସ୍ୱରୂପ କୁମାର ସିଂ, ଶତ୍ରୁଘନ ମଡୁଆଳ, ଦିଗେଶ୍ୱର ମହାନ୍ତ,ବିଶାଳ ମହାନ୍ତ, ଖେଲା ସୋରେନ ଓ ବାଳିକା ବିଭାଗରେ ପଦ୍ମାବତୀ ସିଂ, ବିଷ୍ଣୁପ୍ରିୟା ବାଗ, ଲକ୍ଷ୍ମୀପ୍ରିୟା ସିଂ, ଦିବ୍ୟସ୍ମିତା ମଡୁଆଳ, ପ୍ରଭାତୀ ମୁର୍ମୁ । ସେହିପରି ୧୭ବର୍ଷରୁ କମ ବାଳକ ବିଭାଗରେ ଅଙ୍କିତ କୁମାର ଦାସ, ରାଜେଶ ବିଶ୍ୱାଳ, ବିରଜା ସିଂ, ହିମାଂଶୁ ନାଏକ, ମନୋଜ ପଣ୍ଡିତ ଓ ବାଳିକା ବିଭାଗରେ ପୂର୍ଣ୍ଣିମା ସିଂ, ଦୀପିକା ସୋରେନ, ଦମୟନ୍ତୀ ମୁର୍ମୁ, ଚୂଡ଼ାମଣି ବାସ୍କେ, ରୂପାଲି ସିଂ । ଜିଲ୍ଲା ଶିକ୍ଷା କାର୍ଯାଳୟ ତରଫରୁ ଏମାନଙ୍କୁ ଶୁଭେଚ୍ଛା ଜଣେଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରାଯାଇଅଛି ।

# କୁଳାଡ଼ରେ ମା’ ଗଜଲକ୍ଷ୍ମୀ ପୂଜା

କୁଲାଡ଼, (ସବ୍ୟୁ): ଗଞ୍ଜାମ ଜିଲ୍ଲାର କୁଲାଡ଼ ଗ୍ରାମର ଲକ୍ଷ୍ମୀ ବଜାର ଠାରେ ଚଳିତ ବର୍ଷର ମାଁ ଗଜଲକ୍ଷ୍ମୀଙ୍କ ପୂଜା କୁଲାଡ ଗ୍ରାମବାସୀ ଓ ସ୍ଥାନୀୟ ସାହି ବାସିନ୍ଦାଙ୍କ ସହଯୋଗରେ ମହାସମାରୋହରେ ବୁଧବାର ରାତ୍ର ସମୟରୁ ପୁରୋହିତଙ୍କ ମନ୍ତ୍ର ପାଠ ସହ ଘଣ୍ଟ ଘଣ୍ଟା ବାଜା ଶଙ୍ଖଧ୍ୱନି ମଧ୍ୟରେ ଆରମ୍ଭ ହୋଇଛି । ଏହି ଉପଲକ୍ଷେ ପୂଜାମଣ୍ଡପକୁ ବିଭିନ୍ନ ଆଲୋକ ମାଳାରେ ସାଜସଜା କରାଯିବା ସହ ପୂଜାମଣ୍ଡପରେ ବିରାଜିତ ଦେବୀଙ୍କର ପୂଜା



ପାଠାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୁଧବାର ତଥା ପ୍ରଥମ ଦିନରେ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁମାନେ ମଣ୍ଡପକୁ ଆସି ମାଁ ଗଜଲକ୍ଷ୍ମୀଙ୍କ ଦର୍ଶନ ଲାଭ କରି ପ୍ରସାଦ ପାଇଥିଲେ । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମାଁଙ୍କ ଆଳତି ଦର୍ଶନ କରି ନିମନ୍ତେ କୁଲାଡ ଓ ଆଖପାଖ ଗ୍ରାମମାନଙ୍କରୁ ବହୁ ଶ୍ରଦ୍ଧାଳୁ ପୂଜା ମଣ୍ଡପରେ ଭିଡ ଜମାଉଥିବା ଦେଖିବାକୁ ମିଳିଛି ।

# କୁଆଁରୀ କନ୍ୟାଙ୍କ ଜହ୍ନିଓଷା ପୂଜା ଉଦ୍‌ଯାପିତ

ବୁଗୁଡ଼ା, (ସବ୍ୟୁ) : ଆଧୁନିକ ଯୁଗରେ ଗ୍ରାମ୍ୟ ପରମ୍ପରାର ନିଦର୍ଶନ ସୃଷ୍ଟି କରିଥିବା କେତେକ ପର୍ବ ଲୋପ ପାଇବାକୁ ବସିଥିଲେ ହେଁ ବୁଗୁଡ଼ା ଅଞ୍ଚଳର ଗାଁ ଗହଳରେ ଏବେ ବି କେବଳ କୁଆଁରୀ କନ୍ୟାଙ୍କ ଦ୍ୱାରା ପାଳନ ହୋଇ ଆସୁଥିବା ନିଆରା ଜହ୍ନିଓଷା ପର୍ବ ଆଜି କୁମାର ପୂର୍ଣ୍ଣିମାରେ କ୍ରୀଡା କୌତୁକ ଓ ନୃତ୍ୟ ଗୀତ ସହ ଉଦ୍‌ଯାପିତ ହୋଇଯାଇଛି । ବୁଗୁଡା ସହର ଓ ବିଭିନ୍ନ ଗାଁରେ ଆଶ୍ୱିନ ମାସରେ କୁମାରୀ ଝିଅମାନେ ଏହି ଓଷା ପାଳନ କରିଆସୁଥିଲେ । ବୁଗୁଡା ଏନ୍‌ଏସିର ଯାଦବ ସାହି, ଖଡାଳ ସାହି,



ଅରବିନ୍ଦନଗର ଆଦିର କୁମାରୀମାନେ ଏକତ୍ରିତ ଏହି ବ୍ରତ ପାଳନ କରି ପାର୍ବଣ ପରିବେଶକୁ ଅଧିକ ସରସ କରିଥିଲେ । ଓଷା ପାଳନ ପାଇଁ ଗ୍ରାମବାସୀ ତଥା ସାହିବାସିନ୍ଦାଙ୍କ ମଧ୍ୟ ସହାୟତା ମିଳୁଥିଲା । ଏ ବର୍ଷ ସ୍କୁଲ ପିଲାଙ୍କ ଠାରୁ ମହାବିଦ୍ୟାଳୟରେ ପାଠ ପଢୁଥିବା ଏବଂ ପାଠ ଛାଡିଥିବା ଝିଅମାନେ ଏହି ଓଷା କରିଥିଲେଛ ଦଳ ଦଳ ହୋଇ ଗାଁରେ ଥିବା ତୁଳସୀ ଚଉରା ମୂଳେ କୁମାରୀମାନେ ପୂଜା ଜାରି ରଖୁଥିଲେ । ମାସ ତମାମ ନିଷ୍ଠା ସହକାରେ ଆମିଷ ଓ ଜହ୍ନି ପରିବାକୁ ସେମାନେ ଖାଇବା ତ ଦୂରର କଥା ସ୍ପର୍ଶ ବି କରିନଥିଲେ। ନିୟମିତ ସକାଳୁ ଫୁଲ ସଂଗ୍ରହ କରିବା ପରେ ସ୍ନାନ କରି ତୁଳସୀ ଚଉରା ମୂଳକୁ ଲିପାପୋଛା କରି ଧୂପ ଦୀପ ଦେଇ ଭୋଗ ଲାଗି କରୁଥିଲେ । ସେହିପରି ସନ୍ଧ୍ୟା ସମୟରେ ପୁଣି ଚଉରା ନିକଟରେ ଜହ୍ନିଓଷା ପୁସ୍ତକ ପାଠ କରୁଥିଲେ । ଏହି ସମୟରେ ଗ୍ରାମରେ ବିଭିନ୍ନ ସ୍ଥାନର ପୂଜା କୁମାରୀଙ୍କ ସମ୍ମିଳିତ ସଙ୍ଗୀତ ଗାନ ପରିବେଶକୁ ଉତ୍ସବ ମୁଖରିତ କରୁଥିଲା । ପୂର୍ଣ୍ଣିମା ଦିନ ଉପବାସ ରହି ପୂଜା ଶେଷ ପରେ ଗଜା ଚାଙ୍ଗୁଡ଼ିକୁ ପୋଖରୀରେ ବିସର୍ଜନ କରି ବ୍ରତ ପାଳନ ଶେଷ କରିଥିଲେ। ଆଧୁନିକ ବିଜ୍ଞାନ ଯୁଗରେ ବିଭିନ୍ନ ପରମ୍ପରା ଲୋପ ହେବାକୁ ବସିଥିବା ବେଳେ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଗ୍ରାମରେ କୁଆଁରୀ ଝିଅମାନେ ଏହି ବ୍ରତ ପାଳନ ଜରିଆରେ ନିଜର ମନସ୍କାମନା ପୂର୍ଣ୍ଣ ସହ ପରିବାର ଓ ସମାଜର ମଙ୍ଗଳ କାମନା କରିଥିଲେ ।

# ରାଷ୍ଟ୍ରପତିଙ୍କ ଦୁଇଦିନିଆ ମୟୂରଭଞ୍ଜ ଗସ୍ତ ପାଇଁ ପ୍ରସ୍ତୁତି ବୈଠକ

ବାରିପଦା, (ସବ୍ୟୁ) : ଆସନ୍ତା ୨୩ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜ ଗସ୍ତରେ ଆସି ବହୁ ପ୍ରତିକ୍ଷିତ ଜିଲ୍ଲାରେ ତିନୋଟି ନୂତନ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜିଲ୍ଲାପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ମହାମହିମଙ୍କ ଆସିବା ଏବଂ ତତ୍-ସଂଲଗ୍ନ ସମସ୍ତ କାର୍ଯ୍ୟକ୍ରମକୁ ସଠିକ ଭାବେ ପରିଚାଳନା ଏବଂ ସଂଚାଳନ ପାଇଁ ଜିଲ୍ଲାପ୍ରଶାସନ ଖୁବ ତତ୍ପରତା ସହିତ କାର୍ଯ୍ୟକରିବା ଆରମ୍ଭ କରିଛି । ଗତ ମଙ୍ଗଳବାର ମୁଖ୍ୟ ପ୍ରଶାସକ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବା ପରେ, ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲିଙ୍କ ତତ୍ତ୍ୱାବଧାନରେ ସମସ୍ତ ବରିଷ୍ଠ ଅଧିକାରୀ ଓ ବିଭାଗୀୟ ଅଧିକାରୀଙ୍କ ସହିତ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ପାଇଁ ମହାମହିମ ରାଷ୍ଟ୍ରପତିଙ୍କ ୨ ଦିନିଆ ଗସ୍ତ ଥିବାବେଳେ ୨୩ ତାରିଖରେ ସେ ରାଇରଙ୍ଗପୁର ଏବଂ ୨୪ ତାରିଖରେ ବାଙ୍ଗିରିପୋଷି ଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି, ରାଷ୍ଟ୍ରପତି ଭବନରୁ ନିର୍ଦ୍ଧାରିତ ହୋଇଛି। ମହାମହିମଙ୍କ ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଅନ୍ୟାନ୍ୟ କେନ୍ଦ୍ରମନ୍ତ୍ରୀ ଗଣ, ରାଜ୍ୟ କ୍ୟାବିନେଟ ମନ୍ତ୍ରୀଗଣ, ବିଧାୟକ ଓ ସମ୍ମାନନୀୟ ଅତିଥିବୃନ୍ଦ ମଧ୍ୟ ଯୋଗଦେବାର ସୂଚନାପ୍ରାପ୍ତ ହୋଇଛି। ଏହି ପରିପ୍ରେକ୍ଷୀରେ ସୁରକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳଯୋଗାଣ, ବିଦ୍ୟୁତ ସପ୍ଲାଇ, ଜରୁରୀକାଳୀନ ଅଗ୍ନିଶମ ଦାୟିତ୍ୱ, ଅସ୍ଥାୟୀ ହେଲିପ୍ୟାଡ଼ ନିର୍ମାଣ, ସଭାକାର୍ଯ୍ୟ ପାଇଁ ମଞ୍ଚ ପରିଚାଳନା, କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ଇତ୍ୟାଦି ବ୍ୟବସ୍ଥାକୁ ସୁରୁଖୁରୁରେ ସମ୍ପାଦନା ପାଇଁ ଜିଲ୍ଲାପାଳ ଶ୍ରୀ ସୟ ସମସ୍ତ ଦାୟିତ୍ୱ ବିଭାଗୀୟ ଅଧିକାରୀଙ୍କ ଉପରେ ନ୍ୟସ୍ତ କରିଛନ୍ତି। ୨୩ତାରିଖ ଦିନ ମହାମହିମ ଜନ୍ମମାଟି ଉପରବେଡା ଗ୍ରାମକୁ ଗସ୍ତ କରି ସେଠାରେ ରାଷ୍ଟ୍ରପତି ପାଠ ପଢୁଥିବା ଉପରବେଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିବେ। ପରେ ସଡ଼କ ପଥରେ ରାଇରଙ୍ଗପୁର ସ୍ଥିତ ବାସଭବନରେ ପହଞ୍ଚିବେ ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଏସ୍‌ଏଲ୍‌ଏସ୍ ଟ୍ରଷ୍ଟ ପକ୍ଷରୁ ଏକ ଯାନର ଲୋକାର୍ପଣ କରିବେ। ଏଥିସହିତ ରାଇରଙ୍ଗପୁର ସ୍ଥିତ ମହିଳା ମହାବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ସହ ଆଲୋଚନା କରିବେ। ପରେ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରକୁ ଯାଇ ଦେବ ଦର୍ଶନ କରିବା ସହ ନୂତନ ଭାବେ ସ୍ଥାପିତ ଶ୍ରୀଗଣେଶ ପ୍ରତିମୂର୍ତ୍ତିଙ୍କୁ ଆରତୀ କରିବା ପରେ ରାଇରଙ୍ଗପୁର ସ୍ଥିତ ବାସଭବନରେ ରାତ୍ରିଯାପନ କରିବେ। ଏହାପରେ ରାଷ୍ଟ୍ରପତି ୨୪ ତାରିଖ ଦିନ ବାଙ୍ଗରିପୋଷି ସ୍ଥିତ ଅସ୍ଥାୟୀ ହେଲିପ୍ୟାଡରେ ଦିନ ୯ଟା ୧୫ରେ ପହଞ୍ଚି ତିନୋଟି ନୂତନ ରେଳପଥ ବାଙ୍ଗରିପୋଷି–ଗୋରୁମହିଷାଣୀ, ବୁଡାମରା–ଚକୁଳିଆ ଓ ବାଦାମ ପାହାଡ–କେନ୍ଦୁଝରଗଡ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଏହାସହିତ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଟ୍ରାଇବାଲ ରିସୋର୍ସ ସେଣ୍ଟର, ଦାଣ୍ଡବୋଷ ଏୟାରଷ୍ଟ୍ରିପ ଓ ଉପଖଣ୍ଡ ଚିକିତ୍ସାଳୟର ପୁନରୁଦ୍ଧାର ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରିବେ। ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ପୋଲିସ ଅଧିକାରୀ ମାନେ ଆସି ଘଟଣାସ୍ଥଳ ବୁଲି ସ୍ଥିତିର ତର୍ଜମା କରିବା ସହିତ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ଦାୟିତ୍ୱ ନେଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ଶେଷ ହେବା ପରେ ୨୪ତାରିଖ ପୁରୀ ଅଭିମୁଖେ ଯାତ୍ରା କରିବାର ସୂଚନା ରହିଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଅଭୟ ଦାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଂଜନ ପ୍ରଧାନ ଏବଂ ବାମନଘାଟି ଉପଖଣ୍ଡର ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ଏବଂ ମହାମହିମଙ୍କ ଗସ୍ତ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସମ୍ପାଦନା ପାଇଁ ନିଜ ମତପୋଷଣ କରିଥିଲେ।

# ରାଜ୍ୟସ୍ତରରେ ସନ୍ତୋଷ ମହାନ୍ତି ସମ୍ବର୍ଦ୍ଧିତ

ବାରିପଦା, (ସବ୍ୟୁ) : ସୂଚନା ଅଧିକାର ଆଇନ-୨୦୦୫ ର ୧୯ ବର୍ଷପୂର୍ତ୍ତୀ ଅବସରରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା, ରାଜ୍ୟଶାଖା) ତରଫରୁ ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ଆଇନ, ଅବକାରୀ, ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ, ସମ୍ମାନିତ ଅତିଥିଭାବେ ଏନ୍‌ସିପିଆରଆଇ, ଦିଲ୍ଲୀର ସଦସ୍ୟା ସୁଶ୍ରୀ ଅମ୍ରୀତା ଜୋହରୀ, ବକ୍ତାଭାବେ ବରିଷ୍ଠ ସାମ୍ବାଦିକ ନବୀନ ଦାସ, ଓସାର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବିବାସ ଓ ଆଜାଦ ପାଣିଗ୍ରାହୀ ଯୋଗଦେଇ ସୂଚନା ଅଧିକାର ଆଇନର ପ୍ରୟୋଗ ଓ ଦୁର୍ନିତି ନିବାରଣରେ ତାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ମନ୍ତ୍ରୀ ସୂଚନା ଅଧିକାର ଆଇନକୁ



ଜନସାଧାରଣଙ୍କ ମଙ୍ଗଳରେ ସହାୟକ ହେବ ବୋଲି ଆଶାପୋଷଣ କରିଥିଲେ ଏବଂ ସୂଚନା ଅଧିକାର ଆଇନକୁ ଅଧିକ ସରଳ କରିବାପାଇଁ ଆବଶ୍ୟକ ପରିବର୍ତ୍ତନ କରିବା ଉଚିତ ବୋଲି କହିଥିଲେ। ଏହି ଅବସରରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ମୟୂରଭଞ୍ଜର ଆବାହକ ସନ୍ତୋଷ ମହାନ୍ତିଙ୍କୁ ମୟୂରଭଞ୍ଜରେ ସୂଚନା ଅଧିକାର ଆଇନକୁ ପ୍ରୟୋଗ, ପ୍ରସାର ଓ ପ୍ରଚାର କରି ଲୋକଙ୍କ ମଧ୍ୟରେ ଦୁର୍ନିତି ଓ ଦୁର୍ନିତି ଗ୍ରସ୍ତଙ୍କ ବିରୁଦ୍ଧରେ ଲଢିବା ପାଇଁ ଜନମତ ସୃଷ୍ଟି କରିଥିବାରୁ ରାଜ୍ୟସ୍ତରରେ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ ଓ ସୁଶ୍ରୀ ଅମ୍ରୀତା ଜୋହରୀ ସମ୍ବର୍ଦ୍ଧିତ କରିଥିଲେ।

# ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକ

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ବ୍ଲକ ପ୍ରଶାସନ ଓ ବିଭିନ୍ନ ବିଭାଗ ପକ୍ଷରୁକାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁଡିକର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡା ବିଧାୟକ ଦୁଷ୍ମନ୍ତକୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅକ୍ଷୟ ସୁନିଲଅଗ୍ରୱାଲ, ଖଣ୍ଡପଡା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ଅତିରିକ୍ତ ଭାପୁର ବ୍ଲକଉନ୍ନୟନ ଅଧିକାରୀ ସରୋଜ



କୁମାର ନାୟକ, ଖଣ୍ଡପଡା ଓ ଭାପୁର ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଓ ବେଣୁଧର ପ୍ରଧାନ, ଖଣ୍ଡପଡା ଏସଡିପିଓ ବିମଳ କୁମାର ବାରିକଙ୍କ ସମେତ ବିଭିନ୍ନ ବିଭାଗରବରିଷ୍ଠ ଅଧିକାରୀ, ପଂଚାୟତ ଜନ ପ୍ରତିନିଧିମାନେ ଉପସ୍ଥିତଥ‌ିଲେ । ରାଜ୍ୟ ସରକାରଙ୍କ ପକ୍ଷରୁକାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ ତ୍ୱରାନ୍ୱିତ କରିବା ନିମନ୍ତେବିଧାୟକ ଗୁରୁତ୍ୱାରୋପ କରିଥିଲେ । ସେହିପରି ଅଧାରେ ଅଟକିଥିବା ପ୍ରକଳ୍ପ ଗୁଡିକୁ ତୁରନ୍ତଶେଷ କରିବା ସହ ନୂତନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ । ଖଣ୍ଡପଡାନିର୍ବାଚନମଣ୍ଡଳୀର ୪୨ ଗୋଟି ପଂଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକର କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଶେଷ କରିବାକୁ ଜିଲ୍ଲାପାଳ ବ୍ଲକ କର୍ତ୍ତୃପକ୍ଷଙ୍କୁନିର୍ଦ୍ଦେଶ ଦେଇଥିଲେ ।

# ମା'ମଙ୍ଗଳାଙ୍କର ଶାରଦୀୟ ପର୍ବ ଶେଷ

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡ଼ା ସହରର ମଙ୍ଗଳାସାହିରେ ବିରାଜିତାମା'ମଙ୍ଗଳାଙ୍କର ଶାରଦୀୟ ପର୍ବ ଆଶ୍ୱିନମାସ ଶେଷ ମଙ୍ଗଳବାରରାତ୍ରିରେ ଧୁମ୍ ଧାମ୍‌ରେ ପାଳିତ ହୋଇଯାଇଛି। ଶେଷ ମଙ୍ଗଳବାରଉପଲକ୍ଷେ ମା'ଙ୍କର ମନ୍ଦିରକୁ ବିଭିନ୍ନ ଆଲୋକମାଳାରେ ସୁସଜ୍ଜିତକରାଯାଇଥିବା ବେଳେ ପୂର୍ବାହ୍ନରୁ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କର ଭିଡ଼ଜମିଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜା ହୋମାଦିକର୍ମ ପରେ ସନ୍ଧ୍ୟାରେ ମା'ଙ୍କର ଆଜ୍ଞାମାଳ ନଗରପରିକ୍ରମା କରିଥିଲା।ରାତ୍ରରେ ମାନସିକଧାରୀ ପୁରୁଷ/ମହିଳାମାନେ



ମା'ଙ୍କର କଳସ ଧରିସ୍ନାନ ନିମନ୍ତେ ସହରରେ ଥିବା ଚାପପୁଷ୍କରିଣୀ ଅଭିମୁଖେ ବାହାରିଥିଲେ। ନାନାଦିବାଦ୍ୟ, ଆଲୋକ, ବାଣ ଓ ରୋଷଣିରେମା'ଙ୍କର କଳସଯାତ୍ରାରେ ଶ୍ରଦ୍ଧାଳୁଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା।ମଙ୍ଗଳାସାହି ଓ ମାଳିସାହି ବାସିନ୍ଦାଙ୍କ ସକ୍ରୀୟ ସହଯୋଗରେ ପ୍ରତିବର୍ଷମା'ଙ୍କର ଏହି ଯାତ୍ରା ପର୍ବ ଅନୁଷ୍ଠିତ ହୋଇଆସୁଛି।

# ଗଜଲକ୍ଷ୍ମୀ ପୂଜା

ବାଲିପାଟଣା ,(ସବ୍ୟୁ) :କୁମାର ପୂର୍ଣ୍ଣିମା ଅବସରରେ ବିଭିନ୍ନ ଗ୍ରାମରେ ମା ' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେଉଅଛି ।ଏହି ଅବସରରେ ବାଲିପାଟଣାର ବିଭିନ୍ନ ଗ୍ରାମ ଓ କ୍ଲବରେ ମା' ଗଜଲକ୍ଷ୍ମୀଙ୍କ ପୂଜା ବହୁ ଆଡ଼ମ୍ବରରେ ଆରମ୍ଭ ହୋଇଛିଛ ବନମାଳୀପୁର ରାଧାକାନ୍ତ କ୍ଲବ ( ମଠସାହି ) , ସରିପୁର ଗଜଲକ୍ଷ୍ମୀ ପ୍ରଗତି ସଙ୍ଘ , ବାଗଲପୁର , ମଧୁବନ ଛକ , ଆଳିସି , , କୁଳନ୍ତିରା ଗ୍ରାମ, ବିଶ୍ୱନାଥପୁର ପ୍ରଭୃତି ସ୍ଥାନରେ ମା ' ଙ୍କ ପୂଜା ଆୟୋଜନ କରାଯାଇଛି ।ବନମାଳୀପୁର ରାଧାକାନ୍ତ କ୍ଲବ ଆନୁକୂଲ୍ୟରେ ଚଳିତ ବର୍ଷ ୧୪ ତମ ପୂଜା ହେଉଛି ।

# ଗଜଲକ୍ଷ୍ମୀ ପୂଜାରେ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା

ଅସ୍ତରଙ୍ଗ ,(ସବ୍ୟୁ) : ଅସ୍ତରଙ୍ଗ ମୁଖ୍ୟ ବଜାର ର ମା ଲକ୍ଷ୍ମୀ କ୍ଲବ୍ ପକ୍ଷରୁ ୪୪ ତମ ଗଜଲକ୍ଷ୍ମୀ ପୂଜା ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ କର୍ତ୍ତା ପ୍ରମୋଦ ଦାସ, ପୁରହିତ ବାଳକୃଷ୍ଣ କର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ତତସହିତ ୧୯ରୁ ୨୩ପାଞ୍ଚ ଦିନ ମୁକ୍ତ ମଞ୍ଚ ନାଟକ ପରିବେଷଣ ହେବ ବୋଲି ସାଂସ୍କୃତିକ ସଂପାଦକ ଦେବାଶିଷ ବାରିକ୍ ସୂଚନା ଦେଇଛନ୍ତି। ।୧୯ ତାରିଖ ସନ୍ଧ୍ୟାରେ ରେ ମା ଲକ୍ଷ୍ମୀ ନାଟ୍ୟ ସଂସଦ ପକ୍ଷରୁ ନୂଆ ରାମାୟଣ କାହାଣୀ ଶୁଣ,୨୦ ତାରିଖରେ ଇଶାନେଶ୍ୱର ନାଟ୍ୟ ସଂସଦ ବାଙ୍କୀ କଟକ ପକ୍ଷରୁ ଭୁଲ ତୋର ଭୋଗୁଛି ମୁଁ,୨୧ ତାରିଖରେ ମା ମଙ୍ଗଳା ପପିୟଙ୍ଗ ଷ୍ଟାର ଗୋବିନ୍ଦପୁର ପାରାଦୀପ ପକ୍ଷରୁ କୃଷ୍ଣ ନାମ ଧରି ଯାଉ ଜୀବନ,୨୨ ତାରିଖ ରେ ଓମ୍ ସାଇ ଶକ୍ତି ନାଟ୍ୟ ସଂସଦ ଭୁବନେଶ୍ୱର ପକ୍ଷରୁ ଗୁମୁରୀ ଗୁମୁରୀ କାହାଣୀ କାନ୍ଦେ,୨୩ ତାରିଖ ରେ ଆରିୟାନ କ୍ଲବ୍ ପକ୍ଷରୁ ଭୁବନେଶ୍ୱର ପକ୍ଷରୁ କାନ୍ଦେନା ଲୁହ ସରିଯିବ ନାଟକ ପ୍ରତିଯୋଗିତା କରାଯିବ। ଶ୍ରେଷ୍ଠ ନାଟକ ପରିବେଷିତ କରିଥିବା ଅନୁଷ୍ଠାନ କୁ ଆକର୍ଷଣୀୟ ପୁରସ୍କାର ଦିଆଯିବ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି। ଆୟୋଜିତ କାର୍ଯ୍ୟକ୍ରମକୁ ସଭାପତି ତରୁଣ ତପନ ସ୍ୱାଇଁ, ଉପସଭାପତି ହରିହର ମହାନ୍ତି, ସଂପାଦକ ପବିତ୍ର କୁମାର କାଣ୍ଡି, ଦିଲିପ କୁମାର ଦାସ, ମନୋଜ ବିଶ୍ୱାଳ,ସମୀର କୁମାର କର, ପ୍ରତାପ ବିଶ୍ୱାଳ, ଅଶୋକ ବେହେରା, କୃଷ୍ଣଚନ୍ଦ୍ର ନାୟକ, , ଚିତ୍ରସେନ ପ୍ରଧାନ,ନିରଞ୍ଜନ ଦାସ,ପ୍ରଶାନ୍ତ ଭୋଳ ନିଜର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା କରୁଛନ୍ତି।

# ଅଗ୍ନିଶମ କର୍ମଚାରୀଙ୍କୁ ଆକ୍ରମଣ

ବାଲୁଗାଁ ,(ସବ୍ୟୁ) : ବାଲୁଗାଁ ଦମକଳ ବିଭାଗୀୟ କର୍ମଚାରୀଙ୍କୁ ଆକ୍ରମଣ ହୋଇଥିବା ନେଇ ପୋଲିସରେ ଅଭିଯୋଗ ହୋଇଛି । ବାଲୁଗାଁ ପୋଲିସ ଏ ସଂକ୍ରାନ୍ତରେ ୩୩୫/୨୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତ ମାନେ ଫେରାର ଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ, ବୁଧବାର ବିଳମ୍ବିତ ରାତ୍ରି ପ୍ରାୟ ୧୧ଟାରେ ବାଲୁଗାଁ ଚକ୍ରଧରପୁର ସାହି ସ୍ଥିତ ଏକ କୂଅରେ ଗୋଟିଏ ବାଛୁରୀ ପଡିଯାଇଥିଲା । ଫୋନ ପାଇ ବାଲୁଗାଁ ଦମକଳ ବିଭାଗ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ବାଛୁରୀଟି ଉଦ୍ଧାର ହେବାପରେ ସେ ମରି ଯାଇଥିବା ଦେଖିବାକୁ ମିଳିଥିଲା । ତେବେ ମୃତ ବାଛୁରୀକୁ ପୋତି ଦେବାପାଇଁ ଉକ୍ତ ଅଞ୍ଚଳର କିଛି ଯୁବକ ଦମକଳ କର୍ମଚାରୀଙ୍କୁ ବାଧ କରିଥିଲେ । କିନ୍ତୁ କର୍ମଚାରୀ ମାନେ ଏହିକାମ ଆମର ନୁହେଁ ବୋଲି ଜଣାଇଥିଲେ । ଏଥିରେ ଯୁବକମାନେ ଉତକ୍ଷିପ୍ତ ହୋଇ ଗାଳିଗୁଲଜ କରିବା ସହିତ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ ।ଏହି ଘଟଣାରେ କର୍ମଚାରୀ କରୁଣାକର ମଲ୍ଲିକ ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ଦମକଳ ବିଭାଗ ଅଧିକାରୀ ମୋହନ କୁମାର ଦଳାଇ ଗୁରୁବାର ବାଲୁଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଆଇ ଆଇ ସି ଜୟ ପ୍ରକାଶ ପରିଡା କହିଛନ୍ତି।

# ୫ ଦିବସୀୟ ଧନଦାତ୍ରୀ ମହାଲକ୍ଷ୍ମୀଙ୍କ ପୂଜା ଆରମ୍ଭ

କୋଣାର୍କ ,(ସବ୍ୟୁ): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ନିୟୁ ମାର୍କେଟ କମ୍ପ୍ଲେକ୍ସ ପରିସରରେ ମା ଲକ୍ଷ୍ମୀ ପୂଜା କମିଟି ଆନୁକୁଲ୍ୟରେ ୫ ଦିବସୀୟ ଧନଦାତ୍ରୀ ମହାଲକ୍ଷ୍ମୀଙ୍କ ପୂଜା ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ଆରମ୍ଭ ହୋଇଛି।ମଙ୍ଗଳବାର ସନ୍ଧ୍ୟାରେ ରେ କୋଣାର୍କ ମା ଲକ୍ଷ୍ମୀ ପୂଜା କମିଟି ସଭାପତି ସୁରେନ୍ଦ୍ର ସାହୁଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା,ଏକ ଆଧାତ୍ମିକ ବାତାବରଣ ମଧ୍ୟରେ ଶୋଭାଯାତ୍ରାରେ ଯାଇ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ସ୍ଥିତ ତୀର୍ଥ ପୁଷ୍କରିଣୀ ଠାରେ ପୂଜାର୍ଚ୍ଚନା କରିବା ପରେ ୧୦୧ କଳସ ପାଣି ଆଣିବା ପରେ ଅଧିବାସ ଓ ଅଙ୍କୁରାରୋପଣ କାର୍ଯ୍ୟ ସଂପାଦିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ମା ମହାଲକ୍ଷ୍ମୀଙ୍କ ବିଗ୍ରହ ପ୍ରତିଷ୍ଠା କରାଯିବା ପରେ



ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ ହୋଇଛିଛ ପରେ ପରେ କମିଟିର କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ ଭକ୍ତମାନେ ମା ଙ୍କ ନିକଟରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଏହି ପୂଜାରେ କର୍ତ୍ତା ରୂପେ ସୁଶାନ୍ତ କୁମାର ଚିନେରା ଓ କର୍ତ୍ତୀ ରୂପେ ଧର୍ମପନ୍ନୀ ମିନତୀ ସାହୁ ଦାୟିତ୍ୱ ନିର୍ବାହ କରୁଛନ୍ତି। ।ଏହି ୫ ଦିବସୀୟ ଧନଦାତ୍ରୀ ମହାଲକ୍ଷ୍ମୀଙ୍କ ପୂଜା ଆସନ୍ତା ୨୦ ତାରିଖରେ ସଂପନ୍ନ ହେବାକୁ ଥିବା ବେଳେ ସେହି ଦିନ ଶ୍ରଦ୍ଧାଳୁ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଛି। ଏହି ପୂଜା କାର୍ଯ୍ୟକୁ ମା ଲକ୍ଷ୍ମୀ ପୂଜା କମିଟିର ଉପସଭାପତି ଗଣେଶ ପ୍ରସାଦ ଜେନା, ସଂପାଦକ ମନୋଜ ସେଠ, ସହସଂପାଦକ ରୁଦ୍ର ପ୍ରସାଦ ବେଉରା, କୋଷାଧ୍ୟକ୍ଷ ସ୍ୱାଧୀନ ନାୟକ, ଶିବରାମ ରାୟ, ଗୌରାଙ୍ଗ ବିଶ୍ୱାଳ ଓ ମହେଶ୍ୱର ଖୁଣ୍ଟିଆ ସମେତ ସମସ୍ତ କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ।

# ଭକ୍ତ ଦାସିଆ ପୀଠରେ ମା' ମହାଲକ୍ଷ୍ମୀ ପୂଜା

ପିପିଲି, (ସବ୍ୟୁ) :ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପିପିଲି ନିକଟସ୍ଥ ବାଲିଗାଁ ଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ପାଶର୍ବ ମନ୍ଦିରରେ ମା ମହାଲକ୍ଷ୍ମୀଙ୍କ ଏକ ଦିବସୀୟ ଯଜ୍ଞ ଉତ୍ସବ ମହାସମାରୋହରେ ଭକ୍ତ ଦାସିଆ ସ୍ମୃତିକମିଟି ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ପୀଠସ୍ଥ ଶ୍ରୀ ଜଗନ୍ନାଥ ମନ୍ଦିର ତଥା ସମସ୍ତ ପାର୍ଶ୍ୱ ମନ୍ଦିରର ଦୈନନ୍ଦିନନୀତିକ୍ରାନ୍ତି ସହିତ ମହାଲକ୍ଷ୍ମୀଙ୍କ ମନ୍ଦିରରେ ସ୍ୱତନ୍ତ ପୂଜା ନୀତିର ଆୟୋଜନ ସହିତ ମା ମହାଲକ୍ଷ୍ମୀଙ୍କ ନୂତନ ବସ୍ତ୍ରପରିଧାନ, ବିଭିନ୍ନ ସୁଜାତୀୟ ପୁଷ୍ପ ସଜ୍ଜା, ଅଖଣ୍ଡ ନାମ ସଂକୀର୍ତ୍ତନ ମଧ୍ୟରେ ଯଜ୍ଞ କାର୍ଯ୍ୟରେ ମୂଖ୍ୟ ର୍କା ଓ ର୍କୀଭାବେ ଶ୍ରୀ ସ୍ୱରୂପ କୁମାର ସାହୁ ଓ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ତୃପ୍ତିମୟୀ ସାହୁ କାର୍ଯ୍ୟ ନିର୍ବାହ କରିଥିବା ବେଳେଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟପୂଜକ ଶ୍ରୀ ଲିଙ୍ଗରାଜ ପଣ୍ଡା ଓ ସହାୟକ ପୂଜକ ଶ୍ରୀ ପସନ୍ନ କୁମାର ପଣ୍ଡା ବୈଦିକରୀତିରେ ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ। ପୁଷ୍ପାଞ୍ଜଳୀରେ



ଅନେକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଭକ୍ତ ଦାସିଆସଂର୍କୀନ ମଣ୍ଡଳୀ ତରଫରୁ ଅଖଣ୍ଡ ନାମ ସଂର୍କୀନ ପରିବେଶଷଣ କରାଯାଇଥିଲା। ସେଠାରେ ଥିବା ଭକ୍ତ ଦାସିଆଙ୍କସମାଧି ପୀଠ, ଶ୍ରୀଜଗନ୍ନାଥଙ୍କ ମନ୍ଦିର, ରାଧାମୋହନ ମଠ, ତୁଳସୀ ବଣ, ପଦ୍ମପୋଖରୀ ଓ ଭକ୍ତ ଦାସିଆ ତାଙ୍କପତ୍ନୀଙ୍କୁ ରଥଯାତ୍ରା ଦେଖାଇଥିବା ଗୋଠଗଡ଼ିଆ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲିଖିତ ହୋଇଥିଲା। ଅନୁଷ୍ଠାନରଉପ ସଭାପତି ଡାକ୍ତର ନରେନ୍ଦ୍ର ନାଥ ସାହୁ , ସାଧାରଣ ସଂପାଦକ ଡ଼ଃ ଘନଶ୍ୟାମ ସ୍ୱାଇଁ, ଅଜୟ ଦାସ, ସଦାଶିବ

ସ୍ୱାଇଁ, ଦାସ ସଂପ୍ରଦାୟର ସଂପାଦକ ସୁଦର୍ଶନ ଦାସ, ଜୟକୃଷ୍ଣ ରାଉତ, ଗିରିଧାରୀ ପଲାଇ, ଲକ୍ଷ୍ମୀଧର ଲେଙ୍କା,ପ୍ରଫୁଲ ବିଶ୍ୱାଳ, ସାଗର ବଳ, କୃଷ୍ଣଚନ୍ଦ୍ର ରାଉତ, କବିନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ଲେଙ୍କା ପ୍ରମୁଖ ଉପସ୍ଥିତ ରହିକାର୍ଯ୍ୟକ୍ରମର ସୁପରିଚାଳନା କରିବା ସହ ସର୍ବଶେଷରେ ସମସ୍ତ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବିତରଣ କରିଥିଲେ।

# ଚିଲିକାରେ ଓଡ଼ିଶା ନାଭାଲ ଏନ୍ ସି ସି ୟୁନିଟର ନୌକାୟନ ଅଭିଯାନ

ବାଲୁଗାଁ,(ସବ୍ୟୁ):ଜାତୀୟ ସମର ଶିକ୍ଷ୍ୟାର୍ଥି ବାହିନୀ(ଏନ୍ ସି ସି) ଓଡ଼ିଶା ନିର୍ଦ୍ଦେଶାଳୟ ପକ୍ଷରୁ ୩ ଓଡ଼ିଶା ନାଭାଲ ୟୁନିଟ ଏନସିସି,କଟକ ନେତୃତ୍ୱରେ ଭାରତୀୟ ନୌସେନା ପୋତ ଚିଲିକାରେ ବୁଧବାର ନୌକାୟନ ଅଭିଯାନ ଶୁଭାରମ୍ଭ ହୋଇଛି ।ଏହାକୁ କମାଣ୍ଡିଂ ଅଫିସର୍ , ଆଇ ଏନ୍ ଏସ୍ ଚିଲିକା କୋମୋଡୋର୍ ବି ଦୀପକ ଅନିଲ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।ଏହି ନୌକାୟନ ଦଶ ଦିନ ଧରି ଚାଲିବଛ ମୋଟ ୬୦ ଜଣ କ୍ୟାଡେଟ ନୌକାୟନ ରେ ସାମିଲ ହୋଇଥିବା ବେଳେ ଚିଲିକାରେ ୨୧୦ କିମି ଅତିକ୍ରମ କରିବାର କାର୍ଯ୍ୟ ସୂଚୀ ରହିଛି। ଏହା ସହ କ୍ୟାଡେଟ ମାନେ ବିଭିନ୍ନ ସାମାଜିକ ସେବା କାର୍ଯ୍ୟକ୍ରମ ରେ ଭାଗ ନେବେ। କ୍ୟାଡେଟ ମାନଙ୍କ ମଧ୍ୟରେ ଶୃଙ୍ଖଳା ଆତ୍ମବିଶ୍ୱାସ ଏଂ ଅନୁଶାସନ ଭାବନା ସୃଷ୍ଟି କରିବା ଏହି ଅଭିଯାନ ର ମୁଖ୍ୟ ଉଦ୍ଦେଶ୍ୟ। ଉକ୍ତ କାର୍ଯ୍ୟକ୍ରମରେ କ୍ୟାମ୍ପ୍ କମାଣ୍ଡାଣ୍ଟ କମାଣ୍ଡର ସୁଶାନ୍ତ କୁମାର ମହାନ୍ତି ଏବଂ ସୁରକ୍ଷା ଅଧିକାରୀ କମାଣ୍ଡର ସୁଦୀପ କୁମାର ସାହୁ ଉପସ୍ଥିତ ରହି ନେତୃତ୍ୱ ନେଇଥିଲେ ।

# ବିଭିନ୍ନ ସ୍ଥାନରେ ଲକ୍ଷ୍ମୀ ପୂଜା

କଣାସ : ମା ଗଜଲକ୍ଷ୍ମୀ ପୂଜା କମିଟି ଗୋପୀନାଥପୁର ତରଫରୁ ପ୍ରତିବର୍ଷ ପରି ଚଳିତ ବାର୍ଷ ଗଜ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ବୁଧବାର ମାଆଙ୍କର ପାଞ୍ଚ ଦିନ ବ୍ୟାପୀ ଯଜ୍ଞ, ସୂର୍ଯ୍ୟ ପୂଜା, ଗୋ ପୂଜା ମଣ୍ଡଳ କରଣ ଓ ମା'ଙ୍କର ଷୋଡଶହ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା ଏହି ପୂଜା ପାଇଁ ଦୟାନଦୀରେ ଭକ୍ତମାନେ ୧୦୮ କଳସ ବୁଡ଼ାଇ ପୀଠରେ ବସାଇଥିଲେ ।ଏହି ପୂଜା ଦ୍ୱାରା ଶହ ଶହ ଭକ୍ତମାନଙ୍କର ମାନସିକ ପୁରଣ ହୋଇଛି ବୋଲି ଭକ୍ତମାନେ ମତ ରଖିଛନ୍ତି ଏଥିସହିତ ପାଲା, ଭଜନ ସମାରୋହ,ନବରଙ୍ଗ ଗୀତି ନାଟ୍ୟ ଅନେକ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।ଏହି ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ବିଜୟ କୁମାର ପ୍ରଧାନ,



କୈଳାସ ପ୍ରଧାନ, ଶିବ ପ୍ରଧାନ, ବିଶ୍ୱ ଭୂଷଣ ପ୍ରଧାନ, ବସନ୍ତ କୁମାର ପ୍ରଧାନ, ଦୈତାରୀ ପ୍ରଧାନ, ଧବଳେଶ୍ୱର ପ୍ରଧାନ, କାଳୁ ପ୍ରଧାନ ଓ ଗୋପିନାଥପୁରର ସମସ୍ତ ଗ୍ରାମବାସୀ ସହଯୋଗ କରୁଥିବା ବେଳେ ଆଖ ପାଖର ଗ୍ରାମ ତଥା କଳାପଦର, ପାଇକମରା, ସାହାସପୁର, ନୂଆଗାଁ, ସାନଓରା ଓ ବଡ଼ଓରାର ଗ୍ରାମରୁ ଶହଶହ ଭକ୍ତ ମାଆଙ୍କ ଦର୍ଶନ ପାଇଁ ଆସିଥିବା ଜଣାପଡିଛି ।ସେହିପରି କଣାସ ବସଷ୍ଟାଣ୍ଡ , ଫ୍ରେଣ୍ଡସ୍ କ୍ଲବ ଓ ଜଂକିଆ ବଜାରରେ ମହା ଆଡ଼ମ୍ବରରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି।

# ସୁସ୍ଥ ରହିଲେ ହାର୍ଟ, ସୁସ୍ଥ ରହିବ ବ୍ରେନ୍

ଆମ ଶରୀରର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ବ୍ରେନ୍ ଓ ହାର୍ଟ। ବ୍ରେନ୍ ଆମ ଶରୀରର ସମସ୍ତ ଅଙ୍ଗକୁ ନିୟନ୍ତ୍ରଣ କରୁଥିବା ବେଳେ ହାର୍ଟ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ନିରବଛିନ୍ନ ଭାବରେ କାମ କରିବା ସହିତ ବ୍ରେନ ସମେତ ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଂଚାଳନ କରିଥାଏ। ଯାହା ଫଳରେ ବ୍ରେନ୍ ସଠିକ୍ ଭାବରେ କାମ କରିଥାଏ। ଯେତେବେଳେ କୌଣସି ହାର୍ଟ ଜନିତ ରୋଗ କାରଣରୁ ରକ୍ତ ସଂଚାଳନ କରୁଥିବା ଧମନୀ ଗୁଡିକ ସମସ୍ୟା ହୋଇଥାଏ, ସେତେବେଳେ ବ୍ରେନ୍‌କୁ ମଧ୍ୟ ଠିକ୍ ଭାବରେ ରକ୍ତ ପ୍ରଭାବ ହୋଇନଥାଏ । ଯାହା ଫଳରେ ବ୍ରେନ୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଥାଏ ଓ ଠିକ୍ ଭାବରେ କାମ କରିନଥାଏ।

ବିଭିନ୍ନ ପ୍ରକାରର ରୋଗ ଯେପରିକି ଉଚ୍ଚ ରକ୍ତଚାପ, ଅନିୟନ୍ତ୍ରୀତ ଡାଇବେଟିସ୍ , ଅନିୟନ୍ତ୍ରୀତ କୋଲେଷ୍ଟ୍ରୋଲ ଏବଂ ଆଳସ୍ୟମୟ ଜୀବନଶୈଳୀ ଆମର ହାର୍ଟ ଓ ବ୍ରେନ୍ ଉପରେ କୁପ୍ରଭାବ ପକେଇଥାଏ। ଯେତେବେଳେ ଏହି ସବୁ କାରଣରୁ ହାର୍ଟକୁ ରକ୍ତ ସଂଚାଳନ କରୁଥିବା ରକ୍ତ ଧମନୀ ଗୁଡିକ ପ୍ରଭାବିତ ହୋଇଥାଏ ସେତେବେଳେ ବ୍ରେନ୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଥାଏ। ବ୍ରେନକୁ ରକ୍ତ ପ୍ରବାହ କମିଯିବା ଫଳରେ ଏହା ନିର୍ଦ୍ଧାରିତ ସମୟଠାରୁ ଅଧିକ କାର୍ଯ୍ୟ କରିବାର ସାମର୍ଥ୍ୟ ହରାଇଥାଏ। ଅଧିକାଂଶ ସମୟରେ ହାର୍ଟକୁ ରକ୍ତ ସଂଚାଳନ କରୁଥିବା ଧମନୀରେ ବ୍ଲକେଜ୍ ହେଲେ ଏହା ବୋଧଶକ୍ତି ସମ୍ପର୍କିତ କାର୍ଯ୍ୟ



ଯେପରିକି ସ୍ମୃତିଶକ୍ତି,ନିଷ୍ପତ୍ତି ନେବା ଶକ୍ତିକୁ କମାଇବାର ସୂଚନା ଦେଇଥାଏ।

ଅନିୟନ୍ତ୍ରୀତ ଉଚ୍ଚ ରକ୍ତଚାପ ଏବଂ ବ୍ଲକଡ୍ ଆରଟେରି ଭଳି ସମସ୍ୟା ଯୋଗୁଁ ଯେତେବେଳେ ହାର୍ଟ ପର୍ଯ୍ୟାପ୍ତ ପରିମାଣରେ ରକ୍ତ ପ୍ରବାହ କରିପାରେ ନାହିଁ ସେତେବେଳେ ବ୍ରେନର ରକ୍ତ ପ୍ରବାହ ବନ୍ଦ ହୋଇଯାଏ। ଏହା ଯୋଗୁଁ ସାଇଲେଣ୍ଟ ବ୍ରେନ୍ ଷ୍ଟ୍ରୋକ୍ କିମ୍ବା ଅନ୍ୟ ପ୍ରକାରର ସେରେବ୍ରୋଭାସକୁଲାର ଡାମେଜ୍ ହେବାର ଆଶଙ୍କା ରହିଥାଏ। ଅଧିକ ଥର ଏହି ଷ୍ଟ୍ରୋକ୍ ହେଲେ କିମ୍ବା ଏହାର ସଠିକ୍ ଚିକିତ୍ସା ନହୋଇଥିଲେ ଏହା ବିଚାର ଶକ୍ତିକୁ କ୍ରମଶଃ ବାଧାପ୍ରାପ୍ତ କରିଥାଏ। ରୋଗୀ ଦିନକୁ ଦିନ ନିଜର ସଙ୍ଗଠିତ କାର୍ଯ୍ୟ , ଦୈନନ୍ଦିନର ସବିଶେଷ କାର୍ଯ୍ୟଧାରାକୁ ଭୁଲିବାରେ ଲାଗେ ।

ବ୍ରହ୍ମପୁରର କେ.ସୁରେଶ ପାତ୍ର (୬୦)ନାମକ ଜଣେ ବୟସ୍କ ବ୍ୟକ୍ତିଙ୍କଠାରେ ସେହିପରି ଆଚରଣ,ଚିଡ଼ଚିଡ଼ା ପ୍ରକୃତି,କ୍ରୋଧ ପ୍ରବଣତା ଦେଖାଯାଇଥିଲା। ୬ମାସ ଆଗରୁ ସେ ଷ୍ଟ୍ରୋକରେ ପୀଡ଼ିତ ହୋଇଥିଲେ। ସେ ଡାଇବେଟିସରେ ଆକ୍ରାନ୍ତ ଥିବା ସହ ତାଙ୍କୁ ହାଇ ବ୍ଲଡ୍ ପ୍ରେସର,କରୋନାରୀ ଆରଟେରୀ ରୋଗ ଏବଂ ଅନିୟମିତ ହାର୍ଟ ରେଟ୍ ମଧ୍ୟ ଥିଲା। ଭୁବନେଶ୍ୱର ମଣିପାଲ୍ ହସ୍‌ପିଟାଲରେ ଆଡମିସନ ପରେ ଏମଆରଆଇ ସ୍କାନ୍ ପରେ ଜଣାଯାଇଥିଲା ଯେ ତାଙ୍କ ବ୍ରେନ୍‌ରେ କିଛିଟା ସାଇଲେଣ୍ଟ ଷ୍ଟ୍ରୋକ୍ ହୋଇସାରିଛି। ଏହି ଷ୍ଟ୍ରୋକ୍ ଯୋଗୁଁ ତାଙ୍କ ଆଚରଣରେ ବହୁ ପରିବର୍ତ୍ତନ ହୋଇଛି। ମଣିପାଲ୍ ହସ୍ପିଟାଲରେ ତାଙ୍କର ସଠିକ୍ ଚିକିତ୍ସା ପରେ ସେ ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ।

ଚିକିତ୍ସା ବିଜ୍ଞାନରେ ଏ କଥା ପ୍ରମାଣିତ ହୋଇଛି ଯେ, ବ୍ରେନ୍‌ର କାର୍ଯ୍ୟ ଉପରେ ହାର୍ଟର ସ୍ୱାସ୍ଥ୍ୟର ମହତ୍ୱପୂର୍ଣ୍ଣ ତଥା ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡିଥାଏ। ସେଥିପାଇଁ ବ୍ରେନ୍‌କୁ ସୁସ୍ଥ ଓ କାର୍ଯ୍ୟ ଦକ୍ଷତା ବଜାୟ ରଖିବା ପାଇଁ, ହାର୍ଟକୁ ସୁସ୍ଥ ଓ ନୀରୋଗ ରଖିବା ଏକାନ୍ତ ଆବଶ୍ୟକ। ସେଥିପାଇଁ ଆପଣଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ କଥା ପ୍ରତି ଧ୍ୟାନ ଦେବାକୁ ପଡିବ।

ଅନିୟନ୍ତ୍ରୀତ ଉଚ୍ଚ ରକ୍ତଚାପ ଉଭୟ ବ୍ରେନ୍ ଓ ହାର୍ଟ ଉପରେ କୁପ୍ରଭାବ ପକେଇ ଥାଏ। ସେଥିପାଇଁ ରକ୍ତଚାପକୁ ସବୁବେଳେ ନିୟନ୍ତ୍ରଣରେ ରଖିବା ଉଚିତ । ଡାଇବେଟିସ୍ ରକ୍ତ ଧମନୀ ଉପରେ କୁପ୍ରଭାବ ପକେଇ ଏହାକୁ ନଷ୍ଟ କରିଦିଏ, ଯାହା ଫଳରେ ବିଭିନ୍ନ ପ୍ରକାର ହୃଦ୍‌ରୋଗ ହେବାର ସମ୍ଭାବନା ମଧ୍ୟ ବଢିଥାଏ। ସେଥିପାଇଁ ରକ୍ତଶର୍କରାକୁ ମଧ୍ୟ ନିୟନ୍ତ୍ରଣରେ ରଖନ୍ତୁ । ଶରୀର ମଧ୍ୟରେ ଖରାପ କୋଲେଷ୍ଟ୍ରୋଲ ପରିମାଣ ବଢିଗଲେ ଏହା ରକ୍ତ ଧମନୀ ମଧ୍ୟରେ ବ୍ଲକେଜ କରିଥାଏ ଯାହାକି ବ୍ରେନ୍ ଓ ହାର୍ଟ ଉପରେ କୁପ୍ରଭାବ ପକେଇ ଥାଏ। ଆଳସ୍ୟମୟ ଜୀବନଶୈଳୀ କାରଣରୁ ହାର୍ଟ ଦୁର୍ବଳ ହେବା ସହିତ ବ୍ରେନ୍‌କୁ ଠିକ୍ ଭାବରେ ରକ୍ତ ସଂଚାଳନ ହୋଇନଥାଏ, ଫଳରେ ବ୍ରେନ୍ ଉପରେ ଏହାର କୁପ୍ରଭାବ ମଧ୍ୟ ପଡିଥାଏ। ଏହାର ପ୍ରତିକାର ପାଇଁ ନିୟମିତ ବ୍ୟାୟାମ କରିବା ସ୍ୱାସ୍ଥ୍ୟ ପ୍ରତି ଉତ୍ତମ ।

**ଡାକ୍ତର ଆକାଶ ଅଗ୍ରୱାଲ**
**ସ୍ନାୟୁରୋଗ ବିଶେଷଜ୍ଞ,**

# ଦୁର୍ଗାପୂଜା ଅବସରରେ ନାଟକ ପରିବେଷଣ

ବାଲିପାଟଣା (ସବ୍ୟୁ): ଶାରଦୀୟ ଦୁର୍ଗାପୂଜା ପୂଜା ଅବସରରେ ବାଲିପାଟଣା ଶ୍ରୀ ବୁଦ୍ଧନାଥ ବ୍ୟବସାୟୀ ସଙ୍ଘ ଓ ମହାବୀର ସାଂସ୍କୃତିକ ପରିଷଦ ଏବଂ କୁଶଭଦ୍ରା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ନାଟକ ମଞ୍ଚସ୍ଥ ହୋଇଯାଇଛି । କୁଶଭଦ୍ରା ସାଂସ୍କୃତିକ ପରିଷଦ ଏବଂ ଜିଡ଼ି କ୍ଲବ ଆନୁକୂଲ୍ୟରେ ମହାଷ୍ଟମୀ ରୁ ବିଜୟା ଦଶମୀ ୪ ଦିବାସୀୟ ନାଟକ ଟୁର୍ନାମେଣ୍ଟ ଆୟୋଜନ ହୋଇଥିଲା । ବାଲିପାଟଣା ଶ୍ରୀ ମହାବୀର ସାଂସ୍କୃତିକ ପରିଷଦ ତରଫରୁ ଭାଇ ଭଉଣୀର ନୂଆ କାହାଣୀ ଏବଂ ଜନମ



ନେଇଛି କାନ୍ଦିବା ପାଇଁ ନାଟକ ମଞ୍ଚସ୍ଥ ହୋଇଥିଲା । ଜଣାଶୁଣା ନିର୍ଦ୍ଦେଶକ ଭଗବାନ ପଣ୍ଡା ଏବଂ ଦୀପକ ପ୍ରଧାନ ନିର୍ଦ୍ଦେଶନା ଦେଇଥିଲେ । । ସେହିପରି କୁଶଭଦ୍ରା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆସିଛି ଏକା ଯିବି ମୁଁ ଏକା , ଭୁଲ ତୋର ଭୋଗୁଛି ମୁଁ , ଦିଅଁ ପୂଜିବାକୁ ଦେଉଳ ମନା , କଳଙ୍କ ମୋ ପାଇଁ ଚନ୍ଦନ ଟୋପା ମଞ୍ଚସ୍ଥ ହୋଇଥିଲା। ଆଖ ପାଖ ଅଞ୍ଚଳର ବହୁ ସଂଖ୍ୟାରେ ଦର୍ଶକ ନାଟକ ପରିଦର୍ଶନ କରି ଭରପୁର ମନୋରଞ୍ଜନ କରିଥିଲେ।

# ଜିଓ କ୍ଲାଉଡ୍ ପିସି ଘରେଥିବା ଟିଭିକୁ କମ୍ପ୍ୟୁଟରରେ ପରିଣତ କରିବ

ଭୁବନେଶ୍ୱର,(ସବ୍ୟୁ): ରିଲାଏନ୍ସ ଜିଓ ଇଣ୍ଡିଆ ମୋବାଇଲ୍ କଂଗ୍ରେସ ୨୦୨୪ ରେ ଏକ ଟେକ୍ନୋଲୋଜି ପ୍ରଦର୍ଶନ କରିଛି ଯାହା ଘରର ସ୍ମାର୍ଟ ଟିଭିଗୁଡ଼ିକୁ ସହଜରେ କମ୍ପ୍ୟୁଟରରେ ପରିଣତ କରିପାରିବ । ଜିଓ କ୍ଲାଉଡ୍ ପିସି ନାମକ ଏହି ଟେକ୍ନୋଲୋଜି ଟିଭିକୁ ମାତ୍ର ଶହେ ଟଙ୍କା ଖର୍ଚ୍ଚରେ କମ୍ପ୍ୟୁଟରରେ ପରିଣତ କରିବ ଛ ଏଥିପାଇଁ କେବଳ ଇଣ୍ଟରନେଟ୍ ସଂଯୋଗ, ସ୍ମାର୍ଟ ଟିଭି, ଟାଇପିଂ କିବୋର୍ଡ୍, ମାଉସ୍ ଏବଂ ଜିଓ କ୍ଲାଉଡ୍ ପିସି ଆପ୍ ଆବଶ୍ୟକ ହେବ । ଯେଉଁମାନଙ୍କ ଟିଭି ସ୍ମାର୍ଟ ନୁହେଁ, ସେମାନଙ୍କ ସାଧାରଣ ଟିଭି ମଧ ଜିଓ ଫାଇବର କିମ୍ବା ଜିଓ ଏୟାରଫାଇବର ସହିତ ଆସୁଥିବା ସେଟ୍-ଟପ୍ ବକ୍ସ ମାଧ୍ୟମରେ କମ୍ପ୍ୟୁଟର ହୋଇପାରିବ । ବାସ୍ତବରେ ଜିଓ କ୍ଲାଉଡ୍ ପିସି ହେଉଛି ଏକ ଟେକ୍ନୋଲୋଜି ଯାହାଦ୍ୱାରା ଯେକୌଣସି ଟିଭି ଇଣ୍ଟରନେଟ୍ ମାଧ୍ୟମରେ କ୍ଲାଉଡ୍ କମ୍ପ୍ୟୁଟିଙ୍ଗ ସହିତ ସଂଯୋଗ ହୋଇପାରିବ । ଏହା ବ୍ୟବହାର କରିବା ମଧ ସହଜ, ଗ୍ରାହକ କେବଳ ଆପରେ ଲଗଇନ୍ କରିବା ଆବଶ୍ୟକ ଏବଂ କ୍ଲାଉଡରେ ଗଚ୍ଛିତ ସମସ୍ତ ତଥ୍ୟ ଟିଭିରେ ଦୃଶ୍ୟମାନ ହେବ । ଇମେଲ, ମେସେଜିଂ, ସୋସିଆଲ୍ ନେଟୱାର୍କିଂ, ଇଣ୍ଟରନେଟ୍ ସର୍ଫିଂ, ସ୍କୁଲ୍ ପ୍ରୋଜେକ୍ଟ, ଅଫିସ ପ୍ରେଜେଣ୍ଟେଶନ ପରି କମ୍ପ୍ୟୁଟରରେ ସମସ୍ତ କାର୍ଯ୍ୟ ହୋମ ଟିଭିରେ କରାଯାଇପାରିବ ଛ ସରଳ ଶବ୍ଦରେ, ସମସ୍ତ ତଥ୍ୟ କ୍ଲାଉଡ୍ ରେ ରହିବ ଏବଂ ସର୍ଭର, ଷ୍ଟୋରେଜ୍, ଡାଟାବେସ୍, ନେଟୱାର୍କିଂ, ସଫ୍ଟୱେର୍ ଏବଂ ଆନାଲିଟିକ୍ସ ଭଳି ସେବା ଟିଭି ମାଧ୍ୟମରେ ବ୍ୟବହାର କରାଯାଇପାରିବ ଛ ଆବଶ୍ୟକତା ଅନୁଯାୟୀ କ୍ଲାଉଡ୍ କମ୍ପ୍ୟୁଟିଙ୍ଗର କ୍ଷମତା ବୃଦ୍ଧି କିମ୍ବା ହ୍ରାସ କରାଯାଇପାରିବ ଛ ଏହା ସୁରକ୍ଷିତ ହେବା ସହିତ, ସାଧାରଣ କମ୍ପ୍ୟୁଟର ବ୍ୟବହାର କରିବା ତୁଳନାରେ ଡାଟା ପୁନରୁଦ୍ଧାର ପାଇଁ ମଧ ସହଜ ଅଟେ ଛ ଟିଭି ସହିତ ଏହାକୁ ମୋବାଇଲରେ ମଧ ବ୍ୟବହାର କରାଯାଇପାରିବ ଛ ଯଦିଓ କମ୍ପାନୀ ଏହି ଆପର ବଜାରରେ ଉପଲବ୍ଧ ହେବା ତାରିଖ ଘୋଷଣା କରିନାହିଁ, ତଥାପି ଏହା ଆଗାମୀ କିଛି ମାସ ମଧ୍ୟରେ ବଜାରରେ ଉପଲବ୍ଧ ହେବାର ଆଶା କରାଯାଉଛି ।

### ଅଣ ଓଡିଆ ଦମ୍ପତିଙ୍କୁ ଚକମା ଦେଇ ଲୁଟ୍ ଘଟଣା

# ଟଙ୍କା ଓ ଅଳଙ୍କାର ଉଦ୍ଧାର : ଟ୍ୟାକ୍ସି ଡ୍ରାଇଭର ଗିରଫ

ଚଣ୍ଡିଖୋଲ/ପାଣିକୋଇଲି, (ସବ୍ୟୁ) : ଦୁଇଜଣ ଅଣ ଓଡିଆ ଗ୍ରାହକଙ୍କୁ ଭଡାରେ ଭୁବନେଶ୍ୱରରୁ ଯୋଡ଼ା ନେଇଯାଉଥିବା ଜଣେ ଟ୍ୟାକ୍ସି ଡ୍ରାଇଭର ଚକମାଦେଇ ସେମାନଙ୍କୁ ଅଧାବାଟରେ ଛାଡିଦେଇ ସେହି ଗ୍ରାହକଙ୍କ ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟିନେଇ ପଳାଉଥିଲା ବେଳେ ଚଣ୍ଡିଖୋଲ ଠାରେ ପୋଲିସ ହାବୁଡରେ ପଡିବା ଘଟଣା ଆଲୋଚନାର ବିଷୟ ହୋଇଛି । ପୋଲିସ କୌଶଳକରି ସପୃକ୍ତ ଡ୍ରାଇଭରକୁ କାବୁ କରିବା ସହ ତାଠାରୁ ଗ୍ରାହକଙ୍କ ଟଙ୍କା ଓ ସୁନାରୂପା ଅଳଙ୍କାଳ ଉଦ୍ଧାର କରିଛି । ପ୍ରାପ୍ତ ସୂଚନା ଅନୁଯାଇ ଦୁଇଜଣ ଅଣ ଓଡିଆ ସ୍ୱାମୀ-ସ୍ତ୍ରୀ ଭୁବନେଶ୍ୱରରୁ ଯୋଡାଯିବା ପାଇଁ ଭୁବନେଶ୍ୱରର ଏକ ହୋଟେଲ ମାଧମରେ ଟ୍ରାଭେଲ୍ସ ଏଜେନ୍ସିରୁ ଓଡି୦୨ୟୁ ୭୩୧୦ ନମ୍ବରଥିବା ଏକ ଟ୍ୟାକ୍ସି ବୁକ କରିଥିଲେ । ବୁଧବାର ସକାଳୁ ସେମାନେ ଏହି ଟ୍ୟାକ୍ସିରେ ଯୋଡା ଯାଉଥିଲେ । ଭୋକ ହେବାରୁ



ଯାଜପୁର ଜିଲ୍ଲା ପାଣିକୋଇଲିରେ ଶାନ୍ତି ହୋଟେଲରେ ସେମାନେ ମଧ୍ୟାହ୍ନ ଭୋଜନ କରିଥିଲେ। ସ୍ୱାମୀ-ସ୍ତ୍ରୀ ଦୁଇଜଣ ଖାଉଥିବା ବେଳେ ଡ୍ରାଇଭର ଜଣକ ଆଗ ଖାଇସାରି ହଠାତ ସ୍ୱାମୀ-ସ୍ତ୍ରୀଙ୍କ ପାଖରେଥିବା ଏକ ବ୍ୟାଗକୁ ଆଣି ଗାଡିକୁ ଆସିଥିଲା । ଏହି ବ୍ୟାଗ ଆଣିବାପରେ ଡ୍ରାଇଭର ସେମାନଙ୍କୁ ଚକମାଦେଖାଇ ବ୍ୟାଗସହ ଗାଡିକୁ ଧରି ଚମ୍ପଟ ମାରିଥିଲା। ଖାଇସାରି ସ୍ୱାମୀ ସ୍ତ୍ରୀ ହୋଟେଲ ବାହାରକୁ ଆସି ଦେଖନ୍ତିତ ସେଠାରେ ଗାଡି ନାହିଁ। ତେବେ ଡ୍ରାଇଭର ଚଣ୍ଡିଖୋଲ ପଟକୁ ଗାଡିନେଇ ପଳାଇଥିବା କେତେକ ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ଅନୁଯାଇ ସ୍ୱାମୀ-ସ୍ତ୍ରୀ ଦୁଇଜଣ ହୋଟେଲ ମାଲିକଙ୍କ ସହଯୋଗରେ ସଙ୍ଗେସଙ୍ଗେ ପାଣିକୋଇଲି ଥାନା ଓ ଚଣ୍ଡିଖୋଲ ଫାଣ୍ଡି ପୋଲିସକୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଖବରପାଇ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ସଦଳବଳ ଚଣ୍ଡିଖୋଲ ଛକରେ ଏକ ଲମ୍ବା ଟ୍ରଲରକୁ ରାସ୍ତା ଉପରେ ଆଡାପକାଇ ଟ୍ୟାକ୍ସିକୁ ଅଟକାଇଥିଲେ। ପରେ ଲୁଟେରା ଡ୍ରାଇଭରକୁ କାବୁକରିବା ସହ ତା ଠାରୁ ନଗଦ ଦୁଇ ହଜାର ଟଙ୍କା ଓ ସମସ୍ତ ସୁନାରୂପା ଅଳଙ୍କାର ଜବତ କରିଥିଲେ।

ଜବତ ହୋଇଥିବା ଅଳଙ୍କାରର ମୂଲ୍ୟ ଦୁଇଲକ୍ଷରୁ ଉର୍ଦ୍ଧ୍ୱ ହେବବୋଲି ପୋଲିସ କହିଛି । ପରେ ପୋଲିସ ସଂପୃକ୍ତ ଡ୍ରାଇଭରକୁ ଗିରଫ କରି ଜବତ ଅଳଙ୍କାର ଓ ଟଙ୍କାସହ ପାଣିକୋଇଲି ପୋଲିସକୁ ହସ୍ତାନ୍ତର କରିଥିଲା । ସଂପୃକ୍ତ ଡ୍ରାଇଭରର ନାମ ପ୍ରକାଶ ବରାଳ (୨୯) ଓ ତାଙ୍କ ଘର ଖୋର୍ଦ୍ଧା ଜିଲ୍ଲା କଳାପଥର ନିକଟ ବୈଦେଶ୍ୱର ବୋଲି ଜଣାପଡିଛି । ଏ ନେଇ ଲୁଟର ଶିକାର ହୋଇଥିବା ତୁଷାର ପ୍ରିୟଦର୍ଶୀ ପାଣିକୋଇଲି ଥାନାରେ ଲିଖିତ ଏତଲା ଦାୟର କରିବା ପରେ ପୋଲିସ ଏକ ମାମଲା ପଞ୍ଜିକରଣ କରି ଅଧିକ ତଦନ୍ତ ଚଳାଇଥିବା ଜଣାପଡିଛି । ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଓ ଶାନ୍ତି ହୋଟେଲ ମାଲିକଙ୍କ ସହଯୋଗ ଯୋଗୁଁ ସେମାନେ ଲୁଟ ସାମଗ୍ରୀ ଫେରିପାଇଲେ ବୋଲି ପ୍ରକାଶକରି ଏହି ଅଣଓଡିଆ ଦମ୍ପତ୍ତି ପୋଲିସ ଓ ହୋଟେଲ ମାଲିକଙ୍କୁ ଧନ୍ୟବାଦ ଦେଇଛନ୍ତି । ଏହି ଘଟଣା ସମଗ୍ର ଯାଜପୁର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି ।

### ପିସିଆର ଡ୍ରାଇଭର ହତ୍ୟା ଘଟଣା

# ଓଏଚଆରସିରେ ମାମଲା ଦାଏର

ପାରାଦୀପ,(ଜି ପ୍ର ):ବହୁ ଚର୍ଚିତ ପାରାଦୀପ ଆଦର୍ଶ ଥାନା ର ପିସିଆର ଡ୍ରାଇଭର ସୁକେଶ ମଣ୍ଡଳଙ୍କ ହତ୍ୟା ଘଟଣା ଏବେ ଯାଇ ଓଡିଶା ମାନବାଧିକାର କମିସନଙ୍କ ପାଖରେ ପହଞ୍ଚିଛି । ଘଟଣାକୁ ଦେଡମାସ ପୁରିଥିଲେ ସୁଦ୍ଧା କିଛି ଆଖିଦୃଶିଆ ପଦକ୍ଷେପ ପୋଲିସ ଗ୍ରହଣ ନକରିବାରୁ ଏବେ ଓଡ଼ିଶା ମାନବଧିକାର କମିସନଙ୍କ ଦ୍ୱାରସ୍ଥ ହୋଇଛନ୍ତିସ୍ଥାନୀୟ ସମାଜସେବୀ ସତ୍ୟପ୍ରକାଶ ମହାନ୍ତି । ସେ ଏହି ଘଟଣାକୁ ନେଇ ଲିଖିତ ଅଭିଯୋଗ କରିବା ପରେ ଓଡିଶା ମାନବାଧିକାର କମିସନ ଏନେଇ ୩୦୦୦/୨୦୨୪ ରେ ଏକ ମାମଲା ପଞ୍ଜିକୃତ କରିଥିବା ସତ୍ୟପ୍ରକାଶ ପ୍ରକାଶ କରିଛନ୍ତି ।

ମୃତ ସୁକେଶଙ୍କ ମହିଳା ବାନ୍ଧବୀ ଓ ଚେନ୍ନାଇ ରାଧା କମ୍ପାନୀ ର ମ୍ୟାନେଜରଙ୍କ ସମ୍ପୃକ୍ତି କୁ ନେଇ ମୃତ ସୁକେଶଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ ସୁଦ୍ଧା ପୋଲିସ କେବଳ ଏକ ମାମଲା ରୁଜୁ କରି ଚୁପ ହୋଇ ବସିଥିବା କୁହାଯାଉଛି । ମୃତ ସୁକେଶ ଗତ ଅଗଷ୍ଟ ୨୦ ତାରିଖରେ ନିଖୋଜ ହେବା ଓ ୨୧ ତାରିଖରେ ତାଙ୍କ ବାପା ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ମଧ୍ୟ ପୋଲିସ ସେତେଟା ତତ୍ପର ଦେଖାଇ ନଥିଲା । ଅଗଷ୍ଟ ୩୧ ତାରିଖରେ ସୁକେଶଙ୍କ ମୃତଦେହ ରାସ୍ତା କଡରୁ ମିଳିବା ପରେ କିଭଳି ଏହି ରାସ୍ତା କଡରେ ଦଶଦିନ କାଳ ତାଙ୍କ ମରଶରୀର ପଡିଲା ଓ କେହି ଦେଖି ପାରିଲେ ନାହିଁ କିମ୍ବା ବିଲୁଆ କୁକୁର ଝୁଣି ଖାଇଲେ ନାହିଁ ତାକୁ ଆଉ ମୁଣ୍ଡ ଖପୁରି ସମ୍ପୂର୍ଣ୍ଣ ବାହାରି ପଡିଥିଲା ତାକୁ ନେଇ ସେହି ସମୟରେ ଜୋରସୋରରେ ଚର୍ଚ୍ଚା ଆରମ୍ଭ ହୋଇଥିଲା । ମୃତ ସୁକେଶ ଙ୍କର ଦୁଇଟି ମୋବାଇଲ ଗାଏବ ହୋଇଥିବା ବେଳେ ପୋଲିସ ଏପର୍ଯ୍ୟନ୍ତ ତାକୁ ପାଇନାହିଁ ।

ସୁକେଶଙ୍କ ହତ୍ୟାକାଣ୍ଡ ରେ ବହୁ ବଡ କମ୍ପାନୀ ର ମ୍ୟାନେଜର ଓ କର୍ମଚାରୀ ସମ୍ପୃକ୍ତ ଥିବାବେଳେ ପୋଲିସ ଉପରେ ବିଭିନ୍ନ ଦିଗରୁ ଚାପ ସୃଷ୍ଟି ହୋଇଥିବା ଓ ସୁକେଶ ଘରର ଏକମାତ୍ର ରୋଜଗାରିଆ ପୁଅ ହୋଇଥିବା ବେଳେ ଘଟଣାର ତଦନ୍ତ କରି ଦୋଷୀ ମାନଙ୍କୁ ଦଣ୍ଡ ବିଧାନ କରିବାର ବ୍ୟବସ୍ଥା କରାଇବା ଓ ମୃତ ପରିବାରକୁ ତିରିଶ ଲକ୍ଷ୍ୟ ଟଙ୍କାର କ୍ଷତିପୂରଣ ଦେବକୁ ସମାଜସେବୀ ସତ୍ୟପ୍ରକାଶ ମହାନ୍ତି ଦାବି କରିଛନ୍ତି ।

# ମହାବୀର ଡ୍ରାମାଟିକ୍ କ୍ଲବର ନାଟ୍ୟଉତ୍ସବ ଓ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି,(ସବ୍ୟୁ) :ଶାରଦୀୟ ପୂଜା ଅବସରରେ ନିଶ୍ଚିନ୍ତକୋଇଲି ମହାବୀର ଡ୍ରାମାଟିକ୍ କ୍ଲବ ପକ୍ଷରୁ ଦୁଇ ଦିନ ବ୍ୟାପି ନାଟକ ପରିବେଷଣ କରାଯାଇ ବୁଧବାର ଉଦଯାପିତ ହୋଇଯାଇଛି। ଉଦଯାପନ ଉତ୍ସବରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉଲେଖନୀୟ କାର୍ଯ୍ୟ ପାଇଁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅମିତ ଜେନା ,ଯୁବ ଡାକ୍ତର ଦେବାଶିଷ ଦାସ,ଉର୍ବୀ ସାହିତ୍ୟ ପତ୍ରିକାର ସମ୍ପାଦକ ଶ୍ରୀଧର ଶେଖର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡଙ୍ଗୀ, ଶିକ୍ଷକ କିଶୋର ଚନ୍ଦ୍ର ନାଥ,ଜାତୀୟ ସ୍ୱାସ୍ଥ୍ୟମିଶନ ପ୍ରଶିକ୍ଷକ ପ୍ରତାପ ଚନ୍ଦ୍ର ରାଉତ,ସାହିତ୍ୟିକ ସୁରଥ ଚନ୍ଦ୍ର ରାଉତ,ସମାଜସେବୀ ନିରଞ୍ଜନ ରାଉତ ପ୍ରମୁଖଙ୍କୁ ଉପଢୌକନ,ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ତଥା ଯୁବ ନାଟ୍ୟ ନିର୍ଦ୍ଦେଶକ କଳ୍ପତରୁ ସେଠୀ ସଭାପତିତ୍ୱ ରେ ମୁଖ୍ୟ ଅତିଥିରୂପେ ଅବସରପ୍ରାପ୍ତ ଶିକ୍ଷାବିତ ତଥା ସମାଜସେବୀ ଶଶଧର ପଣ୍ଡା,ମୁଖ୍ୟବକ୍ତାଭାବେ ଓଡିଶା ଉଚ୍ଚନ୍ୟାୟାଳୟର ଅବସରପ୍ରାପ୍ତ ଅଧିକ୍ଷକ କେଶବ ଚନ୍ଦ୍ର ରାଉତ, ସମ୍ମାନିତ ଅତିଥିରୂପେ ସାମ୍ବାଦିକ ବଲ୍ଲଭ ଚରଣ ପଲେଇ ପ୍ରମୁଖ ଅତିଥିରୂପେ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ମଂଚସ୍ଥ କରାଯାଇଥିବା ସାମାଜିକ ନାଟକ ଆସିଛି ଏକା ଯିବି ମୁ ଏକା ଓ ଏଆଖି କାନ୍ଦୁଛି ତୋରି ପାଇଁ ରେ ଅଭିନୟ କରିଥିବା କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ପରିବାର ସମ୍ପାଦକ ପ୍ରମୋଦ କୁମାର ନାୟକ ଅତିଥି ପରିଚୟ ପ୍ରଦାନ ଓ ଶେଷରେ ଯୁବ ସଂଗଠକ କମଳାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଲକ୍ଷ୍ମୀପୂଜା ପାଳିତ

କୁଆଖିଆ ,(ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ (ଚଣ୍ଡିପୁର) ରାହାମ୍ବା ପଂଚାୟତ ମିର୍ଜାପୁର ମହାରଣାସାହିରେ ବହୁ ପୁରାତନ ଲକ୍ଷ୍ମୀପୂଜା ଆଧାତ୍ମିକ ଭାବଭଙ୍ଗିରେ ପାଳିତ ହେଉଅଛି । କର୍ତା ବନମାଳି ମହାରଣା, ରୁକ୍ମଣୀ ମହାରଣା ଓ ଗ୍ରାମର ଚଗୁଲୁ, ଟୁଟୁ, ଉତମ, ନିରଂଜନ , ରଂଜନ, ବଟକୃଷ୍ଣ, ହୃଷିକେଶ , ଲକ୍ଷ୍ମୀଧର ମହାରଣା, ଅଶୋକ ସାହୁ , ବିଷ୍ଣୁ ଚରଣ ମହାରଣା, ବାସୁଦେବ ମହାରଣା ଓ ସମସ୍ତ ଗ୍ରାମବାସୀ ପୂଜା ପରିଚାଳନା କରୁଛନ୍ତି । ସେହିପରି ରାହାମ୍ବା ବଣିଆ ସାହିରେ କର୍ତା ଅଜୟ କୁମାର ସାହୁ, ମନୋଜ ସାହୁ, ବିଜୟ ସାହୁ, ନିରଂଜନ ସାହୁ, ପ୍ରହଲ୍ଲାଦ ସାହୁ, ଶଶାଙ୍କ ଶେଖର ସାହୁ , ବିନୋଦ ସାହୁ, ଗୋପାଳ ସାହୁ ଓ ସମସ୍ତ ଗ୍ରାମବାସୀ ପୂଜା ବିଧି ସମ୍ପାଦନ ଜାରି ରଖିଛନ୍ତି । ସେହିପରି ମଧୁବନ ହାଇସ୍କୁଲ ଲକ୍ଷ୍ମୀବଜାରଠାରେ କର୍ତା ପ୍ରହଲ୍ଲାଦ ପଣ୍ଡା, ଗଣେଶ୍ୱର ବିଶ୍ୱାଳ, ଚନ୍ଦ୍ରଶେଖର ଗିରି, ପଣ୍ଡିତ ହିମାଂଶୁ ପଣ୍ଡା ଲକ୍ଷ୍ମୀପୂଜା ବିଧି ଦିର୍ଘବର୍ଷ ଧରି ଜାରି ରଖିଛନ୍ତି । ଦୋଳମୁଣ୍ଡାଇରେ କର୍ତା ନାରାୟଣ ଆଚାର୍ଯ୍ୟ, ଅବସରପ୍ରାପ୍ତ ଶିକ୍ଷକ କୈଳାସ ରାଉତ ପ୍ରମୁଖ ଲକ୍ଷ୍ମୀପୂଜା ରିତିନିତିରେ ପାଳନ କରୁଛନ୍ତି ।

# ୮୦ଲିଟର ବିଦେଶୀ ମଦ ଜବତ: ଜଣେ ଗିରଫ



ମହାକାଳପଡ଼ା (ସବ୍ୟୁ) : ମହାକାଳପଡ଼ା ଥାନା କର୍ତ୍ତୃପକ୍ଷ ଗୁରୁବାର ବେଆଇନ ମଦ ବେପାରୀ ଙ୍କୁ ଗିରଫ କରିବା ସହିତ ୮୦ଲିଟର ବିଦେଶୀ ମଦ ଜବତ କରିଥିବାର ଜଣାପଡିଛି। ଓରତ ଗ୍ରାମର ଅନାଥ ମଳିକ ବାଇକ ଯୋଗେ ମଦ ନେଇଯିବା ବାଟରେ ପୋଲିସ ମଦ ଜବତ କରିବା ସହିତ ବେପାରୀକୁ ଗିରଫ କରିଛି । ଏନେଇ କେଶ ନମ୍ବର ୨୧୭/୨୪ଯୋଗେ ମାମଲା ରୁଜୁ ହୋଇଛି । ମହାକାଳପଡ଼ା ଥାନା ରେ ନୂତନ ଥାନା ଅଧିକାରୀ ଭାବେ ଧୀରାଜ ଲେଙ୍କା ଯୋଗଦାନ ପରେ ଖୁବ କମ ଦିନର କାର୍ଯ୍ୟକାଳ ଭିତରେ ଦୁଇ ଦୁଇଥର ବେଆଇନ ମଦ ବେପାରୀ ଙ୍କୁ ଗିରଫ କରିବାରେ ସଫଳତା ହାସଲ କରିଛନ୍ତି। ଏନେଇ ଥାନା ଅଂଚଳରେ ଚୋରା ମଦବେପାରିଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।

# ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ କୃଷକ ସଂପର୍କ ସଭା

ଡ଼େରାବିଶ, (ସ.ବ୍ୟୁ) : ଡେରାବିଶ ବ୍ଲକ ଛତାଛକ ସ୍ଥିତ କୃଷକଭବନ ପରିସରରେ ବୁଧବାର ସନ୍ଧ୍ୟାରେ ଜିଲ୍ଲାଚାଷୀ ଶ୍ରମିକସଂଘ ଆହ୍ୱାନରେ ଏକ କୃଷକସଂପର୍କ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସଂଘର ସଭାପତି ପଣ୍ଡିତ ଶରତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଡେରାବିଶ ବ୍ଲକ ସମେତ କେନ୍ଦ୍ରାପଡା ବ୍ଲକର ଶତାଧିକ ପୁରୁଷ ଓ ମହିଳା ଚାଷୀ ଯୋଗଦେଇ ଜଳସେଚନ ସମସ୍ୟା ଓ ଚାଷ ସଂପର୍କିତ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ଭାବେ ସଂଘର ମୁଖ୍ୟ ଉପଦେଷ୍ଟା ତଥା ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରଭାକର ସାମଲ, ଗୋଲକ ଚନ୍ଦ୍ର ମହାଭୋଇ, ପ୍ରାକ୍ତନ ପ୍ରଶାସକ ସୁରେନ୍ଦ୍ର ସେଠୀ ଓ ସମିତିସଭ୍ୟ ନିରଞ୍ଜନ କର ଯୋଗଦେଇ ସଂଘର ୪୦ବର୍ଷର କାଯ୍ୟଧାରା ସଂପର୍କରେ ବକ୍ତବ୍ୟ ରଖିଥିଲେ ।

ମୁଖ୍ୟ ଅତିଥି ଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ ସମବାୟ ସମିତି ସହ ଚାଷୀମାନେ ଯୋଡିହୋଇ ରହୁଥିବାରୁ ଏଥିପ୍ରତି ସଂଘ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ସେହିପରି ବିଭିନ୍ନ ଅଂଚଳରେ ଜଳକର ଦିଆଯାଇ ଚାଷୀ ଉପକୃତ ନହେବା ଓ ଆର.ଏମ.ସି ନିର୍ବାଚନ ସଂପର୍କରେ ବିଶଦ ଆଲୋଚନା କରାଯାଇଥିଲା । ପରେ ପରେ ଛତାଛକ ଠାରେ ଥିବା ଜେ.ଏ.ଓ କାର୍ଯ୍ୟାଳୟ ପୁନଃକାର୍ଯ୍ୟକ୍ଷମ ଓ ସକ୍ରିୟ କରିବାପାଇଁ ଉଦ୍ୟମ କରାଯିବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା । ଏହି ଅବସରରେ ସଂଘର ସମ୍ପାଦକ କୃତିବାସ ଦାସ ଆସନ୍ତା ନଭେମ୍ବର ମାସ ଠାରୁ ପ୍ରତି ସଂଚାୟତରେ ସଂଘର ସାଂଗଠନିକ ସଭା କରାଯିବା ସହ ଚାଷୀଙ୍କ ସମସ୍ୟାକୁ ପ୍ରାଥମିକତା ଦିଆଯିବ ବୋଲି ଘୋଷଣା କରିଥିଲେ । ବିଭିନ୍ନ ଅଲୋଚନାରେ କୃଷ୍ଣଚନ୍ଦ୍ର ଦାସ, କମଳ ମହାନ୍ତି, ଅଞ୍ଜନ ପଲେଇ, ଧରଣୀଧର ଦାସ, ନାରାୟଣ ଲେଙ୍କା, ମଦନ ମହାନ୍ତି, ଗୁରୁଚରଣ ଜେନା ଓ ମମତା ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସଂଘର ବରିଷ୍ଠସଭ୍ୟ ଭିକାରୀ ରାଉତଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ସାରଦାପ୍ରସାଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅକ୍ଷୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ନାୟରା ତେଲଟାଙ୍କି ପକ୍ଷରୁ ସାପ୍ତାହିକ ପୁରସ୍କାର ବିତରଣ

ସାଲେପୁର,(ସବ୍ୟୁ) :ସାଲେପୁର କଟକ ମୁଖ୍ୟ ରାସ୍ତାର ଭାତପଡ଼ା ଠାରେ ଥିବା ସାଇ ସମୀକ୍ଷା ଫିଲିଂ ଷ୍ଟେସନ ନାୟରା ତେଲଟାଙ୍କିରେ ଦଶହରା ଠାରୁ ଆରମ୍ଭ ହୋଇଥିବା ଲଟେରୀ ଉଠାଣ ଅବସରରେ ପ୍ରଥମ ସାପ୍ତାହିକ ଲଟେରୀ ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛ । ନାୟରା




ତେଲଟାଙ୍କିର ପ୍ରୋପ୍ରାଇଟର ହରିବନ୍ଧୁ ଶତପଥି ଏବଂ ତାଙ୍କର ସହଧର୍ମିଣୀ ଶୁଭଶ୍ରୀ ଶତପଥି ଯୋଗ ଦେଇ ତେଲଟାଙ୍କିରେ ତେଲ ପକାଉଥିବା ଜଣେ ଗ୍ରାହକଙ୍କ ଛୋଟ ପିଲା ଦ୍ୱାରା ବନ୍ଦ ବାକ୍ସରେ ଥିବା କୁପନ ମଧ୍ୟରୁ ଗୋଟିଏ ଲଟେରୀ ଟିକଟ ଉଠାଇଥିଲେ। ଉଠିଥିବା କୁପନରେ ଥିବା ମୋବାଇଲ ନଂରେ ଯୋଗାଯୋଗ କରି ଗ୍ରାହକଙ୍କୁ ଡ଼କାଯାଇଥିଲା । ସିମଳପଡା ଅଞ୍ଚଳର ଶେଖ ରଫିକ ଅହମ୍ମଦ ଭାତପଡ଼ା ସ୍ଥିତ ନାୟରା ତେଲଟାଙ୍କିରେ ପହଞ୍ଚି ହରିବନ୍ଧୁ ଶତପଥି ଏବଂ ଶୁଭଶ୍ରୀ ଶତପଥିଙ୍କ ଠାରୁ ସାପ୍ତାହିକ ପୁରସ୍କାର ସ୍ୱରୂପ ଏକ ଆଇରନ ଏବଂ ଏକ ସହ ଟଙ୍କା ଗ୍ରହଣ କରିଥିଲେ । ପ୍ରକାଶ ଥାଉକି ଭାତପଡ଼ା ସ୍ଥିତ ସାଇ ସମୀକ୍ଷା ଫିଲିଂ ଷ୍ଟେସନ ନାୟରା ତେଲଟାଙ୍କି ତରଫରୁ ଅକ୍ଟୋବର୧୦ ତାରିଖରୁ ଆରମ୍ଭ ହୋଇଥିବା ଲଟେରୀ ଉଠାଣ କାର୍ଯ୍ୟକ୍ରମ ଜାନୁଆରୀ ୨୬ ତାରିଖ ୨୦୨୫ରେ ଶେଷ ହେବ । ଏହା ମଧ୍ୟରେ ପ୍ରତି ସପ୍ତାହ ରେ ସାପ୍ତାହିକ ଲଟେରୀ ମାଧ୍ୟମରେ ପୁରସ୍କାର ବିତରଣ କରାଯିବ । ଏହି କାର୍ଯ୍ୟକ୍ରମ ରେ ସଞ୍ଜିତ ବିଶ୍ୱାଳ, ସୁମନ୍ତ କୁମାର ପାତ୍ର, ପ୍ରସନ୍ନ କୁମାର ଦାଶ, ବିଶ୍ୱଜିତ ବିଶ୍ୱାଳ, ସୁବାଷ ବେହେରା, ରାକେଶ ଦାସ, ପ୍ରମୋଦ କୁମାର ନାଥ, ବିଭୁତି ଭୂଷଣ ସାମଲ, ମାନସ ରଞ୍ଜନ ଦାଶଙ୍କ ସହିତ ନାୟରା ତେଲଟାଙ୍କିର କର୍ମଚାରୀ ଉପସ୍ଥିତ ଥିଲେ ।

# କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ପକ୍ଷରୁ କର୍କଟ ରୋଗୀଙ୍କୁ ସହାୟତା



କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ପୈରାଂଚଳ ଅନ୍ତର୍ଗତ ନୂଆ ବସଷ୍ଟାଣ୍ଡ ଠାରେ ଥିବା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟ୍ ତରଫରୁ ବଗଡା ପଚାୟତ ର କଟେରୀପଡା ନିବାସୀ ମାଗୁଣୀ ଚରଣ ତ୍ରିପାଠୀଙ୍କ ପତ୍ନୀ ଶଶିରେଖା ତ୍ରିପାଠୀ ଦୀର୍ଘଦିନ ହେଲା ଅସହାୟ ଅବସ୍ଥାରେ କର୍କଟ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ହୋଇ ରହିଛନ୍ତି ।

ମାଗୁଣୀଙ୍କର ଆର୍ଥିକ ଅବସ୍ଥା ଭଲ ନଥିବାର ଖବର ପାଇ କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟ୍ ର ପ୍ରତିଷ୍ଠାତା ସଭାପତି ପ୍ରମୋଦ କୁମାର ସାହୁ ତାଙ୍କ ଘରେ ପହଁଚି ରୋଗଣୀ ଶଶିରେଖା ତ୍ରିପାଠୀଙ୍କୁ ଚିକିତ୍ସା ପାଇଁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ପଣ୍ଡିତ କ୍ଷିରୋଦ ପଣ୍ଡା, ୱାର୍ଡ ମେମ୍ବର କୁଳମଣି ତ୍ରିପାଠୀଙ୍କ ସେମତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ସୋସାଇଟ ର ଏଭଳି କାର୍ଯ୍ୟକୁ ସ୍ଥାନୀୟ ଅଂଚଳରେ ପ୍ରଶଂସା କରାଯାଇଛି ।

### ବାଇକ ଦୁର୍ଘଟଣା

# ଜଣେ ମୃତ, ଅନ୍ୟଜଣେ ଗୁରୁତର

ଚଣ୍ଡିଖୋଲ/ଛତିଆ,(ସବ୍ୟୁ) :ଯାଜପୁର ଜିଲ୍ଲାର ଛତିଆ ନେଳିଆ ଛକ ନିକଟରେ ଗୁରୁବାର ସଂନ୍ଧ୍ୟାରେ ବାଇକ ଦୁର୍ଘଟଣାରେ ଜଣେ ଯୁବକର ମୃତ୍ୟୁ ଘଟିଥିଲା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ନେଳିଆ ପଞ୍ଚାୟତ ପଦ୍ମନିଭପୁର ଗ୍ରାମର ଅର୍ଘଦେବ ବେହେରା ଓ ରଙ୍ଗିଦାସପୁର ଗ୍ରାମର ଅକ୍ଷୟ ପରିଡା ଉଭୟେ ଏକ ବାଇକରେ ଘରକୁ ଫେରୁଥିଲେ । ତେବେ କୌଣସି କାରଣରୁ ସେମାନଙ୍କ ବାଇକ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଡିଭାଇଡରରେ ପିଟିହୋଇ ଯାଇଥିଲେ ।

ଘଟଣା ସ୍ଥଳରେ ଅର୍ଘଦେବଙ୍କର ମୃତ୍ୟୁ ଘଟିଥିଲା ବେଳେ ଅକ୍ଷୟ ଗୁରୁତର ଆହତ ହୋଇଥିଲେ । ପରେ ତାଙ୍କୁ କଟକ ବଡଡାକ୍ତର ଖାନାକୁ ସ୍ଥାନାନ୍ତର କରାଯାଇଥିଲି । ଖବରପାଇ ଛତିଆ ବିଟହାଉସ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ ଓ ମୃତଦେହକୁ ଜବତ କରିବାସହ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ମାହାଙ୍ଗା ସେବା ମଞ୍ଚ ପକ୍ଷରୁ ଶାରଦୀୟ ଅଭିନନ୍ଦନ, ସମ୍ବର୍ଦ୍ଧନା

ମାହାଙ୍ଗା , (ସ.ବ୍ୟୁ) : କଟକ ଜିଲ୍ଲା ମାହାଙ୍ଗା ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାହାଙ୍ଗା ସେବା ମଞ୍ଚ ପକ୍ଷରୁ ଖର୍ଡ଼ାଙ୍ଗ ସ୍ଥିତ ଚଣ୍ଡିହାଟ ମାଦୁର୍ଗା ମଣ୍ଡପ ପରିସରରେ ଶାରଦୀୟ ଅଭିନନ୍ଦନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧକ୍ଷ ଡ. ସୂର୍ଯ୍ୟପ୍ରକାଶ ଚୌଧୁରୀ ଯୋଗଦେଇ ପବିତ୍ର ଦଶହରା ଉପଲକ୍ଷେ ସମସ୍ତଙ୍କୁ ଶାରଦୀୟ ଅଭିନନ୍ଦନ ଜଣାଇଥିଲେ । ଏଥିସହ ଆମ ଅନୁଷ୍ଠାନର ମୁଖ୍ୟ ଲକ୍ଷ୍ୟ ହେଉଛି ମାନବ ସେବା ହିଁ ମାଧବ ସେବା ବୋଲି କହିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଡ. ଶକ୍ତିପ୍ରସାଦ ଚୌଧୁରୀ ଯୋଗଦେଇ ସମସ୍ତଙ୍କୁ ଶାରଦୀୟ ଅଭିନନ୍ଦନ ଜଣାଇବା ସହ ଅନୁଷ୍ଠାନର ଏଭଳି ସେବା ମନୋବୃତ୍ତି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ସଞ୍ଜୟ କୁମାର ପଲେଇଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଜେ.ଏନ୍ କଲେଜ ପୂର୍ବତନ ଅଧକ୍ଷ ଡ. ପ୍ରତାପ କୁମାର ଚୌଧୁରୀ, ନାଟ୍ୟକାର ମନୋଜ ପଣ୍ଡା, ଶିକ୍ଷାବିତ୍ ମାଧବ ଚନ୍ଦ୍ର ପଣ୍ଡା, ସମାଜସେବୀ ଶ୍ୟାମସୁନ୍ଦର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରଦୀପ୍ତ ରାଉତରାୟ, କୋଷାଧକ୍ଷ ପରିକ୍ଷିତ ବେହେରା, ସତ୍ୟପ୍ରକାଶ ଚୌଧୁରୀ, ରଶ୍ମିକାନ୍ତ ପ୍ରଧାନ, ଶଙ୍କର୍ଷଣ ଦାସ, ଭାଗ୍ୟଧର ବେହେରା, ଦିନେଶ ମଲ୍ଲିକ, ଜ୍ୟୋତି ରଂଜନ ମିଶ୍ର, ସୀତାଂଶୁ ଶେଖର ବାରିକ,ଚନ୍ଦ୍ରଶେଖର ପ୍ରଧାନ, ମାନସ ସେଠୀ, ମଙ୍ଗୁଳି ବେହେରାଙ୍କ ସମେତ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ । ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୨୫ ଜଣଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଧାରାବାହିକ ଓ ଆଲ୍‌ବମ୍ ଜଗତର ପ୍ରତିଷ୍ଠିତ କଳାକାର ମିସ୍ ସୀମା ଓ ନାମିଦାମୀ କଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଅନୁଷ୍ଠାନର ଅଧକ୍ଷ ଶ୍ରୀ ଚୌଧୁରୀ ମା' ଦୁର୍ଗାଙ୍କ ନିକଟରେ ପୂଜା କରିବା ସହ ଆର୍ଶିବାଦ ଭିକ୍ଷା କରିଥିଲେ ।

# ନବୀନଙ୍କ ଜନ୍ମଦିନରେ ସମୂହ ଦୀପଦାନ

ଡ଼େରାବିଶ, (ସବ୍ୟୁ) : ଡେରାବିଶ ବ୍ଲକ ଗୋଲରାହାଟ ପଂଚାୟତ ଅନ୍ତର୍ଗତ ଦଧିବାମନଜୀୟୁଙ୍କ ମନ୍ଦିରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିବସ ଉପଲକ୍ଷେ ସମୂହ ଦୀପଦାନ କରାଯାଇଛି । ବୁଧବାର ସନ୍ଧ୍ୟାରେ ବ୍ଲକ ବିଜେଡି ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇ ଶ୍ରୀ ପଟ୍ଟନାୟକଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ସରୋଜକାନ୍ତ ନାୟକ, ମହେନ୍ଦ୍ର ସିଂ, ଯୋଗାନନ୍ଦ ମହାନ୍ତି, ତ୍ରିଲୋଚନ ରାଉତ, ସଚ୍ଚିଦାନନ୍ଦ ରଥ, ଭବାନି ପ୍ରସାଦ ଓଝା, ସୁଦିପ୍ତ କେଶରୀ ସାମଲ, ମନୋରଂଜନ ଉପାଧ୍ୟାୟ, ସରପଂଚ କାଶିନାଥ କାଣ୍ଡି, ସୁରେନ୍ଦ୍ର ମଳିକ, ସୁଧିର ଖଟୁଆ, ସମିତିସଭ୍ୟ ନିରଂଜନ କର, ତୃପ୍ତିମୟୀ ଜେନାଙ୍କ ସମେତ ଶତାଧିକ ବିଜେଡିକର୍ମୀ ଉପସ୍ଥିତ ରହି ନବୀନ ପଟ୍ଟନାୟକଙ୍କ ଶୁଭମନାସୀ ଥିଲେ ।

# ପୂର୍ବତନ ସାଂସଦଙ୍କ ବିୟୋଗରେ ଶୋକସଭା

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ର ପୂର୍ବତନ ସାଂସଦ ପ୍ରଭାତ ସାମନ୍ତରାୟ ଙ୍କ ବିୟୋଗରେ ଏକ ଶୋକସଭା କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟ୍ ପରିସର ରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାତା ସଭାପତି ତଥା ସମବାୟବିତ୍ ପ୍ରମୋଦ କୁମାର ସାହୁଙ୍କ ଅଧକ୍ଷତା ରେ ଆୟୋଜିତ ଏହି ଶୋକ ସଭାରେ ସାଂସଦ ସ୍ୱର୍ଗତ ସାମନ୍ତରାୟ ଙ୍କ ଫଟୋଚିତ୍ର ରେ ମାଲ୍ୟାର୍ପଣ କରାଯାଇ ଥିଲା । ସ୍ୱର୍ଗତ ସାମନ୍ତରାୟ ଉଭୟ ରାଜ୍ୟ ସଭା ଓ କେନ୍ଦ୍ରାପଡା ଲୋକସଭା ଆଶନରୁ ସାସଦ ଥିଲେ । ତାଙ୍କ ସମୟରେ କେନ୍ଦ୍ରାପଡାରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଛି । ସଭାପତି ଶ୍ରୀ ସାହୁ ତାଙ୍କ ଶୋକ ସନ୍ତପ ପରିବାର କୁ ସାହସ ଦେବା ସଙ୍ଗେ ସଙ୍ଗେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ବ୍ୟାଙ୍କର ସଂପାଦକ, ସହ ସଂପାଦକ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ସହିଦ୍ ଭଗତ ସିଂହ ଯୁବକ ସଂଘ ପକ୍ଷରୁ ବିଶ୍ୱ ଧଳାବାଡି ଦିବସ ପାଳନ

ବ୍ୟାସନଗର, (ଜି ପ୍ର ): ସହିଦ୍ ଭଗତ ସିଂହ ଯୁବକ ସଂଘ ପକ୍ଷରୁ ଆଜି ହୋଟେଲ ରୟାଲ କଳିଙ୍ଗ ଠାରେ ରାଜ୍ୟସ୍ତରୀୟ ୬୦ତମ ବିଶ୍ୱ ଧଳାବାଡ଼ି ଦିବସ ପାଳନ ହୋଇଯାଇଛି । ରାଜ୍ୟର ବିଭିନ୍ନ ପ୍ରାନ୍ତ ତଥା ଭଦ୍ରକ ଯାଜପୁର କଟକ ବାଲେଶ୍ୱର, ଖୋର୍ଦ୍ଧା ,ବ୍ରହ୍ମପୁର ,କେଓଁଝର ଆଦି ଜିଲ୍ଲାରୁ ପ୍ରାୟ ୬୩ରୁ ଉର୍ଦ୍ଧ ଦୃଷ୍ଟି ବାଧିତ ବ୍ୟକ୍ତିଏହି ଦିବସରେ ଉପସ୍ଥିତ ଥିଲେ । ସେମାନଙ୍କୁ ବସ୍ ଷ୍ଟାଣ୍ଡ ଏବଂ ରେଲ ଷ୍ଟେସନରୁ ସଂଘର ସଭ୍ୟ ମାନେ ସ୍ୱାଗତ ସହକାରେ ପାଛୋଟି ଆଣିଥିଲେ ହୋଟେଲ ରୟାଲ କଳିଙ୍ଗକୁ । ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ଅଧକ୍ଷତା ରେ ଏକ ସଭାକାର୍ଯ୍ୟ କରାଯାଇଥିଲା । ଉକ୍ତ ସଭାରେ କଳିଙ୍ଗନଗର ଏଡ଼ିଏମ ସପନ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବେ



ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ରତ୍ନାକର ଜେନା ଯୋଗଦେଇ ଆଜିର ଦିବସ ଉପରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଓଡ଼ିଶା ଖଣି ନିଗମର ଏଚ ଆର ମୁଖ୍ୟ ଦେବାଶିଷ ସାମଲ ଯୋଗଦେଇ ଖୁସି ବ୍ୟକ୍ତ କରିବା ସହ ଏଭଳି ସମାଜସେବା କାର୍ଯ୍ୟରେ ସମସ୍ତେ ସହଯୋଗ ର ହାତ ବଢ଼ାଇବା ଦରକାର ବୋଲି କହିଥିଲେ । ଅନ୍ୟ ସମ୍ମାନନୀୟ ଅତିଥି ଭାବେ ସମାଜସେବୀ ନରେଶ ମସ୍କରା ଏବଂ ଦିନେଶ ମସ୍କରା ସଂଗଠନର ଏଭଳି ମହତ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସଭା କାର୍ଯ୍ୟ ପରେ ଉପସ୍ଥିତ ଦୃଷ୍ଟି ବାଧିତ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଧଳା ବାଡ଼ି ବଣ୍ଟନ କରାଯାଇଥିଲା । ସଂଘର ସଭ୍ୟ ବାଇଧର ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ସଂଘର ଉପସଭାପତି କଳିଙ୍ଗ ପହି ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ପୂର୍ବତନ ସହ ସମ୍ପାଦକ ମହେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ଏହି **ବିଶ୍ୱ** ଧଳାବାଡ଼ି ଦିବସରେ ସି ପି ଆଇ ନେତା ଆଲୋକ ମହାନ୍ତି, ସାହିତ୍ୟିକ ଭୁବନ ମୋହନ ମହାନ୍ତି, ସମାଜସେବୀ ତବିନ ସାମଲ ସାମ୍ବାଦିକ ତପନ ମିଶ୍ର, ଦିଲ୍ଲୀପ ମହାନ୍ତି, କଳ୍ପତରୁ ଧୀର, ପଦ୍ମଲୋଚନ ନାୟକ ଉପସ୍ଥିତ ଥିଲେ ।

ସଂଘର ଉପଦେଷ୍ଟା ନାରାୟଣ ଚନ୍ଦ୍ର ନାୟକ, ସମ୍ପାଦକ ହେମନ୍ତ କୁମାର ଧିର ଙ୍କ ସହିତ ସହସମ୍ପାଦକ ଅକ୍ଷୟ ନାୟକ, ହେମନ୍ତ ନାୟକ, ପରେଶ ଦାଶ, ଅସିତ ଦାଶ, ଚିନ୍ତାମଣି ମଲ୍ଲିକ, ପ୍ରମୋଦ ମଲ୍ଲିକ, ଆଶିଷ ମଲ୍ଲିକ, ଦୀପକ, ଦାଶ, ପୁରସ୍ତମ ପାତ୍ର, ସୁନୀଲ ନାୟକ, ଗୁଣ୍ଡୁଚି ଦାଶ, ସୌମ୍ୟରଞ୍ଜନ ପହି, କ୍ରିଷ୍ଣା କୁମାର ଯେନା, ଆଶିଷ କୁମାର ଯେନା, ଆଶିଷ ଦାଶ, ବାଦଲ ମହାନ୍ତି , ରବୀନ୍ଦ୍ର ପଡିହାରୀକାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କୃଷକ ସମସ୍ୟା ନେଇ ଆଲୋଚନାଚକ୍ର

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକ ଜାରକା ପଂଚାୟତ ଅନ୍ତର୍ଗତ ମା ଅମରେଶ୍ୱରୀ ପୀଠରେ କୃଷକ ସାଥି ମାନେ ଆଜି କୃଷି ଓ କୃଷକ ମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଏକ ବୈଠକ କରିଥିଲେ । ଏହି ଅବସରରେ ନ୍ତଧର୍ମଶାଳା କୃଷକ କଲ୍ୟାଣ ସଂଗଠନ ନ୍ତ ନାମରେ ଏକ ସଙ୍ଗଠନ ଗଠନ କରାଯାଇଥିଲା । ସଙ୍ଗଠନ ମାଧ୍ୟମରେ କୃଷି ଓ କୃଷକଙ୍କ ବିଭିନ୍ନ ସମସ୍ୟା ଲୋକଲୋଚନକୁ ଆଣିବା ସହିତ ଏହାର ସମାଧାନ ପାଇଁ ଉଦ୍ୟମ ଚଳାଇବ । ନିର୍ମଳ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବହୁ କୃଷକ ଓ କୃଷକ ସାଥୀମାନେ ଯୋଗଦେଇ ନିଜର ମତାମତ ରଖିଥିଲେ । ଭାରତ ବର୍ଷ ଆଜକୁ ପାଖା ପାଖି ୮୦ ବର୍ଷ ହେଲା ଦେଶ ସ୍ୱାଧୀନ ହୋଇଥିଲେ ମଧ୍ୟ ଧର୍ମଶାଳା ଚାଷୀ ସରକାର ଙ୍କ ତରଫରୁ ସୁଲଭ ମୂଲ୍ୟରେ ଠିକ ଚାଷ କଳା ସମୟରେ ବିହନ, ସାର, କୀଟନାଶକ ଔଷଧ ପାଇପାରିନାଯାନ୍ତି. ଦୁଃଖରେ କଥା କୌଣସି ଜମିକୁ ଜଳସେଚନ ହୋଇପାରି ଚାଷ କରିବାପାଇଁ ବିଭିର୍ଣ୍ଣ ବ୍ୟାଙ୍କ ଓ ସରକାର ସମବାୟ ସମିତି ଆଗକୁ ଗଲେ ଋଣ ଦେବା ପରିବର୍ତେ ବାରମ୍ବାର ସମୟ ନଷ୍ଟ କରୁଛନ୍ତି. ଧର୍ମଶାଳା ଅଂଚଳରେ ବିଭିର୍ଣ୍ଣ ପ୍ରକାର ପନିପରିବା ଚାଷ କରାହେଉଥିଲେ ମଧ୍ୟ କୋଲଡ଼ ଷ୍ଟୋରେଜ ଗୋଟିଏ ନାହିଁ. ଧର୍ମଶାଳା ଅଂଚଳରେ ଚାଷୀ ମାନଙ୍କୁ ସୁଲଭ ମୂଲ୍ୟରେ ଓ ଠିକ ସମୟରେ ଚାଷ ପୂର୍ବରୁ ବିହନ ସାର, କୀଟନାଶକ ଓଷଧ ଜଳସେଚନ ସୁବିଧା, ଋଣ ସୁବିଧା ଓ କୋଲଡ଼ ଷ୍ଟୋରେଜେ ନ କରାଗଲେ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି । ଏହି ବୈଠକରେ ଲୋକନାଥ ପଲାଇ, ମନୋଜ କୁମାର ମହାନ୍ତି ଅଧୀର ଜେନା, ମାନସ ବିଶାଳ, ମନୋଜ ନାୟକ, ଆଦିକନ୍ଦ ସାହୁ, ଗଣେଶ୍ୱର ବେହେରା,କ୍ଷେତ୍ରାନନ୍ଦ ମହାପାତ୍ର, ସୁଦାମ ବେହେରା, ନିରଞ୍ଜନ ସାହୁ, ବସନ୍ତ ଦାସ ମାଥୁରୀ ସାମଲ, ଶେଷଦେବ ମହାନ୍ତି, ପ୍ରଭାତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।।

(ଶ୍ରୀମଭଗବଦ୍ ଗୀତା ୧୦/୨୧)
-ବିଭୂତିଯୋଗଃ-
( ଶ୍ରୀଭଗବାନୁବାଚ )
ଆଦିତ୍ୟାନାମହଂ ବିଷ୍ଣୁର୍ଜ୍ୟୋତିଷାଂ ରବିରଂଶୁମାନ୍ ।
ମରୀଚିର୍ମରୁତାମସ୍ମି ନକ୍ଷତ୍ରାଣାମହଂ ଶଶୀ ॥୨୧॥
(ବର୍ତ୍ତମାନ ଅଧ୍ୟାୟ ଶେଷ ପର୍ଯ୍ୟନ୍ତ ନିଜ ବିଭୂତି ସବୁ କହୁଛନ୍ତି) - ମୁଁ ଦ୍ୱାଦଶ ଆଦିତ୍ୟଙ୍କ ମଧ୍ୟରେ ବିଷ୍ଣୁ, ଜ୍ୟୋତିଷ୍କମାନଙ୍କ ମଧ୍ୟରେ ଅଂଶୁମାଳୀ ସୂର୍ଯ୍ୟ, ଅଣଚାଷ ପବନଙ୍କ ମଧ୍ୟରେ ମରୀଚ ଏବଂ ନକ୍ଷତ୍ରମାନଙ୍କ ମଧ୍ୟରେ ଚନ୍ଦ୍ର ॥୨୧॥

# କୁଚକ୍ରୀ କାନାଡ଼ା

ସମ୍ପାଦକୀୟ

ବେଶ କିଛି ଦିନର ନୀରବତା ପରେ, ପୁଣି ଥରେ କାନାଡ଼ାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଭାରତ ବିରୋଧରେ କହିବା ଆରମ୍ଭ କରିଛନ୍ତି ଏବଂ ପୁଣି ଥରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ଯୁଦ୍ଧ ଆରମ୍ଭ ହେଇଯାଇଛି । କାନାଡ଼ା ସରକାର ଭାରତକୁ ଜଣାଇଛନ୍ତି ଯେ' ତାଙ୍କ ଦେଶର ଅନୁସନ୍ଧାନ ସହ ଜଡିତ ଏକ ମାମଲାରେ ଭାରତୀୟ ଉଚ୍ଚ କମିଶନର ଏବଂ ଅନ୍ୟ କୂଟନୀତିଜ୍ଞମାନେ ''persons of interest'' ଅଟନ୍ତି ଏବଂ ସେମାନଙ୍କୁ ତାଙ୍କ ଦେଶ ପଚରାଉଚୁରା କରିବାକୁ ଚାହୁଁଛନ୍ତି । କାନାଡ଼ାର ଏଭଳି ମନ୍ତବ୍ୟକୁ ଭାରତ ସରକାର ଦୃଢ ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ଏହା ଟ୍ରୁଡୋ ସରକାରଙ୍କ ଭୋଟ୍ ବ୍ୟାଙ୍କ ରାଜନୀତି ବୋଲି କହିଛନ୍ତି । ଖାଲିସ୍ତାନୀ କାର୍ଯ୍ୟକର୍ତ୍ତା ହରଦୀପ ସିଂ ନିଜାରଙ୍କ ହତ୍ୟା ପାଇଁ କାନାଡା ସରକାର ଭାରତୀୟ ହାଇ କମିଶନର ତଥା ଅନ୍ୟ ପାଞ୍ଚଜଣ କୂଟନୀତିଜ୍ଞଙ୍କୁ ପଚରାଉଚରା କରିବାକୁ ଚାହିଁଛନ୍ତି, ଏହା ଦେଶ ପାଇଁ ନିଶ୍ଚୟ ଭାବରେ ଅପମାନର ବିଷୟ ଏବଂ କାନାଡ଼ା ଭାରତକୁ ବଦନାମ କରିବା ପାଇଁ ଏ ପ୍ରକାର ଚକ୍ରବ୍ୟୂହ ରଚନା କରିଛି । ଜୁନ୍ ୨୦୨୩ରେ ବ୍ରିଟିଶ କଲମ୍ବିଆରେ ନିଜାରଙ୍କୁ ଗୁଳି ଚଳାଇ ହତ୍ୟା କରାଯାଇଥିଲା ଏବଂ ଏହି ଘଟଣାରେ ଭାରତର ସମ୍ପୃକ୍ତି ଅଛି ବୋଲି କାନାଡ଼ା ଅଭିଯୋଗ କରିଥିଲା । ଏକ ସାମ୍ବାଦିକ ସମ୍ମିଳନୀରେ କାନାଡା ପୋଲିସ କହିଛି ଯେ' ଭାରତୀୟ କୂଟନୀତିଜ୍ଞମାନେ ଏହି ହତ୍ୟାକାଣ୍ଡରେ ଜଡିତ ଥିବା ସନ୍ଦେହ କରାଯାଉଛି । ଭାରତ ସମର୍ଥିତ ଅପରାଧୀ ଗୋଷ୍ଠୀ କିଛି ପ୍ରବାସୀଙ୍କୁ ଟାର୍ଗେଟ କରିଛନ୍ତି ବୋଲି ମଧ୍ୟ କାନାଡ଼ା ଅଭଯୋଗ କରିଛି । କାନାଡାର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆହୁରି ମଧ୍ୟ ଅଭିଯୋଗ କରାଯାଇଛି ଯେ' ଭାରତର କୂଟନୀତିଜ୍ଞ କାନାଡ଼ାର ରାଜନୈତିକ କ୍ଷେତ୍ରରେ ହସ୍ତକ୍ଷେପ କରୁଛନ୍ତି । ଏପର୍ଯ୍ୟନ୍ତ କାନାଡ଼ା ଚୀନ ଉପରେ ମଧ୍ୟ ସମାନ ଅଭିଯୋଗ କରିଆସୁଛି । ୨୦୨୫ ସାଧାରଣ ନିର୍ବାଚନ ପୂର୍ବରୁ କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ବିଚ୍ଛିନ୍ନତାବାଦୀ ଖାଲିସ୍ତାନୀ ଭୋଟ୍ ବ୍ୟାଙ୍କକୁ ହାତେଇବା ପାଇଁ ଏ ପ୍ରକାର ନାଟକ ରଚନା କରିଛନ୍ତି । କେବଳ ନିଜର ରାଜନୈତିକ ଲାଭ ପାଇଁ କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ତଦନ୍ତର ଆୟୋଜନ କରୁଛନ୍ତି, ଯାହା ବାସ୍ତବିକ ହାସ୍ୟାସ୍ପଦ ଓ ଉଦ୍ଭଟ ବୋଲି ଭାରତ ପକ୍ଷରୁ କୁହାଯାଇଛି । ମୁକ୍ତ ଭାଷଣ ନାମରେ କାନାଡ଼ା ଖଲିସ୍ତାନୀ ବିଛିନ୍ନତାବାଦୀମାନଙ୍କୁ ସମର୍ଥନ ଦେବାରେ ଲାଗିଛି ଯାହା ସମ୍ପୂର୍ଣ୍ଣ ଭାବରେ ଭାରତକୁ ବଦନାମ କରି ନିଜର ଆସନ ସୁରକ୍ଷିତ କରିବା ପାଇଁ ପ୍ରଧାନମନ୍ତ୍ରୀ ଟ୍ରୁଡୋ ପ୍ରୟାସ କରିଛନ୍ତି । ଦିଲ୍ଲୀ ଏବଂ ଓଟାୱା ପ୍ରତ୍ୟେକ ୬ ଜଣ କୂଟନୀତିଜ୍ଞଙ୍କୁ ବହିଷ୍କାର କରିଛନ୍ତି । ଉଭୟ ରାଜଧାନୀରେ ଉଚ୍ଚ ଆୟୋଗରେ କର୍ମଚାରୀ ହ୍ରାସ ହେବା ସହ କ୍ଷୁବ୍ଧ ଭାରତ ଆହୁରି କିଛି କଡା ପଦକ୍ଷେପ ଗ୍ରହଣ କରିପାରେ ବୋଲି ଆଶା କରାଯାଉଛି । ତେବେ କୌଣସି ପଦକ୍ଷେପ ନେବା ପୂର୍ବରୁ ଭାରତକୁ ଏହାର ବିଭିନ୍ନ ଦିଗ ଉପରେ ଚିନ୍ତା କରିବାକୁ ପଡିବ । ଏହି ସପ୍ତାହରେ କାନାଡାର ଅଧିକାରୀମାନେ କହିଛନ୍ତି ଯେ ଭାରତୀୟ ଅଣ୍ଡରୱାର୍ଲ୍ଡ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ଗ୍ୟାଙ୍ଗ ଭାରତ ସରକାରଙ୍କ ନିର୍ଦ୍ଦେଶରେ ବିଛିନ୍ନତାବାଦୀ ଶିଖ ନେତାଙ୍କୁ ଟାର୍ଗେଟ କରୁଛି । ଏହି ଅଭିଯୋଗ ଉପରେ ଭାରତ ଅନୁସନ୍ଧାନ କରିବା ଜରୁରୀ । ପାକିସ୍ତାନ, ୟୁଏଇ, କାତାର, କାନାଡା ଏବଂ ଯୁକ୍ତରାଷ୍ଟ୍ର ପରି କେତେକ ଦେଶ ଭାରତୀୟ ଗୁପ୍ତଚର କାର୍ଯ୍ୟ ବିରୁଦ୍ଧରେ ଅଭିଯୋଗ ଆଣିବାକୁ ଚେଷ୍ଟା କରୁଛନ୍ତି, ଏପରିକି ଭାରତର ଘନିଷ୍ଠ ସହଯୋଗୀମାନେ ମଧ୍ୟ ଏହି ପ୍ରଶ୍ନ ପଚାରୁଛନ୍ତି । କାନାଡ଼ା ଘଟଣାରେ, ଭାରତ କାନାଡା ସହ ସହଯୋଗ କରିବା ଉଚିତ ବୋଲି ଆମେରିକା କହିଛି । ଏହା ବାସ୍ତବିକ ଚିନ୍ତାଜନକ ବିଷୟ ଏବଂ ଭାରତକୁ ବଦନାମ କରିବା ପାଇଁ ଏହା ଉଦ୍ଦିଷ୍ଟ ବୋଲି ଭାରତର ମତ । ଏପ୍ରକାର ଚକ୍ରାନ୍ତ ବିରୋଧରେ ସଜାଗ ହେବା ସହ, ଅନ୍ତର୍ଜାତୀୟ ସମୁଦାୟ ସାମ୍ନାରେ ଭାରତକୁ ପ୍ରମାଣ କରିବାକୁ ପଡିବ ଯେ' ଏହାର ସମ୍ପୃକ୍ତି କୌଣସି ବି ଘଟଣାରେ ନାହିଁ । ତେବେ ଦୁଃଖର ବିଷୟ, କାନାଡ଼ା ଅଭଯୋଗ କରିଚାଲିଛି, କିନ୍ତୁ ଅଭିଯୋଗ ନେଇ କୌଣସି ପ୍ରମାଣ ଦେଇପାରୁନାହିଁ । ସେପ୍ଟେମ୍ବର ୨୦୨୩ରେ ପ୍ରଧାନମନ୍ତ୍ରୀ ଟ୍ରୁଡୋଙ୍କ ଅଭିଯୋଗ ପରଠାରୁ ଏ ସଂକ୍ରାନ୍ତରେ ସ୍ପଷ୍ଟ ପ୍ରମାଣ ଦେବାପାଇଁ ଭାରତ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ କାନାଡା ସରକାର ଭାରତ ସରକାରଙ୍କୁ ଏ ପର୍ଯ୍ୟନ୍ତ କୌଣସି ପ୍ରମାଣ ଦେଇପାରି ନାହାଁନ୍ତି । କୌଣସି ତଥ୍ୟ ବିନା ଗୋଟିଏ ଦେଶ ବିରୋଧରେ କ୍ରମାଗତ ଭାବରେ ଅଭିଯୋଗ କରିବା ବାସ୍ତବିକ ନିନ୍ଦନୀୟ ବିଷୟ । ଏହା ସ୍ପଷ୍ଟ ଯେ' ଅନୁସନ୍ଧାନର ବାହାନାରେ ଟ୍ରୁଡୋ ରାଜନୈତିକ ଲାଭ ପାଇଁ ଭାରତକୁ ଅପମାନିତ କରିବାର ଏକ ସୁଚିନ୍ତିତ ରଣନୀତି କରିଛନ୍ତି । ନିଜାର ହତ୍ୟାରେ ଭାରତର ସମ୍ପୃକ୍ତି ନାହିଁ ବୋଲି ଅତି ସ୍ପଷ୍ଟ ଭାବରେ ଭାରତ ବିଶ୍ୱ ସମୁଦାୟକୁ ଜଣାଇ ସାରିଛି । ତଥାପି ଟ୍ରୁଡୋ ଅଭିଯୋଗ କରିଚାଲିଛନ୍ତି । ପ୍ରଧାନମନ୍ତ୍ରୀ ଟ୍ରୁଡୋଙ୍କ ଭାରତ ପ୍ରତି ଶତ୍ରୁତା ଦୀର୍ଘ ଦିନରୁ ପ୍ରମାଣିତ ହୋଇଆସୁଛି । ୨୦୧୮ରେ, ତାଙ୍କର ଭାରତ ଗସ୍ତ, ଯାହା ଏକ ଭୋଟ୍ ବ୍ୟାଙ୍କ ପାଇଁ ଅନୁଗ୍ରହ ପାଇବାକୁ ଲକ୍ଷ୍ୟ ରଖିଥିଲା, ତାହା ତାଙ୍କ ଅସନ୍ତୋଷର କାରଣ ହୋଇଥିଲା । ତାଙ୍କ କ୍ୟାବିନେଟରେ ଏମିତି ବ୍ୟକ୍ତିବିଶେଷଙ୍କୁ ସାମିଲ କରାଯାଇଛି ଯେଉଁମାନେ ଭାରତ ବିରୋଧୀ ବିଚ୍ଛିନ୍ନତାବାଦୀ ଶକ୍ତିଙ୍କ ସହିତ ଖୋଲାଖୋଲି ଭାବେ ଜଡିତ ଅଛନ୍ତି । ଡିସେମ୍ବର ୨୦୨୦ରେ ଭାରତୀୟ ଆଭ୍ୟନ୍ତରୀଣ ରାଜନୀତିରେ ତାଙ୍କର ଉଲଗ୍ନ ହସ୍ତକ୍ଷେପ ଦର୍ଶାଇଲା ଯେ ସେ ଏ ଦିଗରେ କେତେ ଦୂର ଯିବାକୁ ଇଚ୍ଛୁକ । ତାଙ୍କ ସରକାର ଏକ ରାଜନୈତିକ ଦଳ ଉପରେ ନିର୍ଭରଶୀଳ, ଯାହାର ନେତା ଖୋଲାଖୋଲି ଭାବେ ଭାରତ ବିରୋଧୀ ବିଚ୍ଛିନ୍ନତାବାଦୀ ଚିନ୍ତାଧାରାକୁ ସମର୍ଥନ କରନ୍ତି । କାନାଡା ରାଜନୀତିରେ ବିଦେଶୀ ହସ୍ତକ୍ଷେପକୁ ଅଣଦେଖା କରିବା ନେଇ ଦେଶ ଭିତରେ ସମାଲୋଚନାର ଶିକାର ହେବା ପରେ, ନିଜକୁ ସେସବୁ ସମାଲୋଚନାରୁ ବଞ୍ଚାଇବା ପାଇଁ ସେ ଭାରତକୁ ଏହା ଭିତରକୁ ଟାଣିଛନ୍ତି । ଭାରତୀୟ କୂଟନୀତିଜ୍ଞଙ୍କୁ ଟାର୍ଗେଟ କରି କାନାଡ଼ାର ପ୍ରଧାନମନ୍ତ୍ରୀ ନିଜର ଅପାରଗତାକୁ ଲୁଚେଇବାକୁ ଚେଷ୍ଟା କରୁଛନ୍ତି । ହାର୍ଦ୍ଦିକ ସିଂ ନିଜାର ହତ୍ୟା ମାମଲାରେ ଭାରତୀୟ କୂଟନୀତିଜ୍ଞଙ୍କ ଭୂମିକାକୁ ନେଇ ନୂଆଦିଲ୍ଲୀ ଏବଂ ଓଟାୱା ମଧ୍ୟରେ କୂଟନୈତିକ ଯୁଦ୍ଧ ଲାଗିଥିବାବେଳେ ଖାଲିସ୍ତାନୀ ବିଚ୍ଛିନ୍ନତାବାଦୀ ଗୁରୁପାତବନ୍ତ ସିଂ ପନ୍ନୁନଙ୍କୁ ହତ୍ୟା କରିବା ପାଇଁ ଭାରତ ଷଡଯନ୍ତ୍ର କରିଥିଲା ବୋଲି ଆମେରିକା ଅଭିଯୋଗ କରିଥିଲା, ଯାହା ମଧ୍ୟ ଭାରତ ପାଇଁ ଚିନ୍ତାର ବିଷୟ । କାରଣ ଏହି ସବୁ ଅଭିଯୋଗ, ଭାରତକୁ ବଦନାମ କରିବାରେ ସାହାଯ୍ୟ କରୁଛି ଏବଂ ଭାରତର ଛବିକୁ ମଳିନ କରୁଛି । ତେଣୁ ଭାରତ ଏପରି ଅଭଯୋଗର ସତ୍ୟାସତ୍ୟ ପରୀକ୍ଷା କରି ସମ୍ପୃକ୍ତ ଦେଶଗୁଡିକୁ ଉଚିତ ଜବାବ ଦେବା ଆବଶ୍ୟକ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ବାରିଷ୍ଟର ବିଶ୍ୱନାଥ ମିଶ୍ର

## ବିନୋଦ ମିଶ୍ର

ବ୍ୟାସକବି ଫକୀରମୋହନ ସେନାପତି ଯାହାଙ୍କ ଉଦ୍ଦେଶ୍ୟରେ ତାଙ୍କ 'ଉତ୍କଳ ଭ୍ରମଣ' ବହିରେ ଲେଖିଥିଲେ, 'ଉଏଲ ମିଷ୍ଟର ବିଏନ ମିଶ୍ର ଗୁଡବାଲ ଗୁଡିଟାଇ ଗୁଡବାଇ, ଭଲ ଆଦର୍ଶଟା ଏକା ଦେଲ ତ ଦେଖାଇ... ଦୁଃଖିନୀ ଜନ୍ମଭୂମିକୁ ନ ଭୁଲିବ ଭାଇ ।' ସେ ଥିଲେ ଉତ୍କଳରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ର । ଫକୀରମୋହନଙ୍କ ଆଶା ବିଶ୍ୱନାଥ ମିଶ୍ରଙ୍କ ଜୀବନ ଚରିତ ଅନୁଧ୍ୟାନ କଲେ ସାର୍ଥକ ହୋଇଥିବା ଜଣାଯାଏ । ବିଶ୍ୱନାଥ ମିଶ୍ର ଥିଲେ ଓଡିଶାର ପ୍ରଥମ ବାରିଷ୍ଟର ଏହା ବ୍ୟତୀତ ସେ ଥିଲେ ଉଚ୍ଚକୋଟିର ବ୍ୟବସ୍ଥାପକ, ସମାଜ ସଂସ୍କାରକ, ନିଷ୍ଠାପର, ନିସରଳକର୍ମୀ, ଶିକ୍ଷାବିତ୍, ଛାତ୍ର ସମାଜର ପରମ ହିତୈଷୀ ।

ବିଶ୍ୱନାଥ ମିଶ୍ର ଭୂମିଷ୍ଠ ହୋଇଥିଲେ ୧୮୭୮ମସିହା ଅକ୍ଟୋବର ୧୮ତାରିଖ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ନିକଟସ୍ଥ ନୂଆ ସୋମେଶ୍ୱରପୁର ଶାସନ ଗାଁରେ । କିନ୍ତୁ ତାଙ୍କର ଚିତା ଜଳିଥିଲା ସୁଦୂର ସିମଲାସ୍ଥିତ ସଞ୍ଜୋଲି ଶ୍ମଶାନରେ ୧୯୩୩ ସେପ୍ଟେମ୍ବର ୧୯ ତାରିଖରେ । ମାଟିବଂଶ ଅବଧାନ ପରମ୍ପରାରେ ବିଶ୍ୱନାଥ ଗାଁ ଚାଟଶାଳୀରୁ ବିଦ୍ୟା ଆରମ୍ଭ କରି ବହୁ ଘାତ ପ୍ରତିଘାତ ଅତିକ୍ରମକରି ନିଜ ଅଧ୍ୟବସାୟ, ନିଷ୍ଠା, ପ୍ରୟାସ ଯୋଗୁଁ ୧୯୦୬ ମସିହାରେ ମାଡ୍ରାସରୁ ପ୍ଲିଡ଼ରସିପ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ୧୯୧୦ ମସିହାରେ ଲଣ୍ଡନର ମିଡଲ ଟେମ୍ପଲରେ ବାରିଷ୍ଟରୀ ପଢିବା ପାଇଁ ଯୋଗ୍ୟତା ଅର୍ଜନ କରି ଦୁଇବର୍ଷର ପାଠ୍ୟକ୍ରମ ସାରି ଓଡ଼ିଶାର ପ୍ରଥମ ବାରିଷ୍ଟର ହୋଇ ଫେରିଥିଲେ ନିଜ ଜନ୍ମମାଟିକୁ । ତାଙ୍କ ସହପାଠୀଥିଲେ ଜନନାୟକ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ।

କଟକରେ ରେଭେନସା କଲେଜରେ ପଢୁଥିବା ସମୟରେ ମଧୁବାବୁଙ୍କ ନେତୃତ୍ୱରେ ଦେଶମିଶ୍ରଣ ଆନ୍ଦୋଳନର ସୂତ୍ରପାତ ହୋଇଥାଏ । ୧୯୦୩ରେ ହୋଇଥିବା ଉତ୍କଳ ସମ୍ମିଳନୀ ଅଧିବେଶନରେ ସ୍ୱେଚ୍ଛାସେବୀ ଭାବରେ ସାମିଲ ହୋଇଥିଲେ । ଉତ୍କଳ ସମ୍ମିଳନୀରେ ସୁବିସ୍ତୃତ ଆଲୋଚନାରୁ ଏବଂ ବିଶେଷ କରି ମାତୃଭାଷାର ଦୁରବସ୍ଥା ଓ ତେଲଗୁଭାଷୀ ହାକିମଙ୍କ ପ୍ରଭାବ ଓ ଦୌରାତ୍ମ୍ୟ ସମ୍ପର୍କରେ ଗଞ୍ଜାମ ଜିଲ୍ଲା ପ୍ରତିନିଧିମାନଙ୍କ ଭାଷଣରୁ ଅବଗତ ହୋଇ ମର୍ମାହତ ହୋଇଥିଲେ, ସେଠାରୁ ତାଙ୍କର ସ୍ୱତନ୍ତ୍ର ଓଡ଼ିଶା ଗଠନ, ମାତୃଭାଷାର ସୁରକ୍ଷା ଓ ଅବହେଳିତ ଓଡ଼ିଆମାନଙ୍କ ସେବା କରିବାର ଉତ୍ସର୍ଗୀକୃତ ମନୋଭାବ ଜାଗ୍ରତ ହୋଇଥିଲା । ୧୯୦୪ ରେ ଏଫ୍.ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଉତ୍କଳ ସମ୍ମିଳନୀର ଜଣେ କର୍ମଠ ସଦସ୍ୟ ରୂପେ ମଧୁସୁଦନ ଦାସଙ୍କ ପ୍ରେରଣାରେ ଗଞ୍ଜାମ ଜିଲ୍ଲାରେ



ଓଡ଼ିଆ ଭାଷାର ସୁରକ୍ଷା ନିମିତ୍ତ ପ୍ରଥମ କର୍ମସ୍ଥଳୀ ଭାବରେ ରସୋଲକୋଣ୍ଡା (ଆଜିର ଭଞ୍ଜନଗର)ଟ୍ରେନିଂ ସ୍କୁଲକୁ ବାଛି ନେଇଥିଲେ, ସେ ହେଲେ ସେଠାକାର ଓଡ଼ିଆ ପଣ୍ଡିତ । ଶିକ୍ଷକ ଭାବରେ ସେ ଅଧୋଗତି ହୋଇଥିବା ଓଡ଼ିଆ ଭାଷାର ପ୍ରୟୋଗକୁ ସୁଧାରି ଚାଲିଲେ । ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଦାୟିତ୍ୱ ନେଇ ତାଙ୍କ ମନରେ ଭରିଯାଇଥିଲା ଅପୂର୍ବ ଆନନ୍ଦ । ୧୯୦୪ ମସିହା ଡିସେମ୍ବର ୩୦ ତାରିଖ ଉତ୍କଳ ସମ୍ମିଳନୀରେ 'ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ରାଜନୈତିକ ଶାସନ ଅଧିନରେ ସାମିଲ କରିବାକୁ ହେବ'- ଏପରି ଏକ ପ୍ରସ୍ତାବ ଆଗତ କରାଯାଇଥିଲା ଏବଂ ଉକ୍ତ ପ୍ରସ୍ତାବଟି ଗୃହୀତ ହୋଇଥିଲା-ଏହିଠାରୁ ସ୍ୱତନ୍ତ୍ର ଓଡ଼ିଶା ଆନ୍ଦୋଳନର ସୂତ୍ରପାତ ହୋଇଥିଲା ।

ଏହା ପରଠାରୁ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ନକ୍ସା ପ୍ରସ୍ତୁତି ଆରମ୍ଭ ହୋଇଥିଲା । ଲକ୍ଷ୍ୟ ହାସଲ ପାଇଁ ନ୍ୟାୟିକ ସଂଗ୍ରାମ ଅବଧାରିତ ହୋଇଥିବାରୁ, ସଂଗ୍ରାମ ପାଇଁ ଉପଯୁକ୍ତ ହେବାକୁ ୧୯୦୬ରେ ମାଡ୍ରାସ୍ ଲ' କଲେଜରୁ ପ୍ଲିଡରସିପ୍ ହାସଲ କରି ଆସିକାକୁ ନିଜର କର୍ମକ୍ଷେତ୍ର ରୂପେ ବାଛି, ସେହିଠାରୁ ସ୍ୱତନ୍ତ୍ର ଓଡ଼ିଶା ଆନ୍ଦୋଳନକୁ ବିସ୍ତାରିତ କରିବାର ଚେଷ୍ଟା ଜାରି ରହିଥିଲା । ମାଡ୍ରାସ ପ୍ରେସିଡେନ୍ସିର ଓଡ଼ିଶା ଭାଷାଭାଷୀ ଅଞ୍ଚଳରେ ନ୍ୟାୟାଳୟଗୁଡିକରେ ଓଡ଼ିଆ ଭାଷାର ପ୍ରୟୋଗ ଉପରେ ବିଶ୍ୱନାଥ ମିଶ୍ରଙ୍କ ନେତୃତ୍ୱରେ 'ଗଞ୍ଜାମ ଉତ୍କଳ ସମିତି'ର ଆନ୍ଦୋଳନ ଓ ଦାବି ପରବର୍ତ୍ତୀ କାଳରେ ବହୁ ବିରୋଧ ସତ୍ତ୍ୱେ ଫଳବତୀ ହୋଇଥିଲା । ମାଡ୍ରାସ ଗଭର୍ଣ୍ଣର ପ୍ରସ୍ତାବ ସପକ୍ଷରେ ଆଦେଶ ଦେଇଥିଲେ ।

୧୯୧୩ ଜାନୁୟାରୀ ୭ ତାରିଖ ଦିନ ବାରିଷ୍ଟର ଭାବରେ ସେଠାର ନ୍ୟାୟାଳୟରୁ ଡାକରା ପାଇ ବିଲାତ ଯାଇଥିଲେ । ସେହି ସମୟରେ ପଞ୍ଚମ ଜର୍ଜଙ୍କ ସହିତ ସାକ୍ଷାତ କରି ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ତାଙ୍କ ଚେଷ୍ଟା ଫଳରେ ମିଷ୍ଟର ମ୍ୟାକ୍ୟାଲାମ ସ୍କଟ, ଏମପି ହାଉସ ଅଫ କମନ୍ସରେ ଓଡ଼ିଆମାନଙ୍କ ସମସ୍ୟା ଉତ୍ଥାପନ କରିଥିଲେ । ମିଷ୍ଟର ଇ.ଏସ୍. ମନଣ୍ଟେଗ୍ୟୁ, ଅଣ୍ଡର ସେକ୍ରେଟାରୀ ଅଫ ଷ୍ଟେଟସ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସପକ୍ଷରେ ମତବ୍ୟକ୍ତ କରିଥିଲେ । ସେ କଲିକତା, ପାଟଣା ହାଇକୋର୍ଟ, କଟକ ସର୍କିଟ ହାଇକୋର୍ଟରେ ସଫଳ ପ୍ରଭାବଶାଳୀ ଆଇନଜୀବୀ ଭାବରେ ପ୍ରତିଷ୍ଠିତ ହେଇପାରିଥିଲେ । ତାଙ୍କ ଉଦ୍ୟମ ଫଳରେ ରେଭେନ୍ସା କଲେଜରେ କନିକା ଲାଇବ୍ରେରୀ, କଲିକତା ବିଶ୍ୱବିଦ୍ୟାଳୟରେ ଏମ.ଏରେ ଓଡ଼ିଆ ପଠନ ଓ ଶାନ୍ତିନିକେତନରେ ଓଡ଼ିଆ ଅଧ୍ୟୟନ ସମ୍ଭବପର ହୋଇପାରିଥିଲା ।

୧୯୦୩ରୁ ଉତ୍କଳ ସମ୍ମିଳନୀର ପ୍ରାୟ ପ୍ରତ୍ୟେକ ଅଧିବେଶନରେ ଯୋଗଦେଇ ସକ୍ରିୟ ଭାବରେ ଅଂଶଗ୍ରହଣ କରୁଥିଲେ । ୧୯୨୧ ଚକ୍ରଧରପୁର ଉତ୍କଳ ସମ୍ମିଳନୀର ଅଧିବେଶନରେ ସମ୍ମିଳନୀକୁ ଜାତୀୟ କଂଗ୍ରେସରେ ଅଙ୍ଗୀଭୂତ କରିବାକୁ ପ୍ରସ୍ତାବ ଆଗତ କରାଯାଇଥିଲା । ଏହାକୁ ବିରୋଧ କରି ବିଶ୍ୱନାଥ ମିଶ୍ର, ବ୍ରଜସୁନ୍ଦର ଦାସ, ବିଶ୍ୱନାଥ କର ପ୍ରଭୃତି ସମ୍ମିଳନୀକୁ ପରିତ୍ୟାଗ କରିଥିଲେ । ସମ୍ମିଳନୀର ସ୍ରଷ୍ଟା ମଧୁବାବୁ ମଧ୍ୟ ନିଜକୁ ନୀରବରେ ନିଜ ସୃଷ୍ଟି ଠାରୁ ଦୂରେଇ ନେଲେ । ହେଲେ ସେ ସ୍ୱତନ୍ତ୍ର ପ୍ରଦେଶ ଗଠନ ନୀତିକୁ ତ୍ୟାଗ କରିପାରିଲେ ନାହିଁ । ଅତଏବ ୧୯୨୨ ଆରମ୍ଭରୁ ଉତ୍କଳରେ ଯେଉଁ ଦଳୀୟ ରାଜନୀତିର ନିଅଁ ପଡିଲା, ସେଥିରେ ସେ ଯୋଗ ଦେଇନଥିଲେ ।

୧୯୨୨ ଓ ୧୯୩୦ରେ ଦୁଇଥର ସେଣ୍ଟ୍ରାଲ ଲେଜିସ୍‌ଲେଟିଭ ଆସେମ୍ବ୍ଲିକୁ ନିର୍ବାଚିତ ହୋଇଥିଲେ । ସେହି ସମୟରେ ବ୍ରିଟିଶ ସାମ୍ରାଜ୍ୟବାଦୀ ସରକାରର ଦମନ, ଟିକସ ବ୍ୟବସ୍ଥା, ସୈନ୍ୟ ବାହିନୀର ଅତିରିକ୍ତ ଖର୍ଚ୍ଚ, ସତ୍ୟାଗ୍ରହୀଙ୍କ ଉପରେ ଜୁଲୁମର ତୀବ୍ର ସମାଲୋଚନା କରିବା ସହିତ ଓଡ଼ିଆମାନଙ୍କ ସ୍ୱାର୍ଥ, ଓଡ଼ିଶା ସହିତ ତା'ର ବିଚ୍ଛିନ୍ନାଞ୍ଚଳଗୁଡିକର ଏକତ୍ରୀକରଣ ଉପରେ ବାରମ୍ବାର ପ୍ରଶ୍ନ ଉତ୍ଥାପନ କରୁଥିବାରୁ ବ୍ୟବସ୍ଥାପକ ବନ୍ଧୁମାନେ 'ମିଷ୍ଟର ଓଡ଼ିଶା' ଭାବରେ ସମ୍ବୋଧନ କରୁଥିଲେ ।

୧୯୨୪ରେ ବିଶ୍ୱନାଥଙ୍କ ପ୍ରଗାଢ଼ ଅଧ୍ୟବସାୟ ଯୋଗୁଁ 'ଫିଲିପ-ଡ଼ଫ୍ କମିଶନ' ସମଗ୍ର ଓଡ଼ିଆ ଭାଷା ଅଞ୍ଚଳର ମିଶ୍ରଣ ବିଷୟରେ ଏକ ସୁଚିନ୍ତିତ ମତାମତ ଦେଇ ସୁପାରିଶ କରିଥିଲେ । ଭାରତୀୟ କଂଗ୍ରେସ ସର୍ବଦା ଓଡ଼ିଶା ଦାବିକୁ ଅବହେଳା କରୁଥିଲା, ଏପରିକି ୧୯୨୮ରେ ମୋତିଲାଲ ନେହେରୁ କମିଟି, ସିନ୍ଧୁପ୍ରଦେଶକୁ ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ଦେବାକୁ ଅନୁମୋଦନ କରି ଓଡ଼ିଶାର ଦାବିକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲେ । ଏହା ବାରିଷ୍ଟର ମିଶ୍ରଙ୍କୁ ଅତ୍ୟନ୍ତ ମର୍ମାହତ କରିଥିଲା, ସେ ଅନୁଭବ କରିଥିଲେ ଯେ ଓଡ଼ିଶା ଏକତ୍ରୀକରଣ ଓ ଓଡ଼ିଆଙ୍କ ଅସ୍ତିତ୍ୱ ପାଇଁ ଏକାନ୍ତ ଅପରିହାର୍ଯ୍ୟ । ୧୯୨୭-୨୮ ମସିହାରେ ସାଇମନ କମିସନକୁ ଭାରତ ତଥା ଓଡ଼ିଶାର ବୁଦ୍ଧିଜୀବୀ ଓ କଂଗ୍ରେସର ଜନନେତାମାନେ ଅସହଯୋଗ କରିଥିଲେ ମଧ୍ୟ ବିଶ୍ୱନାଥ ମିଶ୍ର ଓ ବ୍ରଜସୁନ୍ଦର ଦାସ ପ୍ରଭୃତି ପାଟଣାଠାରେ ସାକ୍ଷାତ କରି ତାଙ୍କ ନିକଟରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ଦୃଢ଼ ଦାବି ପ୍ରଦାନ କରିଥିଲେ ।

ଯାହାଫଳରେ ସାଇମନ-କମିଶନ ମେଜର ଅଟଲିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ । ତାଙ୍କ ସହିତ ଓଡ଼ିଆମାନଙ୍କ ପ୍ରତିନିଧି ଭାବରେ ବିଶ୍ୱନାଥ ମିଶ୍ର ଓ ବିକ୍ରମ ଦେବ ବର୍ମା ସାକ୍ଷାତକରି ଏକ ବଳିଷ୍ଠ ସ୍ମାରକପତ୍ର ବିଶାଖାପାଟଣାରେ ପ୍ରଦାନ କରିଥିଲେ । ୧୯୩୧ରେ ଓଡନେଲ କମିସନ ସୀମା ନିର୍ଦ୍ଧାରଣ ପାଇଁ କାର୍ଯ୍ୟ କରିବା ସମୟରେ ତାଙ୍କ ପ୍ରତ୍ୟକ୍ଷ ସହଯୋଗ କରିଥିଲେ । ୧୯୩୨ରେ ସିମଲା ଠାରେ ଅନ୍ୟ ଓଡ଼ିଆପ୍ରେମୀଙ୍କ ସହିତ ବିଶ୍ୱନାଥ ମିଶ୍ର ବଡଲାଟଙ୍କୁ ସାକ୍ଷାତ କରି ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ ପାଇଁ ଅନୁରୋଧ କରିଥିଲେ ।

ପରବର୍ତ୍ତୀ କାଳରେ ତାଙ୍କ ନିଷ୍ଠାପର ଚେଷ୍ଟା ସ୍ୱତନ୍ତ୍ର ପ୍ରଦେଶ ଗଠନରେ ସହାୟକ ହୋଇଥିଲା । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା ୧୯୩୬ରେ ମାତ୍ର ୧୯୩୩ରୁ ଲିଭିଯାଇଥିଲା ଓଡ଼ିଆ ମାନଙ୍କର ଏହି ରତ୍ନଦୀପଟି । 'ଆଲୋକର ସନ୍ତାନ' କବିତାରେ ଡ଼କ୍ଟର କୁଞ୍ଜବିହାରୀ ଦାଶ ଲେଖିଥିଲେ :

*'ମହାନ ଓଡ଼ିଆ ଜଣେ*
*ଏଇ ତା'ର ପରିଚୟ*
*ଗାଇଥିଲା ଉଚ୍ଚ କଣ୍ଠେ ଉତ୍କଳର ଜୟ*
*ଖୋଜିଥିଲା ଓଡ଼ିଶାର ମାନଚିତ୍ର*
*ମାନବତାର ମାନ*
*ବାରିଷ୍ଟର ବିଶ୍ୱନାଥ ଆଲୋକର ସନ୍ତାନ ।'*

ମୋ-୯୮୫୩୯୪୬୮୮୧

# ଗଞ୍ଜାମର ଗର୍ବ: କୃଷ୍ଣସାର ମୃଗ

## ବୈଷ୍ଣବ ଚରଣ ଦାଶ

*ବିଭିନ୍ନ ପ୍ରଜାତିର ମୃଗ ମଧ୍ୟରେ କୃଷ୍ଣସାର ନିଆରା ବୋଲି ବିବେଚନା କରାଯାଏ । ସାଧାରଣ ମୃଗଦେହରେ ଟୋପା ଟୋପା ଚିହ୍ନ ଥାଏ । ତେବେ ଅଣ୍ଡିରା କୃଷ୍ଣସାରର ଦେହସାରା କଳା, କେବଳ ପେଟ ଧଳା ହୋଇଥିବାବେଳେ ମାଈ କୃଷ୍ଣସାରର ଦେହ ପାଉଁଶିଆ । ପାଣିର ଅଭାବ ହେଲେ ଅଣ୍ଡିରା କୃଷ୍ଣସାର ବି ପାଉଁଶିଆ ହୋଇଯାଏ । ଶାବକର ରଙ୍ଗ ହଳଦିଆ ହୋଇଥିବାବେଳେ ବୟସ ବୃଦ୍ଧି ସାଙ୍ଗକୁ ଦେହର ରଙ୍ଗ କଳା ପଡ଼ିଯାଏ । ଏମାନେ ମୁଖ୍ୟତଃ ୧୨ରୁ ୧୫ ବର୍ଷ ବଞ୍ଚିଥା'ନ୍ତି ।*

ଏ ପୃଥିବୀ ସକଳ ପ୍ରାଣୀଙ୍କ ନିବାସ ସ୍ଥଳ । କ୍ଷୁଦ୍ର କୀଟ ଠାରୁ ଆରମ୍ଭ କରି ବୃହତ୍ତାକାର ତିମି ପର୍ଯ୍ୟନ୍ତ ସମସ୍ତେ ଏଠି ବିନା ଦ୍ୱନ୍ଦରେ ବସବାସ କରିଥାନ୍ତି । ତେବେ ଜଳବାୟୁ ପରିବର୍ତ୍ତନ, ପାରିପାର୍ଶ୍ୱିକ ପ୍ରଭାବ, ଜନବସତି ବୃଦ୍ଧି, ଦ୍ରୁତ ଶିଳ୍ପାୟନ ଆଦି ଅନେକ ପ୍ରାଣୀଙ୍କୁ ଦୁର୍ଲ୍ଲଭ ତାଲିକା ଭୁକ୍ତ କରିଛି । ତନ୍ମଧ୍ୟରୁ କୃଷ୍ଣସାର ମୃଗ ଅନ୍ୟତମ । କୃଷ୍ଣସାର ମୃଗ ବା କଳା ବାହୁଟିଆ ହରିଣ ଏକ ସ୍ତନ୍ୟପାୟୀ ପ୍ରାଣୀ । ଚିତା ପରେ ଏମାନେ ସବୁଠାରୁ ଅଧିକ ଦ୍ରୁତ ଗତିରେ ଧାଇଁ ପାରନ୍ତି ବୋଲି ପ୍ରାଣୀ ବିଜ୍ଞାନୀଙ୍କ ମତ । ଘଣ୍ଟାପ୍ରତି ଏମାନେ ପ୍ରାୟ ୫୦ରୁ ୬୦ କିମି ପର୍ଯ୍ୟନ୍ତ ଦୌଡ଼ି ପାରନ୍ତି । ବିଶେଷତ୍ୱ ହେଉଛି ଏମାନେ ଜନବସତି ମଧ୍ୟରେ ଚରାବୁଲା କରିବାକୁ ଭଲ ପାଆନ୍ତି ।

ବିଭିନ୍ନ ପ୍ରଜାତିର ମୃଗ ମଧ୍ୟରେ କୃଷ୍ଣସାର ନିଆରା ବୋଲି ବିବେଚନା କରାଯାଏ । ସାଧାରଣ ମୃଗଦେହରେ ଟୋପା ଟୋପା ଚିହ୍ନ ଥାଏ । ତେବେ ଅଣ୍ଡିରା କୃଷ୍ଣସାରର ଦେହସାରା କଳା, କେବଳ ପେଟ ଧଳା ହୋଇଥିବାବେଳେ ମାଈ କୃଷ୍ଣସାରର ଦେହ ପାଉଁଶିଆ । ପାଣିର ଅଭାବ ହେଲେ ଅଣ୍ଡିରା କୃଷ୍ଣସାର ବି ପାଉଁଶିଆ ହୋଇଯାଏ । ଶାବକର ରଙ୍ଗ ହଳଦିଆ ହୋଇଥିବାବେଳେ ବୟସ ବୃଦ୍ଧି ସାଙ୍ଗକୁ ଦେହର ରଙ୍ଗ କଳା ପଡ଼ିଯାଏ । ଏମାନେ ମୁଖ୍ୟତଃ ୧୨ରୁ ୧୫ ବର୍ଷ ବଞ୍ଚିଥା'ନ୍ତି । ସତେଜ ପତ୍ର, ଘାସ, ଫସଲ, ପନିପରିବା, ଧାନ, ମୁଗ, ବିରି ପ୍ରଭୃତି ଏମାନେ ଖାଆନ୍ତି । ବିନା ପାଣିରେ ସେମାନେ ଗୋଟିଏ ଦିନରୁ ସପ୍ତାହେ ପର୍ଯ୍ୟନ୍ତ ରହିପାରନ୍ତି । କୃଷ୍ଣସାର ମୃଗ ପାଇଁ ଗଞ୍ଜାମର ଭେଟନଇ ଅଞ୍ଚଳ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ନ' ଅଙ୍କ ଦୁର୍ଭିକ୍ଷ ସମୟରେ ୪/୫ଟି କୃଷ୍ଣସାର ମୃଗ ଗଞ୍ଜାମର ଭେଟନଇ ଅଞ୍ଚଳକୁ ଚାଲି ଆସିଥିଲେ । ସେମାନେ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ବର୍ଷା ହେବା ସହ କୃଷିଜୀବୀଙ୍କ ମୁହଁରେ ହସ ଫୁଟି ଉଠିଥିଲା । ଫଳରେ ସ୍ଥାନୀୟ ବାସିନ୍ଦା ଏହି କୃଷ୍ଣସାର ମୃଗଙ୍କୁ ଭଗବାନଙ୍କ ଦୂତ ବୋଲି ବିବେଚନା କଲେ । ସେହିଦିନଠାରୁ ସେମାନଙ୍କୁ ସୁଖ ଆଉ ସମୃଦ୍ଧିର ପ୍ରତୀକଭାବେ ଲୋକେ ବିବେଚନା କରି ଆସୁଛନ୍ତି । ଏ ଅଞ୍ଚଳରେ କୃଷ୍ଣସାର ମୃଗକୁ ଶିକାର କରନ୍ତି ନାହିଁ । ବିଶ୍ୱାସ ରହିଛି ଯେ,କୃଷ୍ଣସାର ବିଲରୁ ଫସଲ ଖାଇଲେ ଭଲ ଫସଲ ଅମଳ ହୁଏ । ମନୁସ୍ମୃତିରେ କୁହାଯାଇଛି-'କୃଷ୍ଣସାରସ୍ତୁ ଚରତି ମୃଗ ଯତ୍ର ସ୍ୱଭାବତଃ ତଜ୍ଞେୟୋ ଯଜ୍ଞେୟୋ ଦେଶଃ ।' ଯେଉଁ ଅଞ୍ଚଳରେ କୃଷ୍ଣସାର ସ୍ୱତଃ ନିର୍ଭୟରେ ଭ୍ରମଣ କରେ, ସେ ଅଞ୍ଚଳକୁ ଯଜ୍ଞ ଦେଶ ବୋଲି କୁହାଯାଏ । ଏହି କୃଷ୍ଣସାରକୁ ନେଇ ଗଙ୍ଗାଧର ମେହେର 'ପ୍ରଣୟ ବଲ୍ଲରୀ'ରେ ଲେଖିଛନ୍ତି -

*'ସ୍ୱଭାବେ ସୁଲଭ ଲମ୍ଫେ କୃଷ୍ଣସାର*
*ଗଗନେ ଅଧିକ ଯାଇ*
*ଥରେ ଥରେ ମାତ୍ର ଦେଉଥାଏ ବନ*
*ଭୂମିରେ ପାଦ ପକାଇ ।*
*ପୁଚ୍ଛ ଲପଟାଇ ଶ୍ୱୀତ ସଙ୍କୁଚାଇ*
*ଆଶୁରା ପତନ ଭୟେ*
*ଗ୍ରୀବା ଭାଙ୍ଗି ଥରେ ଥରେ ରଥେ ଚାହିଁ*
*ପଳାଏ ପୁଣି ଅଥୟେ ।'*

କୃଷ୍ଣସାର ମୃଗକୁ କେହି କେହି 'ବାଲିହରିଣ' ନାମରେ ନାମିତ କରିଥାନ୍ତି । ଏହା ଅତି କ୍ଷୁଦ୍ର ଜୀବଟିଏ ହେଲେ ମଧ୍ୟ ନିରୀହ । କୃଷ୍ଣସାର ମୃଗ ଭାରତର ରାଜସ୍ଥାନ, ଗୁଜୁରାଟରେ କିଛି ମାତ୍ରାରେ ଦେଖାଯାଉଥିବାବେଳେ ଓଡ଼ିଶାର ଦକ୍ଷିଣ ଘୁମୁସର ବନଖଣ୍ଡର ବୁଗୁଡ଼ା, ବାଲିପଦର, ଆସିକା ଏବଂ ଖଲ୍ଲିକୋଟ ବନାଞ୍ଚଳର କବିସୂର୍ଯ୍ୟ ନଗର, କୋଦଳା, ଆଦି ସ୍ଥାନରେ ବହୁଳ ମାତ୍ରାରେ ଦେଖାଯାଆନ୍ତି ।

ମୁଖ୍ୟତଃ କୃଷ୍ଣସାର ମୃଗ ଦଳବଦ୍ଧ ଭାବରେ ରହିଥାନ୍ତି । ଗୋଟିଏ ଦଳରେ ଗୋଟିଏ ପୁରୁଷ ମୃଗ ସହ କୋଡ଼ିଏରୁ ପଚିଶିଟି ମାଈ ମୃଗ ରହିଥାନ୍ତି । ବେଳେବେଳେ ଦୁଇ ଦଳ ମଧ୍ୟରେ ଲଢ଼େଇ ହୁଏ । ଯେଉଁ ଦଳର ପୁରୁଷ ମୃଗ ହାରିଯାଏ, ସେ ଜିତିଥିବା ଦଳରେ ସାମିଲ ହୁଏ । ଏହି ଲଢେଇରେ ଦୁଇ ଦଳର ମୃଗ କ୍ଷତାକ୍ତ ହୋଇଥାନ୍ତି । ସମୟେ ସମୟେ ମୃତ୍ୟୁ ମୁଖରେ ମଧ୍ୟ ପଡନ୍ତି । କୃଷ୍ଣସାର ମୃଗ ଖୋଲା ପଡ଼ିଆରେ ଚରାବୁଲା କରେ, କଅଁଳ ଘାସ, ବିରି, ମୁଗ, ଧାନ ଆଦି ତା'ର ପ୍ରଧାନ ଖାଦ୍ୟ । ଏତଦ୍ ଭିନ୍ନ ଲବଣ ମିଶ୍ରିତ ଏକ ମାଟି ମଧ୍ୟ ତାହାର ପ୍ରିୟ । ତାହାକୁ ସେ ଚାଟିଥାଏ ।

ଗୋଟିଏ ମାଈ ମୃଗର ଓଜନ ପ୍ରାୟ ୨୦ରୁ ୨୫ କେଜି ହୋଇଥିବା ବେଳେ ପୁରୁଷ ମୃଗର ଓଜନ ୪୦କେଜି ହୋଇଥାଏ । ପୁରୁଷ ମୃଗର ଶିଙ୍ଗର ଲମ୍ବ ୫୦ସେମି ହୋଇଥାଏ । ଜନ୍ମ ବେଳେ ତା'ର ଦେହ ହଳଦିଆ ଥାଏ । କିନ୍ତୁ ୩ ବର୍ଷର ହେଲା ବେଳକୁ ଏହା କଳା ହୋଇଯାଏ । ଏମାନଙ୍କ ଦୃଷ୍ଟି ଶକ୍ତି ବହୁ ପ୍ରଖର ଏବଂ ଏମାନେ ବେଶ୍ ଜୋର୍‌ରେ ଦୌଡନ୍ତି । ବିପଦର ସୂଚନା ପାଇଲେ ଆଗ କୁଦା ମାରି ତା'ପରେ ଦୌଡ଼ନ୍ତି । ବର୍ଷର ସବୁ ସମୟରେ ଏମାନଙ୍କ ମିଳନ ହୁଏ । ମିଳନ ସମୟରେ ପୁରୁଷ ମୃଗଟି ବଦରାଗି ହୁଏ । ମୁଣ୍ଡ ଉପରକୁ ଉଠାଇ ବେଶ୍ ଗର୍ବର ସହ ଧୀରେ ଧୀରେ ଚାଲେ । କୃଷ୍ଣସାର ଥରକେ ଗୋଟିଏ ବା ଦୁଇଟି ଛୁଆ ଜନ୍ମ କରିଥାଏ ।

ଶାସ୍ତ୍ରପ୍ରତୀକ ସ୍ଥିତିରେ ଏହି ବିରଳ ଓ ନିରୀହ ପ୍ରାଣୀକୁ ଯେମିତି ବିପଦ ମାଡ଼ି ବସିଛି । ବଂଶବୃଦ୍ଧି ହେଉଛି ସତ । କିନ୍ତୁ ସୁରକ୍ଷା ପାଇଁ ଦୀର୍ଘମିଆଦି ଯୋଜନା ଓ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରୁନି । ଖାଦ୍ୟ ଓ ପାଣି ପାଇଁ କୃଷ୍ଣସାର ଜନବସତି ମୁହାଁ ହୋଇ କେତେବେଳେ ହିଂସ୍ର କୁକୁରଙ୍କ ଆକ୍ରମଣର ଶିକାର ହେଉଛନ୍ତି ତ, ଆଉ କେତେବେଳେ ରାସ୍ତା ପାର ହେଉଥିବା ସମୟରେ ଗାଡ଼ି ଧକ୍କାରେ ପ୍ରାଣ ହରାଉଥିବାର ନଜିର ରହିଛି ।

ଗତ କିଛି ବର୍ଷ ଧରି କୃଷ୍ଣସାରଙ୍କ ମୃତ୍ୟୁ ସଂଖ୍ୟା ଚିନ୍ତାଜନକ ଭାବେ ବଢ଼ିବାରେ ଲାଗିଛି । ତେବେ ଏଥିପ୍ରତି ଆମକୁ ସଚେତନ ରହିବାକୁ ହେବ । କେବଳ ବନ ବିଭାଗ ବା ସରକାରୀ ସ୍ତରକୁ ଆଶା ନ ବାନ୍ଧି ବ୍ୟକ୍ତିଗତ ଭାବେ ଏହି ଦୁର୍ଲ୍ଲଭ ପ୍ରାଣୀର ସୁରକ୍ଷା ପାଇଁ ସମସ୍ତଙ୍କ ପ୍ରଚେଷ୍ଟା ରହିଲେ ଯାଇ ଏହାର ବଂଶ ବିସ୍ତାର ହୋଇପାରିବ ।

ବୀରଧନଞ୍ଜୟପୁର
ବୁଗୁଡ଼ା, ଗଞ୍ଜାମ
ମୋ-୯୭୭୬୫୩୪୯୩୦

# ସେଲଫ ଥେରାପି

ସେ ଦିନ ଠିକ୍ ମଧ୍ୟାହ୍ନ ପୂର୍ବରୁ ବନ୍ଧୁ ସଞ୍ଜୀବ ଫୋନ କରିଥିଲେ । ସେ ଏକ ପ୍ରତିଷ୍ଠିତ ବିଦ୍ୟାଳୟର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରନ୍ତି । ସେ ମୋତେ ତାଙ୍କର ଜଣେ ଛାତ୍ର ସମ୍ପର୍କରେ କହିଲେ, ଯାହାକି ପିଲାଟିର ମାନସିକ ସମ୍ବନ୍ଧୀୟ ଥିଲା । ସବିଶେଷ ମୁଁ ତାଙ୍କ ଠାରୁ ଶୁଣିବା ପରେ କହିଲି ଏହା ଏକ ସ୍ୱାଭାବିକ କଥା କୌଣସି କାରଣରୁ ଛାତ୍ରଛାତ୍ରୀ ଚିନ୍ତାଗ୍ରସ୍ତ ହେଲେ ଏହାର ସିଧାସଳଖ ପ୍ରଭାବ ପଡ଼େ ମାନସିକ ସ୍ତରରେ । ଚିନ୍ତା ଯୋଗୁଁ ଶରୀରରେ ଥକ୍କାପଣ ଅନୁଭବ ହୁଏ । ଦୁର୍ବଳ ଲାଗିବା ସହ ମୁଣ୍ଡ ଘୂରାଏ । ଫଳରେ ଛାତ୍ରଛାତ୍ରୀଙ୍କର ପାଠପଢ଼ାରେ ଆଉ ମନ ଲାଗେନାହିଁ । ଏପରି ସ୍ଥିତିରେ ଅନେକ ଛାତ୍ରଛାତ୍ରୀ ଆତ୍ମବିଶ୍ୱାସ ହରାଇ ନକାରାତ୍ମକ ଦିଗକୁ ଗତି କରନ୍ତି । ହେଲେ ଏପରି ହୀନଭାବନାରୁ ସକାରାତ୍ମକ ଚିନ୍ତା ସୃଷ୍ଟି କରିବା ସହ ଆତ୍ମବିଶ୍ୱାସ ବଢ଼ାଏ 'ସେଲଫ ଥେରାପି' । ଏହା ଏପରି ଏକ ଥେରାପି, ଯାହାକି ପ୍ରଶିକ୍ଷିତ ମନୋଚିକିତ୍ସକଙ୍କ ବିନା ସାହାଯ୍ୟରେ ଜଣେ ବ୍ୟକ୍ତି ନିଜେ ନିଜକୁ ସାହାଯ୍ୟ କରିପାରିବେ । ଅନଲାଇନରେ ମଧ୍ୟ କିଛି ସାଇଟକୁ ଅନୁକରଣ କରି ନିଜକୁ ସୁଧାରି ପାରିବେ । ଏହାଦ୍ୱାରା ମାନସିକ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆସେ । ତେବେ ଏହି ସାଇଟ୍ ଅନୁକରଣ କରିବା ସମୟରେ ସମସ୍ତ ସୂଚନା ଓ ତଥ୍ୟ ସମ୍ବନ୍ଧରେ ସବିଶେଷ ଭଲ ଭାବେ ବୁଝନ୍ତୁ ଓ ଜାଣନ୍ତୁ ।

ଅନଲାଇନରୁ ସାହାଯ୍ୟ ନେଇ ନିଜର ନକାରାତ୍ମକ ଚିନ୍ତାଧାରାକୁ ପରିବର୍ତ୍ତନ କରିପାରିବେ । ଏଥିପାଇଁ ବିଭିନ୍ନ ସାଇଟ ଉପଲବ୍ଧ ରହିଛି । କିଛି ଜଣଙ୍କ ଠାରେ ବିନା ମେକଅପରେ ଘରୁ ନ ବାହାରିବା, ନିଜକୁ ଅନ୍ୟମାନଙ୍କ ସହିତ ତୁଳନା କରିବା ଆଦି ଅଭ୍ୟାସ ରହିଥାଏ । ଏପରି କ୍ଷେତ୍ରରେ ନିଜର ବ୍ୟବହାରିକ ଏବଂ ଭାବନାତ୍ମକ ଦିଗକୁ ପରିବର୍ତ୍ତନ କରିବା ଉଚିତ । ଯଦି ଥେରାପି ସମ୍ପର୍କିତ କୌଣସି ବହି ପଢୁଛନ୍ତି କିମ୍ବା ଲେଖୁଛନ୍ତି ଏହାକୁ ନିୟମିତ ଜାରି ରଖନ୍ତୁ । ମନରେ ସକାରାତ୍ମକ ଚିନ୍ତାଧାରା ଆଣନ୍ତୁ । ସେଲଫ ଥେରାପି ଜରିଆରେ ନିଜର ଯୋଗାଯୋଗ ଦକ୍ଷତାକୁ ବିକଶିତ କରିପାରିବେ । ଏଥିରେ ନିଜ ବିଚାର ଶକ୍ତିରେ ମଧ୍ୟ ପରିବର୍ତ୍ତନ ଆସେ । ନିଜକୁ ଦୁର୍ବଳ ମନେ କରିଲେ, ନିଜ ବିଚାର, ଭାବନା ଏବଂ ଅନୁଭବକୁ ଡାଏରୀରେ ଲେଖିପାରିବେ । ବାସ୍ତବ କଥା ହେଉଛି କ୍ଷଣ ଭଙ୍ଗୁର ଦୁନିଆରେ ଜଣେ ଚାହିଁଲେ ନିଜ ଇଚ୍ଛାର ଜୀବନ ଅତିବାହିତ କରିପାରିବ । ଠିକ୍ ସେହିପରି ଜୀବନକୁ ଆନନ୍ଦମୟ ଓ ଅବସାଦରୁ ଦୂରେଇ କିପରି ଏକ ଭଲ ଓ ଆଦର୍ଶପୂର୍ଣ୍ଣ ଜୀବନ ବିତାଇବ ତାହା ତାଙ୍କ ଉପରେ ନିର୍ଭର କରେ । ତେଣୁ ସର୍ବପ୍ରଥମେ ନିଜ ପାଇଁ ଏକ ଭଲ ରୁଟିନ ବନ୍ଧା ଜୀବନ ତିଆରି କରନ୍ତୁ । ଯୋଗ ପ୍ରଣାୟମ ସହ ସୁଷମ ଖାଦ୍ୟ, ସବୁଜ ପନିପରିବା ସହ ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରହିଲେ ଖୁବ୍ ଭଲ । ସବୁବେଳେ ଆନନ୍ଦମୟ ପରିବେଶ ତିଆରି କରିବା ପାଇଁ ଏକପ୍ରକାର ସକରାତ୍ମକ କ୍ଷେତ୍ର ସୃଷ୍ଟି କରନ୍ତୁ ଏବଂ ଆପଣ ଏ କ୍ଷେତ୍ରରେ ସହଯୋଗ ବିଚାର କଲେ, ମାନସିକ ରୋଗୀ ବିଶେଷଜ୍ଞଙ୍କ ପରାମର୍ଶ ନେଇପାରିବେ ।

ଡାକ୍ତର ସମ୍ରାଟ କର,ମାନସିକ ରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ଼, କଟକ,
ମୋ- ୯୧୩୨୪୩୩୩୩୩

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପରବର୍ତ୍ତି...

ଲୋକସଭା ନିର୍ବାଚନ ପ୍ରଚାର ପାଇଁ ଅନ୍ତରୀଣ ଜାମିନ୍ ଦେବାଭଳି ରାୟ ରହିଛି । ସେହିଭଳି ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଶ ସିସୋଦିଆଙ୍କ କ୍ଷେତ୍ରରେ ମଧ୍ୟ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ।

## ରାସନକାର୍ଡ...

ପିଲାଙ୍କୁ ଧରି ଜଙ୍ଗଲ ଭିତରକୁ ଆସିବା କେତେ ଯେ ଯନ୍ତ୍ରଣାଦାୟକ ଯିଏ ଅନୁଭବ କରିଛି, ସିଏ ଜାଣିଛି। ପାଦେ ପାଦେ ଜୀବନ ପ୍ରତି ବିପଦ ଥିବା ସତ୍ତ୍ୱେ ଲୋକମାନେ ଆସିବା ପାଇଁ ବାଧ୍ୟ ହେଉଛନ୍ତି।

ଯେଉଁ ସ୍ଥାନରେ ରାସନକାର୍ଡ ଅପଡ଼େଟ୍ ହେଉଛି ସେଠାରେ ବିଦ୍ୟୁତ ସଂଯୋଗ ନାହିଁ। ତେଣୁ ଯେତେ ପର୍ଯ୍ୟନ୍ତ ଲାପଟପ୍ ଚାର୍ଜ ରହୁଛି, ସେତେ ଯାଏଁ କାମ ହେଉଛି । ଏହି ପଞ୍ଚାୟତରେ ୯୨୫ଟି ରାସନକାର୍ଡ ରହିଛି। ଲୋକ ସଂଖ୍ୟା ୫ହଜାରରୁ ଅଧିକ ହେବ। ଗତ ୩ ଦିନ ହେଲା ଏମିତିକା କାମ କରୁଛି। ଆହୁରି ମାସେ ଲାଗିବ ବୋଲି ରାସନ୍ କାର୍ଡ଼ କର୍ମଚାରୀ କହୁଛନ୍ତି । ଗ୍ରାମବାସୀ କହିଛନ୍ତି ଆମ ଗାଁରେ ଟାୱାର ନଥିବାରୁ ନେଟ୍‌ୱର୍କ ଆସୁନି। ତେଣୁ ଫିଙ୍ଗରପ୍ରିଣ୍ଟ ଦେବା ପାଇଁ ଗାଁଠାରୁ ୩ କିମି ଦୂରକୁ ଆସୁଛୁ। ବହୁ ଅସୁବିଧାରେ ପଡୁଛୁ ବୋଲି କହିଛନ୍ତି।

## ସାଇବର...

ସାଇବର ମାଫିଆମାନେ ଜଡିତ ଅଛନ୍ତି ତଦନ୍ତ ତ୍ୱରାନ୍ୱିତ ହେଲେ ସ୍ପଷ୍ଟ ଜଣାପଡିବ ବୋଲି ଡିସିପି ସୂଚନା ଦେଇଛନ୍ତି । ସାଇବର ଠକମାନେ ବିଭିନ୍ନ ଉପାୟରେ ଲୋକଙ୍କୁ ଠକିବାରେ ଶିଦ୍ଧହସ୍ତ । ଚିକିତ୍ସା କ୍ଷେତ୍ରରେ ହେଉ କିମ୍ବା ନିଜ ପ୍ରୋଭିଡେଣ୍ଟ ଫଣ୍ଡ଼ରୁ ଟଙ୍କା ଉଠାଇବା କ୍ଷେତ୍ରରେ ହେଉ । ଆଉ କେତେକ ସାଇବର ଅପରାଧୀ ବିଭିନ୍ନ ସ୍କିମ୍ ମାଧ୍ୟମରେ ସୋସିଆଲ୍ ମିଡିଆରେ ଲୋକଙ୍କୁ ପ୍ରଲୋଭିତ କରାଇ ତାଙ୍କ ଆକାଉଣ୍ଟ ଖାଲି କରିଦେଉଛନ୍ତି । କଟକରେ ଚିକିତ୍ସା ଆଳରେ ସାଇବର ଠକ ଠକିନେଇଥିବା ଅଭିଯୋଗ ହୋଇଛି । ଓଡ଼ିଶା ତଥା ଭାରତର ଲୋକମାନେ ଟଙ୍କା କାରବାରରେ ଡିଜିଟାଲାଇଜ୍ ହେବା ପରେ ସାଇବର ଠକ ଟଙ୍କା ଠକିନେବାରେ ସହଜ ହେଉଛି । ପୃଥିବୀର ସବୁଦେଶ ଠାରୁ ଡିଜିଟାଲାଇଜ୍ ଟଙ୍କା କାରବାରରେ ଭାରତ ଆଗରେ ରହିଛି । ସେହିପରି ସାଇବର ଅପରାଧୀମାନେ ଭାରତୀୟଙ୍କ ଠାରୁ ଠକେଇ କରିବାରେ ମଧ୍ୟ ଆଗରେ ରହିଛନ୍ତି ।

କଲ୍ ସେଣ୍ଟର ପୂର୍ବରୁ ପୋଲିସ ସିମ୍‌ବକ୍ସ ର୍ୟାକେଟ୍‌କୁ ଠାବ କରିଥିଲା । ସିମ୍ ବକ୍ସ ର୍ୟାକେଟ୍‌ର ମୁଖ୍ୟ ଅଭିଯୁକ୍ତ ରାଜୁ ମଣ୍ଡଳ ଘର କୋଲ୍‌କାତାରେ । ସେ ବାଂଲାଦେଶରୁ ବିଭିନ୍ନ ଜିନିଷ ଆଣି ପଶ୍ଚିମବଙ୍ଗ ଓ ଓଡିଶାରେ ବ୍ୟବସାୟ କରୁଥିଲା । ସମୟକ୍ରମେ ରାଜୁ ବାଂଲାଦେଶରେ ସାଇବର ଅପରାଧୀଙ୍କୁ ଭେଟିବା ପରେ ଓଡ଼ିଶାର ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ସିମ୍‌ବକ୍ସ ବସାଇ ଜଗାରଖା କରୁଥିଲା । ସିମ୍ ବକ୍ସ ମାମଲାରେ ପୋଲିସ ବାଂଲାଦେଶର ସେହି ସାଇବର ମାଫିଆ ପାଖରେ ପହଞ୍ଚି ପାରିନଥିଲା । ସେହିପରି କଲ୍ ସେଣ୍ଟର ମାମଲାରେ ଯଦି ବିଦେଶର ସାଇବର ମାଫିଆ ଥା'ନ୍ତି ତେବେ ତାଙ୍କ ପାଖରେ ପୋଲିସ ପହଞ୍ଚିବା ମୁସ୍କିଲ୍ ବୋଲି ସାଇବର ବିଶେଷଜ୍ଞ ମତ ଦେଇଛନ୍ତି । ସାଇବର ଅପରାଧ କ୍ଷେତ୍ରରେ ଲୋକେ ସଚେତନ ନହେଲେ ଠକେଇର ଶିକାର ହେବେ । ଲୋକଙ୍କୁ ସଚେତନ କରିବା ପାଇଁ କମିଶନରେଟ୍ ପୋଲିସ ଛାତ୍ରଛାତ୍ରୀଙ୍କ ସ୍ତରରୁ ସଚେତନତା ଶିବିର ଆୟୋଜନ କରୁଛି । ସାଇବର ଅପରାଧ ରୋକିବାରେ ସଚେତନତା ଜରୁରୀ ବୋଲି ପୋଲିସ କହିଛି ।

## ୨୦ରେ...

ତାରିଖ ବେଳକୁ ସ୍ପଷ୍ଟ ଚିତ୍ର ଆସିବ । ମୌସୁମୀ ଅପସାରଣ ପରେ ଏବେ ବର୍ଷା ପ୍ରାୟତଃ ନାହିଁ । ବର୍ଷା ଋତୁରେ ଗରମ ଅନୁଭୂତ ହେଉଛି । ଅସହ୍ୟ ଗରମ ଯୋଗୁ ଲୋକେ ହନ୍ତସନ୍ତ ହେଉଛନ୍ତି । ତେବେ ଅକ୍ଟୋବର ମାସରେ ବାତ୍ୟା ଆଶଙ୍କା ରହୁଥିବାରୁ ଏବେ ସମ୍ଭାବ୍ୟ ଘୂର୍ଣ୍ଣିବଳୟକୁ ନେଇ ଲୋକେ ଆତଙ୍କିତ ଅଛନ୍ତି ।

## ନାଳିରୁ...

ସହ୍ୟ କରି ପାରୁନଥିଲେ। କୌଶଲ୍ୟା ଓ ପୁଅଙ୍କ ସହିତ ଯୁଗ୍ମ ଆକାଉଣ୍ଟରେ କିଛି ଟଙ୍କା ଗଚ୍ଛିତ ଥିଲା। ଚତୁରତା ସହ କୌଶଲ୍ୟା ପୁଅଙ୍କ ଠାରୁ ଦସ୍ତଖତ କରିନେଇଥିଲେ। ଏହି ଜମା ଖାତାରୁ ପ୍ରାୟ ୧ଲକ୍ଷ ୬୦ହଜାର ଟଙ୍କା ଉଠାଇ ନେଇଛି। ଯାହାକୁ ନେଇ ବିବାଦ ଦେଖା ଦେଇଥିଲା। ମାଆ ଜମୁନା ସାମଲଙ୍କ ଫୋନ କରିବାରୁ କୌଶଲ୍ୟା ୨୭ତାରିଖ ବାଲିମୁଣ୍ଡା ଆସିଥିଲେ। ମାଆ ମଧ୍ୟ ବାଲିମୁଣ୍ଡାରେ ପହଞ୍ଚି ଥିଲେ। ମାଆ ଜମୁନା ଓ କୌଶଲ୍ୟା ଘରେ ନ ପହଂଚିବାରୁ ନାୟକାଣିଡିହି ଥାନାରେ ଜମୁନାଙ୍କ ଝିଅ ଅଭିଯୋଗ କରିଥିଲେ। ଦୀର୍ଘ ୧୮ ଦିନ ଧରି ନିଖୋଜ ରହିଥିଲେ ମାଆ ଓ ଝିଅ। ଜଳନିଷ୍କାସନ କରିବାକୁ ଚାଷୀମାନେ ବଡହା ବେଳିସାହିର ନାଳୀକୁ ଜେସିବିରେ ଖୋଳିବା ସମୟରେ ଏକ ଅଖା ବସ୍ତା କାଦୁଅ ପୋତି ଯାଇଥିଲା। ଗତକାଲି ବୁଧବାର ଦିନ କୁକୁର ଟାଣି ଖାଉଥିବାବେଳେ ଏକ ଖପୁରି ବାହାରେ ପଡିଥିବା ଗାଁ ଲୋକ ଦେଖି ପୋଲିସ ସୂଚନା ଦେଇଥିଲେ। ପୋଲିସ ରାତିଯାକ ବସ୍ତାକୁ ଜଗି ରହିଥିଲା। ତଦନ୍ତ ଆରମ୍ଭ ହୋଇଛି। ହତ୍ୟା ସନ୍ଦେହରେ ପୋଲିସ ଗୁରୁପଦ ଗାଏନଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ହତ୍ୟାକାଣ୍ଡ ପଛରେ କଳା କାହାଣୀ ବଖାଣିଥିଲା। ନାୟକାଣୀଡିହି ପୋଲିସ ଗୁରୁବାର ମଧ୍ୟାହ୍ନରେ ଗୁରୁପଦ ଗାଏନଙ୍କୁ ଧରି କ୍ରାଇମସିନ ରିକନଷ୍ଟ୍ରକସନ କରି ଖଣ୍ଡ ବିଖଣ୍ଡିତ ବିଭତ୍ସ ହତ୍ୟାକାଣ୍ଡରେ ଲୁଚି ରହିଥିବା ଗଳିତ ନରକଙ୍କାଳ ଉଦ୍ଧାର କରିଥିଲେ। ଗୁରୁପଦ ଗାଏନକୁ ନାୟକାଣୀଡିହି ପୋଲିସ ଗିରଫ କରିଛି। ସାଇଣ୍ଟିଫିକ୍ ଟୀମ ତଦନ୍ତ କରୁଥିବାବେଳେ ବର୍ଷା ହେବାରୁ ତଦନ୍ତ ବାଧାପ୍ରାପ୍ତ ହୋଇଥିଲା। ଖଣ୍ଡ ବିଖଣ୍ଡିତ ଗଳିତ ନରକଙ୍କାଳ ଚିଙ୍ଗୁଡି ପ୍ଲାଷ୍ଟରେ ଖୋଜା ଚାଲିଥିଲା। ବାସୁଦେବପୁର ଏସଡିପିଓ ସୌରଭ କୁମାର ଓଟା,ନାୟକାଣୀଡିହି ଥାନାର ଆଇଆଇସି ସଲଖାନ୍ ମୁର୍ମୁ,ଏସଆଇ ମହେଶ୍ୱର ପ୍ରଧାନ ତଦନ୍ତ ସମୟରେ ଉପସ୍ଥିତ ଥିଲେ ।


**OFFICE OF THE MUNICIPAL COUNCIL: BARGARH**
No. 3065 / Dt. 17.10.24
**E-Procurement Notice**

C-783 : **Bid Identification No. 01/BGH-MUN/2024-25**

1. Name of the work for which e-Tender invited - Sweeping of Streets, Door to Door Collection of Garbage and its Segregation, Cleaning of Drains and Lifting of Garbage from 01 to 19 ward of Bargarh Municipality for the Financial Year.2024-25 & 2025-26 (1 Year & 5 Months)
2. Estimated cost of work (Annually) - **Rs. 3,95,58,574.44**
3. Eligible Intending Registered & Financially Sound Manpower Service Provider Agency/Firms/ Trust/ N.G.Os having similar nature of work experience of at least Ten year and fulfilling the other criteria as given in the D.T.C.N.
4. The Bid documents will be available in the web-site i.e **http://www.tendersodisha.gov.in** from **9:00 hrs of Dt. 18.10. 2024 to 17:00 Hrs of Dt. 25.10.2024** for online bidding.
5. Bid identification No. **01/BGH-MUN/2024-25.**
6. Last date & time of receipt of Bid through online **17.00 of Dt. 25.10.2024.**
7. Original Bids documents received shall be: **Before 13.00 hours of 28.10.2024**
8. Opening of Bid on **Dt.29.10.2024 at 11:00 Hrs.**
9. The bidder has to participate in online bidding only.

For further detail information any one can visit thee - procurement portal of the Govt, of Odisha i.e. **http://www.tendersodisha.gov.in**

**Sd/- Executive Officer,**
**Bargarh Municipality**

OIPR : 13103/11/0004/2425



**ODISHA LIFT IRRIGATION CORPORATION LTD.**
(A GOVT. OF ODISHA UNDERTAKING)
**OFFICE OF THE EXECUTIVE ENGINEER, L.I.DIVISION, GUNUPUR.**
E-mail: www. eeolicgnp@ymail.com
**"E"- Procurement Notice**
**BID IDENTIFICATION NO. OLIC-GNPR-01/2024-25 dt.14.10.2024**

**CAD-1378 :** The Executive Engineer, Lift Irrigation Division, Gunupur, Odisha on behalf of Odisha Lift Irrigation Corporation Limited, Bhubaneswar invites E-tender on Percentagewise Rate bids in single cover system on online mode for the work Installation / Revival of Lift Irrigation Projects on turnkey basis from reputed contractors / firms having both valid civil and H.T. license, holders registered within the State issued by PWD/PHED/ RWSS/Irrigation/Rural works of required class and valid HT license issued by E.L.B.O, Odisha with experience in OLIC nature of works. Contractors / firms having civil license can also participate in the above tender making Joint venture with valid HT license holders and vice-versa. The joint venture documents should be registered in any registration office only. If a Civil contractor will be first party and joint venture with electrical contractor then the electrical contractor have to produce a affidavit that he have not made joint venture with any others. Proofs of registration from the appropriate authorities are to be enclosed along with the bid/bids. The bidders who have awarded similar nature of work previously but not satisfactory progress till date their tender may be rejected without assigning any reason thereof.

The details are available in the Government Tender Web site i.e. **www.tendersorissa.gov.in.**

1. Total Nos. of Packages : 5 nos.
2. Approximate Estimated Cost: Rs. 12.95 Lakhs to 16.39 Lakhs.,
3. Period of completion: 90 days for all Projects from the date of handing over the site.
4. Availability of tender On-line for bidding: from dt.22.10.2024 to 04.11.2024.
5. Last date & time of seeking tender clarification : On dt. 01.11.2024
6. Last date of submission of original Bid documents/ Cost of Bid (On Online Mode) on or before dt.04.11.24 upto 5.30 P.M.
7. Date & Time of Opening of tender in the office of the Executive Engineer, L.I. Division, Gunupur (Online Mode) dt. 05.11.2024 onwards.
8. Any Corrigendum/ Addendum will be displayed in the above website only.

The undersigned reserves the right to reject/cancel any or all the tenders without assigning any reason thereof.

**Sd/- Executive Engineer, L.I.Division, Gunupur.**

OIPR : 32144/11/0001/2425



**INVITATION FOR BIDS (IFB)**
**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO: RWS&S DIVN., PURI - 15 OF 2024-25**
Ph. (06752) 251276 E-mail - eerwsspuri@gmail.com

**O-375 :** The Executive Engineer, RWS&S Division, Puri on behalf of Governor of Odisha invites Percentage rate price bids through e-procurement in single cover system according to the norms of e-procurcmcnt system, in on-line mode from eligible contractors.

| Sl. No. | Nature of work | : | Supplying, Installation, Testing and Commissioning of Iron Removal Plant including 5 years operation & maintenance for PWS to Samanga under Purisadar Block in Puri District. |
|---|---|---|---|
| 1. | No. of works | : | 01 (ONE) |
| 2. | Estimated Cost | : | Rs. 13.00 lakhs |
| 3. | Time for completion | : | 2 (Two) months |
| 4. | Cost of bidding document | : | Rs. 6000/- |
| 5. | Class of Contractors eligible | : | D & C |
| 6. | Availability of bids on-line | : | From 11.00 hour of 19.10.2024 to 17.00 hours of 28.10.2024 |
| 7. | Last date and time for seeking clarification | : | 17.00 hours of25.10.2024 |
| 8. | Date & time of opening of technical bids | : | On dt 29.10.2024 at 11.30 Hours in the office of the Superintending Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids | : | Does not arise. |

Further details can be seen from the website **https://www.tendersorissa.gov.in**. Subsequent corrigendum if any shall appear in the web site.

**Sd/- Superintending Engineer**
**RWS&S Division, Puri**

OIPR : 25017/11/0006/2425


## ପୂର୍ବତନ...

ଦକ୍ଷତାର ସହ ଉପସ୍ଥାପନ କରିଥିଲେ । ଶ୍ରୀ ମାଝୀ ସ୍ୱର୍ଗତ ସାମନ୍ତରାୟଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ସେହିଭଳି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶ୍ରୀ ସାମନ୍ତରାୟଙ୍କ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ସେ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ ଶ୍ରୀ ସାମନ୍ତରାୟଙ୍କ ଦେହାନ୍ତ ଖବର ଶୁଣି ସେ ଦୁଃଖିତ । ଲୋକଙ୍କ ସେମା ତଥା ଦଳର ସଂଗଠନକୁ ସୁଦୃଢ଼ କରିବାରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ । ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଉଛି ।

## ହମାସ...

ମୁଖ୍ୟ ଥିଲେ ଓ ଇସ୍ରାଏଲ ଆକ୍ରମଣର ସେ ମୁଖ୍ୟ ବିନ୍ଧାଣୀ ଥିଲେ । ଏହାପରେ ଗାଜା ଯୁଦ୍ଧ ସୃଷ୍ଟି ହୋଇଥିଲା । ତେବେ ଟନେଲ୍ ମଧ୍ୟରେ ହମାସର ଏବେ ଅନେକ ଆତଙ୍କବାଦୀ ଥିବା କୁହାଯାଉଛି । ଦୁଇ ଦଶନ୍ଧୀ ଧରି ଗାଜାରେ ଏହାକୁ ନିର୍ମାଣ କରାଯାଇଥିଲା । ଯେଉଁ କୋଠାରେ ଏହି ଆତଙ୍କବାଦୀମାନେ ନିହତ ହୋଇଥିଲେ ସେଠାରେ ଇସ୍ରାଏଲ କଏଦୀମାନଙ୍କର କୌଣସି ଚିହ୍ନ ନଥିଲା । ଇସ୍ରାଏଲର ସକ୍ରିୟ ସୁରକ୍ଷା ବାହିନୀ ସତର୍କତାର ସହ ଏହି ଅଞ୍ଚଳରେ ଅଭିଯାନ ଜାରି ରଖିଥିଲେ । ସୂଚନାଯୋଗ୍ୟ ପୂର୍ବରୁ ଇସ୍ରାଏଲ ସେନା ଇରାନରେ ହମାସର ପୂର୍ବତନ ମୁଖ୍ୟ ଇସ୍‌ମାଇଲ୍ ହାନିଆଙ୍କୁ ମଧ୍ୟ ହତ୍ୟା କରିଥିଲା ।

## ନାଗରିକତା...

ମସୁପ୍ରିମ୍‌କୋର୍ଟ ଆର୍ଟର୍ଣ୍ଣି ଜେନେରାଲ ଆର୍ ଭେଙ୍କଟେରମଣି, ସଲିସେଟର ଜେନେରାଲ ତୁଷାର ମେହେଟ୍ଟା, ବରିଷ୍ଠ ଆଇନ୍‌ଜୀବୀ ସାମ୍ ଦିୱାମ୍, କପିଲ ଶିବାଲ ଓ ଅନ୍ୟମାନଙ୍କ ଦାଖଲ ଶୁଣାଣି ପରେ ରାୟ ସଂରକ୍ଷିତ ରଖିଥିଲେ । ଏହି ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଯେଉଁ ବାଂଲାଦେଶୀମାନେ ୧୯୬୬ ଜାନୁଆରୀ ପହିଲାରୁ ୧୯୭୧ ଜାନୁଆରୀ ୨୫ ପୂର୍ବରୁ ଆସାମକୁ ଆସିଥିଲେ ସେମାନେ ଧାରା ୧୮ ଅନୁଯାୟୀ ନିଜର ପଞ୍ଜୀକରଣ କରିପାରିବେ । ସେ ସମୟରେ ବାଂଲାଦେଶୀମାନଙ୍କୁ ନାଗରିକତା ପ୍ରଦାନ ପାଇଁ ୧୯୭୧ ମାର୍ଚ୍ଚ ୨୫କୁ ଶେଷ ତାରିଖ ଘୋଷଣା କରାଯାଇଥିଲା । ତେବେ ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ୬-ଏ ସେହି ଲୋକମାନଙ୍କୁ ନାଗରିକତା ପ୍ରଦାନ କରିବ ଯେଉଁମାନେ ୧୯୬୬ ଜାନୁଆରୀ ପହିଲା ପୂର୍ବରୁ ପ୍ରବାସିତ ହୋଇଥିଲେ । ସେହି ଲୋକମାନଙ୍କୁ ନାଗରିକତା ପ୍ରଦାନ କରିବ ଯେଉଁମାନେ ଅନୁଚ୍ଛେଦ ୬ ଓ ୭ ଅଧିନରେ ନାହାନ୍ତି । ୧୯୮୫ରେ ଆସାମର ବାଂଲାଦେଶୀ ଅନୁପ୍ରବେଶଙ୍କୁ ନେଇ ନାଗରିକତା ଆଇନ୍‌ରେ ୬-ଏ ଧାରା ପ୍ରଚଳନ କରାଯାଇଥିଲା ।


**ଭାରତୀୟ କଣ୍ଟେନର ନିଗମ ଲିମିଟେଡ୍**
**CONTAINER CORPORATION OF INDIA LTD.**
(ଭାରତ ସରକାରଙ୍କ ଏକ ନବରତ୍ନ ଉଦ୍ୟୋଗ) (A NAVRATNA UNDERTAKING OF GOVT. OF INDIA)
CONCOR ANNEXE, NSIC New MDBP Building, 3rd Floor, Okhal Indl. Estate (Opp. NSIC Okhla Metro
Azadi Ka Amrit Mahotsav

**ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**
କନ୍‌କର ନିମ୍ନଲିଖିତ କାର୍ଯ୍ୟ ପାଇଁ ସିଙ୍ଗିଲ୍ ପ୍ୟାକେଟ୍ ସିଷ୍ଟମ ଟେଣ୍ଡର ପ୍ରକ୍ରିୟାରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି :

| | |
|---|---|
| ଟେଣ୍ଡର ନଂ. | ସିଓଏନ/ଇପି/ଏ-ଆଇଭି/ଡ୍ରେଜଡ୍‌ସ୍ୱଏଲ/ଏମଏମଏଲପି-ପାରଦ୍ୱୀପ/ଇ-୯୧୫୫୩/୨୦୨୪-୨୫ |
| କାର୍ଯ୍ୟର ନାମ | ପାରାଦ୍ୱୀପ ଓଡ଼ିଶା ଠାରେ ପାରାଦ୍ୱୀପ ବନ୍ଦରରୁ ମଲ୍ଟି ମୋଡାଲ ଲଜିଷ୍ଟିକ୍ ପାର୍କ (ଏମଏମଏଲପି) ପର୍ଯ୍ୟନ୍ତ ଡ୍ରେଜଡ୍ ସ୍ୱଏଲ ଭର୍ତ୍ତି କରିବା (ପାରାଦ୍ୱୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଡ୍ରେଜଡ୍ ସ୍ୱଏଲ ଯୋଗାଇ ଦିଆଯିବ । |
| ଆନୁମାନିକ ମୂଲ୍ୟ | ଟ. ୧୦୪.୯୫ ଲକ୍ଷ (ଜିଏସ୍‌ଟି ସମେତ) |
| ସମାପ୍ତି ସମୟ | ୬ (ଛଅ) ମାସ |
| ଅମାନତ ଅର୍ଥ ଜମା | ଟ. ୨,୦୨,୫୦୦/- (ଦୁଇ ଲକ୍ଷ ଦୁଇ ହଜାର ପାଞ୍ଚ ଶହ ଟଙ୍କା ମାତ୍ର) |
| ଟେଣ୍ଡର ଡକୁମେଣ୍ଟ ମୂଲ୍ୟ (ଫେରସ୍ତଯୋଗ୍ୟ ନୁହେଁ) | ଶୂନ |
| ଟେଣ୍ଡର ପ୍ରୋସେସିଂ ଫି (ଫେରସ୍ତଯୋଗ୍ୟ ନୁହେଁ) | ଟ. ୩୫୪୦/- (ଇ-ପେମେଣ୍ଟ ଜରିଆରେ ସମସ୍ତ ଟିକସ ଓ ଶୁଳ୍କ ସହିତ) |
| ଟେଣ୍ଡର ବିକ୍ରି ତାରିଖ (ଅନ୍‌ଲାଇନ୍) | ତା.୧୮.୧୦.୨୦୨୪ (୧୫.୦୦ ଘଟିକା) ଠାରୁ ତା. ୦୭.୧୧.୨୦୨୪ (୧୭.୦୦ ଘଟିକା ପର୍ଯ୍ୟନ୍ତ) |
| ଅନଲାଇନ୍ ଟେଣ୍ଡର ଦାଖଲ ତାରିଖ ଏବଂ ସମୟ | ତା. ୦୮.୧୧.୨୦୨୪ ରିଖ ୧୭.୦୦ ଘଟିକା ପର୍ଯ୍ୟନ୍ତ |
| ଟେଣ୍ଡର ଖୋଲାହେବା ତାରିଖ ଏବଂ ସମୟ | ତା.୧୧.୧୧.୨୦୨୪ରିଖ ୧୫.୦୦ ଘଟିକା |

ଅନୁରୂପ ଧରଣର କାର୍ଯ୍ୟ ସମ୍ପର୍କରେ ଆର୍ଥିକ ଯୋଗ୍ୟତା ମାନଦଣ୍ଡ, ଅଭିଜ୍ଞତା ପାଇଁ ୱେବସାଇଟ୍ **www.concorindia.co.in** ରେ ଉପଲବ୍ଧ ବିସ୍ତୃତ ଟେଣ୍ଡର ବିଜ୍ଞପ୍ତିକୁ ଦୟାପୂର୍ବକ ଦେଖନ୍ତୁ । କିନ୍ତୁ ୱେବସାଇଟ୍ **www.tenderwizard.com /CCIL** ରୁ ପୂର୍ଣ୍ଣାଙ୍ଗ ଟେଣ୍ଡର ଡକୁମେଣ୍ଟ ଡାଉନ୍‌ଲୋଡ୍ କରାଯାଇପାରିବ । ଏହି ଟେଣ୍ଡରରେ କୌଣସି ଶୁଦ୍ଧିପତ୍ର/ସଂଶୋଧନ ଯଦି ଥାଏ ସେଥିପାଇଁ କେବଳ ୱେବ୍‌ସାଇଟ **www.concorindia.co.in, www.tenderwizard.com /CCIL** ଏବଂ ସେଣ୍ଟ୍ରାଲ ପ୍ରୋକିୟୋରମେଣ୍ଟ ପୋର୍ଟାଲ (ସିପିପି)ରେ ତାହା କେବଳ ପ୍ରକାଶ କରାଯିବ । ଏଥିପାଇଁ ସମ୍ବାଦପତ୍ର ବିଜ୍ଞାପନ ଜାରି କରାଯିବ ନାହିଁ ।

ସ୍ୱା/- ଜିଜିଏମ୍/ ପ୍ରୋଜେକ୍ଟ
ଫୋନ ନଂ. : ୦୧୧-୪୧୨୨୨୫୦୦



**OFFICE OFFICE THE ROURKELA MUNICIPAL CORPORATION: ROURKELA**
**INVITATION FOR BID**
No. 12644 Dated. 15/10/24
**Bid Identification No.:- MC/RMC/31/2024**

**C-779 :** The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double cover on online Mode. Bid Identification No. MC/RMC/31/2024 for 01 nos. Civil work with value of Rs. 3.74 Cr.

1. Bid documents will be available in website www.tendersorissa.gov.in from 15.10.2024.
2. Bids must be submitted on "online" on or before 29.10.2024 by 17.00 hours.
3. Bids shall be opened at 11.00 hours on 30.10.2024 in the office of the undersigned in the presence of the bidders or their authorized agents.
4. Other details will be available in the web site **tendersorissa.gov.in**

**Sd/- Municipal Commissioner,**
**Rourkela Municipal Corporation**

OIPR : 13131/11/0036/2425



E-Mail ID-rwd.padampur@yahoo.co.in
Ph.No. 9437255440

**Government of Odisha "e" Procurement Notice**
O-370 **Bid identification No: Online- 03-OF 2024-25**

1. Name of the work : Building works (As per Annexure-'A')
2. Amount put to Bid Excluding GST : As per Annexure-'A'
3. Class of contractor : "C" &'B"
5. Date & Time of availability of bid document in the portal : From Dt. 19.10.2024 at 10.00 A.M
6. Last date & Time for receipt of bids in the portal : Dt. 29.10.2024 up to 05:00 P.M.
7. Last date of seeking clarification : Dt. 28.10.2024 up to 5.00 P.M
8. Date & Time of bid opening : Dt. 30.10.2024 at 11.00 A.M .
9. Name and address of the Officer Inviting Bid : Superintending Engineer, R.W.Division, Padampur, At/Po-Padampur, Dist-Bargarh, Pin- 768036

(1) Other details can be seen from DTCN available in website **www.tendersodisha.gov.in**
(2) Corrigendum if any shall only be published in the above website

**Sd/- Superintending Engineer,**
**Rural Works Division, Padampur**

OIPR : 25069/11/0006/2425



**OFFICE OF THE REGULATED MARKET COMMITTEE, JEYPORE, Dist. KORAPUT**
At- Umari, (Phulabada) P.O-Railway Station-764001
E-Mail- secretaryrmcjeypore@yahoo.in
**Tender Notice No. 566 dated. 15/10/2024**

**H-19 :** The Sub-Collector Jeypore-cum-Chairman Regulated Market Committee, Jeypore invite rate quoted bid in sealed cover from reputed Manufacturer / Authorized Registered Dealers for supply, installation and commissioning alongwith AMC charges of grading equipments viz **(1) Electronic Weighing scale 300 KG Capacity (without printer) (2) Analysis Kit (3) Sample Divider (burner type) (4) Set of Sieves (5) Digital Moisture Meter (with printer) of latest version with Compatable Bluetooth & USB connection** which can be paired with other devices and according to the **Technical Specification** issued by **OSAM Board, Bhubaneswar vide Letter No.1729 (66) dt. 20.08.2019 of General Manager OSAM Board, Bhubaneswar** in plain paper with proper format and seal & signature within the specified time period. The quotation should be reached to this office by Registered post/ Office box in person on or before 5.00 P.M Dated. 24/10/2024. The bids will be opened at 11.00 A.M on Dated. 25/ 10/2024 in this office in the presence of tenderer or their representatives. The intending firms must submit papers like valid GST certificate, PAN & other related documents as per norms fixed by the Government.

The Authority Reserves the right to reject all or any of the quotation without assaying any reason thereof and for further details contact vide **e-mail-secretaryrmcjeypore@yahoo.in** or also visit website **koraput.odisha.gov.in.**

**By the Order of Sub-Collector Jeypore-cum-Chairman, RMC, Jeypore**

**Sd/- Secretary**
**R.M.C, Jeypore**

OIPR : 07088/11/0001/2425


## ହରିୟାଣା...

ଏଥର ନିର୍ବାଚନରେ ୯ ମନ୍ତ୍ରୀ ହାରିଯାଇଥିଲେ । ଯେଉଁ ଦୁଇ ମନ୍ତ୍ରୀ ଜିତିଥିଲେ ସେଥିରୁ ପାନିପଥ ବିଧାୟକ ମହିପାଲ ଧଣ୍ଡାଙ୍କୁ ନୂଆ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଛି ।


**CHANGE OF SURNAME**

By virtue of my marriage with Rasananda Mohanta, I have changed my surname from MOHARANA to MOHANTA by an affidavit before the Executive Magistrate, Bhubaneswar vide CF No. 33/dt. 21.09.2024 henceforth, I shall be known as Lijalin Mohanta instead of Lijalin Moharana for all purposes.



**AFFIDAVIT**

I Ranjulata Dhal alias Sanjulata Dhal By virtue of an affidavit Sworn in the court of Executive Magistrate No-8419, 30/09/ 2024. I Sanjulata Dhal W/O Bimbadhar Dhal change my name from Ranjulata Dhal to Sanjulata Dhal. Henceforth I will be known as Sanjulata Dhal for all Purpose.



**AFFIDAVIT**

By virtue of an affidavit in the Notary Public Puri. I, Trupti Mayee Mohanty, aged (51), D/o- Bishnu Charan Mohanty & Manjurika Mohanty & W/o- Susanta Bhusan Pattanayak. Permanent Resident of Village- Otharpa, Po- Machhagaon, Ps- Balikuda, Dist.- Jagatsinghpur. Pin- 754119, Odisha. At present address- B-07, Laxmi Avenue, Haridaspur,Naharkanta, Bhubanesar- 752101, Dist- Khurda. Odisha. Declare that tI have changed my name from Trupti Mayee Pattanayak to Trupti Mayee Mohanty. Henceforth I shall be known as Trupti mayee Mohanty for all purposes.

**Sd- Trupti Mayee Mohanty**



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. **SNTPBBS-092024-IPEXCHANGE, ତା.08.10.2024ରିଖ**

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଏବଂ ୱାଲ୍ଟିୟର ମଣ୍ଡଳରେ ବର୍ତ୍ତମାନର **TDM** ଏକ୍ସଚେଞ୍ଜକୁ **IP** ସର୍ଭରରେ ପୁନଃସ୍ଥାପନ କରିବା ଏବଂ **ASTERISK** ସଫ୍ଟୱେୟାର ପ୍ଲାଟଫର୍ମରେ **SIP** ଟ୍ରଙ୍କ(Trunk)କୁ ସ୍ଥାନାନ୍ତର କରିବା ।

**ଆନୁମାନିକ ବିଜ୍ଞାପିତ ମୂଲ୍ୟ : ₹15,75,35,193/-, EMD : ₹9,37,700/-, ଶେଷ ହେବା ଅବଧି : 12 ମାସ ।**

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.11.2024ରିଖ 1030 ଘଟିକା ।**

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର (15) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ସହାୟକ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ(P-I)/ ଭୁବନେଶ୍ୱର
PR-75/CH/24-25



**EOI**
**District Skill Development-cum-Employment Office, Jharsuguda**
(distemployment_jsg@gov.in, deo_empjsg@yahoo.in)

**KK- :** Sealed Expression of Interests(EOI) are invited from registered and eligible agencies/bidders for providing career counseling & life skills training to students in schools & colleges of the Jharsuguda district. For further details the RFP can be downloaded from **(https://jharsuguda.odisha.gov.in/)**. The last date for submitting EoI is 19.10.2024 up to 05.30 P.M.

**Sd/- (District Skill Development-cum-Employment Officer, Jharsuguda)**

OIPR : 44017/11/0002/2425



**OFFICE OF THE MUNICIPAL COUNCIL, NAYAGARH.**
**No. 2969 /Dt. 17.10.2024**

**C-781 :** Due to unavoidable circumstances, the following changes has ben made to the Notice No. 2797, dtd. 25.09.2024.

1. Extension date of submission of documents : 21.10.2024 up to 5.00 P.M
2. Opening date & time of Quotation : 22.10.2024 at 11.00 AM

All rules and regulations of this Quotation is unchanged.

**Sd/- Executive Officer,**
**Nayagarh Municipality**

OIPR : 13134/11/0003/2425



**DISTRICT PROJECT OFFICE, SAMAGRA SHIKSHA, BALASORE**
No. 3507 Dated: 15.10.2024
**NOTICE INVITING TENDER (NIT)**

**n-111 :** Sealed tenders are invited from the reputed & credible printers / firms / agencies for printing & supply of "Holistic Progress Card for the students of Class-I to VIII" in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Holistic Progress Card for the students of Class-I to VIII | Rs. 1000/- (Rupees One thousand only) | Rs. 25000/- (Rupees Twenty Five thousand only) | 06.11.2024 by 5.00 PM | 07.11.2024 at 11.00 AM |

The detailed BID document is available in the website **www.osepa.odisha.gov.in & www.baleswar.nic.in.** Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

By the order of Collector-cum-Chairman

*Sd/-* **District Project Coordinator, Samagra Shiksha, Balasore.**

OIPR : 27131/11/0001/2425



**OFFICE OF THE MUNICIPAL COUNCIL, DEOGARH**
**Letter No. 2308 & /DMC, Dt.13.10.2024**
**TENDER CALL NOTICE**

Sealed tenders are invited to be eventually drawn up in the P.W.D prescribed F2 forms for execution of 36 nos of works from the registered contractors of Odisha Govt./ Deogarh Municipality. The tender paper will be available during the office hours on payment of paper cost of the tender documents cost (non refundable) in shape of cash in following schedule.

1. Last date of sale of tender paper : Dt. 28.10.2024 up to 1.00 PM
2. Last date of receipt tender Paper : Dt. 28.10.2024 up to 5.00 PM
3. Date of opening of sealed tender : Dt. 29.10.2024 at 11.00 AM

**Sd/- Executive Officer**
**Deogarh Municipality**



**ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର,**
**ଦୁର୍ଗାପାଲି, ସମ୍ବଲପୁର, ୭୬୮୦୦୫**
**No. 1986 / SDA, Dt. 17.10.24**

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଦେହେରିପାଲି ହାଉସିଂ ସ୍କିମ, ବୁଢ଼ାରଜା, ସମ୍ବଲପୁରରେ ଘର ନମ୍ବର MIG-I-89 ଟିକୁ ଶ୍ରୀ ସୋମନାଥ ମହାନ୍ତି, ପିତା-ସ୍ୱର୍ଗତ ଦାମୋଦର ମହାନ୍ତି, ନିବାସୀ-ମୁକୁନ୍ଦପୁର, ଆସ୍କା, ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା କିନ୍ତୁ ଆବଣ୍ଟନ ଗ୍ରାହୀ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ହସ୍ତାନ୍ତିକରଣ ନିମନ୍ତେ ଏକ ଚୁକ୍ତିନାମା ବଳରେ ଶ୍ରୀମତୀ ସୁବର୍ଣ୍ଣଲତା ପାଣ୍ଡେ, ସ୍ୱାମୀ ଶ୍ରୀ ଅଶ୍ୱିନୀ କୁମାର ପଟେଲଙ୍କ ଠାରୁ ଟଙ୍କା ୭୫,୦୦୦.୦୦ ଗ୍ରହଣ କରି ତା.୦୭.୦୯.୧୯୯୪ ମସିହାରେ ଚୁକ୍ତିନାମାଟିକୁ କରିଥିଲେ ଏବଂ ସମୟ କ୍ରମେ ସମ୍ପତ୍ତିର ମୂଲ୍ୟ ବାବଦକୁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଠାରେ ବକେୟା ଦେୟ ପଇଠ କରିବା ପାଇଁ ଚୁକ୍ତିନାମାରେ ଦର୍ଶାଇ ଅଛନ୍ତି । ଏଣୁ ଶ୍ରୀ ଅମରେନ୍ଦ୍ର କୁମାର ପଟେଲ, ପିତା : ଅଶ୍ୱିନୀ କୁମାର ପଟେଲ, ମାତା-ଶ୍ରୀମତୀ ସୁବର୍ଣ୍ଣଲତା ପାଣ୍ଡେ ବର୍ତ୍ତମାନ ଘରଟିକୁ ତୃତୀୟ ପକ୍ଷ ହସ୍ତାନ୍ତର ନିମନ୍ତେ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଅଛନ୍ତି । ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ଏ ସମ୍ବନ୍ଧରେ ମୂଳ ଆବେଦନକାରୀଙ୍କୁ ଯୋଗାଯୋଗ କରିବାକୁ ବହୁବାର ପତ୍ର ମାଧ୍ୟମରେ ଜଣାଇ ଅଛନ୍ତି ଏବଂ ଉକ୍ତ ସମସ୍ତ ପତ୍ର ଦେଇଥିବା ଯୋଗାଯୋଗ ଠିକଣାରେ ସୋମନାଥ ମହାନ୍ତିଙ୍କ ମୃତ୍ୟୁ ବରଣ ଯୋଗୁଁ ଏବଂ କୌଣସି ଉତ୍ତର ଅଧିକାରୀ ମଧ୍ୟ ପତ୍ର ଗୁଡିକୁ ଗ୍ରହଣ ନ କରି ଫେରସ୍ତ କରିଅଛନ୍ତି । ଏଣୁ କର୍ତ୍ତୃପକ୍ଷ ଆବେଦନ କାରୀଙ୍କର ଚୁକ୍ତିନାମା ଓ ସତ୍ୟପାଠ ଆଧାରରେ ଉକ୍ତ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ପାଇଁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ବିଚାରକୁ ନେଉଅଛନ୍ତି ।

ଉକ୍ତ ଘରଟିର ମାଲିକାନା ସତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହାହେଲେ ଏହି ନୋଟିସ୍ ପ୍ରକାଶନର (୧୫) ପନ୍ଦର ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା/-
ଆବଣ୍ଟନ
ଅଧିକାରୀ


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।



ଢେଙ୍କାନାଳରେ ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ମା ଲକ୍ଷ୍ମୀ

## ଅନୁଭବଙ୍କ ନାଁରେ ଫେକ୍ ଆକାଉଣ୍ଟ: ଅଭିଯୁକ୍ତ ଗିରଫ
# ନକଲି ଫେସବୁକ, ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ମାଗୁଥିଲା ଟଙ୍କା

କଟକ,(ସବ୍ୟୁ): ପୂର୍ବତନ ସାଂସଦ ତଥା ଓଲିଉଡ୍ ଅଭିନେତା ଅନୁଭବ ମହାନ୍ତିଙ୍କ ନାଁରେ ନକଲି ଇନଷ୍ଟାଗ୍ରାମ୍ ଓ ଫେସ୍ବୁକ୍ ଆକାଉଣ୍ଟ ଖୋଲି କର୍କଟ ପୀଡ଼ିତାଙ୍କ ପାଇଁ ଟଙ୍କା ମାଗିବା ଘଟଣାର କଟକ ସାଇବର ଥାନା ପୁଲିସି ପର୍ଦ୍ଦାଫାଶ କରିଛି । ଏହି ଘଟଣାରେ ଦିଲ୍ଲୀର ଏକ ସାଇବର୍ ଠକ ତଥା କଲ୍ ସେଣ୍ଟରରେ କାମ କରୁଥିବା ଏଜେଣ୍ଟ୍କୁ ଗିରଫ କରାଯାଇଛି । ସେ ହେଉଛି ଛତିଶଗଡ଼ କୋବ୍ରା ଜିଲ୍ଲା ଦିପିକାର ଭୀଷ୍ମ ମହନ୍ତ(୨୪) । ଅନୁଭବଙ୍କ ସମେତ ସେଲିବ୍ରେଟିଙ୍କ ନାଁରେ ବି ଆକାଉଣ୍ଟ ଖୋଲି ଟଙ୍କା ମାଗିଥିବା ତଦନ୍ତରୁ ପ୍ରମାଣ ମିଳିଛି ।

ସାଇବର ପୁଲିସ ସୂତ୍ରରୁ ପ୍ରକାଶ ଯେ, ୨୦୨୨ ଅକ୍ଟୋବର ୧୬ ତାରିଖରେ ପୂର୍ବତନ ସାଂସଦ ତଥା ଓଲିଉଡ୍ ଅଭିନେତା ଅନୁଭବ ମହାନ୍ତିଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ବ୍ଲକ୍ ହୋଇଥିବା କଟକ ସାଇବର୍ ଥାନାରେ ଅଭିଯୋଗ ହୋଇଥିଲା । ସାଇବର୍ ଠକ ତାଙ୍କ ଇନଷ୍ଟାଗ୍ରାମ୍ ଆକାଉଣ୍ଟ ବ୍ଲକ୍ କରି ଏକ ନକଲି ଇନଷ୍ଟାଗ୍ରାମ ଓ ଫେସବୁକ ଆକାଉଣ୍ଟ ଖୋଲିଥିବା ଅଭିଯୋଗ କରାଯାଇଥିଲା । ଏହି ନକଲି ଆକାଉଣ୍ଟ ବଳରେ ସାଇବର୍ ଠକ ଜଣେ କର୍କଟ ପୀଡ଼ିତା ନାବାଳିକାଙ୍କ ଚିକିତ୍ସା ପାଇଁ ଟଙ୍କା ଦେବାକୁ ଏକ ଆକାଉଣ୍ଟ ନମ୍ବର ଉକ୍ତ ନକଲି ଆକାଉଣ୍ଟରେ ପଠାଇଥିଲା । ଏହି ପୋଷ୍ଟ ଦେଖିବା ପରେ ଅନୁଭବଙ୍କ ପ୍ରାୟ ୬ ଜଣ ଫ୍ୟାନ୍ ଟଙ୍କା ଉକ୍ତ ବ୍ୟାଙ୍କ ଆକାଉଣ୍ଟରେ ପଠାଇଥିଲେ । ଏ ସଂକ୍ରାନ୍ତରେ ଅନୁଭବ ଜାଣିବା ପରେ ସାଇବର୍ ଥାନାରେ ଏତଲା ଦେଇଥିଲେ । ସାଇବର୍ ଥାନା ପୁଲିସ ମାମଲା ରୁଜୁ କରିଥିଲା । ଏହି ଘଟଣାର ଖୋଳତାଡ଼ କରୁଥିବା ସାଇବର୍ ଥାନା ପୁଲିସ ଭୀଷ୍ମ ମହନ୍ତକୁ ଠାବ କରିଥିଲା । ଭୀଷ୍ମ ଦିଲ୍ଲୀରେ ଏକ ସାଇବର୍ ଠକଙ୍କ କଲ୍ ସେଣ୍ଟରରେ କାମ କରୁଥିଲା ।

ଏହା ସହିତ ବଲିଉଡ୍ ଓ ଓଲିଉଡ୍ ସେଲିବ୍ରେଟିଙ୍କ ନାଁରେ ନକଲି ଇନଷ୍ଟାଗ୍ରାମ ଓ ଫେସବୁକ ଆକାଉଣ୍ଟ ଖୋଲି ଅସୁସ୍ଥ ନାବାଳିକାଙ୍କ ଫଟୋ ଲଗାଇ ଟଙ୍କା ମାଗୁଥିଲା । ତେବେ ଏହି ତାଲିକାରେ ଅଭିନେତ୍ରୀ ସାରା ଅଲ୍ଲୀ ଖାଁ, ଝିଲକ୍ ଭଟ୍ଟାଚାର୍ଯ୍ୟ, ଭୂମିକା ଦାସ, ଗାୟୀକା ଅସିମା ପଣ୍ଡା ଇତ୍ୟାଦିଙ୍କ ନାଁରେ ଆକାଉଣ୍ଟ ଖୋଲାଯାଇଥିବା ଭୀଷ୍ମର ମୋବାଇଲ୍ ଯାଞ୍ଚ ସମୟରେ ଜଣାପଡ଼ିଥିଲା । ସେ ଦିଲ୍ଲୀର ଏକ କଲ୍ ସେଣ୍ଟରରେ କାମ କରୁଥିଲା । ଏହା ସହିତ ଏଭଳି ସେଲିବ୍ରିଟିଙ୍କ ଫଟୋ ବ୍ୟବହାର କରି ଟଙ୍କା ମାଗୁଥିଲା । ନିଜ ନାଁ ଓ ଆକାଉଣ୍ଟ ନମ୍ବର ଦେଇଥିଲା । ନେହା ନାମରେ ଜଣେ ନାବାଳିକାର ବାପା ବୋଲି ଭୀଷ୍ମ ନିଜକୁ ପରିଚୟ ଦେଇଥିଲା । ନେହାର କର୍କଟ ରୋଗ ହୋଇଥିବା ବେଳେ ତାର ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦେବାକୁ ସେ ଏଭଳି ନକଲି ଇନ୍‌ଷ୍ଟାଗ୍ରାମ ଖୋଲି ଟଙ୍କା ଆଦାୟ କରୁଥିଲା । ଏହି ଆକାଉଣ୍ଟ ନମ୍ବରକୁ ଯାଞ୍ଚ ସହିତ ନକଲି ଇନଷ୍ଟାଗ୍ରାମ ଖୋଲାଯାଇଥିବା କମ୍ପ୍ୟୁଟରର ଆଇପି ଆଡ୍ରେସ୍ ମଧ୍ୟ ଯାଞ୍ଚ କରା ପରେ ସାଇବର୍ ଥାନା ପୁଲିସ ଭୀଷ୍ମ ନିକଟରେ ପହଞ୍ଚିଥିଲା । ତା ନିକଟରୁ ୧୮ଟି ଇନଷ୍ଟାଗ୍ରାମ ସ୍କ୍ରିନସଟ୍ ଜବତ ହୋଇଛି । ଏହା ସହିତ ଗୋଟିଏ ମୋବାଇଲ୍ ଫୋନ୍, ତିନୋଟି ସିମ୍ କାର୍ଡ ଜବତ ହୋଇଥିବା ସାଇବର୍ ଥାନା ପୁଲିସ ପକ୍ଷରୁ ସୂଚନା ମିଳିଛି ।

## ଶିକ୍ଷକଙ୍କ ଜୀବନ ନେଲା ବୋଲେରୋ



ଦଶପଲ୍ଲା ,(ସବ୍ୟୁ) : ଗୁରୁବାର ମଧ୍ୟାହ୍ନରେ ଜଣେ ଶିକ୍ଷକଙ୍କ ଜୀବନ ନେଇଛି ଏକ ବୋଲେରୋ ।ଦଶପଲ୍ଲା ଥାନା ନେଳିଗୋଡା ଠାରେ ବାଇକ ରେ ଯାଉଥିବା ଜଣେ ଶିକ୍ଷକଙ୍କ ପଛରେ ଫୁଲବାଣୀରୁ ପୁରୀ ଯାଉଥିବା ଏକ ବୁଲେରୋ ଧକ୍କା ଦେବାରୁ ଘଟଣା ସ୍ଥଳରେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି । ମୃତ ଶିକ୍ଷକ ଙ୍କ ନାଁ ବିବସ୍ୱ ପ୍ରଧାନ ଓ ତାଙ୍କ ଘର କନ୍ଧମାଳ ଜିଲ୍ଲାରେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଶିକ୍ଷକ ବିବସ୍ୱ ପ୍ରଧାନ ଭୁବନେଶ୍ୱର ଡୁମଡୁମା ସ୍ଥିତ ଗାଇଡ଼ାନ୍ସ ଇଂଲିଶ ମିଡ଼ିଅମ ସ୍କୁଲରେ ଶିକ୍ଷକତା କରନ୍ତି । ଆସନ୍ତା କାଲି ଶୁକ୍ରବାର ବିଦ୍ୟାଳୟ ଖୋଲୁଥିବାରୁ ସେ ଭୁବନେଶ୍ୱର ଯାଉଥିଲେ । ଅନ୍ୟପାଶ୍ୱରେ ଫୁଲବାଣୀ ଅଞ୍ଚଳର କିଛି ଲୋକ ସପରିବାର ଏକ ବୋଲେରୋ ଗାଡିରେ ପୁରୀ ଶ୍ରୀଜଗନ୍ନାଥ ଦର୍ଶନ କରିବାକୁ ଯାଉଥିଲା ବେଳେ ନେଳିଗୋଡା ଠାରେ ବୋଲୋରା ଗାଡିର ପଛ ଟାୟାର ଫାଟି ଯିବାରୁ ତାହା ଭାରସାମ୍ୟ ହରାଇ ଆଗରେ ବାଇକ ଧରି ଯାଉଥିବା ଶିକ୍ଷକ ବିବସ୍ୱଙ୍କ ସହ ଧକ୍କା ହୋଇଥିଲା । ଘଟଣାସ୍ଥଳରେ ଶିକ୍ଷକ ବିବସ୍ୱଙ୍କ ମୃତ୍ୟୁ ହୋଇଥିବା ବେଳେ ବୋଲେରୋ ଗାଡ଼ିଟି ରାସ୍ତା ରେ ଓଲଟି ପଡିଥିଲା ଏବଂ ସେଥିରେ ଥିବା ସମସ୍ତ ଯାତ୍ରୀ ଆହତ ହୋଇଥିଲେ । ସେମାନଙ୍କ ଉଦ୍ଧାର କରାଯାଇ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିବା ବେଳେ ଡାକ୍ତର ବିବସ୍ୱଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ରେ ପୋଲିସ ଏକ ମାମଲା ରୁଜୁକରି ବୋଲୋରୋ ଏବଂ ବାଇକକୁ ସହ ଶିକ୍ଷକଙ୍କ ଶବ କୁ ଜବତ କରିଛି । ଘଟଣା ସ୍ଥଳରୁ ବୋଲେରୋ ଡ୍ରାଇଭର ଫେରାର ହୋଇ ଯାଇଛି ।

# ବିଦ୍ୟୁତ ଖୁଣ୍ଟ ଚୋରି: ୬ ଗିରଫ




କଟକ,(ସବ୍ୟୁ): ବିଦ୍ୟୁତ୍ ଖୁଣ୍ଟି ଚୋରି ଘଟଣାରେ ୪୨ମୌଜା ଥାନା ପୁଲିସ ଏକ ଚୋରା କବାଡିଆ ଗ୍ୟାଙ୍ଗକୁ ଠାବ କରିଛି । ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲା ବେଳେ ୬ ଜଣ ସହଯୋଗୀ ଧରାପଡିଛନ୍ତି । ଅଭିଯୁକ୍ତମାନେ ଜଗତପୁର ଥାନା ଅନ୍ତର୍ଗତ ନଜରପୁରର ଚିକୁ ଓରଫ ବିଶ୍ୱଜିତ ମଲ୍ଲିକ(୨୧), ନୂତନ ଶିଳ୍ପାଞ୍ଚଳରେ ରହୁଥିବା ବିରିଡିର ସାର୍ଥକ ପରିଜା(୨୨), ନିମପୁରର କାଳିଚରଣ ଓରଫ କାର୍ତ୍ତିକ ମୁର୍ମୁ(୨୪), ତାଳବଣିଆମୁଣ୍ଡା ସାହିର ବାପିନା ଓରଫ ଗେଟା ସୋରେନ(୨୧), ବିହାର ମଧୁବାଣୀ ଜିଲ୍ଲାର ରାଧାନନ୍ଦ ଝା(୩୭) ଓ ନିଆଳିର ପୁରୁଷୋତ୍ତମ ସାହୁ(୫୪) । ଏମାନଙ୍କ ପାଖରୁ ୧୯୮ ଖଣ୍ଡ ଲୁହା ପ୍ଲେଟ, ୭୦ କିଲୋ ଓଜନର ଜିଆଇ ତାର ବଣ୍ଡଲ, ୨ଟି ଏଲପିଜି ସିଲିଣ୍ଡର, ଗୋଟିଏ ଅକ୍ସିଜେନ ଗ୍ୟାସ ସିଲିଣ୍ଡର, ଛୁରୀ, ୬ଟି ମୋବାଇଲ, ଦୁଇଟି ବାଇକ ଓ ଗୋଟିଏ ସ୍କୁଟି ଜବତ ହୋଇଛି ।

ପୁଲିସ ସୂଚନା ଅନୁସାରେ, ୪୨ ମୌଜା କଳପଡା ବରାଳ ଗାଁର ସୁଶାନ୍ତ କୁମାର ମହାରଣା ଏକ ଠିକା ସଂସ୍ଥାରେ ଇଞ୍ଜିନିୟର ଭାବେ ଚାକିରି କରୁଛନ୍ତି । ଉକ୍ତ ସଂସ୍ଥା ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରୋଜେକ୍ଟ ଠିକା ନେଇ କାମ କରୁଛି । ମୁଖ୍ୟତଃ ରାସ୍ତା ପାର୍ଶ୍ୱରେ ଲୁହା ଖୁଣ୍ଟି ସ୍ଥାପନ କରି ବିଦ୍ୟୁତ ତାର ବିଛାଇବା କାମ କରିଥାଏ । ବିଦ୍ୟୁତ ବିତରଣ ସଂସ୍ଥା ସହ ଯୋଗସୂତ୍ରରେ ଏହି ସଂସ୍ଥା ପୁରୀର ନିମାପଡା, ଖୋର୍ଦ୍ଧା, ଭୁବନେଶ୍ୱର ଓ କଟକରେ କାମ କରୁଛି । ଏହି କ୍ରମରେ ୪୨ମୌଜା ଗୋବିନ୍ଦପୁର ଅଞ୍ଚଳରେ କାମ ଚାଲୁଥିଲା । ଏଥିଲାଗି ସେଠାରେ ଏକାଧିକ ନୂଆ ବିଦ୍ୟୁତ ଖୁଣ୍ଟ ରାସ୍ତା ପାଶ୍ୱରେ ପୋତା ଯାଇଥିଲା । ଗତ ୨୮ ତାରିଖ ସକାଳେ ଶ୍ରୀ ମହାରଣା ଶ୍ରମିକମାନଙ୍କ ସହ ନିର୍ମାଣସ୍ଥଳୀକୁ ଆସି ଦେଖିଲେଯେ, ୩୭ଟି ୧୩ ମିଟର ଲମ୍ବର ଡବ୍ଲୁପିଭି ଲୁହା ପୋଲ ଚୋରି ହୋଇଯାଇଛି । ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ଗ୍ୟାସ କଟର ସାହାଯ୍ୟରେ ବିଦ୍ୟୁତ ଖୁଣ୍ଟି ଗୁଡିକୁ କାଟି ନେଇଯାଇଥିଲେ । ଏନେଇ ଏତଲା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ସିସିଟିଭି, ମୋବାଇଲ ସିଡିଆର ଓ ବୈଷୟିକ ତଦନ୍ତରୁ ପୁଲିସ ପ୍ରଥମେ ଅଭିଯୁକ୍ତ ସାର୍ଥକକୁ ଠାବ କରିଥିଲା ଛ ତାକୁ ଧରିଆଣି ଜେରା କରିବାରୁ ଚୋରା ସାମଗ୍ରୀ କିଣାବିକା କରୁଥିବା ଏକ କବାଡିଆ ଗ୍ୟାଙ୍ଗର କାରନାମା ସାମ୍ନାକୁ ଆସିଥିଲା । ପରେ ଗ୍ୟାଙ୍ଗର ଅନ୍ୟ ୫ ଜଣଙ୍କୁ ପୁଲିସ ଗିରଫ କରିଥିଲା । ଅଧିକ ତଦନ୍ତରୁ ଜଣାପଡିଛିଯେ, ଏହି ଗ୍ୟାଙ୍ଗ ପୂର୍ବରୁ ସାଲେପୁର, ଟାଙ୍ଗୀ ଓ ଜଗତସିଂହପୁର ଅଞ୍ଚଳରୁ ସମାନ ତରିକାରେ ବିଦ୍ୟୁତ ଖୁଣ୍ଟି ଓ ଅନ୍ୟାନ୍ୟ ସରକାରୀ, ଘରୋଇ ଉପକରଣ ଚୋରାଇ ନେଇଛନ୍ତି । ସେଗୁଡିକୁ ବାହାରେ ବିକ୍ରି କରିବାର ଦାୟିତ୍ୱ ଅଭିଯୁକ୍ତ ରାଧାନନ୍ଦ ଝାର ଥିଲା । ଏମାନଙ୍କ ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ୫ଟି ମାମଲା ରହିଛି । ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ କୁନା ଗିରଫଦାରୀରୁ ବର୍ତ୍ତିବା ପାଇଁ ଫେରାର ହୋଇଯାଇଛି । ତାକୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ସୂଚନା ଦେଇଛନ୍ତି ।

## ସ୍କାମକଲ ଓ ଏସ୍‌ଏମ୍‌ଏସ୍ ବନ୍ଦ କରିବାରେ ସାହାଯ୍ୟ କରିବ ଏୟାରଟେଲର ଏଆଇ କ୍ଷମତାଯୁକ୍ତ ବ୍ୟବସ୍ଥା




ଭୁବନେଶ୍ୱର, (ସବ୍ୟୁ): ଭାରତୀ ଏୟାର ଟେଲର ନୂତନ ଏଆଇ କ୍ଷମତାଯୁକ୍ତ ସ୍କାମ୍ ସନ୍ଧାନକାରୀ ବ୍ୟବସ୍ଥା ଓଡ଼ିଶାର ଗ୍ରାହକଙ୍କୁ ସୁରକ୍ଷା ଦେବାରେ ସମର୍ଥ ହୋଇପାରିବ । ଶୁଭାରମ୍ଭର ୨୦ ଦିନ ମଧ୍ୟରେ ଏହି ଅଗ୍ରଣୀ ଟେଲିକମ ସମାଧାନକାରୀ ରାଜ୍ୟର ୫୪ ନିୟୁତ ସମ୍ଭାବ୍ୟ ସ୍କାମ କଲ ତଥା ୨ ନିୟୁତ ଏସ୍‌ଏମ୍‌ଏସ୍ ମେସେଜ୍‌କୁ ଚିହ୍ନଟ କରିବାକୁ ସକ୍ଷମ ହୋଇପାରିଛି ବୋଲି ଓଡ଼ିଶା ଭାରତୀ ଏୟାରଟେଲର ଚିଫ୍ ଅପରେଟିଂ ଅଫିସର ବାଲାଜୀ ସିଂ କହିଛନ୍ତି ।

ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସିଂ କହିଛନ୍ତି ରାଜ୍ୟର ସମସ୍ତ ଏୟାରଟେଲ ଉପଭୋକ୍ତ ଏହି ସ୍ୱୟଂକ୍ରିୟ କାର୍ଯ୍ୟକ୍ଷମ ସମାଧାନର ସୁବିଧା ପାଇପାରିବେ । ଯୋଗାଯୋଗ ପ୍ରକ୍ରିୟା ଯେହେତୁ ଅଧିକ ମାତ୍ରରେ ବିସ୍ତାରିତ ହୋଇଛି ତେଣୁ ଗ୍ରାହକମାନେ ପ୍ରତାରଣା, ପ୍ରବଞ୍ଚନାର ସମ୍ମୁଖୀନ ହୋଇଛନ୍ତି । ଏଭଳି ଡିଜିଟାଲ ସମସ୍ୟାକୁ ପ୍ରତିରୋଧ କରିବା ପାଇଁ ଏୟାରଟେଲ ଏଆଇ କ୍ଷମତାଯୁକ୍ତ ସମାଧାନକାରୀ କୌଶଳ ଉପସ୍ଥାପନ କରିଛି । ଯାହା ସ୍କାମକଲ ଓ ମେସେଜ ଗୁଡିକୁ ସନ୍ଧାନ କରିବାରେ ସମର୍ଥ ହୋଇପାରିଛି । ଏହା ଦ୍ୱାରା ଏୟାରଟେଲ ଏହାର ୧୯.୨ ମିଲିୟନରୁ ଅଧିକ ଏକ ଶକ୍ତିଶାଳୀ ଗ୍ରାହକ ଗୋଷ୍ଠୀଙ୍କ ସୁରକ୍ଷା ବୃଦ୍ଧି ସହିତ ସୁରକ୍ଷାକାରୀ ଯୋଗାଯୋଗର ଦୃଷ୍ଟପଟ୍ଟ ସୃଷ୍ଟି କରିବାରେ ସହାୟକ ହୋଇପାରିଛି ।

## ବାପାଙ୍କୁ କଟୁରୀରେ ଆକ୍ରମଣ : ପୁଅ ଗିରଫ

ବାଲିଅନ୍ତା ,(ସବ୍ୟୁ) :ବାପାଙ୍କୁ କଟୁରୀରେ ଆକ୍ରମଣ କରିବା ଅଭିଯୋଗରେ ପୁଅକୁ ଗିରଫ କରିଛି ବାଲିଅନ୍ତା ଥାନା ପୁଲିସ । ଗିରଫ ପୁଅ ହେଲା ବାଳକାଟି ଫାଣ୍ଡି ଅଧିନ ରଥିଜେମା ତିରିଶି ଘର ଗ୍ରାମର ଦିନବନ୍ଧୁ ସାହୁଙ୍କ ପୁଅ ମନୋଜ । ମନୋଜଙ୍କ ଜାମିନ ଆବେଦନ ଖାରଜ ହେବାପରେ ଝାରପଡା ବିଚାର ବିଭାଗୀୟ ହାଜତକୁ ପଠାଇଛି ପୁଲିସ । ଖବରନେବାରେ ଜଣାପଡିଛି ମନୋଜ ଘରର ବଡ ପୁଅ । ସେ ସ୍ଥାନୀୟ ଅଞ୍ଚଳରେ ରାଜମିସ୍ତ୍ରୀ ଭାବରେ କାର୍ଯ୍ୟ କରିଥିବା ବେଳେ ରୋଜଗାରର ସମସ୍ତ ପଇସା ନିଶା ସେବନରେ ଖର୍ଚ୍ଚ କରିଦିଏ । ଏହାକୁ ନେଇ ପରିବାରରେ ଅନେକ ସମୟରେ ପାଟିତୁଣ୍ଡ ହୁଏ। ଗତ ୧୫ ତାରିଖ ମଙ୍ଗଳବାର ରାତିରେ ମନୋଜ ନିଶାଶକ୍ତ ଅବସ୍ଥାରେ ଘରକୁ ଫେରି ମା' ଙ୍କୁ ଖାଇବାକୁ ମାଗିଥିଲେ। ତାଙ୍କର ମା' ଅସୁସ୍ଥ ହେତୁ ଶୋଇଥିଲେ । ମାତ୍ର ମନୋଜ ମା' ଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଖାଦ୍ୟ ପରସିବାକୁ ବାଧ୍ୟ କରିଥିଲେ। ମନୋଜର ଗାଳି ଅସହ୍ୟ ହେବାରୁ ତାଙ୍କ ବାପା ଦିନବନ୍ଧୁ ତାଙ୍କୁ ବିରୋଧ କରିଥିଲେ। ଏଥିରେ ମନୋଜ ଉତ୍ୟକ୍ତ ହୋଇ ତାଙ୍କ ବାପାଙ୍କୁ ଗାଳି ଗୁଲଜ କରିବା ସହ ହତ୍ୟା କରିବା ଉଦେଶ୍ୟରେ ଘରେ ଥିବା କଟୁରୀରେ ଆକ୍ରମଣ କରିଥିଲେ। ଏଥିରେ ବାପା ଦିନବନ୍ଧୁଙ୍କ ମୁଣ୍ଡ, ହାତ, ଗୋଡ ଓ ଶରୀରର ଅନେକ ଅଂଶ ରେ ଆଘାତ ଲାଗିଥିଲା। ଚିତ୍କାର ଶୁଣି ପଡୋଶୀ ଘଟଣାସ୍ଥଳକୁ ଚାଲି ଆସିବାରୁ ମନୋଜ ତାଙ୍କର ବାପାଙ୍କୁ ଧମକ ଦେଇ ଘଟଣା ସ୍ଥଳରୁ ଚାଲି ଯାଇଥିଲେ । ଦିନବନ୍ଧୁଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ତ୍ରୀ ସ୍ଥାନୀୟ ପଡୋଶୀଙ୍କ ସହାୟତାରେ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଥିଲେ ।

## କଣ୍ଟିଲୋରେ ୧୫୦ ବେଡ଼ ବିଶିଷ୍ଟ ହସ୍ପିଟାଲ ନିର୍ମାଣହେବ: ଡ. ତିରୁପତି




ଭୁବନେଶ୍ୱର,(ସବ୍ୟୁ): ସୁନ୍ଦରପଦା, କଣ୍ଟିଲୋରେ ପାଳିତ ହେଉଥିବା କୁମାର ମହୋତ୍ସବର ଦ୍ୱିତୀୟ ଦିବସରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନ୍ୟାନ୍ୟ ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ହାଇଟେକ ମେଡିକାଲ କଲେଜର ପ୍ରତିଷ୍ଠାତା ଅଧକ୍ଷଡା. ତିରୁପତି ପାଣିଗ୍ରାହୀ ଏବଂ ସମାଜ ସେବୀ ବିଶ୍ୱ ରଞ୍ଜନ ବଡ଼ଜେନା ଯୋଗଦାନ କରି ଭୁବନେଶ୍ୱର ବିକାଶ ମଞ୍ଚ ଦ୍ୱାରା ପ୍ରଥମଥର ପାଇ ଆୟୋଜିତ କୁମାର ମହୋତ୍ସବର ସଫଳତା ପାଇଁ ପ୍ରଶଂସା କରିଛନ୍ତି । ଶ୍ରୀସିଂ ନିଜ ଉଦ୍‌ଘାଟନୀ ବକ୍ତବ୍ୟରେ ସୁନ୍ଦରପଦା ଠାରୁ ହରିରାଜପୁର ଅଞ୍ଚଳକୁ ଭୁବନେଶ୍ୱରର ଉପକଣ୍ଠସ୍ଥିତ ଅନ୍ୟାନ୍ୟ ଅଞ୍ଚଳ ସଦୃଶ ବିକାଶ କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ । ପ୍ରମୁଖ ଅତିଥି ଡା. ପାଣିଗ୍ରାହୀ, ଏ ଅଞ୍ଚଳକୁ ଏକ ସ୍ୱପ୍ନର ନଗରୀ ଭାବେ ବିକାଶ କରିବାକୁ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏ ଅଞ୍ଚଳର ସମସ୍ତ ଆପାର୍ଟମେଣ୍ଟ, ପ୍ରଧାନ ସହି ଗ୍ରା.ପ ଏବଂ ଜାମୁକୋଳି ଗ୍ରା.ପ ଜନସାଧାରଣଙ୍କର ଆଗ୍ରହ ତଥା ଆବଶ୍ୟକତାକୁ ଦୃଷ୍ଟିରେ ରଖି, ଏହି ଠାରେ ସ୍ୱାସ୍ଥ୍ୟସେବା ବିସ୍ତାର ନିମନ୍ତେ ୧୫୦ବେଡ଼ବିଶିଷ୍ଟ ହସ୍ପିଟାଲ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

## ବେଦାନ୍ତ ଝାରସୁଗୁଡାରେ ଏକତା ଏବଂ ପରମ୍ପରା ସହିତ ଦଶହରା ପାଳନ



ଝାରସୁଗୁଡା,(ସବ୍ୟୁ): ବେଦାନ୍ତ ଝାରସୁଗୁଡା ଅନ୍ୟାୟ ଉପରେ ନ୍ୟାୟର ବିଜୟବାର୍ତ୍ତାକୁ ପାଥେୟ କରି ଦଷେହରା ପାଳନ କରିଥିଲା । ଏହି ବହୁ ଦିବସିୟ ପାଳନ ଉତ୍ସବରେ କର୍ମଚାରୀ ଏବଂ ସେମାନଙ୍କ ପରିବାର ଏକତ୍ରିତ ହୋଇ ପାରମ୍ପାରିକ ରୀତିନୀତି, ସାଂସ୍କୃତିକ ପ୍ରଦର୍ଶନ ତଥା ସମ୍ପ୍ରଦାୟ ନିର୍ମାଣ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଖେଳ ତଥା ସାଂସ୍କୃତିକ ପ୍ରଦର୍ଶନୀ ଇତ୍ୟାଦି ଜାରି ରହିଥିଲା ଯାହାକି ଭାରତର ସମୃଦ୍ଧ ଐତିହ୍ୟକୁ ଆଲୋକିତ କରିଥିଲା। କର୍ମଚାରୀମାନେ ଏଥିରେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ଖୁସି ବାଂଟିବା ସହିତ ଏକତାର ବାତାବରଣ ସୃଷ୍ଟି କରିଥିଲେ।

ବେଦାନ୍ତ ଆଲୁମିନିୟମର ସିଓଓ, ସୁନୀଲ ଗୁପ୍ତା କହିଛନ୍ତି, ଦଶହରା ହେଉଛି ଧାର୍ମିକତା, ଅଖଣ୍ଡତା ଏବଂ ଅନ୍ୟାୟ ଉପରେ ନ୍ୟାୟର ବିଜୟ ପ୍ରତିଫଳନର ସମୟ । ବେଦାନ୍ତରେ, ଆମେ ଆମର କାର୍ଯ୍ୟ ଏବଂ ପାରସ୍ପରିକ ବାର୍ତ୍ତାଳାପ ମାଧ୍ୟମରେ ଏହି ମୂଲ୍ୟବୋଧ ଗୁଡିକ ପାଳନ କରୁ । ବିଗତ କିଛି ଦିନ ମଧ୍ୟରେ, ଆମେ ଏହି ନୀତିଗୁଡିକୁ ସମ୍ମାନ ଦେବା ଏବଂ ଆମର ସହଭାଗୀ ସଂସ୍କୃତିକୁ ପାଳନ କରିବା ପାଇଁ ଏକ ସମ୍ପ୍ରଦାୟ ଭାବରେ ଏକତ୍ରିତ ହୋଇଛୁ ।

ଉତ୍ସାହଜନକ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତୀତ, ଉତ୍ସବରେ କର୍ମଚାରୀଙ୍କ କଲ୍ୟାଣ ଏବଂ ସମ୍ପ୍ରଦାୟର ଯୋଗଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସ୍ଥାନୀୟ କାର୍ଯ୍ୟକ୍ରମକୁ ଉନ୍ନତ କରିବା ଏବଂ ଏକ ସନ୍ତୁଳିତ କାର୍ଯ୍ୟ-ଜୀବନ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

## ୟୁଆଇଏସ କ୍ୟାନସର ଫାଉଣ୍ଡେସନ୍ ଟ୍ରଷ୍ଟର ଅଧ୍ୟକ୍ଷ ସମ୍ବର୍ଦ୍ଧିତ

କଟକ, (ସବ୍ୟୁ) : ୟୁଆଇଏସ କ୍ୟାନସର ଫାଉଣ୍ଡେସନ୍ ଟ୍ରଷ୍ଟ ଅଧ୍ୟକ୍ଷ ଇଂ.ଗୋପାଳ କୃଷ୍ଣ ଦାସଙ୍କୁ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନେଇ ଏସସିବି ରକ୍ତ ଭଣ୍ଡାର କଟକ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସେ ଯାଜପୁର ଜିଲ୍ଲା ରକ୍ତତୀର୍ଥ ବରୀ ମାଟିର କୃତୀ ସନ୍ତାନ ଏକାଧାରରେ ଜଣେ ସାହିତ୍ୟିକ ଓ ବିଶିଷ୍ଟ ସମାଜସେବୀ ଭାବେ ଶିଶୁ କର୍କଟ ରୋଗୀ ମାନଙ୍କୁ ସେବା ଯୋଗାଇବ,ଖାଦ୍ୟ ସହ ଆଶ୍ରୟସ୍ଥଳ ପ୍ରଦାନ, କର୍କଟ ସଚେତନତା, କଟକ ବଡ଼ ମେଡିକାଲ, ଆଚାର୍ଯ୍ୟ ହରିହର ସହ ଟାଟା ମେମୋରିଆଲ ମୁମ୍ବାଇ, ଏଆଇଆଇଏମଏସ୍ ଓଡ଼ିଶା ଓ ଦିଲ୍ଲୀରେ କ୍ୟାନସର ରୋଗୀ ମାନଂକୁ ସହାୟତା ପ୍ରଦାନ କରି ଆସୁଛନ୍ତି । ସେ ୪୪ ବର୍ଷ ବୟସରେ ୬୧ ଥର ରକ୍ତଦାନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ବିଗତ ଛଅ ମାସ ମଧ୍ୟରେ ଡିପାର୍ଟମେଣ୍ଟ ଅଫ୍ ଟ୍ରାନ୍ସଫ୍ୟୁଜିଅନ୍ ମେଡ଼ିସିନ୍ ଆଣ୍ଡ ବ୍ଲଡ଼ ସେଣ୍ଟର ଏସସିବିକୁ ପାଖାପାଖି ତିନିଶହ ତିରିଶ ୟୁନିଟ୍ ରକ୍ତ ସଂଗ୍ରହ କରି ଯୋଗାଇ ପାରିଛନ୍ତି । ସମାଜସେବୀ ଇଂ.ଦାସଙ୍କ ଏହି ମହା ସଫଳତା ନେଇ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି ।

# ହସିନାଙ୍କ ବିରୋଧରେ ଗିରଫ ପରୱାନା



ଢାକା: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ ଜାରି ହୋଇଛି ଗିରଫ ପରୱାନା । ବାଂଲାଦେଶର ଗୋଟିଏ କୋର୍ଟ ତାଙ୍କ ବିରୋଧରେ ଏପରି ୱାରେଣ୍ଟ ଜାରି କରିଛନ୍ତ । ଛାତ୍ର ଆନ୍ଦୋଳନ ଯୋଗୁ ଅଗଷ୍ଟ ମାସରେ ହସିନା ଦେଶ ଛାଡ଼ି ଭାରତ ଚାଲି ଆସିଥିଲେ । ଏବେ ସେ ଅଜ୍ଞାତ ସ୍ଥାନରେ ଆଶ୍ରୟ ନେଇଛନ୍ତି । ସେ ଭାରତରେ ଥିବା ବେଳେ ତାଙ୍କ ନାଁରେ ଏକାଧିକ ମାମଲା ବାଂଲାଦେଶରେ ରୁଜୁ କରାଯାଇଥିଲା । ଏବେ କୋର୍ଟ ତାଙ୍କୁ ନଭେମ୍ବର ୧୮ ସୁଦ୍ଧା ଗିରଫ କରି ହାଜର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ୭୭ ବର୍ଷୀୟ ହସିନା ୧୫ ବର୍ଷ ଧରି ବାଂଲାଦେଶରେ ଶାସନ କରୁଥିବା ବେଳେ ମାନବାଧିକାରର ଉଲ୍ଲଙ୍ଘନ କରି ଚାଲିଥିଲେ । ତାଙ୍କ ଶାସନ ସମୟରେ ବିରୋଧୀଙ୍କୁ ଦମନ କରାଯିବା ସହ ସେମାନଙ୍କୁ ହତ୍ୟା କରାଯାଉଥିବା ଅଭିଯୋଗ ହୋଇଛି ।

ବିଶେଷ କରି ଜୁଲାଇରୁ ଅଗଷ୍ଟ ମଧ୍ୟରେ ସେ ଏକାଧିକ ନରସଂହାର କରିଥିବା ସେଠାକାର ଆଭ୍ୟନ୍ତରୀଣ ସରକାର କହିଛନ୍ତି । ବାଂଲାଦେଶ ଛାଡ଼ିବା ପରେ ଶେଖ ହସିନାଙ୍କୁ ଶେଷଥର ପାଇଁ ନୂଆଦିଲ୍ଲୀ ସ୍ଥିତ ମିଲାଟାରୀ ଏୟାରବେସ ନିକଟରେ ଦେଖିବାକୁ ମିଳିଥିଲା । ଭାରତରେ ତାଙ୍କ ଉପସ୍ଥିତି ଦୁଇ ଦେଶ ମଧ୍ୟରେ ତିକ୍ତତା ସୃଷ୍ଟି କରିଛି । ବାଂଲାଦେଶର ଅନ୍ତରୀଣ ସରକାର ହସିନାଙ୍କ କୂଟନୀତିକ ପାସପୋର୍ଟକୁ ମଧ୍ୟ ରଦ୍ଦ କରିଦେଇଛନ୍ତି ।

## ନିଜ୍ଜାର ହତ୍ୟା ମାମଲା

# ନରମିଲା କାନାଡ଼ା : ବଦଳିଲା ଟ୍ରୁଡୋଙ୍କ ସ୍ୱର



ନୂଆଦିଲ୍ଲୀ: ଭାରତ ସରକାର କାନାଡାର ୬ ଜଣ ହାଇକମିଶନରଙ୍କୁ ବହିଷ୍କାର କରିବା ପରେ ବଦଳିଛି ଜଷ୍ଟିନ ଟ୍ରୁଡୋଙ୍କ ଆଭିମୁଖ୍ୟ । ବାରମ୍ବାର ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜାରର ହତ୍ୟା ମାମଲାରେ ଭାରତର ସମ୍ପୃକ୍ତି ଥିବା ଦାବି କରି ଆସୁଥିବା ଟ୍ରୁଡୋଙ୍କ ସ୍ୱର ଶିଥୀଳ ହୋଇଯାଇଛି । ନିଜ୍ଜାର ହତ୍ୟାରେ ଭାରତର ସମ୍ପୃକ୍ତି ବାବଦରେ ତାଙ୍କ ପାଖରେ କୌଣସି ଠୋସ୍ ପ୍ରମାଣ ନାହ । ସେ କେବଳ ଗୁଇନ୍ଦା ସୂଚନାକୁ ଆଧାର କରି ଅଭିଯୋଗ କରିଥିବା କହିଛନ୍ତି । ଟ୍ରୁଡୋଙ୍କ ଏପରି ବିବୃତ୍ତି ପରେ କଡ଼ା ଜବାବ ଦେଇଛି ଭାରତ । ଭାରତ ପୂର୍ବରୁ ଯାହା କହି ଆସୁଥିଲା ତାହା ପ୍ରମାଣିତ ହୋଇଛି ବୋଲି ଭାରତ ସରକାର କହିଛନ୍ତି ।

ଭାରତର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହୁଯାଇଛି ଯେ, ଆମେ ଆଜି ଯାହା ଶୁଣୁଛୁ ତାହା ଆମେ କହିଆସୁଥିବା ଦାବିକୁ ପ୍ରମାଣ କରୁଛି । କାନାଡା ସରକାର ବିନା କୌଣସି ଠୋସ୍ ପ୍ରମାଣରେ ନିଜ୍ଜାର ହତ୍ୟାକୁ ନେଇ ଭାରତ ଉପରେ ଅଭିଯୋଗ କରିଆସୁଥିବା ନିଜେ ସ୍ୱୀକାର କରିଛନ୍ତି । ଆମେ ଏହି ଅଭିଯୋଗକୁ ବାରମ୍ବାର ଖଣ୍ଡନ କରିଆସିଛୁ, ଶେଷରେ କାନାଡା ପ୍ରଧାନମନ୍ତ୍ରୀ ଲଗାଇଥିବା ଅଭିଯୋଗ ପ୍ରମାଣ ବିହୀନ ବୋଲି ନିଜେ ମାନିଛନ୍ତି । ପ୍ରକାଶ ଥାଉକି, ଗତ ବର୍ଷ କାନାଡାରେ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜାରର ହତ୍ୟା ହୋଇଥିଲା । କିଛି ଦିନର ବିରତି ପରେ ହଠାତ କାନାଡା ଏହି ହତ୍ୟାକାଣ୍ଡରେ ଭାରତର ସମ୍ପୃକ୍ତି ଥିବା ଅଭିଯୋଗ ଆଣିଥିଲେ ।

ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ତିକ୍ତତା ବଢ଼ିଥିଲା । କାରଣ ଭାରତ ସରକାର ଏପରି ଅଭିଯୋଗକୁ ଖଣ୍ଡନ କରିବା ସହ କଡ଼ା ଆଭିମୁଖ୍ୟ ପୋଷଣ କରିଥିଲେ ।ନିକଟରେ ମଧ ଲାଓସରେ ଅନୁଷ୍ଠିତ ଆସିଆନ ଶିଖର ସମ୍ମିଳନୀରେ ଦୁଇ ରାଷ୍ଟ୍ରନେତା ବନ୍ଧୁତପୂର୍ଣ୍ଣ ବ୍ୟବହାର କରିନଥିଲେ ।

ପ୍ରଧାନମନ୍ତ୍ରୀ ଲାଓସରୁ ଫେରିବା ପରେ ପରେ ଭାରତ ସରକାର କାନାଡାରେ ଥିବା ଭାରତର ହାଇକମିଶନରଙ୍କୁ ଫେରାଇ ଆଣିବା ସହ ୬ ଜଣ କାନାଡା ହାଇକମିଶନରଙ୍କୁ ବହିଷ୍କାର କରିଥିଲେ । ଏହାର କିଛି ଘଣ୍ଟା ପରେ ପୁଣି ନିଜ୍ଜାର ହତ୍ୟାକୁ ନେଇ ଭାରତ ଉପରେ ଦୋଷ ଲଦିଥିଲେ ଜଷ୍ଟିନ ଟ୍ରୁଡୋ । ଏପରି ଗ୍ୟାଙ୍ଗଷ୍ଟର୍ ଲରେନ୍ସ ବିଷ୍ଣୋଇ ସହ ମିଶି ଭାରତୀୟ ଏଜେଣ୍ଟ କାମ କରୁଥିବା ସେ ଅଭିଯୋଗ କରିଥିଲେ । ମାତ୍ର ଏସବୁ ଅଭିଯୋଗ ମଧ୍ୟରେ ନିଜ ସ୍ୱର ବଦଳାଇଛନ୍ତି ଜଷ୍ଟିନ ଟ୍ରୁଡୋ ।

# ଆତ୍ମହତ୍ୟା କଲେ ସେନା ଦମ୍ପତି

ନୂଆଦିଲ୍ଲୀ: ଜୀବନ ହାରିଛନ୍ତି ସେନା ଦମ୍ପତି । ଜୀବନ ହାରିଥିଲେ ମଧ ସେମାନେ ଏକାଠି ରହିବାକୁ ଚାହିଁଛନ୍ତି । ପତ୍ନୀଙ୍କ ପାଖକୁ ମିଳିଥିବା ସୁଇସାଇଡ ନୋଟରେ ସେ ସ୍ୱାମୀଙ୍କ ସହ ତାଙ୍କ ଶବକୁ ଗୋଟିଏ ସ୍ଥାନରେ ସଂସ୍କାର କରିବାକୁ ଅନୁରୋଧ କରିଛନ୍ତି । ଏକାଠି ସଂସ୍କାର କରିବା ବେଳେ ହାତରେ ହାତ ଛନ୍ଦିବାକୁ ମଧ ସେ କହିଛନ୍ତି । ଭାରତୀୟ ବାୟୁ ସେନାର ଜଣେ ଫ୍ଲାଇଟ ଲେଫ୍ଟନାଣ୍ଟ ଆଗ୍ରା ଠାରେ ଆତ୍ମହତ୍ୟା କରିଥିଲେ । ଏହି ଖବର ସ୍ଥଳ ସେନାରେ କାମ କରୁଥିବା ତାଙ୍କ ପତ୍ନୀଙ୍କ ପାଖରେ ପହଞ୍ଚିଥିଲା । ସ୍ୱାମୀଙ୍କୁ ହରାଇବାର ଦୁଃଖ ସହି ନପାରି ସେନା ଅଧିକାରୀ ଜଣଙ୍କ ମଧ ଦିଲ୍ଲୀ କ୍ୟାଣ୍ଟନମେଣ୍ଟରେ ଥିବା ଗୋଟିଏ ଗେଷ୍ଟ ହାଉସରେ ନିଜ ବେକରେ କପଡ଼ା ବାନ୍ଧି ଝୁଲି ପଡ଼ିଥିଲେ । ପୁଲିସ୍ ଗେଷ୍ଟ ହାଉସ ଭିତରୁ ମହିଳା ସେନା ଅଧିକାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧା କରିଛି । ଏଥିସହ ଗୋଟିଏ ସୁଇସାଇଡ ନୋଟ ମଧ ପୁଲିସ୍ ଠାବ କରିଛି । ଏଥିରେ ମହିଳା ଜଣଙ୍କ ସ୍ୱାମୀଙ୍କ ପ୍ରତି ଥିବା ଭଲ ପାଇବାକୁ ଦର୍ଶାଇଛନ୍ତି । ସ୍ୱାମୀ ଦୀନଦୟାଲ ଦୀପଙ୍କ ହାତରେ ହାତ ଛନ୍ଦି ଦୁଇ ଜଣଙ୍କ ଶବକୁ ଏକାଠି ସଂସ୍କାର କରିବାକୁ ସେ ଚିଠିରେ ଅନୁରୋଧ କରିଛନ୍ତି ।ବିହାରର ମୂଳବାସିନ୍ଦା ଦୀପ ଆଗ୍ରାରେ ଥିବା ବାୟୁସେନା ଷ୍ଟେସନରେ ନିଯୁକ୍ତି ପାଇଥିଲେ । ତାଙ୍କ ପତ୍ନୀ ରେଣୁ ତନୱର ଦିଲ୍ଲୀ କ୍ୟାଣ୍ଟନମେଣ୍ଟରେ ଥିବା ଗରୌତା ଅଫିସର୍ସ ଗେଷ୍ଟ ହାଉସରେ ରୁହନ୍ତି । ୨୦୨୨ରେ ଉଭୟ ପ୍ରେମ ବିବାହ କରିଥିଲେ । ଦୀପ ଓ ରେଣୁ ଆତ୍ମହତ୍ୟା କରିଥିବାର ଖବର ବୁଧବାର ପୁଲିସକୁ ମିଳିଥିଲା । ପୁଲିସର ସୂଚନା ଅନୁଯାୟୀ, ଦୀପ ସୋମବାର ରାତିରେ ଜୀବନ ହାରିଥିବା ବେଳେ ମଙ୍ଗଳବାର ରେଣୁ ଆତ୍ମହତ୍ୟା କରିଥିଲେ । ମଙ୍ଗଳବାର ରାତିରେ ପୁଲିସ୍ ରେଣୁଙ୍କ ଝୁଲନ୍ତା ମୃତଦେହ ଗେଷ୍ଟ ହାଉସରୁ ଉଦ୍ଧାର କରିଥିଲା । ତେବେ ଦୀପ କେଉଁ କାରଣ ପାଇଁ ଏପରି ଚରମ ପଦକ୍ଷେପ ନେଲେ, ସେକଥା ଜଣାପଡ଼ିନି ।

# ଘୋଷଣା ହେଲା ୟୁଜିସି ନେଟ୍ ରେଜଲ୍ଟ



ନୂଆଦିଲ୍ଲୀ : ପ୍ରକାଶ ପାଇଛି ୟୁଜିସି ନେଟ ରେଜଲ୍ଟ । ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ପକ୍ଷରୁ ୟୁଜିସି ନେଟ ଜୁନର ରେଜଲ୍ଟ ଘୋଷଣା କରାଯାଇଛି । ୟୁଜିସି ନେଟ ଜୁନ ୨୦୨୪ ରେଜଲ୍ଟ ସହ ଏନଟିଏ ବିଷୟୱାରୀ ଓ ବର୍ଗୱାରୀ କଟ ଅଫ ମାର୍କ ମଧ ଜାରି କରିଛି । ଏବେ ପିଲାମାନେ https://ugcnet.ntaonline.in/frontend/web/scorecard/ugc-final-score-card ୨୦୨୪କୁ ଯାଇ ନିଜର ରେଜଲ୍ଟ ଓ କଟ ଅଫ ମାର୍କ ବିଷୟରେ ଜାଣି ପାରିବେ । ୟୁଜିସି ନେଟ ଜୁନ ୨୦୨୪ ପରୀକ୍ଷା ଅଗଷ୍ଟ ୨୧ରୁ ସେପ୍ଟମ୍ବର ୪ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ସହରରେ ହୋଇଥିବା ପରୀକ୍ଷା କେନ୍ଦ୍ରରେ ୧୧ ଲକ୍ଷ ୨୧ ହଜାର ୨୨୫ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସମଗ୍ର ଦେଶରେ ଏହି ପରୀକ୍ଷା ଆୟୋଜନ ହୋଇଥିଲା । ଏନଟିଏ ଏହାପୂର୍ବରୁ ଚୂଡ଼ାନ୍ତ ୟୁଜିସି ନେଟ ଜୁନ ୨୦୨୪ର ଉତ୍ତର ପୁସ୍ତିକା ମଧ ଜାରି କରିଥିଲା ।

ଏହି ପରୀକ୍ଷାରେ ପ୍ରତିଟି ଠିକ ଉତ୍ତର ପାଇଁ ୨ ମାର୍କ ଲେଖାଏ ମିଳିବ । ତେବେ ଭୁଲ ଉତ୍ତର ପାଇଁ କୌଣସି ମାର୍କ କଟିବ ନାହିଁ । ସେହିପରି ପ୍ରଶ୍ନ ଭୁଲ ଥିଲେ କିମ୍ବା ଏକାଧିକ ଠିକ ଉତ୍ତରର ବିକଳ୍ପ ରହିଥିଲେ ମାର୍କ ସେତେବେଳେ ମିଳିବ ଯେତେବେଳେ ଜଣେ ପରୀକ୍ଷାର୍ଥୀ ଏହାର ଉତ୍ତର ଦେବାକୁ ଚେଷ୍ଟା କରିଥିବେ ।

# ୨୦ ସୁଦ୍ଧା କମିବ ପିଆଜ ଦର

ନୂଆଦିଲ୍ଲୀ: କେନ୍ଦ୍ର ଖାଉଟି ବ୍ୟାପାର ବିଭାଗ ପକ୍ଷରୁ ମୂଲ୍ୟ ସ୍ଥିରତା ପାଣ୍ଠି ଅଧୀନରେ ଭାରତୀୟ ଜାତୀୟ ସମବାୟ ଉପଭୋକ୍ତା ମହାସଂଘ ଲିମିଟେଡ୍ (ଏନସିସିଏଫ୍) ଦ୍ୱାରା କ୍ରୟ କରାଯାଇଥିବା ୧୬୦୦ ମେଟ୍ରିକ୍ ଟନ୍ ପିଆଜ ନାସିକରୁ ଦିଲ୍ଲୀ ଏନସିଆରକୁ କାଣ୍ଡା ଫାଷ୍ଟ ଟ୍ରେନ୍ ଯୋଗେ ରେଳରେ ପଠାଯାଉଛି ବୋଲି ଘୋଷଣା କରାଯାଇଛି । ପ୍ରଥମ ଥର ପାଇଁ ମୂଲ୍ୟ ସ୍ଥିରତା ହସ୍ତକ୍ଷେପ ଅଧୀନରେ ରେଳ ରେକ୍ ମାଧ୍ୟମରେ ପିଆଜର ବ୍ୟାପକ ପରିବହନ କରାଯାଇଛି ।



୨୦ ଅକ୍ଟୋବର,ସୁଦ୍ଧା ରପ୍ତାନି ପିଆଜ ଆସିବାର କାର୍ଯ୍ୟକ୍ରମ ରହିଛି ଏବଂ ଏହି ଷ୍ଟକ୍ ଦିଲ୍ଲୀ- ଏନସିଆରରେ ବଜାରରେ ଉପଲବ୍ଧ ହେବ, ଯାହା ଏହି ପାର୍ବଣ ଋତୁରେ ଉପଭୋକ୍ତାଙ୍କ ପାଇଁ ଉପଲବ୍ଧତାକୁ ଯଥେଷ୍ଟ ବୃଦ୍ଧି କରିବ । ଭାରତ ସରକାରଙ୍କ ଖାଉଟି ବ୍ୟାପାର ବିଭାଗର ସଚିବ ନିଧି ଖାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଯେ ପିଆଜ ପରିବହନର ଏକ ମାଧ୍ୟମ ଭାବରେ ରେଳବାଇ ଗୁରୁତ୍ୱ ବହନ କରିବ । ଆସନ୍ତା କିଛି ଦିନ ମଧ୍ୟରେ ଲକ୍ଷ୍ନୌ ଏବଂ ବାରାଣସୀକୁ ରେଳ ରେକ୍ ଯୋଗେ ରପ୍ତାନି କରାଯିବ । ସରକାର ଚଳିତ ବର୍ଷ ମୂଲ୍ୟ ସ୍ଥିରତା ବଫର ପାଇଁ ୪.୭ ଲକ୍ଷ ଟନ୍ ରବି ପିଆଜ କ୍ରୟ କରିଥିଲେ ଏବଂ ୨୦୨୪ ସେପ୍ଟେମ୍ବର ୫ ତାରିଖରୁ କିଲୋ ପିଛା ୩୫ ଟଙ୍କାରେ ଖୁଚୁରା ବିକ୍ରି ଏବଂ ଦେଶର ପ୍ରମୁଖ ମଣ୍ଡିଗୁଡ଼ିକରେ ବିପୁଳ ପରିମାଣରେ ବିକ୍ରି ମାଧ୍ୟମରେ ବଜାରକୁ ପିଆଜ ଛାଡିବା ଆରମ୍ଭ କରିଥିଲେ ।

ବର୍ତ୍ତମାନ ସୁଦ୍ଧା ବଫରରେ ଥିବା ପ୍ରାୟ ୯୨,୦୦୦ ମେଟ୍ରିକ ଟନ୍ ପିଆଜ ନାସିକ୍ ଏବଂ ଅନ୍ୟ ଉତ୍ସ କେନ୍ଦ୍ରରୁ ସଡ଼କ ପରିବହନ ମାଧ୍ୟମରେ ଟ୍ରକ୍ ଯୋଗେ ଖାଉଟି କେନ୍ଦ୍ରକୁ ପଠାଯାଇଛି । ବର୍ତ୍ତମାନ ସୁଦ୍ଧା ଏନସିସିଏଫ୍ ୨୧ଟି ରାଜ୍ୟର ୭୭ଟି ଗନ୍ତବ୍ୟସ୍ଥଳକୁ ପରିସରଭୁକ୍ତ କରିସାରିଛି ଏବଂ ନାଫେଡ୍ ୧୬ଟି ରାଜ୍ୟର ୪୩ଟି ଗନ୍ତବ୍ୟ ସ୍ଥଳକୁ ପିଆଜ ପଠାଇବା ଅନ୍ତର୍ଭୁକ୍ତ କରିଛି ।

# ଗଙ୍ଗାନଦୀରେ ହେବ ରେଳ-ରୋଡ୍ ବ୍ରିଜ୍

ନୂଆଦିଲ୍ଲୀ : ରେଳ ମନ୍ତ୍ରଣାଳୟର ପ୍ରସ୍ତାବିତ ଏହି ମଲ୍ଟି-ଟ୍ରାକିଂ ପ୍ରକଳ୍ପ ପରିଚାଳନାକୁ ସହଜ କରିବ ଓ ଭିଡ଼ ହ୍ରାସ କରିବ ।

କାଶୀରେ ଗଙ୍ଗା ନଦୀ ଉପରେ ହେବ ବିଶ୍ୱର ସବୁଠୁ ବଡ଼ ରେଳ-ରୋଡ୍ ବ୍ରିଜ୍ଜ । ୨ ଥାକିଆ ବିଶିଷ୍ଟ ଏହି ବ୍ରିଜରେ ରହିବ ମୋଟ୍ ୧୦ଟି ଲେନ୍ । ଉପରେ ଅନ୍ୟାନ୍ୟ ଯାନବାହନ ଚଳାଚଳ ପାଇଁ ରହିବ ୬ଟି ରାସ୍ତା ଓ ତଳେ ରହିବ ୪ଟି ଟ୍ରେନ୍ ଲାଇନ୍ । ଏଥିପାଇଁ ଖର୍ଚ୍ଚ ହେବ ମୋଟ୍ ୨ ହଜାର ୬୪୨ କୋଟି ଟଙ୍କାଛ ବୁଧବାର ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟରେ ଏହି ପ୍ରକଳ୍ପକୁ ଅନୁମୋଦନ ମିଳିଛି ।

ରେଳ ମନ୍ତ୍ରଣାଳୟର ପ୍ରସ୍ତାବିତ ଏହି ମଲ୍ଟି-ଟ୍ରାକିଂ ପ୍ରକଳ୍ପ ପରିଚାଳନାକୁ ସହଜ କରିବ ଓ ଭିଡ଼ ହ୍ରାସ କରିବ । ଏହି ପ୍ରକଳ୍ପ ଉତ୍ତରପ୍ରଦେଶର ବାରାଣସୀ ଓ ଚାନ୍ଦୌଲି ଜିଲ୍ଲା ଦେଇ ଗତି କରିବ । ବାରାଣସୀ-ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ (ଡିଡିୟୁ) ଜଙ୍କସନ୍ ରୁଟ୍ ଉଭୟ ଯାତ୍ରୀ ଓ ମାଲ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ ।

ଏହି ରୁଟରେ କୋଇଲା, ସିମେଣ୍ଟ ଓ ଖାଦ୍ୟଶସ୍ୟ ପରି ସାମଗ୍ରୀ ପରିବହନ ହେଉଛି । ଏଥିସହ ସହିତ ପର୍ଯ୍ୟଟନ ଶିଳ୍ପର ଚାହିଦା ପୂରଣ କରିବାରେ ଏହାର ଭୂମିକା ଥିବାରୁ ପ୍ରବଳ ଭିଡ଼ ହେଉଛି । ଏହାର ସମାଧାନ ପାଇଁ ଗଙ୍ଗା ନଦୀ ଉପରେ ଏକ ନୂତନ ରେଳ- ତଥା-ସଡକ ପୋଲ ଓ ତୃତୀୟ ଓ ଚତୁର୍ଥ ରେଳ ଲାଇନ୍ ସମେତ ଭିତ୍ତିଭୂମିର ଉନ୍ନତିକରଣର ଆବଶ୍ୟକତା ରହିଛି । ୟୁପିର ୨ଟି ଜିଲ୍ଲାକୁ ସଂଯୋଗ କରୁଥିବା ଏହି ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କକୁ ପ୍ରାୟ ୩୦ କିଲୋମିଟର ବୃଦ୍ଧି କରିବ ।

## ଭାଷା ସଭ୍ୟତା ଓ ସଂସ୍କୃତିର ଆତ୍ମା: ପ୍ରଧାନମନ୍ତ୍ରୀ

ପିଆଇବି: ନୂଆଦିଲ୍ଲୀର ବିଜ୍ଞାନଭବନରେ ଆଜି ଆନ୍ତର୍ଜାତିକ ଅଭିଧମ୍ମ ଦିବସ ଏବଂ ପାଲିକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ଉପଲକ୍ଷେ ଆୟୋଜିତ ଉତ୍ସବରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଉଦବୋଧନ ଦେଇଛନ୍ତି ।

ଭଗବାନ ବୁଦ୍ଧଙ୍କ ଦିବ୍ୟକ୍ଷେତ୍ରରୁ ଅଭିଧମ୍ମ ଶିକ୍ଷା ସ୍ମୃତିରେ ଅଭିଧମ୍ମ ଦିବସ ପାଳନ କରାଯାଇଥାଏ । ଭଗବାନ ବୁଦ୍ଧଙ୍କ ଶିକ୍ଷା ଗୁଡ଼ିକ କେବଳ ପାଲି ଭାଷାରେ ଉପଲବ୍ଧ ହୋଇଥାଏ । ନିକଟରେ ପାଲି ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଯାଇଥିବାରୁ ଚଳିତ ବର୍ଷର ଅଭିଧମ୍ମ ଦିବସ ଉତ୍ସବର ଗୁରୁତ୍ୱ ବୃଦ୍ଧି ପାଇଛି ।

# ସଲମାନ ଖାନ୍ଙ୍କୁ ମାରିବାକୁ ୨୫ ଲକ୍ଷର ଡିଲ୍





ମୁମ୍ବାଇ: ବଲିଉଡର ଭାଇଜାନ ସଲମାନ ଖାନଙ୍କୁ ହତ୍ୟା କରିବା ପାଇଁ ୨୫ ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା । ମହାରାଷ୍ଟ୍ରର ପାନଭେଲ ସ୍ଥିତ ତାଙ୍କ ଫାର୍ମ ହାଉସ ନିକଟରେ ହତ୍ୟା କରିବା ପାଇଁ ଯୋଜନା ହୋଇଥିଲା । ଏଥିପାଇଁ ପାକିସ୍ତାନରୁ ଏକେ ୪୭ କଣ୍ଟ୍ରାକ୍ଟ କିଲରଙ୍କୁ ଯୋଗାଇ ଦେବା ପାଇଁ ସବୁ ପ୍ରକାରର ବ୍ୟବସ୍ଥା କରାଯାଇ ଥିଲ । ଏପରି କିଛି ସାଂଘାତିକ ତଥ୍ୟ ନଭି ମୁମ୍ବାଇ ଦାଖଲ କରିଥିବା ଚାର୍ଜଶିଟରେ ଉଲ୍ଲେଖ କରାଯାଇଛି ।

ପୁଲିସ୍ ଦାଖଲ କରିଥିବା ଚାର୍ଜଶିଟରେ କହିଛି ଯେ ଜେଲରେ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ସଲମାନଙ୍କୁ ହତ୍ୟା କରିବାକୁ କଣ୍ଟ୍ରାକ୍ଟ ନେଇଥିଲା । କଣ୍ଟ୍ରାକ୍ଟ କିଲରମାନେ ଏକେ ୪୭, ଏକେ ୯୨ ଓ ଏମ ୧୬ ପାକିସ୍ତାନରୁ କିଣିବାକୁ ଯୋଜନା କରିଥିଲେ । ଏଥିସହ ତୁର୍କୀ ନିର୍ମିତ ଜିଗାନା ବନ୍ଧୁକ ମଧ୍ୟ ବ୍ୟବହାର କରିବାକୁ ଯୋଜନା ହୋଇଥିଲା । ଏହି ଜିଗାନା ବନ୍ଧୁକରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟମାନେ ପଞ୍ଜାବୀ ସିଙ୍ଗର ସିଦ୍ଧୁ ମୁସେୱାଲଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ । ସଲମାନଙ୍କୁ ମାରିବା ପାଇଁ ଗ୍ୟାଙ୍ଗ ଲିଡର ୧୮ ବର୍ଷ ବୟସରୁ କମ ପିଲାଙ୍କୁ ଆଣିଥିଲା । ପୁଣେ, ରାଇଗଡ଼, ନଭି ମୁମ୍ବାଇ, ଥାନେ ଓ ଗୁଜରାଟରେ ଏମାନେ ଲୁଚି ଥିଲେ । ହତ୍ୟାକାଣ୍ଡ ପୂର୍ବରୁ ୬୦ରୁ ୭୦ ଜଣ ସଲମାନ ଖାନଙ୍କ ଗିତିବିଧିକୁ ଟ୍ରାକ କରୁଥିଲେ । ବିଶେଷ କରି ବାନ୍ଦ୍ରା ସ୍ଥିତ ଘର, ପାନଭେଲ ଫାର୍ମ ହାଉସ ଓ ଗୋରେଗାଓଁ ଫିଲ୍ମ ସିଟି ଉପରେ ସେମାନଙ୍କ ନଜର ଥିଲା । ଅଗଷ୍ଟ ୨୦୨୩ରୁ ଏପ୍ରିଲ ୨୦୨୪ ମଧ୍ୟରେ ସଲମାନଙ୍କୁ ହତ୍ୟା କରିବା ପାଇଁ ଯୋଜନା କରାଯାଇଥିଲା ବୋଲି ଚାର୍ଜଶିଟରେ କୁହାଯାଇଛି ।

ତଦନ୍ତରୁ ଜଣାପଡ଼ିଛି ଯେ ଗୁରୁବାର ହରିୟାଣାର ପାନିପତରୁ ଗିରଫ ହୋଇଥିବା ସୁଖା ଶୁଟର ଅଜୟ କଶ୍ୟପ ଓରଫ ଏକେ ଓ ଷଡ଼ଯନ୍ତ୍ରରେ ସାମିଲ ୪ ଜଣଙ୍କୁ ଯୋଜନା କାର୍ଯ୍ୟକାରୀ କରିବା ପାଇଁ କହିଥିଲା । କଶ୍ୟପ ଓ ତା' ଟିମ ମିଳିତ ଭାବେ ସଲମାନଙ୍କ ଗତିବିଧି ଉପରେ ନଜର ରଖି ଜାଣିବାକୁ ପାଇଥିଲେ ଯେ ସେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରହୁଛନ୍ତି ଓ ବୁଲେଟପ୍ରୁଫ ଗାଡ଼ି ବ୍ୟବହାର କରୁଛନ୍ତି । ତେଣୁ ତାଙ୍କୁ ଉଡ଼ାଇବା ପାଇଁ ଅତ୍ୟାଧୁନିକ ବନ୍ଧୁକର ଆବଶ୍ୟକତା ରହିଛି ।ଏଥିପାଇଁ ସୁଖା ପାକିସ୍ତାନ ଭିତ୍ତିକ ବନ୍ଧୁକାର କାରବାରୀ ଡୋଗ୍ରାକୁ ଭିଡିଓ କଲରେ ଯୋଗାଯୋଗ କରିଥିଲେ । ଏହି ସମୟରେ ସେ ତା'କୁ ଏକେ ୪୭ ଓ ଅନ୍ୟ ଅତ୍ୟାଧୁନିକ ବନ୍ଧୁକ ଦେଖାଇଥିଲା । କଥାବାର୍ତ୍ତା ଶେଷ ହେବା ପରେ ଡୋଗ୍ରା ବନ୍ଧୁକ ପଠାଇବାକୁ ରାଜି ହୋଇଥିଲା । ଏଥିପାଇଁ ସେ ଆଗୁଆ ୫୦% ଅର୍ଥ ଦେବ ବାକି ଟଙ୍କା ବନ୍ଧୁକ ପହଞ୍ଚିବା ପରେ ମିଳିବ ବୋଲି କହିଥିଲା । ଯୋଜନା ପ୍ରସ୍ତୁତ ରହିଥିବା ବେଳେ ସମସ୍ତ ଶୁଟର କାନାଡାରେ ଥିବା ଗୋଲ୍ଡି ବ୍ରାର ଓ ଲରେନ୍ସ ବିଷ୍ଣୋଇର ଭାଇ ଅନମୋଲ ବିଷ୍ଣୋଇର ନିର୍ଦ୍ଦେଶକୁ ଅପେକ୍ଷା କରି ରହିଥିଲେ । ସଲମାନଙ୍କୁ ହତ୍ୟା କରିବା ପରେ ଶୁଟରମାନେ କନ୍ୟାକୁମାରୀରେ ଏକାଠି ହେବାକୁ ମଧ ଯୋଜନା କରିଥିବା ସମ୍ପର୍କରେ ପୁଲିସ୍ ଜାଣିବାକୁ ପାଇଛି । ସେଠାରୁ ସେମାନେ ଡଙ୍ଗା ଯୋଗେ ଶ୍ରୀଲଙ୍କା ଓ ପରେ ସେମାନେ ଏମିତି ଏକ ଦେଶକୁ ଯିବାକୁ ଯୋଜନା କରିଥିଲେ ।

# ବିଷାକ୍ତ ମଦ ପିଇ ୨୮ ଜଣଙ୍କ ମୃତ୍ୟୁ

ପାଟନା : ବିହାରରେ ପୁଣି ବିଷାକ୍ତ ମଦ ପିଇ ୨୮ ଜଣଙ୍କ ମୃତ୍ୟୁ ଘଟିଲାଣ । ଏଥିସହ ଏକାଧିକ ଲୋକ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ମୃତକମାନେ ସିୱାନ ଏବଂ ଛପରା ଜିଲ୍ଲାର ହୋଇଥିବା ସୂଚନା ମିଳିଛି ।

ପୁଲିସ ସୂଚନା ଅନୁସାରେ, ଏହି ଦୁଇ ଜିଲ୍ଲାରେ ଅନେକ ଲୋକ ବିଷାକ୍ତ ମଦ ପିଇବା ପରେ ଅସୁସ୍ଥ ହୋଇ ପଡିଥିଲେ । ସେମାନଙ୍କ ମଧ୍ୟରୁ ସିବାନ ଜିଲ୍ଲାର ୨୦ ଜଣ ଥିବାବେଳେ ଛପରାରେ ୮ ଜଣ ଅଛନ୍ତି । ଏବେ ମଧ ଜଣଙ୍କ ପରେ ଜଣେ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି । ଫଳରେ ମୃତ୍ୟୁସଂଖ୍ୟା ବଢିବା ନେଇ ଆଶଙ୍କା କରାଯାଉଛି ।

ବିହାରରେ ବିଷାକ୍ତ ମଦ ପିଇ ଏକକାଳୀନ ଏତେ ସଂଖ୍ୟକ ଲୋକଙ୍କ ମୃତ୍ୟୁ ଘଟିବା ଏହା ପ୍ରଥମ ଘଟଣା ନୁହେଁ । ପୂର୍ବରୁ ଏପରି ଅନେକ ଘଟଣା ସାମ୍ନାକୁ ଆସିଛି । ଏହାକୁ ଦୃଷ୍ଟିରେ ୨୦୧୬ରେ ତତ୍କାଳୀନ ସରକାର ରାଜ୍ୟରେ ମଦ ବିକ୍ରି ଏବଂ ମଦ ସେବନ ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇଥିଲେ ।

ମାତ୍ର ରାଜ୍ୟରେ ମଦମୃତ୍ୟୁର କରୁଣ ଦୃଶ୍ୟକୁ ରୋକାଯାଇ ପାରୁନାହିଁ । ସରକାର ରାଜ୍ୟରେ ମଦମୃତ୍ୟୁକୁ ରୋକିବାରେ ବିଫଳ ହୋଇଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି ।



# ବେଙ୍ଗାଲୁରୁ ଟେଷ୍ଟରେ ନ୍ୟୁଜିଲାଣ୍ଡ ରାଜୁତି



## ଘରୋଇ ମାଟିରେ ଭାରତର ସର୍ବନିମ୍ନ ସ୍କୋର
## ଖାତା ଖୋଲି ପାରିଲେନି ୫ ବ୍ୟାଟର
## ୪୬ ରନରେ ଭାରତ ଅଲଆଉଟ
## ଦୁଇଅଙ୍କ ଛୁଇଁଲେ ଯଶସ୍ୱୀ, ପନ୍ତ

ବେଙ୍ଗାଲୁରୁ, ୧୭।୧୦ (ଏଜେନ୍ସି): ଘରୋଇ ମାଟିରେ ଟିମ୍ ଇଣ୍ଡିଆକୁ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଘାଣ୍ଟିଛି । ବେଙ୍ଗାଲୁରୁର ଏମ୍.ଚିନାସ୍ୱାମୀ ଷ୍ଟାଡିୟମରେ ନ୍ୟୁଜିଲାଣ୍ଡ ନିଜର ପ୍ରାଧାନ୍ୟ ବିସ୍ତାର କରି ଭାରତକୁ ମାତ୍ର ୪୬ ରନରେ ଅଲଆଉଟ କରିଛି । ଏହା ଘରୋଇ ମାଟିରେ ଭାରତର ସର୍ବନିମ୍ନ ଟେଷ୍ଟ ସ୍କୋର୍ । ବ୍ୟାଟିଂରେ ବିଫଳ ହେବାପରେ ବୋଲିଂରେ ମଧ୍ୟ ଭାରତୀୟ ଦଳ ସମସ୍ତଙ୍କୁ ନିରାଶ କରିଛନ୍ତି । ନ୍ୟୁଜିଲାଣ୍ଡର ୩ ଦ୍ରୁତବୋଲର ଭାରତର ୧୦ ୱିକେଟ ଦଖଲ କରିଥିଲେ । ୩୧.୨ ଓଭର ହିଁ ବ୍ୟାଟିଂ କରିବାକୁ ସକ୍ଷମ ହୋଇଥିଲା ଭାରତ । ହେଲେ ଭାରତର ଦୁଇ ତାରକା ଦ୍ରୁତବୋଲରଙ୍କ ସମେତ ୩ ଜଣ ସ୍ପିନର ନ୍ୟୁଜିଲାଣ୍ଡ ବ୍ୟାଟରଙ୍କ ଉପରେ ପ୍ରଭାବ ପକାଇ ପାରିନାହାନ୍ତି । ନ୍ୟୁଜିଲାଣ୍ଡ ତାର ପ୍ରଥମ ଇନିଂସରେ ୫୦ ଓଭର ବ୍ୟାଟିଂ କରିବା ସହ ୩ ୱିକେଟ ହରାଇ ୧୮୦ ରନ କରିଛି । ଏଥିସହ ଦଳ ପ୍ରଥମ ଇନିଂସରେ ୧୩୪ ରନର ଅଗ୍ରଣୀ ହାସଲ କରିଛି ।

ଖରାପ ଆଲୁଅ ପାଇଁ ଦ୍ୱିତୀୟ ଦିନ ଖେଳ ବନ୍ଦ ହେବା ବେଳକୁ ନ୍ୟୁଜିଲାଣ୍ଡର ଡାର୍ଲି ମିଚେଲ ୩୯ ବଲ୍‌ରୁ ୧୪ ଓ ରଚିନ ରବୀନ୍ଦ୍ର ୨୨ ରନ କରି ଅପରାଜିତ ଥିଲେ । ଶୁକ୍ରବାର ଦୁହେଁ ପୁଣି ଖେଳ ଆରମ୍ଭ କରିବେ । ଭାରତ ୫୦ ଓଭର ବୋଲିଂ କରିଥିବାବେଳେ କେବଳ ୩ ଜଣ ବ୍ୟାଟରଙ୍କୁ ପାଭିଲିଅନ ଫେରାଇବାକୁ ସକ୍ଷମ ହୋଇଛି । ଦେବନ କନ୍‌ୱେ ୯୧ ରନର ଜମାଣିଆ ଇନିଂସ ଖେଳିଥିଲେ । ବର୍ଷା ଯୋଗୁ ବେଙ୍ଗାଲୁରୁ ଟେଷ୍ଟର ପ୍ରଥମ ଦିନ ବାତିଲ ହୋଇଥିଲା । ଦ୍ୱିତୀୟ ଦିନ ରୋହିତ ଶର୍ମା ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ହେଲେ ମ୍ୟାଟ୍ ହେନରୀ ଓ ୱିଲିୟମ ଓରୁକି ଭାରତୀୟ ବ୍ୟାଟରଙ୍କୁ ଆରମ୍ଭରୁ ହିଁ ଘାଇଲା କରିଥିଲା । ହେନରୀ ୧୫ ରନରେ ୫ ୱିକେଟ ନେଇଥିବାବେଳେ ଓରୁକି ୨୨ ରନ ଦେଇ ୪ ୱିକେଟ ଦଖଲ କରିଥିଲେ ।

ଟିମ୍ ସାଉଦୀଙ୍କ ଖାତାକୁ ଗୋଟିଏ ୱିକେଟ ଯାଇଥିଲା । ୫ ଜଣ ଭାରତୀୟ ବ୍ୟାଟର ଖାତା ଖୋଲିବାକୁ ସକ୍ଷମ ହୋଇ ନଥିବା ବେଳେ କେବଳ ଦୁଇଜଣ ବ୍ୟାଟର ଦୁଇଅଙ୍କ ଛୁଇଁ ପାରି ନଥିଲେ । ରିଷଭ ପନ୍ତ ଦଳ ପାଇଁ ସର୍ବାଧିକ ୨୦ ରନ ସଂଗ୍ରହ କରିଥିଲେ । ଦ୍ୱିତୀୟ ଦିନ ମଧ୍ୟାହ୍ନ ବିରତି ସୁଦ୍ଧା ଭାରତ ୩୬ ରନ ମଧ୍ୟରେ ୬ ଜଣଙ୍କ ବ୍ୟାଟରଙ୍କୁ ହରାଇଥିଲା । ରୋହିତ ଶର୍ମା ୨, ବିରାଟ କୋହଲି ୦, ସର୍ଫରାଜ ଖାନ ୦, ଲୋକେଶ ରାହୁଲ ୦, ଯଶସ୍ୱୀ ଜୟସ୍ୱାଲ ୧୩ ଓ ରବୀନ୍ଦ୍ର ଜାଡେଜା ୦ ରନ୍‌ରେ ଆଉଟ ହୋଇଥିଲେ । ମଧ୍ୟାହ୍ନ ବିରାତି ପରେ ରବିଚନ୍ଦ୍ରନ ଅଶ୍ୱିନ ୦, ରୁଷଭ ପନ୍ତ ୨୦, ଯଶପ୍ରିତ ବୁମ୍‌ରା ଓ କୁଲ୍‌ଦୀପ ଯାଦବ ୨ ରନ କରି ଆଉଟ ହୋଇଥିଲେ ।

ଭାରତୀୟ ଇନିଂସ ୪୬ ରନରେ ଶେଷ ହେବାପରେ ନ୍ୟୁଜିଲାଣ୍ଡ ପାଳି ଆରମ୍ଭ କରିଥିଲା । ଆରମ୍ଭରୁ ଦେବନ କନ୍‌ୱେ ଓ ଟମ୍ ଲାଥମ ଭାରତୀୟ ବୋଲରଙ୍କୁ ବିପର୍ଯ୍ୟୟ ଘଟାଇବାର ସୁଯୋଗ ଦେଇ ନଥିଲେ । କନ୍‌ୱେ ଦ୍ରୁତଗତିରେ ରନ ସଂଗ୍ରହ କରିଥିଲେ । ଏଥିସହ ସେ ଟେଷ୍ଟ କ୍ୟାରିୟରର ୧୦ମ ଅର୍ଦ୍ଧଶତକ ହାସଲ କରିଥିଲେ । ଲାଥମ ଓ କନ୍‌ୱେ ପ୍ରଥମ ୱିକେଟ ପାଇଁ ୬୭ ରନ ସଂଗ୍ରହ କରି ଭାରତକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ । ଏତିକିବେଳେ ଲାଥମ ୧୫ ରନ କରି କୁଲଦୀପଙ୍କ ବଲ୍‌ରେ ଆଉଟ ହୋଇଥିଲେ । ପ୍ରଥମ ୱିକେଟ ଝଡ଼ିବା ପରେ ୱିଲ ୟଙ୍ଗଙ୍କ ସହ କନ୍‌ୱେ ସ୍ଥିତି ସମ୍ଭାଳିଥିଲେ । ଦ୍ୱିତୀୟ ୱିକେଟ ପାଇଁ ୭୫ ରନ ଯୋଡ଼ିଥିଲେ । ଦଳୀୟ ସ୍କୋର ୧୪୨ ବେଳେ ୟଙ୍ଗ ୩୩ ରନ କରି ରବୀନ୍ଦ୍ର ଜାଡେଜାଙ୍କ ଶିକାର ହୋଇଥିଲେ । ଏସବୁ ଭିତରେ ଶତକ ଆଡ଼କୁ ମାଡ଼ିଚାଲିଥିବା କନ୍‌ୱେ ୯୧ ରନ କରି ଅଶ୍ୱିନଙ୍କ ଶିକାର ହୋଇଥିଲେ । ଲାଗୁଥିବା ଭାରତ ଆଉ କିଛି ବିପର୍ଯ୍ୟ ଘଟାଇବ । କିନ୍ତୁ ମିଚେଲ ଓ ରଚିନ ରବୀନ୍ଦ୍ର ସ୍ଥିତି ସମ୍ଭାଳି ଥିଲେ । ଦୁହେଁ ଭାରତୀୟ ବୋଲରଙ୍କୁ କଡ଼ା ଜବାବ ଦେଇ ଦଳୀୟ ସ୍କୋରକୁ ୧୮୦ ରନରେ ପହଞ୍ଚାଇଥିଲେ । ଖରାପ ଆଲୁଅ ଯୋଗୁ ମ୍ୟାଚ୍ ଆଗକୁ ବଢ଼ିପାରି ନଥିଲା । ତେଣୁ ଅମ୍ପାୟାର ଦ୍ୱିତୀୟ ଦିନ ଷ୍ଟମ୍ପ ଘୋଷଣା କରିଥିଲେ ।

## ଉପମହାଦେଶରେ ସର୍ବନିମ୍ନ ସ୍କୋର

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ଭାରତ ନୈରାଶ୍ୟଜନକ ପ୍ରଦର୍ଶନ ଦେଖାଇଛି । ଦଳ ପ୍ରଥମେ ବ୍ୟାଟିଂ କରି ୩୧.୨ ଓଭରରେ ୪୬ ରନ କରି ଅଲଆଉଟ ହୋଇଥିଲା । ଏହାର ଜବାବରେ ନ୍ୟୁଜିଲାଣ୍ଡ ୩ ୱିକେଟ ହରାଇ ୧୮୦ ରନ କରିଛି । ଭ୍ରମଣକାରୀ ଦଳ ୧୩୪ ରନ ଆଗରେ ରହିଛି ।

ଟେଷ୍ଟ କ୍ରିକେଟରେ ଏସିଆ ମହାଦେଶରେ ଏହା ସର୍ବନିମ୍ନ ଦଳଗତ ସ୍କୋର । ଭାରତ ମାଟିରେ ମଧ୍ୟ ସବୁଠୁ କମ୍ ରନ । ୨୦୨୧ରେ ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡ ୫୩ ରନ କରିବାକୁ ସକ୍ଷମ ହୋଇଥିଲା । ଟେଷ୍ଟ କ୍ରିକେଟରେ ୩୬ ରନ ହେଉଛି ଭାରତର ସର୍ବନିମ୍ନ ସ୍କୋର । ୨୦୨୦ରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଏହି ଲଜ୍ଜାଜନକ ସ୍କୋର କରିଥିଲା । ୧୯୭୪ରେ ଇଂଲଣ୍ଡ ବିପକ୍ଷରେ ୪୨ ରନ, ୧୯୪୭ରେ ଅଷ୍ଟ୍ରେଲିଆ ବିପକ୍ଷରେ ୫୮ ରନ, ୧୯୫୨ରେ ଇଂଲଣ୍ଡ ବିପକ୍ଷରେ ୫୮ ରନ କରିଥିଲା । ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ଭୁଲ ସାବ୍ୟସ୍ତ ହୋଇଛି । ବାଂଲାଦେଶକୁ ହରାଇ ଭାରତ ଭଲ ଫର୍ମରେ ଥିବାବେଳେ ନ୍ୟୁଜିଲାଣ୍ଡ ବ୍ୟାଟର ଶ୍ରୀଲଙ୍କା ବିପକ୍ଷରେ ଖରାପ ପ୍ରଦର୍ଶନ କରି ଚାପରେ ଥିଲେ । ନ୍ୟୁଜିଲାଣ୍ଡକୁ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିବା ଉଚିତ ହୋଇଥାନ୍ତା ବୋଲି ସମୀକ୍ଷକମାନେ କହିଛନ୍ତି । ଏହିକଥା ମଧ୍ୟ ସ୍ୱୀକାର କରିଛନ୍ତି ଅଧିନାୟକ ରୋହିତ ଶର୍ମା । ସେ କହିଛନ୍ତି, ଦଳର ସ୍ଥିତି ଦେଖି ଦୁଃଖ ଲାଗୁଛି । ପ୍ରଥମେ ବ୍ୟାଟିଂ କରିବା ନିଷ୍ପତ୍ତି ଓଲଟା ପଡ଼ିଗଲା । ଗୋଟିଏ ବର୍ଷରେ ଗୋଟିଏ/ଦୁଇଟି ଭୁଲ ନିର୍ଣ୍ଣୟକୁ ସ୍ୱୀକାର କରିବାକୁ ପଡ଼ିବ ବୋଲି ସେ କହିଛନ୍ତି । ଆମେ ଚିନ୍ତା କରିଥିଲୁ ପ୍ରଥମ ସେସନ ପରେ ପିଚ୍ ଦ୍ରୁତ ବୋଲରଙ୍କ ପାଇଁ ଅନୁକୂଳ ରହିବ ନାହିଁ । କାରଣ ପିଚ୍‌ରେ ଅଧିକ ଘାସ ନଥିଲା । ଭାବିଥିଲୁ ପିଚ୍ ଫ୍ଲାଟ୍ ରହିବ । ମୋଟାମୋଟି ଭାବେ ମୋର ନିଷ୍ପତ୍ତି ଭୁଲ ଥିଲା ବୋଲି ରୋହିତ କହିଛନ୍ତି ।

## ପନ୍ତ ଆହତ

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନ ୱିକେଟକିପର ପନ୍ତ ଆହତ ହୋଇଛନ୍ତି । ୩୭ତମ ଓଭରରେ ଜାଡେଜାଙ୍କ ଏକ ବଲ ତାଙ୍କ ଆଣ୍ଠୁରେ ବାଜିଥିଲା । ଏହାପରେ ପନ୍ତ ଯନ୍ତ୍ରଣା ଅନୁଭବ କରିଥିଲେ । ଫିଜିଓଙ୍କ ସହ ସେ ପଡ଼ିଆ ଛାଡ଼ିଥିଲେ । ମ୍ୟାଚ୍ ପରେ ଅଧିନାୟକ ରୋହିତ ଶର୍ମା ତାଙ୍କ ଆଘାତ ସମସ୍ୟା ନେଇ ବୟାନ ଦେଇଥିଲେ ।

ସେ କହିଛନ୍ତି ଯେ ଦୁର୍ଭାଗ୍ୟପୂର୍ଣ୍ଣ ଭାବେ ଯେଉଁ ଗୋଡ଼ରେ ପନ୍ତଙ୍କ ଅପରେସନ ହୋଇଥିଲା, ସେହି ଗୋଡ଼ରେ ବଲ୍ ବାଜିବାରୁ ସମସ୍ତେ ଚିନ୍ତାରେ ପଡ଼ିଥିଲେ । ମାତ୍ର ରିପୋର୍ଟ ଆସିବାପରେ ଏହା ଚିନ୍ତାଜନକ ନୁହେଁ ବୋଲି ସ୍ପଷ୍ଟ ହୋଇଛି । ଯେତେଦୂର ସମ୍ଭବ ଶୁକ୍ରବାର ସେ ଫିଟ୍ ହୋଇ ପଡ଼ିଆକୁ ଆସିବେ ବୋଲି ରୋହିତ କହିଛନ୍ତି ।



### ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ଶୃଙ୍ଖଳା
## ଭାରତୀୟ ଦଳ ଘୋଷିତ
## ହରମନପ୍ରୀତ ଅଧିନାୟିକା

ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ନିମନ୍ତେ ଭାରତୀୟ ମହିଳା ଦଳ ଘୋଷଣା ହୋଇଛି । ହରମନପ୍ରୀତ କୌରଙ୍କୁ ଅଧିନାୟିକା ଦାୟିତ୍ୱ ମିଳିଥିବାବେଳେ ସ୍ମୃତି ମନ୍ଧାନା ଉପଅଧିନାୟିକା ମନୋନୀତ ହୋଇଛନ୍ତି । ଦିନିକିଆ ଶୃଙ୍ଖଳାର ୩ଟିଯାକ ମ୍ୟାଚ୍ ଅହମ୍ମଦାବାଦରେ ଖେଳାଯିବ । ଆଗାମୀ ୨୪, ୨୭ ଓ ୨୯ ତାରିଖରେ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ମ୍ୟାଚ୍ ଖେଳାଯିବ । ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଥିବା ରିଚା ଘୋଷ ଏହି ଶୃଙ୍ଖଳା ଖେଳିବେ ନାହିଁ । ସେହିଭଳି ଆହତ ସମସ୍ୟା ଯୋଗୁ ଆଶା ଶୋଭନାଙ୍କୁ ସୁଯୋଗ ମିଳିନାହିଁ । ଅଭିଜ୍ଞ ପୂଜା ବସ୍ତ୍ରକାରଙ୍କୁ ଏହି ଶୃଙ୍ଖଳାରୁ ବିଶ୍ରାମ ଦିଆଯାଇଛି ।

### ଭାରତୀୟ ମହିଳା ଦଳ

ହରମନପ୍ରୀତ କୌର, ସ୍ମୃତି ମନ୍ଧାନା, ସାଫଳି ବର୍ମା, ଦୟାଲାନ ହେମଲତା, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗୁଏଜ , ଜସ୍ତିକା ଭାଟିଆ, ଉମା ଛେତ୍ରୀ, ସାୟଲୀ ସତଗରେ, ଅରୁନ୍ଧତୀ ରେଡ୍ଡୀ, ରେଣୁକା ସିଂ ଠାକୁର, ତେଜଲ ହସବନିଶ, ସାଇମା ଠାକୁର, ପ୍ରିୟା ମିଶ୍ର, ରାଧା ଯାଦବ, ଶ୍ରୀଅଙ୍କା ପାଟିଲ ।

### ନଭେମ୍ବର ୧୭ରେ ଟାଟା ଷ୍ଟିଲର ରନ-ଏ-ଥନ
## ଦୌଡ଼ିବେ ୫୦୦୦ ପ୍ରତିଯୋଗୀ, ୧୮ରୁ ପଞ୍ଜିକରଣ

କେନ୍ଦୁଝର/ଯୋଡା,୧୭।୧୦ (ସ୍ୱପ୍ର/ସବ୍ୟୁ): ଟାଟା ଷ୍ଟିଲ ନୂଆମୁଣ୍ଡି ରନ୍-ଏ-ଥନ'ର ପଞ୍ଚମ ସଂସ୍କରଣ ଆସନ୍ତା ନଭେମ୍ବର ୧୭ ରେ ଅନୁଷ୍ଠିତ ହେବ । ଏଥିପାଇଁ ଅକ୍ଟୋବର ୧୮ ତାରିଖ ରୁ ବିଭିନ୍ନ ବର୍ଗ ପାଇଁ ପଞ୍ଜିକରଣ ଆରମ୍ଭ ହେବ । ଟାଟା ଷ୍ଟିଲର ମହାପ୍ରବନ୍ଧକ (ଓଏମକ୍ୟୁ) ଅତୁଲ କୁମାର ଭଟ୍ଟନାଗର ଗୁରୁବାର ଦିନ ଭ୍ୟାଲି କ୍ଲବ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ଗତବର୍ଷ ଯୋଡ଼ାକୁ ସମ୍ପ୍ରସାରିତ ହୋଇଥିବା ଏହି ଦୌଡ଼ ପ୍ରତିବର୍ଷ ଯୋଡ଼ା ଓ ନୂଆମୁଣ୍ଡି ମଧ୍ୟରେ ଅନୁଷ୍ଠିତ ହେବ ।

ଏହି ଅବସରରେ ଟାଟା ଷ୍ଟିଲ ଯୋଡ଼ା ମୁଖ୍ୟ ରାଜେଶ କୁମାର, ଟାଟା ଷ୍ଟିଲର ଖଣ୍ଡବନ୍ଧ ଲୌହ ଖଣିର ମୁଖ୍ୟ ଜିଭି ସତ୍ୟନାରାୟଣ, କଳମଙ୍ଗ ଏବଂ ଗନ୍ଧଲପଦା ପ୍ରକଳ୍ପ ମୁଖ୍ୟ ଦୀପକ ବେହେରା, ନୀଳାଚଳ ଖଣି ମୁଖ୍ୟ ରାହୁଲ କିଶୋର, ଆରଏମ୍‌ପି ମୁଖ୍ୟ ସଜିତ୍ କୁମାର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରତିଯୋଗୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଟି ସାର୍ଟ ଉନ୍ମୋଚନ କରାଯାଇଥିଲା ।

ନୂଆମୁଣ୍ଡି ସ୍ପୋର୍ଟସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଦୌଡ଼ରେ, ପୁରୁଷ ଓ ମହିଳା (୧୫ ବର୍ଷ କିମ୍ବା ତା'ଠାରୁ ଅଧିକ) ମାନଙ୍କ ପାଇଁ ୧୦ କିମି ଏବଂ ୭ କିମି ଦୌଡ ୧୬ ବର୍ଷରୁ କମ ବୟସର ବାଳକ ଓ ବାଳିକାମାନଙ୍କ ପାଇଁ ୫ କିମି ଦୌଡ଼ ଏବଂ ବିଶେଷ ଦକ୍ଷତା ଥିବା ଲୋକଙ୍କ ପାଇଁ ଏକ ୨ କିମି ଦୌଡ଼ ସାମିଲ ରହିଛି । ଏହି ଦୌଡ଼ରେ ମୋଟ ପୁରସ୍କାର ରାଶି ୫ ଲକ୍ଷ ୬୭ ହଜାର ଟଙ୍କା ରହିଛି । ପରିବେଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଦର୍ଶାଇ ଟାଟା ଷ୍ଟିଲ୍ ପ୍ରତି ଅଂଶଗ୍ରହଣକାରୀଙ୍କ ପାଇଁ ଗୋଟିଏ ଲେଖାଏଁ ଚାରା ରୋପଣ କରିବ । ଏହି ଦୌଡ଼ରେ ସାଧାରଣ ବର୍ଗରେ ୧୦ କିମି ଦୌଡ ପାଇଁ ପୁରୁଷ, ମହିଳା ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତାଙ୍କୁ ଯଥାକ୍ରମେ ୫୧ ହଜାର ଟଙ୍କା, ୪୧ ହଜାର ଟଙ୍କା ଓ ୩୧ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ । ୭ କିମି ବର୍ଗରେ ୨୫ ହଜାର ଟଙ୍କା, ୨୦ ହଜାର ଟଙ୍କା ଓ ୧୫ ହଜାର ଟଙ୍କା ଏବଂ ୫ କିମି ବର୍ଗରେ ୧୦ ହଜାର ଟଙ୍କା, ୮ ହଜାର ଟଙ୍କା ଓ ୭ ହଜାର ଟଙ୍କା ପୁରସ୍କାର ରାଶି ହିସାବରେ ପ୍ରଦାନ କରାଯିବ ।ସେହିପରି, ସ୍ଥାନୀୟ ବର୍ଗରେ ୧୦ କିମି ଦୌଡ ପାଇଁ ପୁରୁଷ, ମହିଳା ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତାଙ୍କୁ ଯଥାକ୍ରମେ ୨୧ ହଜାର ଟଙ୍କା, ୧୧ ହଜାର ଟଙ୍କା ଓ ୭୫୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ । ୭ କିମି ବର୍ଗରେ ୧୦ ହଜାର ଟଙ୍କା, ୭୫୦୦ ଟଙ୍କା ଓ ୫ ହଜାର ଟଙ୍କା ଏବଂ ୫ କିମି ବର୍ଗରେ ୬ ହଜାର ଟଙ୍କା, ୫ ହଜାର ଟଙ୍କା ଓ ୨୫୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ।

ନୂଆମୁଣ୍ଡି ରନ-ଏ-ଥନ ପାଇଁ ଅନଲାଇନ ପଂଜୀକରଣ ଅକ୍ଟୋବର ୧୮ ତାରିଖରୁ ଆରମ୍ଭ ହେବ ଏବଂ ନଭେମ୍ବର ୭ ରେ ବନ୍ଦ ହେବ । ଅକ୍ଟୋବର ୨୧ ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଯୋଡ଼ାସ୍ଥିତ କେନ୍ଦ୍ରୀୟ ଖେଳ ପଡ଼ିଆରେ ଶନିବାର ଓ ରବିବାର ବ୍ୟତୀତ ସକାଳ ୧୦ ଟାରୁ ଅପରାହ୍ନ ୫ ଟା ମଧ୍ୟରେ ଅଫଲାଇନ୍ ପଞ୍ଜିକରଣ କରାଯାଇପାରିବ ।ଟାଟା ଷ୍ଟିଲରେ କ୍ରୀଡ଼ା ଏକ ଜୀବନଶୈଳୀ ହୋଇଥିବା ବେଳେ ଏହାର କାର୍ଯ୍ୟକଳାପ ଏବଂ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସମସ୍ତଙ୍କ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ପାଇଁ ଏହା କାର୍ଯ୍ୟ କରୁଛିଛ ଟାଟା ଷ୍ଟିଲ ଭାରତୀୟ କ୍ରୀଡ଼ାର ଅନ୍ୟତମ ଅଗ୍ରଣୀ କର୍ପୋରେଟ୍ ପ୍ରଯୋଜକ ଯାହା ଫୁଟବଲ୍, ତୀରନ୍ଦାଜି, ଦୌଡକୁଦ, ହକି ଏବଂ ସ୍ପୋର୍ଟସ କ୍ଲାଇମ୍ବିଂ ପାଇଁ ଏକାଡେମୀ ପ୍ରତିଷ୍ଠା କରିଛି । ଜାମସେଦପୁର ରନ-ଏ-ଥନ, ଟାଟା ଷ୍ଟିଲ୍ କୋଲକାତା ୨୫ର ରନ, ଭୁବନେଶ୍ୱର ହାଫ ମାରାଥନ ଭଳି ଅନେକ ଦୌଡ ଜରିଆରେ ଟାଟା ଷ୍ଟିଲ୍ ଫିଟନେସ୍ ପାଇଁ ବର୍ଷ ବର୍ଷ ଧରି ପ୍ରୟାସ ଜାରି ରଖିଛି ।






### ଜାତୀୟ ଭିନ୍ନକ୍ଷମ ଟି-୨୦ କ୍ରିକେଟ
## ବିହାରକୁ ହରାଇଲା ଓଡ଼ିଶା



ଭୁବନେଶ୍ୱର, ୧୭।୧୦ (ସବ୍ୟୁ): ରାଜସ୍ଥାନର ଉଦୟପୁରରେ ଜାରି ରହିଥିବା ଚତୁର୍ଥ ଜାତୀୟ ଭିନ୍ନକ୍ଷମ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ଦଳ ବିହାରକୁ ଧରାଶାୟୀ କରି ଅଭିଯାନ ଜାରି ରଖିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବିହାର ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୧୯ ରନ କରିଥିଲା ।

ଜବାବରେ ଓଡ଼ିଶା ୧୯ ଓଭରରେ ୭ ୱିକେଟ ହରାଇ ଲକ୍ଷ୍ୟସ୍ଥଳରେ ପହଞ୍ଚି ଥିଲା । ଜଗଜିତ ମହାନ୍ତି ୪୪ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ । ତାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବାବଦକୁ ୧୧ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଶୁକ୍ରବାର ତାମିଲନାଡୁକୁ ଭେଟିବ ଓଡ଼ିଶା ଦଳ । ଓଡ଼ିଶା କ୍ରିକେଟ ଆସୋସିଏସନ ଫର ଫିଜିକାଲ ଚ୍ୟାଲେଞ୍ଜ ସଂଘର ସଭାପତି ତନୁଜା ମହାନ୍ତି, ସମ୍ପାଦକ ବେଲା ଜୟସ୍ୱାଲ, ଉପସଭାପତି ମଣ୍ଟୁ ଦାସ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର ବିଜେତା ଦଳକୁ ଅଭିନନ୍ଦନ ଜଣାଇଛନ୍ତି ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି